## 2011-12 ଆର୍ଥିକ ବର୍ଷର ଖୁଚୁରା ଯୋଗାଣ ଟାରିଫ ଆଦେଶ ସମ୍ବନ୍ଧୀୟ ସୂଚନା ପ୍ରଦାନ

1. ବିଦ୍ୟୁତ ଅଧିନିୟମ, 2003ର ଧାରା 61, 62ରେ ଥିବା ବ୍ୟବସ୍ଥା ତଥା ଜାତୀୟ ବିଦ୍ୟୁତ ପଲିସି ଓ ଟାରିଫ ପଲିସିର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଡିସକମ୍‌ସ ଲାଗି ଆୟୋଗ ଖୁଚୁରା ଟାରିଫ୍ ସ୍ଥିର କରିବା କଥା । ଏ ସଂକ୍ରାନ୍ତରେ ଏଠାରେ ସୂଚାଇ ଦିଆଯାଉଛି ଯେ ବଣ୍ଟନକାରୀ କମ୍ପାନୀଗୁଡିକ ସକାଶେ ଖୁଚୁରା ଟାରିଫ୍ ସ୍ଥିର କଲାବେଳେ ଉପରେ ଦର୍ଶାଯାଇଥିବା ମତେ ବିଦ୍ୟୁତଶକ୍ତି ଅଧିନିୟମର ଧାରା 61(ଡି) ତଥା ଜାତୀୟ ବିଦ୍ୟୁତ ପଲିସି, 2005 ଓ ଟାରିଫ ପଲିସି, 2006ରେ ଥିବା ବ୍ୟବସ୍ଥା ଅନୁସାରେ ଆୟୋଗ, ବିଦ୍ୟୁତ ଗ୍ରାହକମାନଙ୍କର ସ୍ୱାର୍ଥର ସୁରକ୍ଷାପାଇଁ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ଏଥିରୁ ସ୍ୱଷ୍ଟ ପ୍ରମାଣିତ ହେଉଛି ଯେ ତା 01.4.1996 ରିଖଠାରୁ ବିଦ୍ୟୁତ କ୍ଷେତ୍ରରେ ସଂସ୍କାର କାର୍ଯ୍ୟକାରୀ ହେବା ପୂର୍ବରୁ ଯେତେବେଳେ ନିୟମିତ ସମୟ ବ୍ୟବଧାନରେ ଟାରିଫ ସଂଶୋଧନ କରାଯାଇଥିଲା ତା'ର ପରେ ପରେ 2001-02ଠାରୁ 2009-10 ପର୍ଯ୍ୟନ୍ତ ହାରାହାରି ଟାରିଫରେ ବୃଦ୍ଧି କରାଯାଇନାହିଁ । ଯେତେବେଳେ ଟାରିଫରେ ସଂସ୍କାର ପୂର୍ବରୁ 1993-94 ମଧ୍ୟରେ ସାମଗ୍ରିକ ଟାରିଫ 28.58%, 1994-95ରେ 15.73%, 1995-96ରେ 17.47% ବୃଦ୍ଧି କରାଯାଇଥିଲା, ହାରାହାରି ଟାରିଫ 1996-97ରେ 17.00%, 1997-98ରେ 10.33%, 1998-99ରେ 9.30%, 1999-2000ରେ 4.50% ଓ 2000-01ରେ 10.23%କୁ ବୃଦ୍ଧି କରାଯାଇଛି । 2001-02ଠାରୁ 2009-10 ପର୍ଯ୍ୟନ୍ତ ହାରାହାରି ଟାରିଫରେ କୌଣସି ବୃଦ୍ଧି କରାଯାଇନାହିଁ ଓ 2010-11ରେ 22.20% ବୃଦ୍ଧି କରାଯାଇଛି ।

2. ଟାରିଫ ପଲିସି, 2006 ଅନୁଯାୟୀ ବିଦ୍ୟୁତ ଗ୍ରାହକମାନଙ୍କର ସ୍ୱାର୍ଥର ସୁରକ୍ଷ ସକାଶେ ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଇଥିଲାବେଳେ ବଣ୍ଟନକାରୀ କମ୍ପାନିମାନେ ଯେପରି ଦକ୍ଷତାର ସହିତ କାର୍ଯ୍ୟ କରିପାରିବେ ତାହା ସୁନିଶ୍ଚିତ କରିବା ସକାଶେ ମଧ ଗୁରୁତ୍ୱ ଦିଆଯାଇଛି । ଏଥିରୁ ସ୍ୱଷ୍ଟ ପ୍ରମାଣିତ ହେଉଛି ଯେ ଉଚ୍ଚସ୍ତରରେ ବଣ୍ଟନଜନିତ କ୍ଷତି ଓ ଏଟିଆଣ୍ଡସି ବାବଦରେ କ୍ଷତି ଯାହା କି ବଣ୍ଟନକାରୀ କମ୍ପାନିଗୁଡିକ ଦ୍ୱାରା ଚିହ୍ନିତ କରାଯାଇଛି ସଂପୃକ୍ତ ବର୍ଷଗୁଡିକ ସକାଶେ ଖୁଚୁରା ଟାରିଫ ସ୍ଥିର କଲାବେଳେ ଆୟୋଗଙ୍କ ଦ୍ୱାରା ସେହି କମ୍ପାନିଗୁଡିକୁ ଆୟୋଗଙ୍କ ଦ୍ୱାରା ସ୍ୱୀକୃତି ଦିଆଯାଇନାହିଁ । ବଣ୍ଟନଜନିତ କ୍ଷତି ଓ ଏଟିଆଣ୍ଡସି କ୍ଷତିକୁ ହ୍ରାସ କରିବା ସକାଶେ ଆୟୋଗ ନିରନ୍ତର ଭାବେ ଏକ ନର୍ମାଟିଭ ଟାରଗେଟ ଗ୍ରହଣ କରିଛନ୍ତି । ତାହା ନିମ୍ନରେ ଥିବା ଟେବୁଲରେ ଦର୍ଶାଯାଇଛି :-

# ଟେବୁଲ -1

## ଡିସ୍କମ୍‌ମାନଙ୍କର ସାମଗ୍ରିକ କାର୍ଯ୍ୟ ସମ୍ପାଦନ

| | 1999-00 | 2007-08 | | 2008-09 | | 2009-10 (ପ୍ରୋଭିଜନାଲ) | | 2010-11 (ପ୍ରୋଭିଜନାଲ) | | | 2011-12 | |
|---|---|---|---|---|---|---|---|---|---|---|---|---|
| | ପ୍ରକୃତ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ପ୍ରକୃତ ସମୀକ୍ଷିତ | ଓଇଆରସି ଅନୁମୋଦନ | ପ୍ରକୃତ ସମୀକ୍ଷିତ | ଓଇଆରସି ଅନୁମୋଦନ | ପ୍ରକୃତ ସମୀକ୍ଷିତ | ଡିସ୍କମ୍‌ଙ୍କ ପ୍ରସ୍ତାବ | ଓଇଆରସି ଅନୁମୋଦନ | ସେପ୍ଟେମ୍ବର, 2010 ପର୍ଯ୍ୟନ୍ତ ପ୍ରକୃତ | ଡିସ୍କମ୍‌ଙ୍କ ପ୍ରସ୍ତାବ | ଓଇଆରସି ଅନୁମୋଦନ |
| | କ. ବଣ୍ଟନଜନିତ କ୍ଷତି (%) | | | | | | | | | | | |
| ସେସୁ | 44.89% | 29.30% | 41.48% | 29.30% | 40.34% | 26.30% | 39.43% | 44.28% | 25.37% | 37.59% | 34.59% | 24.00% |
| ନେସ୍କୋ | 43.35% | 26.00% | 31.17% | 25.50% | 34.57% | 23.00% | 32.52% | 28.30% | 18.46% | 32.76% | 27.66% | 18.40% |
| ୱେସ୍କୋ | 44.17% | 25.00% | 36.13% | 25.00% | 33.55% | 22.50% | 34.68% | 28.45% | 19.93% | 37.20% | 31.29% | 19.70% |
| ସାଉଥ୍‌କୋ | 41.84% | 30.40% | 45.49% | 30.40% | 47.78% | 27.92% | 48.02% | 42.76% | 27.82% | 47.79% | 42.67% | 26.50% |
| ସମଗ୍ର ଓଡିଶା | **43.91%** | **27.10%** | **37.48 %** | **27.00%** | **37.50%** | **24.45%** | **37.24%** | 35.38% | **22.22%** | **37.54%** | **32.95%** | **21.71%** |
| | ଖ. ଅସୁଲ ସମ୍ବନ୍ଧୀୟ ଦକ୍ଷତା (%) | | | | | | | | | | | |
| ସେସୁ | 69.72% | 92.00% | 94.05% | 95.00% | 91.80% | 98.00% | 97.09% | 95.00% | 98.00% | 91.47% | 99.00% | 99.00% |
| ନେସ୍କୋ | 79.37% | 94.00% | 93.16% | 95.00% | 92.50% | 98.00% | 95.24% | 97.00% | 98.00% | 84.39% | 98.00% | 99.00% |
| ୱେସ୍କୋ | 83.36% | 96.00% | 92.91% | 96.60% | 93.86% | 98.00% | 98.38% | 97.50% | 98.00% | 88.85% | 98.00% | 99.00% |
| ସାଉଥ୍‌କୋ | 78.75% | 94.00% | 94.05% | 94.00% | 94.21% | 98.00% | 95.89% | 97.00% | 98.00% | 85.10% | 98.00% | 99.00% |
| ସମଗ୍ର ଓଡିଶା | **77.19%** | **94.10%** | **93.41 %** | **95.40%** | **92.98%** | **98.00%** | **96.96%** | 96.58% | **98.00%** | **88.28%** | **98.34%** | **99.00%** |
| | ଗ. ଏଟି ଏବଂ ସି ଜନିତ କ୍ଷତି (%) | | | | | | | | | | | |
| ସେସୁ | 61.58% | 34.96% | 44.96% | 32.84% | 45.23% | 27.77% | 41.19% | 47.06% | 26.86% | 42.91% | 35.24% | 24.76% |
| ନେସ୍କୋ | 55.04% | 30.44% | 35.88% | 29.23% | 39.48% | 24.54% | 35.73% | 30.45% | 20.09% | 43.25% | 29.11% | 19.22% |
| ୱେସ୍କୋ | 53.46% | 28.00% | 40.65% | 27.55% | 37.63% | 24.05% | 35.74% | 30.24% | 21.53% | 44.21% | 32.66% | 20.50% |
| ସାଉଥ୍‌କୋ | 54.20% | 34.58% | 48.73% | 34.58% | 50.80% | 29.36% | 50.16% | 44.47% | 29.27% | 55.57% | 43.82% | 27.24% |
| ସମଗ୍ର ଓଡିଶା | **56.71%** | **31.40%** | **41.60 %** | **30.36%** | **41.89%** | **25.96%** | **39.15%** | 37.59% | **23.77%** | **44.86%** | **34.06%** | **22.49%** |

## ଡିସ୍କମ୍‌ସର ଏଲ୍‌ଟି କାର୍ଯ୍ୟ ସମ୍ପାଦନ (କାର୍ଯ୍ୟ ସମ୍ପାଦନ ରିଭ୍ୟୁ ଡାଟା ଉପରେ ଆଧାରିତ)

| | 1999-00 | 2007-08 | | 2008-09 | | 2009-10 (ପ୍ରୋଭିଜନାଲ) | | 2010-11 (ପ୍ରୋଭିଜନାଲ) | | 2011-12 | |
|---|---|---|---|---|---|---|---|---|---|---|---|
| | ପ୍ରକୃତ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ପ୍ରକୃତ ସମୀକ୍ଷିତ | ଓଇଆରସି ଅନୁମୋଦନ | ପ୍ରକୃତ ସମୀକ୍ଷିତ | ଓଇଆରସି ଅନୁମୋଦନ | ପ୍ରକୃତ ସମୀକ୍ଷିତ | ଓଇଆରସି ଅନୁମୋଦନ | ସେପ୍ଟେମ୍ବର, 2010 ପର୍ଯ୍ୟନ୍ତ ପ୍ରକୃତ | ଡିସ୍କମ୍‌ଙ୍କ ପ୍ରସ୍ତାବ | ଓଇଆରସି ଅନୁମୋଦନ |
| | କ. ଏଲ୍‌ଟି କ୍ଷତି (%) | | | | | | | | | | |
| ସେସୁ | 50.48% | 34.40% | 53.18% | 36.00% | 52.00% | 35.04% | 51.97% | 29.40% | 50.11% | 46.20% | 29.20% |
| ନେସ୍କୋ | 62.26% | 51.10% | 59.31% | 44.50% | 59.40% | 33.19% | 55.83% | 29.40% | 54.94% | 42.39% | 27.05% |
| ୱେସ୍କୋ | 60.64% | 52.00% | 65.33% | 46.70% | 65.65% | 35.86% | 62.49% | 29.40% | 62.55% | 48.95% | 27.11% |
| ସାଉଥ୍‌କୋ | 48.85% | 33.20% | 54.44% | 33.40% | 57.12% | 29.50% | 56.22% | 29.40% | 54.52% | 49.85% | 27.75% |
| ସମଗ୍ର ଓଡିଶା | **55.11%** | **42.30%** | **57.94%** | **40.30%** | **58.06 %** | **34.04%** | **56.26 %** | **29.40%** | **55.04%** | **46.60%** | **27.98%** |
| | ଖ. ଅସୁଲ ସମ୍ବନ୍ଧୀୟ ଦକ୍ଷତା – ଏଲ୍ ଟି ଆକାରରେ (%) | | | | | | | | | | |
| ସେସୁ | 69.72% | 92.00% | 88.35% | 95.00% | 84.63% | 98.00% | 96.51% | 98.00% | 83.6% | 99.00% | 99.0% |
| ନେସ୍କୋ | 79.37% | 94.00% | 72.69% | 95.00% | 72.61% | 98.00% | 77.43% | 98.00% | 59.9% | 98.00% | 99.0% |
| ୱେସ୍କୋ | 83.36% | 96.00% | 77.91% | 96.60% | 73.42% | 98.00% | 76.01% | 98.00% | 64.9% | 98.00% | 99.0% |
| ସାଉଥ୍‌କୋ | 78.75% | 94.00% | 88.21% | 94.00% | 89.10% | 98.00% | 92.77% | 98.00% | 76.3% | 98.00% | 99.0% |
| ସମଗ୍ର ଓଡିଶା | **77.19%** | **94.10%** | **83.09%** | **95.40%** | **80.63 %** | **98.00%** | **87.62 %** | **98.00%** | **73.9%** | **98.34%** | **99.0%** |
| | ଗ. ଏଲ୍‌ଟି ପାଇଁ ଏଟି ଏବଂ ସି ଜନିତ କ୍ଷତି (%) | | | | | | | | | | |
| ସେସୁ | 65.47% | 39.65% | 58.63% | 39.20% | 59.38% | 36.34% | 53.65% | 30.81% | 58.26% | 46.74% | 29.91% |
| ନେସ୍କୋ | 70.05% | 54.03% | 70.42% | 47.28% | 70.52% | 34.53% | 65.80% | 30.81% | 73.02% | 43.54% | 27.78% |
| ୱେସ୍କୋ | 67.19% | 53.92% | 72.99% | 48.51% | 74.78% | 37.14% | 71.49% | 30.81% | 75.69% | 49.97% | 27.84% |
| ସାଉଥ୍‌କୋ | 59.72% | 37.21% | 59.81% | 37.40% | 61.79% | 30.91% | 59.39% | 30.81% | 65.31% | 50.85% | 28.47% |
| ସମଗ୍ର ଓଡିଶା | **65.35%** | **45.70%** | **65.05%** | **43.05%** | **66.18 %** | **35.36%** | **61.68 %** | **30.81%** | **66.80%** | **47.49%** | **28.70%** |

*ବି.ଦ୍ର.:* ***(I)*** *ଏଲ୍‌ଟି (ଓଇଆରସି ଅନୁମୋଦନ) ନିମନ୍ତେ ଏଟି ଆଣ୍ଡ ସି ଜନିତ କ୍ଷତି ସାମଗ୍ରିକ ଅସୁଲ ଦକ୍ଷତା ଡାଟାକୁ ଆଧାର କରି ହିସାବ କରାଯାଇଛି ।*

***(II) 1999-00*** *ନିମନ୍ତେ ସାମଗ୍ରିକ ଅସୁଲର ଶତକଡା ହାର, ଏଟି ଆଣ୍ଡ ସି ଜନିତ କ୍ଷତି ହିସାବ କରିବା ନିମନ୍ତେ* ***1999-00*** *ଆର୍ଥିକ ବର୍ଷ ସକାଶେ ଏଲ୍‌ଟି ଅସୁଲ ସମ୍ବନ୍ଧୀୟ ଦକ୍ଷତା ଅନୁସାରେ ସ୍ଥିର କରାଯାଇଛି ।*

## 2010-11 ଆର୍ଥିକ ବର୍ଷ ନିମନ୍ତେ ଖୁଚୁରା ଯୋଗାଣ ଟାରିଫ ଆଦେଶର ମୁଖ୍ୟ ବୈଶିଷ୍ଟ୍ୟ (2010ର କେସ୍ ନଂ.146, 147, 148 ଓ 149 ତା.18.3.2011)

1. 2011-12 ଆର୍ଥିକ ବର୍ଷ ନିମନ୍ତେ ଆୟୋଗଙ୍କ **ତା.18.3.2011**ରିଖର ଖୁଚୁରା ଯୋଗାଣ ଟାରିଫ ଆଦେଶ ମାଧ୍ୟମରେ ସମସ୍ତ ବର୍ଗର ଉପଭୋକ୍ତାଙ୍କ ପ୍ରତି ପ୍ରଯୁଜ୍ୟ ଟାରିଫ ଅଧିସୂଚିତ ହୋଇଛି ।

2. ସାଧାରଣତଃ ଓଡିଶାରେ ବିଦ୍ୟୁତ ଟାରିଫ ତା.01.02.2001ଠାରୁ ତା.31.3.2010 ପର୍ଯ୍ୟନ୍ତ ଅପରିବର୍ତ୍ତିତ ହୋଇରହିଛି । 2009-10 ଆର୍ଥିକ ବର୍ଷର ଖୁଚୁରା ଯୋଗାଣ ଟାରିଫ ତୁଳନରେ 2010-11 ଆର୍ଥିକବର୍ଷ ପାଇଁ ଖୁଚୁରା ଯୋଗାଣ ଟାରିଫରେ 22.20% ବୃଦ୍ଧି ହୋଇଛି । ସେହିପରି 2010-11 ତୁଳନରେ 2011-12 ବର୍ଷରେ (ରାଜସ୍ୱ ଭିତ୍ତିରେ) 19.74% ଟାରିଫ ବୃଦ୍ଧି ଘଟିଅଛି ।

3. 2011-12 ଆର୍ଥିକ ବର୍ଷ ନିମନ୍ତେ ଏଲଟିରେ ଘରୋଇ ବର୍ଗରେ ମାସ ପିଛା 50 ୟୁନିଟ କିମ୍ବା 50 ୟୁନିଟରୁ କମ୍ ପରିମାଣର ବିଦ୍ୟୁତ ଉପଯୋଗ କରିବା ସକାଶେ ବିଦ୍ୟୁତ ବାବଦ ଦେୟ ଅପରିବର୍ତ୍ତିତ ହୋଇରହିଛି ।

4. ଏଲ.ଟି ଶିଳ୍ପ ସମ୍ବନ୍ଧୀୟ (କ୍ଷୁଦ୍ର) ଯୋଗାଣ, ଏଲ.ଟି ଶିଳ୍ପ ସମ୍ବନ୍ଧୀୟ (ମଧ୍ୟମ) ଯୋଗାଣ କ୍ଷେତ୍ରରେ ପ୍ରଥମ କିଲୋଓ୍ୱାଟ ସକାଶେ ଏମଏମଏଫସିରେ ସଂଶୋଧନ କରାଯାଇଛି ।

**ଟେବୁଲ - 2**

| ବର୍ଗ (କ୍ୟାଟାଗୋରୀ) | ପ୍ରଥମ କିଲୋଓ୍ୱାଟ ବା ତାହାର କୌଣସି ଅଂଶ ସକାଶେ ଏମ୍ଏମ୍ଏଫ୍ସି (ଟଙ୍କା) | ଅତିରିକ୍ତ କିଲୋଓ୍ୱାଟ ସକାଶେ ଏମ୍ଏମ୍ଏଫ୍ସି (ଟଙ୍କା) |
|---|---|---|
| ଏଲ୍ଟି ଶିଳ୍ପ ସମ୍ବନ୍ଧୀୟ (କ୍ଷୁଦ୍ର) ଯୋଗାଣ | 80 | 35 |
| ଏଲ୍ଟି ଶିଳ୍ପ ସମ୍ବନ୍ଧୀୟ (ମଧ୍ୟମ) ଯୋଗାଣ | 100 | 50 |

5. ନିମ୍ନଲିଖିତ ବର୍ଗର ଉପଭୋକ୍ତାଙ୍କ ସକାଶେ ବିଦ୍ୟୁତ ଚାହିଦାବାବଦ ଦେୟ ସଂଶୋଧନ କରାଯାଇଛି :-

**ଟେବୁଲ - 3**

| ବର୍ଗ (କ୍ୟାଟାଗୋରୀ) | ବିଦ୍ୟୁତ ଚାହିଦା ବାବଦ ଦେୟ (ଟ./କିଲୋଓ୍ୱାଟ/ମାସ/ଟ./କେଭିଏ/ମାସ) |
|---|---|
| ଘରୋଇ ଅଧିକ ପରିମାଣର ଯୋଗାଣ (ଏଚ୍ଟି) | 15 |
| ସାଧାରଣ ଉଦ୍ଦେଶ୍ୟ >70 କେଭିଏ<110 କେଭିଏ (ଏଚ୍ଟି) | 150 |
| ଏଚ୍ଟି ଶିଳ୍ପ ସମ୍ବନ୍ଧୀୟ (ମ) ଯୋଗାଣ | 150 |

6. 2011-12 ସକାଶେ ଜଳସେଚନ ପମ୍ପିଙ୍ଗ, ଆଲାଏଡ କୃଷି ସମ୍ବନ୍ଧୀୟ କାର୍ଯ୍ୟକଳାପ, ଆଲାଏଡ-ଆଗ୍ରୋ, ଶିଳ୍ପ ସମ୍ବନ୍ଧୀୟ କାର୍ଯ୍ୟକଳାପ ଓ କୁଟୀର ଜ୍ୟୋତି ଉପଭୋକ୍ତାଙ୍କପାଇଁ ଟାରିଫ୍ରେ ସଂଶୋଧନ ହୋଇନାହିଁ ।

7. ଏଚ.ଟି ଓ ଇ.ଏଚ.ଟି ଉପଭୋକ୍ତାମାନଙ୍କପାଇଁ ଗ୍ରେଡେଡେ ସ୍ଲାବ ଟାରିଫ ନିମ୍ନମତେ ସଂଶୋଧନ କରାଯାଇଛି:

ଟେବୁଲ – 4

**ଏଚ.ଟି ଓ ଇ.ଏଚ.ଟି ଉପଭୋକ୍ତାମାନଙ୍କ ପାଇଁ ବିଦ୍ୟୁତ ଦେୟର ସ୍ଲାବ ରେଟ୍**

(ୟୁନିଟ ପ୍ରତି ପଇସା)

| ଲୋଡ ଫ୍ୟାକ୍ଟର (%) | ଏଚ୍‌ଟି | ଇଏଚ୍‌ଟି |
|---|---|---|
| 50% ପର୍ଯ୍ୟନ୍ତ | 475 | 470 |
| > 50% = < 60% | 430 | 425 |
| > 60% | 375 | 370 |

- ବିଦ୍ୟୁତ ଚାହିଦା ବାବଦ ଦେୟ – 110 କେଭିଏ ଓ ତାଠାରୁ ଅଧିକ ସାମର୍ଥ୍ୟର ଚୁକ୍ତିଭିତ୍ତିକ ଚାହିଦା ସକାଶେ ଅନ୍ୟାନ୍ୟ ଦେୟ ସହିତ ବିଦ୍ୟୁତ ଦେୟ ବାବଦ କେଭିଏ/ମାସ ପିଛା ଟ200/- ପ୍ରଦେୟ ହେବ।
- ସିଡି 110 କେଭିଏ ଓ ତାଠାରୁ ଅଧିକ ସାମର୍ଥ୍ୟର ଉପଭୋକ୍ତାଙ୍କ ନିମନ୍ତେ ବିଲିଂ ଚାହିଦା ସର୍ବାଧିକ ଚାହିଦା ବା ଚୁକ୍ତିଭିତ୍ତିକ ଚାହିଦାର ଶତକଡା 80 ଭାଗ, ଏ ଦୁଇଟି ମଧ୍ୟରୁ ଯେଉଁଟି ଅଧିକ ହେବ ତାହା ଅଭିଲିଖିତ କରାଯିବ।
- ବୈଧାନିକ ବିଦ୍ୟୁତ କାଟ ସମୟ ମଧ୍ୟରେ କଟକଣାଯୁକ୍ତ ଚୁକ୍ତିଭିତ୍ତିକ ଚାହିଦାକୁ ଚୁକ୍ତିଭିତ୍ତିକ ଚାହିଦା ଭାବରେ ଧରିନିଆଯିବ।

8. 10 ପ/ୟୁ ରିହାତି (ରିବେଟ୍) ପାଉଥିବା ଉପଭୋକ୍ତାମାନଙ୍କ ଭିନ୍ନ ଅନ୍ୟ ଉପଭୋକ୍ତାମାନେ ଯଦି ବିଲ୍ ପାଇବାର 3ଟି କାର୍ଯ୍ୟ ଦିବସ ମଧ୍ୟରେ ବିଦ୍ୟୁତଦେୟ ପୈଠ କରିଦିଅନ୍ତି ତେବେ ସେମାନେ ମାସିକ ବିଲ୍ ପରିମାଣର (ସମସ୍ତ ବକେୟାକୁ ବାଦ୍ ଦେଇ) 1% (ଶତକଡା ଏକଭାଗ) ରିହାତି (ରିବେଟ) ପାଇବାକୁ ହକ୍‌ଦାର ହେବେ।

9. ପୁନଃ ସଂଯୋଗକରଣ (ରିକନେକ୍‌ସନ୍) ବାବଦ ଦେୟ ଓ ମିଟର ଭଡା (ରେଟ) ଅପରିବର୍ତ୍ତିତ ରହିବ।

10. ଉଦୀୟମାନ କ୍ଷୁଦ୍ର ଉପଭୋକ୍ତାମାନେ 3 କିଲୋଓ୍ୱାଟ ପର୍ଯ୍ୟନ୍ତ ଓ 3 କିଲୋଓ୍ୱାଟ ମଧ୍ୟରେ ନୂଆ ବିଦ୍ୟୁତ ସଂଯୋଗ (କନେକ୍ସନ) ଚାହୁଁଥିଲେ ବିହିତ ହେବାମତେ ସିକ୍ୟୁରିଟି ଜମା ଓ ଟ25.00 ପ୍ରୋସେସିଂ ଫିସ୍‌କୁ ବାଦ୍ ଦେଇ ନୂଆ ବିଦ୍ୟୁତ ସଂଯୋଗ ବାବଦକୁ ସେମାନେ କେବଳ ଟ1000.00ର ସର୍ଭିସ୍ ସଂଯୋଗ ଦେୟ ଫ୍ଲାଟ୍ ଚାର୍ଜ ଆକାରରେ ପ୍ରଦାନ କରିବେ। ଉକ୍ତ ସର୍ଭିସ୍ ସଂଯୋଗ ଦେୟ ମଧ୍ୟରେ ବିଦ୍ୟୁତ ସାମଗ୍ରୀ ମୂଲ୍ୟ ଓ ପର୍ଯ୍ୟବେକ୍ଷଣ ଦେୟ ଅନ୍ତର୍ଭୁକ୍ତ ଅଟେ।

11. ପ୍ଲାଷ୍ଟିକ ମିଟର/ବିଦ୍ୟୁତ ଚାହିଦା ରେକର୍ଡିଂର ବ୍ୟବସ୍ଥାଥିବା ମିଟର ଲଗାଯାଇଥିବା ସ୍ଥଳେ ରିଡେଡ୍ ଚାହିଦାକୁ 0.5 କିଲୋୱାଟ କରିବା ସକାଶେ ପାଖାପାଖି ଯାହା ଆବଶ୍ୟକ ହେବ ତାହା <u>ରାଜିନାମାରେ ଯାହା କିଛି ଥିବା ସତ୍ତ୍ୱେ</u> ମଧ ବିନା ସତ୍ୟାପନ (ଭେରିଫିକେସନ)ରେ ଚୁକ୍ତିଭିତ୍ତିକ ଚାହିଦା ବୋଲି ଧରିନିଆଯିବ । ସୁତରାଂ 110 କେଭିଏ କନେକ୍‌ଟେଡେ ଲୋଡ୍‌ରୁ କମ୍ ଲୋଡ୍ ସକାଶେ ମାସିକ ସର୍ବନିମ୍ନ ସ୍ଥିରୀକୃତ ଦେୟ (ଏମ୍‌ଏମ୍‌ଏଫସି) ହିସାବ କରିବା ଉଦ୍ଦେଶ୍ୟରେ ପଦ୍ଧତିକୁ ଆଧାରକରି ହିସାବ କରାଯିବ ।

12. ପ୍ଲାଷ୍ଟିକ ମିଟର ଥାଇ 110 କେଭିଏରୁ କମ୍ ଚୁକ୍ତିଭିତ୍ତିକ ବିଦ୍ୟୁତ ଉପଭୋକ୍ତାମାନଙ୍କ ସଂକ୍ରାନ୍ତରେ ବିଲିଂ ଚାହିଦା, କନେକଟେଡ୍ ଲୋଡରେ ଯାହାକି ସତ୍ୟାପନର ଆବଶ୍ୟକତା ନାହିଁ ସେଥିରେ ଯାହାକିଛି ଥାଉନା କାହିଁକି ଆର୍ଥିକ ବର୍ଷ ମଧ୍ୟରେ ମିଟରର ସର୍ବାଧିକ ଚାହିଦା ରେକର୍ଡ କରାଯିବା ଉଚିତ ।

13. ଷ୍ଟାଟିକ ମିଟର ସହିତ ତିନି ଫେଜ ଲାଇନ ନେଇଥିବା ଉପଭୋକ୍ତାମାନେ ଅଫ୍ ପିକ୍ ଆୱାର ମଧ୍ୟରେ ବିଦ୍ୟୁତ ଉପଯୋଗ କରିବାଲାଗି ୟୁନିଟପିଛା 10 ପଇସା ହାରରେ ସିଜିପିକୁ ସାର୍ବଜନିକ ଆଲୋକ ଓ ଜରୁରୀ ଯୋଗାଣକୁ ବାଦ୍‌ଦେଇ ଟିଓଡି ରିହାତି (ରିବେଟ୍) ପାଇବାକୁ ଅନୁମତି ଦିଆଯାଇଛି । **ଅଫ୍ ପିକ୍ ଆୱାର** କହିଲେ **ମଧ୍ୟରାତ୍ର ୧୨ ଘଟିକାଠାରୁ ତା ପରଦିନ ସକାଳ ୬ ଘଟିକା ସମୟକୁ** ବୁଝାଏ ।

14. ଅଫ୍ ପିକ୍ ଆୱାର ମଧ୍ୟରେ ଶିଳ୍ପସଂସ୍ଥାଗୁଡିକ ଦ୍ୱାରା ଯେଉଁ ପରିମାଣର ବିଦ୍ୟୁତ ଉପଯୋଗ କରାଯାଉଛି, ତାହା ଚୁକ୍ତିଭିତ୍ତିକ ଚାହିଦାରୁ 120% ପର୍ଯ୍ୟନ୍ତ ବିନା ଜୋରିମାନାରେ ଅନୁମତି ଦିଆଯାଇଛି । ଟାରିଫ ଉଦ୍ଧ୍ୟେଶ୍ୟରେ **"ଅଫ୍ ପିକ୍ ଆୱାର"** କହିଲେ **ମଧ୍ୟରାତ୍ର ୧୨ ଘଟିକାଠାରୁ ତା ପରଦିନ ସକାଳ ୬ ଘଟିକା ସମୟକୁ** ବୁଝାଏ । ଯେଉଁ ଉପଭୋକ୍ତାମାନେ ସେମାନଙ୍କର ଚୁକ୍ତିଭିତ୍ତିକ ଚାହିଦା ପରେ ଅଫ ପିକ୍ ଆୱାର ଭିନ୍ନ ଅନ୍ୟ ସମୟରେ ବିଦ୍ୟୁତ ବ୍ୟବହାର ଲାଗି ଚାହିଁବେ ସେମାନେ ଏହି ସୁବିଧା ପାଇବାକୁ ହକ୍‌ଦାର ହେବେ ନାହିଁ । ଯେତେବେଳେ ବୈଧାନିକ ଲୋଡ୍ ରେଗୁଲେସନ ଆରୋପଣ କରାଯାଇଛି ସେତେବେଳେ କଟକଣାଯୁକ୍ତ ଚାହିଦାକୁ ଚୁକ୍ତିଭିତ୍ତିକ ଚାହିଦା ଭାବରେ ଧରିନିଆଯିବ ।

15. ଓଇଆରସି ବଣ୍ଟନ (ଯୋଗାଣର ସର୍ତ୍ତ) ସଂହିତା, 2004 ରେ ଥିବା ବ୍ୟବସ୍ଥା ଅନୁଯାୟୀ ବୈଷୟିକ ଫିଜିବିଲିଟି ଓ ବିଦ୍ୟୁତ ବ୍ୟବସ୍ଥାରେ ଆବଶ୍ୟକ ପରିମାଣର ପାୱାର/ବିଦ୍ୟୁତ ଉପଲବ୍ଧତା ପ୍ରତି ସାପେକ୍ଷ ହୋଇ ସିଜିପିଏସ/ଜେନେରେଟିଂ ଷ୍ଟେସନ ସୁବିଧା ଥିବା ଶିଳ୍ପସଂସ୍ଥାଗୁଡିକୁ ସଂପୃକ୍ତ ଡିସକମସ୍ ସହିତ ଏକ ରାଜିନାମା ସମ୍ପାଦନ କରିବାକୁ ହେବ । ସେମାନେ (କ) ଇଏଚଟିଠାରେ 640 ପଇସା/କେଡବ୍ଲୁଏଚର ଏବଂ (ଖ) ଏଚଟିଠାରେ 650 ପଇସା/କେଡବ୍ଲୁଏଚର ଏକ ଫ୍ଲାଟ ରେଟ୍ ପାଇଁ ଆବେଦନ କରିବେ । ସତ୍ୟାପନ ପରେ ଯଦି ଏହା ପ୍ରତୀତ ହୁଏ

ଯେ ସିଜିପି ଦ୍ୱାରା ଅଧିକ ବିଦ୍ୟୁତ ଆହରଣ ଯୋଗୁଁ ଡିସ୍କମସର ଏସ୍ଏମ୍ଡିରେ ବୃଦ୍ଧି ହୋଇଛି ତେବେ ଉପର (କ) ଓ (ଖ) ରେ ଦର୍ଶାଯାଇଥିବା ବିଦ୍ୟୁତ ଦେୟ ସହିତ ସେହି ଶିଳ୍ପ ସଂସ୍ଥା ଲାଗି ଅତ୍ୟଧିକ ଚୁକ୍ତିଭିତ୍ତିକ ଚାହିଦା ଯୋଗୁଁ ଟ200/- କେଭିଏ ହାରରେ ଡିମାଣ୍ଡ ଦେୟ ଦେବାକୁ ହେବ ।

16. ଚୁକ୍ତିଭିତ୍ତିକ ଚାହିଦା (ସିଡି) < 70 କେଭିଏ ଥାଇ ସାଧାରଣ ଉଦ୍ଦେଶ୍ୟରେ ବିଦ୍ୟୁତ ଉପଭୋକ୍ତାଙ୍କୁ ସପ୍ଲାଇ ଭୋଲଟେଜର ସ୍ତର ଯାହା ଥାଉନା କାହିଁକି ଟାରିଫ୍ ଉଦ୍ଦେଶ୍ୟରେ ଏଲ.ଟି ଉପଭୋକ୍ତା ରୂପେ ଧରିନିଆଯିବ । ଓଇଆରସି ବଣ୍ଟନ (ଯୋଗଣର ସର୍ତ୍ତାବଳୀ) ସଂହିତା, 2004ର ରେଗୁଲେସନ 76(ଆଇ) ଅନୁସାରେ 5 କିଲୋୱାଟରୁ ଊର୍ଦ୍ଧ୍ୱ ଓ 70 କେଭିଏ ଅନ୍ତର୍ଭୁକ୍ତ ସପ୍ଲାଇ, 2-ଫେଜରେ, 3 ୱାୟାର ବା 3-ଫେଜ, ଫେଜ ମଧ୍ୟରେ 400 ଭୋଲ୍ଟେଜରେ 3 ବା 4 ୱାୟାର ହେବ ।

17. ଏଚଟି ଏବଂ ଇଏଚଟି ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ 97%ରୁ ଊର୍ଦ୍ଧ୍ୱ ପାୱାର ଫାକ୍ଟର ସକାଶେ ପାୱାର ଫାକ୍ଟର ପ୍ରୋତ୍ସାହନ ଓ 92% ସ୍ତରରୁ କମ୍ ସକାଶେ ପାୱାର ଫାକ୍ଟର ଶାସ୍ତିଧନ ପ୍ରଯୁଜ୍ୟ ହେବ । ତା.01.4.2011ଠାରୁ ଉପଭୋକ୍ତା ପ୍ରୋତ୍ସାହନ ଓ ଶାସ୍ତିଧନର ହାର ନିମ୍ନମତେ ହେବ ।

ମାସିକ ବିଦ୍ୟୁତ ଚାହିଦା ବାବଦ ଦେୟ ଓ ବିଦ୍ୟୁତ ଦେୟ ଉପରେ ପାୱାର ଫାକ୍ଟରର 97% ପର୍ଯ୍ୟନ୍ତ ଓ 100% ମଧ୍ୟରେ ପ୍ରତି 1% ବୃଦ୍ଧି ପାଇଁ ପାୱାର ଫାକ୍ଟର ପ୍ରୋତ୍ସାହନର ହାର 1% ହେବ । ସେହିପରି ମାସିକ ଚାହିଦା ଓ ବିଦ୍ୟୁତ ଦେୟ ଉପରେ ପାୱାର ଫାକ୍ଟର ଶାସ୍ତିଧନ ନିମ୍ନୋକ୍ତ ମତେ ହେବ ;

(କ) 92% ପର୍ଯ୍ୟନ୍ତ ଓ 70% ପ୍ଲସ୍ ମଧ୍ୟରେ ପ୍ରତି 1% କମିଯିବା ଲାଗି 0.5%

(ଖ) 70% ପର୍ଯ୍ୟନ୍ତ ଓ 30% ପ୍ଲସ୍ ମଧ୍ୟରେ ପ୍ରତି 1% କମିଯିବା ଲାଗି 1%

(ଗ) 30%ରୁ କମ୍ ସ୍ଥଳେ ପ୍ରତି 1% କମିଯିବା ଲାଗି 2%

କେବଳ ମିଟର ମାଧ୍ୟମରେ ସ୍ଥିରୀକୃତ ଅଗ୍ରଣୀ ପାୱାର ଫାକ୍ଟର ସକାଶେ କୌଣସି ପାୱାର ଫାକ୍ଟର ଶାସ୍ତିଧନ ପଡିବ ନାହିଁ ।

18. 100 ଏମ୍ଭିଏ ଓ ତା ଠାରୁ ଊର୍ଦ୍ଧ୍ୱ ଚୁକ୍ତିଭିତ୍ତିକ ଚାହିଦା ଶିଳ୍ପାନୁଷ୍ଠାନଗୁଡିକ ଲାଗି ସ୍ୱତନ୍ତ୍ର ଟାରିଫ ଓ ଗ୍ୟାରେଣ୍ଟେଡ ମାସିକ ଅଫଟେକ୍ର 80%, ୟୁନିଟପିଛା 400 ପଇସାର ଏକ ଏକତ୍ରୀକୃତ ବିଦ୍ୟତ ଦେୟ ପ୍ରଦାନ କରାଯିବ ।

19. ପ୍ଲାଷ୍ଟିକ ମିଟର ସଂକ୍ରାନ୍ତୀୟ ଏମ୍ଡି, ସଂଖ୍ୟା ଓ ବିଦ୍ୟୁତ ଯୋଗାଣ ବନ୍ଦ ରହିଥିବା ଅବଧିର ଯାହା ରେକର୍ଡ କରାଯାଇଛି

ତାହାର ଏକ ପ୍ରିଣ୍ଟଆଉଟ୍, ଯେଉଁଠାରେ ସମ୍ଭବ ସେଠାରେ ମାସିକ ରେକର୍ଡ କରିବା ସକାଶେ ଉପଭୋକ୍ତାମାନଙ୍କ ଦ୍ୱାରା ଟ500/- ପ୍ରଦାନ କରାଯିବା ପୂର୍ବକ ତାହା ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯିବ ।

20. ହାଇ ଭୋଲଟେଜ ବଣ୍ଟନ ସ୍କିମ୍ (ଏଚଭିଡିଏସ୍), ଯଥାସ୍ଥିତି, ଗୋଟିଏ ଫେଜ୍ ବା ତିନି ଫେଜ୍ ବଣ୍ଟନ ଟ୍ରାନ୍ସଫର୍ମର ବାବଦ ବ୍ୟୟ ପ୍ରଦାନ ଗୁଣାତ୍ମକମାନର ଯୋଗଣ ସକାଶେ 11 କେଭି ପାୱାର ବ୍ୟବହାର କରିବାକୁ ଇଚ୍ଛୁକ ଏଲ୍‌ଟି ଉପଭୋକ୍ତମାନଙ୍କ ସକାଶେ ଓନ୍ ଇଓର ଟ୍ରାନ୍ସଫର୍ମର (ଓୱାଇଟି) ନାମକ ଏକ ନୂତନ ସ୍କିମ୍ ପ୍ରଚଳନ କରାଯାଇଛି ; ବର୍ତ୍ତମାନ ଥିବା ଅଧିକ ପରିମାଣର ଯୋଗାଣ ପ୍ରାପ୍ତ ଏଚଟି ଘରୋଇ ବର୍ଗର ଉପଭୋକ୍ତାଗଣ ଯେଉଁମାନେ କି ଟ୍ରାନ୍ସଫର୍ମର ବାବଦ ବ୍ୟୟ ପ୍ରଦାନ  କରିବାକୁ ଇଚ୍ଛୁକ ଅଟନ୍ତି ସେମାନେ ମଧ ଓୱାଇଟି ସ୍କିମ୍ ମଧରେ ଅନ୍ତର୍ଭୁକ୍ତ ହେବେ । ସେହି ଉପଭୋକ୍ତାମାନେ ମୋଟ ଇଲେକ୍‌ଟ୍ରିସିଟି ବିଲ୍ ଉପରେ ଅର୍ଥାତ୍ ଉଭୟ ବିଦ୍ୟୁତ ଓ ଦାବି ଦେୟ ବାବଦରେ ଧାର୍ଯ୍ୟ ସମୟ ସୀମା ମଧରେ ବିଲର ଅର୍ଥ ପରିମାଣ ଦାଖଲକଲେ ସ୍ୱାଭାବିକ ରିହାତି ସହିତ ସେମାନେ 10%ର ଆଉ ଏକ ସ୍ୱତନ୍ତ୍ର ରିହାତି ଅନ୍ୟଥା ସମ୍ପୃକ୍ତ ଯୋଗ୍ୟ ବିବେଚିତ ହୋଇଥିଲେ ପାଇବେ ।

21. ନେବା ବ ଦେବା (ଟେକ୍ ଅର୍ ପେ) ଟାରିଫ ପୁଣିଥରେ ପ୍ରବର୍ତ୍ତନ କରାଯାଇଛି । ଏହି ଟାରିଫ ଆଦେଶ ବଳବତ୍ତର ଥିବା ପର୍ଯ୍ୟନ୍ତ 110 କେଭିଏଠାରୁ ଅଧିକ ଚୁକ୍ତିଭିତ୍ତିକ ଚାହିଦା ଥାଇ ଏଚଟି ଓ ଇଏଚଟି ଉପଭୋକ୍ତାମାନେ ପ୍ରକୃତ ବିଦ୍ୟୁତ ଆହରଣ ବାବଦ ବିଦ୍ୟୁତ ଦେୟ ବା ମାସ ପିଛା ଚୁକ୍ତି ଭିତ୍ତିକ ଚାହିଦାର 75%ର ଲୋଡ ଫ୍ୟାକ୍ଟର ମଧରୁ ଯେଉଁଟି ଅଧିକ ହେବ ତାହା ପ୍ରଦାନ କରିବାକୁ ଲିଖିତ ଆକାରରେ ସେମାନଙ୍କର ସମ୍ମତି ଦେଇପାରିବେ । ବଳବତ୍ତର ରହିଥିବା ଅବଧି ମଧରେ ଚୁକ୍ତିଭିତ୍ତିକ ଚାହିଦା ନିମ୍ନଗାମୀ ସଂଶୋଧନ ହେବା ସକାଶେ ଅନୁମତି ଦିଆଯିବ ନାହିଁ । ସେପରି ଏଚଟି ଓ ଇଏଚଟି ଉପଭୋକ୍ତାମାନଙ୍କୁ ସେମାନଙ୍କର ମୋଟ ବିଲ୍ ଉପରେ 5% ସ୍ୱତନ୍ତ୍ର ରିହାତି ପାଇଁ ମଧ ଅନୁମତି ଦିଆଯିବ । ଲୋଡଫ୍ୟାକ୍ଟର ଗଣନା କରିବା ସକାଶେ ଚୁକ୍ତିଭିତ୍ତିକ ଚାହିଦା ଯେଉଁଠାରେ କେଭିଏ ଆକାରରେ ଉଲ୍ଲେଖ କରାଯାଉଥିବ ସେଠାରେ ପ୍ରକୃତ ପାୱାର ଫ୍ୟାକ୍ଟରକୁ ହିସାବକୁ ନିଆଯିବ ।

22. ସାର୍ବଜନିକ ଜଳଯାଗାଣ ଓ ସ୍ୱିରେଜ ପମ୍ପିଂ ଅଧୀନରେ ସ୍ୱଜଳଧାରା ଉପଭୋକ୍ତାମାନେ ସ୍ୱାଭାବିକ ରିହାତିପାଇଁ ଧାର୍ଯ୍ୟ ଦେୟ ତାରିଖର ଅବଧି ମଧରେ ଯଦି ବିଦ୍ୟୁତବିଲ୍ ପୈଠ କରିଥିବେ ତେବେ ସେମାନେ ଅନ୍ୟଥାଯୋଗ୍ୟ ବିବେଚିତ ହେଉଥିଲେ ସ୍ୱାଭାବିକ ରିହାତି (ରିବେଟ୍) ଉପରେ ଆଉ 10% ରିହାତି (ରିବେଟ୍) ପାଇବେ ।

23. ମ୍ୟୁନିସିପାଲ ବା ଏନଏସି ସୀମା ଭିତରେ ଥିବା ସମସ୍ତ ଏଲଟି ଘରୋଇ ଉପଭୋକ୍ତା ଓ ଅଧିକ ପରିମାଣରେ ଯୋଗାଣ ପ୍ରାପ୍ତ ଏଚଟି ଘରୋଇ ବର୍ଗର ଉପଭୋକ୍ତାମାନେ ଘରପିଛା ସର୍ବନିମ୍ନ 100 ଲିଟର ସଂସ୍ଥାପନ ସାମର୍ଥ୍ୟ ଓ ରୁଫଟପ୍ ସୋଲାର ୱାଟର ହିଟିଂ ସିଷ୍ଟମ ବ୍ୟବହାର ପାଇଁ ମାସପିଛା ଟ50.00 ସିଲିଂ ପ୍ରତି ସାପେକ୍ଷ ହୋଇ ବିଦ୍ୟୁତଶକ୍ତି

ବ୍ୟବହାର ଲାଗି ୟୁନିଟପିଛା 10 ପଇସା ରିହାତି (ରିବେଟ) ପାଇବେ । ଏହି ରିହାତି ସୁବିଧା, ସଂପୃକ୍ତ ଉପଭୋକ୍ତାଙ୍କୁ ମିଳୁଥିବା ଅନ୍ୟ ସମସ୍ତ ରିହାତି ସହିତ ମିଳିବ ।

24. **2011-12** ପାଇଁ ଟାରିଫରେ ସ୍ୱଳ୍ପ ରୋଜଗାର ଯୁକ୍ତ ଉପଭୋକ୍ତା, ଅର୍ଥାତ୍, ଘରୋଇ, ବିପିଏଲ, କୃଷି ଓ ମୋଟ ଉପରେ ଏଲଟି ଉପଭୋକ୍ତାମାନଙ୍କର ସ୍ୱାର୍ଥ (ଇଣ୍ଟରେଷ୍ଟ) ।

– ଟାରିଫ ପଲିସି, 2006ରେ ଧାରା 61(ଜି)ର ପାରା 8.3.2ରେ ଥିବା ବ୍ୟବସ୍ଥା ମତେ ବିଦ୍ୟୁତ ଯୋଗାଣ ବାବଦ ବ୍ୟୟ ଟାରିଫ୍‌ର କ୍ରମୋନ୍ନତି ଉପରେ ନିର୍ଭର କରେ । ଯାହା ଫଳରେ କି 2010-11ର ଶେଷ ଆଡକୁ ଟାରିଫ ଯୋଗାଣର ହାରାହାରି ମୂଲ୍ୟ ±20% ରହିବ । କ୍ରସ-ସବ୍‌ସିଡିରେ କ୍ରମଶଃ ହ୍ରାସକୁ ଭିତ୍ତିକରି ଏକ ବ୍ୟାପକ ଯୋଜନା (ରୋଡ୍‌ମ୍ୟାପ)ର ଏକ ମଧ୍ୟବର୍ତ୍ତୀକାଳୀନ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ।

– ଅନ୍ୟପକ୍ଷରେ ଜାତୀୟ ବିଦ୍ୟୁତ ପଲିସି, 2005ର ପାରା 5.5.2 ରେ ବ୍ୟବସ୍ଥା ରହିଛି ଯେ, ଅତ୍ୟନ୍ତ ଗରିବ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ସର୍ବନିମ୍ନ ସ୍ତରର ବିଦ୍ୟୁତଶକ୍ତି ଯୋଗାଇଦେବାର ଆବଶ୍ୟକତା ପଡିପାରେ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଉପଭୋକ୍ତାମାନେ ଯେଉଁମାନେ କି ଏକ ନିର୍ଦ୍ଦିଷ୍ଟ ସ୍ତରରୁ କମ୍ ବିଦ୍ୟୁତ ଉପଯୋଗ କରନ୍ତି (ଯଥା, ମାସକୁ 30 ୟୁନିଟ) ସେମାନେ ଟାରିଫର ବ୍ୟବସ୍ଥା ମଧ୍ୟରେ ଏକ ସ୍ୱତନ୍ତ୍ର ସୁବିଧା ପାଇପାରନ୍ତି । ଏପରି ବର୍ଗର ଉପଭୋକ୍ତାମାନଙ୍କ ପାଇଁ ଟାରିଫ ବିଦ୍ୟୁତ ଯୋଗାଣର ହାରାହାରି ବ୍ୟୟର ଅନ୍ୟୁନ 50% ହେବ । ପାଞ୍ଚ ବର୍ଷପରେ ଏହି ବ୍ୟବସ୍ଥାର ପୁନଃ ପରୀକ୍ଷାନିରୀକ୍ଷା କରାଯିବ ।

– ବିଦ୍ୟୁତ ଅଧିନିୟମ, 2003ର ଧାରା 65 ଅନୁଯାୟୀ ଯଦି କୌଣସି ବର୍ଗର ଉପଭୋକ୍ତାମାନେ ସରକାରୀ ଆର୍ଥିକ ସହାୟତା ସବ୍‌ସିଡି ଆକାରରେ ପାଇଥାନ୍ତି ତେବେ ସେମାନେ ଏହାକୁ ଅଗ୍ରିମ ଆକାରରେ ପ୍ରଦାନ କରିବେ । ବିଦ୍ୟୁତ ଅଧିନିୟମର ଧାରା 65 ନିମ୍ନରେ ବର୍ଣ୍ଣନା କରାଯାଇଛି ।

– "65. ରାଜ୍ୟ ସରକାରଙ୍କ ଦ୍ୱାରା ସବସିଡି ବ୍ୟବସ୍ଥା - ଧାରା 62 ଅନୁଯାୟୀ ରାଜ୍ୟ କମିଶନଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଟାରିଫରେ ଯଦି ରାଜ୍ୟ ସରକାର, କୌଣସି ଉପଭୋକ୍ତାଙ୍କୁ ବା କୌଣସି ବର୍ଗର ଉପଭୋକ୍ତାଙ୍କୁ କୌଣସି ପ୍ରକାର ସବ୍‌ସିଡି ମଂଜୁର କରିବାକୁ ଚାହାନ୍ତି ତେବେ ତାହା ଧାରା 108 ଅନୁଯାୟୀ ଦିଆଯାଇଥିବା ଯେକୌଣସି ନିର୍ଦ୍ଦେଶନାମାରେ ଯାହାକିଛି ଥିବା ସତ୍ତ୍ୱେ ଯେପରି ବିହିତ ହୋଇପାରେ ସେପରି ରୀତିରେ ରାଜ୍ୟସରକାର ତାହାକୁ ଅଗ୍ରିମ ଆକାରରେ ପ୍ରଦାନ କରିବେ । ଉକ୍ତ ସବସିଡି ମଞ୍ଜୁର କରିବାଯୋଗୁଁ ପ୍ରଭାବିତ ବ୍ୟକ୍ତିଙ୍କୁ, ରାଜ୍ୟ କମିସନ ଯେପରି ନିର୍ଦ୍ଦେଶ ଦେଇପାରିବେ ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ସବ୍‌ସିଡିକୁ ସେପରି ରୀତିରେ କ୍ଷତିପୂରଣ ଆକାରରେ ପ୍ରଦାନ କରାଯିବ ।

– ଯଦିଓ ରାଜ୍ୟସରକାର କୃଷି ବା ବିପିଏଲ ପରିବାରର ଘରୋଇ ଉପଭୋକ୍ତାଙ୍କୁ ସବ୍‌ସିଡିର ବ୍ୟବସ୍ଥା କରିବା ସକାଶେ ରାଜି ନ ହୁଅନ୍ତି ତେବେ ସେପରିସ୍ଥଳେ 2011-12 ବର୍ଷ ନିମନ୍ତେ ସ୍ଥିରୀକୃତ ୟୁନିଟପିଛା ଯୋଗାଣର ହାରାହାରି ମୂଲ୍ୟ 408.87 ପଇସାର 20%ରୁ ବହୁତ କମ୍ ହାରରେ ଟାରିଫ ଧାର୍ଯ୍ୟ କରାଯାଇଛି ।

– ଯେତେବେଳେ 2011-12 ନିମନ୍ତେ ଯୋଗାଣର ହାରାହାରି ମୂଲ୍ୟ ୟୁନିଟ ପିଛା 408.87 ପଇସା ଧାର୍ଯ୍ୟ କରାଯାଇଛି ସେତେବେଳେ ଗରିବ ଶ୍ରେଣୀର ଉପଭୋକ୍ତାମାନଙ୍କ ପାଇଁ ଟାରିଫ 327.07 ପଇସା (ଅର୍ଥାତ୍ 408.87ର 20%)ରୁ କମ୍ ହୋଇପାରିବ ନାହିଁ ଏବଂ 490.67 ପଇସା (ଅର୍ଥାତ୍ 408.87ର 20%)ରୁ ଅଧିକ ହୋଇ ପାରିବ ନାହିଁ । ସେ ଯାହା ହେଉନା କାହିଁକି ଏଲଟି ଉପଭୋକ୍ତାଙ୍କ ପାଇଁ ଟାରିଫକୁ କ୍ରମଶଃ ବୃଦ୍ଧି କରାଯାଇ ସବସିଡିକୁ କମାଇବା ସକାଶେ ପ୍ରଚେଷ୍ଟା କରାଯାଇଛି । କାରଣ ଏପରିସ୍ଥଳେ କୃଷି, କୃଷି ଭିତ୍ତିକ କାର୍ଯ୍ୟକଳାପ, ଆଲାଏଡ୍ ଆଗ୍ରୋ ଇଣ୍ଡଷ୍ଟ୍ରିଜ, ବିପିଏଲ ପରିବାର (30 ୟୁନିଟ ପର୍ଯ୍ୟନ୍ତ ମାସପ୍ରତି ଟ30.00ର ଫିକ୍ସଡ୍ ଚାର୍ଜ) ଏବଂ ପ୍ରଥମ ସ୍ଲାବର ଘରୋଇ ଉପଭୋକ୍ତାମାନେ (ମାସପ୍ରତି 50 ୟୁନିଟ ପର୍ଯ୍ୟନ୍ତ ୟୁନିଟ ପିଛା 140 ପଇସା) ସବସିଡି କମାଇବା ସମ୍ପର୍କିତ ଟାରଗେଟ ଏ ପର୍ଯ୍ୟନ୍ତ ହାସଲ ହୋଇନାହିଁ । ଏଲଟି ବର୍ଗର ଉପଭୋକ୍ତାମାନଙ୍କ କ୍ଷେତ୍ରରେ ସବସିଡି (-) 26.54% ଥିବାବେଳେ ଇଏଚଟି ଉପଭୋକ୍ତାମାନଙ୍କ କ୍ଷେତ୍ରରେ ତାହା +16.77% ଓ ଏଚଟି ନିମନ୍ତେ ତାହା +17.90% ଯାହାକି ନିମ୍ନ ଟେବୁଲରୁ ସ୍ପଷ୍ଟ ରୂପେ ଜଣାପଡୁଛି ।

ଟେବୁଲ – **5**

**2011-12ରେ କ୍ରସ ସବ୍‌ସିଡି**

| ବର୍ଷ | ଭୋଲଟେଜ୍‌ର ସ୍ତର | ସମଗ୍ର ରାଜ୍ୟରେ ଯୋଗାଣ ବାବଦରେ ହାରାହାରି ବ୍ୟୟ (ପ/ୟୁ) | ଟାରିଫ୍ (ପ/ୟୁ) | କ୍ରସ ସବସିଡି (ପ/ୟୁ) | ଉପରେ/ନିମ୍ନରେ ବା ଯୋଗାଣ ମୂଲ୍ୟର ବା କ୍ରସ ସବସିଡିର ଶତକଡା ହାର |
|---|---|---|---|---|---|
| 1 | 2 | 3 | 4 | 5 (4) – (3) | 6 |
| 2009-10 | ଇଏଚ୍‌ଟି | 263.00 | 295.05 | 32.05 | 12.19% |
| | ଏଚ୍‌ଟି | | 308.68 | 45.68 | 17.37% |
| | ଏଲ୍‌ଟି | | 179.99 | -83.01 | -31.56% |
| | କୁଟୀର ଜ୍ୟୋତି | | 100.00 | -163.00 | -61.97% |
| | ଜଳସେଚନ | | 110.00 | -153.00 | -58.17% |

| | | | | | |
|---|---|---|---|---|---|
| 2010-11 | ଇଏଚ୍‌ଟି | 327.37 | 379.93 | 52.56 | 16.06% |
| | ଏଚ୍‌ଟି | | 383.68 | 56.31 | 17.20% |
| | ଏଲ୍‌ଟି | | 219.21 | -108.16 | -33.04% |
| | କୁଟୀର ଜ୍ୟୋତି | | 100.00 | -227.37 | -69.45% |
| | ଜଳସେଚନ | | 110.00 | -217.37 | -66.39% |
| 2011-12 | ଇଏଚ୍‌ଟି | 408.87 | 477.43 | 68.56 | 16.77% |
| | ଏଚ୍‌ଟି | | 482.43 | 73.56 | 17.99% |
| | ଏଲ୍‌ଟି | | 300.34 | -108.53 | -26.54% |
| | କୁଟୀର ଜ୍ୟୋତି | | 100.00 | -308.87 | -75.54% |
| | ଜଳସେଚନ | | 110.00 | -298.87 | -73.09% |

- ବିପିଏଲ୍ ପରିବାର କ୍ଷେତ୍ରରେ ପ୍ରଦତ୍ତ କ୍ରସ୍-ସବସିଡିର ପରିମାଣ 308.87 ପଇସା (408.87-100.00 ଗୋଟିଏ ମାସରେ 30 ୟୁନିଟ ପାଇଁ ୟୁନିଟ ପିଛା ଟାରିଫ) ଯାହା କି ଯୋଗାଣର ହାରାହାରି ମୂଲ୍ୟଠାରୁ 75.54% କମ୍ ।
- କୃଷି ଓ ଜଳସେଚନ କ୍ଷେତ୍ରରେ ୟୁନିଟ ପିଛା କ୍ରସ୍ ସବ୍‌ସିଡି 298.87 ପଇସା (408.87 – 110 ପଇସା ୟୁନିଟ ପିଛା) ଯାହାକି ଯୋଗାଣର ହାରାହାରି ମୂଲ୍ୟ ଠାରୁ 73.09% କମ୍ ।
- ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ମାସ ପିଛା 50 ୟୁନିଟ ପର୍ଯ୍ୟନ୍ତ ଉପଯୋଗ କରୁଥିବା ଉପଭୋକ୍ତାମାନେ 2001-02ଠାରୁ ୟୁନିଟ ପିଛା 140 ପଇସା ଦେଉଛନ୍ତି, ଯାହାକି 2010-11 ଓ 2011-12 ପାଇଁ ଅପରିବର୍ତ୍ତିତ ରହିଛି । ସେମାନଙ୍କ କ୍ଷେତ୍ରରେ ୟୁନିଟପିଛା ସବସିଡି 268.87 ପଇସା (408.87-140 ପଇସା ୟୁନିଟ ପିଛା) ଯାହାକି ଯୋଗାଣର ହାରାହାରି ମୂଲ୍ୟଠାରୁ (-) 66% କମ୍ ।
- ଘରୋଇ ଉପଭୋକ୍ତାଙ୍କ ଯେଉଁମାନେ କି ମାସ ପିଛା 200 ୟୁନିଟ ପର୍ଯ୍ୟନ୍ତ ଉପଯୋଗ କରୁଛନ୍ତି ସେମାନେ ଯୋଗାଣର ହାରାହାରି ମୂଲ୍ୟରୁ 28%ର ଆର୍ଥିକ ସାହାଯ୍ୟ ପାଉଛନ୍ତି, ମାତ୍ର ସେମାନଙ୍କ ପାଇଁ ହାରାହାରି ୟୁନିଟ ପିଛା ଟାରିଫ 297 ପଇସା ସ୍ଥିର କରାଯାଇଛି ।
- ଘରୋଇ ଉପଭୋକ୍ତା ଯେଉଁମାନେ କି ମାସ ପିଛା 400 ୟୁନିଟ ପର୍ଯ୍ୟନ୍ତ ଉପଯୋଗ କରୁଛନ୍ତି ସେମାନେ (-) 110%ର ଆର୍ଥିକ ସାହାଯ୍ୟ ପାଉଛନ୍ତି; ମାତ୍ର ସେମାନଙ୍କ ପାଇଁ ହାରାହାରି ୟୁନିଟ ପିଛା ଟାରିଫ 363 ପଇସା ସ୍ଥିର ହୋଇଛି ।
- ଘରୋଇ ଉପଭୋକ୍ତା ଯେଉଁମାନେ କି ମାସ ପିଛା 600 ୟୁନିଟ ପର୍ଯ୍ୟନ୍ତ ଉପଯୋଗ କରୁଛନ୍ତି ସେମାନେ

(-) 1.5%ର ଆର୍ଥିକ ସାହାଯ୍ୟ ପାଉଛନ୍ତି । ସେମାନଙ୍କ ପାଇଁ ହାରାହାରି ୟୁନିଟ ପିଛା ଟାରିଫ 363 ପଇସା ସ୍ଥିର ହୋଇଛି ।

– କେବଳ ଯେଉଁ ଘରୋଇ ଉପଭୋକ୍ତାମାନେ ଖୁବ୍ ଅଧିକ ଅର୍ଥାତ୍ ମାସ ପିଛା 700 ୟୁନିଟ ଉପଯୋଗ କରୁଛନ୍ତି ସେମାନେ ଯୋଗାଣର ହାରାହାରି ମୂଲ୍ୟ 408.87 ପଇସା ଅପେକ୍ଷା (+)1.22% ଅଧିକ ପ୍ରଦାନ କରିବେ । ସେମାନଙ୍କ ପାଇଁ ହାରାହାରି ୟୁନିଟ ପିଛା ଟାରିଫ 413 ପଇସା ସ୍ଥିର ହୋଇଥିବା ବେଳେ ଯୋଗାଣର ହାରାହାରି ମୂଲ୍ୟ ୟୁନିଟ ପିଛା 408.87 ପଇସା ସ୍ଥିର ହୋଇଛି । ନିମ୍ନ ଟେବୁଲରେ ଦର୍ଶାଯାଇଥିବା ହିସାବରୁ ତାହା ସ୍ୱଷ୍ଟରୂପେ ଜଣା ପଡୁଛି ।

ଟେବୁଲ – **6**

| ଉପଯୋଗ/ ମାସ | ଟାରିଫ | ବିଦ୍ୟୁତ ଦେୟ ନିମନ୍ତେ ମୋଟ ଅର୍ଥ ପ୍ରଦାନ (ଟ.) | ୟୁନିଟ ପିଛା ହାରାହାରି | କ୍ରସ ସବ୍‌ସିଡି (%) |
|---|---|---|---|---|
| 50 ୟୁନିଟ | ଉପଯୋଗ<br><= 50 ୟୁନିଟ ମାସ ପ୍ରତି<br>ୟୁନିଟ ପ୍ରତି 140 ପଇସା | 140 ପଇସା X 50 ୟୁନିଟ = **ଟ.70/-** | 140 | (-) 66% |
| 200 ୟୁନିଟ | ଉପଯୋଗ<br><=50 ୟୁନିଟ <=200 ୟୁନିଟ ମାସ ପ୍ରତି<br>ୟୁନିଟ ପ୍ରତି 350 ପଇସା | 140 ପଇସା X 50 +<br>350 ପଇସା X 150 =<br>**ଟ.595/-** | 297 | (-) 28% |
| 400 ୟୁନିଟ | ଉପଯୋଗ<br>> 200 <= 200 ୟୁନିଟ ମାସ ପ୍ରତି<br>ୟୁନିଟ ପ୍ରତି 430 ପଇସା | 140 ପଇସା X 50 +<br>350 ପଇସା X 150 +<br>430 ପଇସା X 200 =<br>**ଟ.1455** | 363 | (-)11% |
| 600 ୟୁନିଟ | ଉପଯୋଗ<br>> 400 <= 600 ୟୁନିଟ ମାସ ପ୍ରତି<br>ୟୁନିଟ ପ୍ରତି 480 ପଇସା | 140 ପଇସା X 50 +<br>350 ପଇସା X 150 +<br>430 ପଇସା X 200 +<br>480 ପଇସା X 200 =<br>**ଟ.2415** | 400 | (-)1.5% |
| 700 ୟୁନିଟ | ଉପଯୋଗ<br>>600 <= 700 ୟୁନିଟ ମାସ ପ୍ରତି<br>ୟୁନିଟ ପ୍ରତି 480 ପଇସା | 140 ପଇସା X 50 +<br>350 ପଇସା X 150 +<br>430 ପଇସା X 200 +<br>480 ପଇସା X 200 +<br>480 ପଇସା X 100 =<br>**ଟ.2895** | 413 | (+)1.22% |

25. **ବଣ୍ଟନ ଜନିତ କ୍ଷତି, ସଂଗ୍ରହ କ୍ଷମତା ଏବଂ ଏଟି ଆଣ୍ଡ ସି କ୍ଷତି (%ରେ)**

ଟେବୁଲ – **7**

| | **09-10** ବାସ୍ତବ (ସମୀକ୍ଷିତ) | **2010-11** ଅନୁମୋଦିତ | **09/2010** ପର୍ଯ୍ୟନ୍ତ ବାସ୍ତବ (ଅନନ୍ତିମ) | **2010-11** (ଲାଇସେନ୍ସଧାରୀ ଦ୍ୱାରା ପ୍ରତିଷ୍ଠିତ) | **2011-12** (ଲାଇସେନ୍ସଧାରୀ ଦ୍ୱାରା ପ୍ରଦର୍ଶିତ) | **2011-12** (ଅନୁମୋଦିତ) |
|---|---|---|---|---|---|---|
| ବଣ୍ଟନଜନିତ କ୍ଷତି **(% ରେ)** | | | | | | |
| ସେସୁ* | 39.43 | 25.37 | 37.59 | 37.59 | 34.59 | 24.00 |
| ନେସ୍କୋ | 32.52 | 18.46 | 32.76 | 29.58 | 27.66 | 18.40 |
| ଓ୍ୱେସ୍କୋ | 34.68 | 19.93 | 37.20 | 34.08 | 31.29 | 19.70 |
| ସାଉଥ୍‌କୋ | 48.02 | 27.82 | 47.79 | 46.61 | 42.67 | 26.50 |
| ସମଗ୍ର ଓଡିଶା | 37.24 | 22.22 | 37.54 | 35.70 | 32.95 | 21.71 |
| ଅସୁଲ ଦକ୍ଷତା **(% ରେ)** | | | | | | |
| ସେସୁ* | 97.09 | 98.00 | 91.47 | 98.00 | 99.00 | 99.00 |
| ନେସ୍କୋ | 95.24 | 98.00 | 84.39 | 97.00 | 98.00 | 99.00 |
| ଓ୍ୱେସ୍କୋ | 98.38 | 98.00 | 88.85 | 97.00 | 98.00 | 99.00 |
| ସାଉଥ୍‌କୋ | 95.89 | 98.00 | 85.10 | 97.00 | 98.00 | 99.00 |
| ସମଗ୍ର ଓଡିଶା | 96.96 | 98.00 | 88.28 | 97.33 | 98.34 | 99.00 |
| ଏଟି ଆଣ୍ଡ ସି କ୍ଷତି **(% ରେ)** | | | | | | |
| ସେସୁ* | 41.20 | 26.86 | 42.91 | 38.84 | 35.24 | 24.76 |
| ନେସ୍କୋ | 35.73 | 20.09 | 43.25 | 31.70 | 29.11 | 19.22 |
| ଓ୍ୱେସ୍କୋ | 35.74 | 21.53 | 44.21 | 36.06 | 32.66 | 20.50 |
| ସାଉଥ୍‌କୋ | 50.18 | 29.27 | 55.57 | 48.21 | 43.82 | 27.24 |
| ସମଗ୍ର ଓଡିଶା | 39.15 | 23.77 | 44.86 | 37.41 | 34.06 | 22.49 |

(* ସେସୁ କ୍ଷେତ୍ରରେ 2009-10ର ଅଙ୍କ କାର୍ଯ୍ୟ ସମ୍ପାଦନ ସମୀକ୍ଷା ତଥ୍ୟରୁ ଗୃହୀତ)

26. **ଡିସ୍‌କମ୍‌ମାନଙ୍କ ପାଇଁ 2011-12 ଆର୍ଥିକ ବର୍ଷରେ ବିଦ୍ୟୁତ କ୍ରୟ ଓ ବିକ୍ରୟର ଅନୁମୋଦନ (ଏମ୍‌ୟୁରେ)**

ଟେବୁଲ – **8**

| ଲାଇସେନ୍ସଧାରୀ | ସେସୁ | ନେସ୍କୋ | ଓ୍ୱେସ୍କୋ | ସାଉଥ୍‌କୋ | ସମଗ୍ର ଓଡିଶା |
|---|---|---|---|---|---|
| କ୍ରୟ | 7791.00 | 5323.00 | 6630.00 | 2733.00 | 22477.00 |
| **ବିକ୍ରୟ** | | | | | |
| ଇଏଚ୍‌ଟି | 1525.79 | 1891.96 | 1581.33 | 390.90 | 5389.97 |
| ଏଚ୍‌ଟି | 1077.10 | 550.08 | 1317.30 | 219.80 | 3164.28 |
| ମୋଟ ଏଚ୍‌ଟି ଏବଂ ଇଏଚ୍‌ଟି | **2602.89** | **2442.04** | **2898.63** | **610.70** | **8554.25** |
| ଏଲ୍‌ଟି ବିକ୍ରୟ | 3318.27 | 1901.53 | 2425.26 | 1398.06 | 9043.12 |
| ମୋଟ ବିକ୍ରୟ | **5921.16** | **4343.57** | **5323.89** | **2008.76** | **17597.37** |




## 27. 2011-12 ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ରାଜସ୍ୱ (କୋଟି ଟଙ୍କାରେ)

### ଟେବୁଲ - 9

| ବର୍ଗ (କ୍ୟାଟାଗୋରୀ) | ସେସୁ | | ନେସ୍କୋ | | ଓ୍ୱେସ୍କୋ | | ସାଉଥ୍କୋ | | ମୋଟ | |
|---|---|---|---|---|---|---|---|---|---|---|
| | ପ୍ରଚଳିତ ଟାରିଫ ଅନୁସାରେ ରାଜସ୍ୱ | ସଂଶୋଧିତ ଟାରିଫ ଅନୁସାରେ ରାଜସ୍ୱ (ଅନୁମୋଦିତ) | ପ୍ରଚଳିତ ଟାରିଫ ଅନୁସାରେ ରାଜସ୍ୱ | ସଂଶୋଧିତ ଟାରିଫ ଅନୁସାରେ ରାଜସ୍ୱ (ଅନୁମୋଦିତ) | ପ୍ରଚଳିତ ଟାରିଫ ଅନୁସାରେ ରାଜସ୍ୱ | ସଂଶୋଧିତ ଟାରିଫ ଅନୁସାରେ ରାଜସ୍ୱ (ଅନୁମୋଦିତ) | ପ୍ରଚଳିତ ଟାରିଫ ଅନୁସାରେ ରାଜସ୍ୱ | ସଂଶୋଧିତ ଟାରିଫ ଅନୁସାରେ ରାଜସ୍ୱ (ଅନୁମୋଦିତ) | ପ୍ରଚଳିତ ଟାରିଫ ଅନୁସାରେ ରାଜସ୍ୱ | ସଂଶୋଧିତ ଟାରିଫ ଅନୁସାରେ ରାଜସ୍ୱ (ଅନୁମୋଦିତ) |
| ଇଏଚ୍ଟି | 617.22 | 768.39 | 728.03 | 917.3 | 688.72 | 845.24 | 163.27 | 201.68 | 2197.24 | 2732.61 |
| ଏଚ୍ଟି | 470.8 | 573.91 | 245.51 | 298.55 | 542.91 | 672.65 | 94.99 | 115.87 | 1354.2 | 1660.98 |
| ଏଲ୍ଟି | 912.11 | 1042.49 | 526.31 | 592.84 | 603.46 | 681.4 | 344.27 | 399.24 | 2386.16 | 2715.97 |
| ମୋଟ | **2000.13** | **2384.8** | **1499.86** | **1808.68** | **1835.09** | **2199.3** | **602.53** | **716.79** | **5937.6** | **7109.57** |



28. **ମରାମତି ଓ ରକ୍ଷଣାବେକ୍ଷଣ ବ୍ୟୟ**

ଟେବୁଲ **- 10**

(କୋଟି ଟଙ୍କାରେ)

| ଆର ଆଣ୍ଡ ଏମ୍ ବ୍ୟୟ | ଓ୍ୱେସ୍କୋ | | ନେସ୍କୋ | | ସାଉଥ୍କୋ | | ସେସୁ | |
|---|---|---|---|---|---|---|---|---|
| *ବର୍ଷ* | *ଅନୁମୋଦିତ* | *ସମୀକ୍ଷିତ* | *ଅନୁମୋଦିତ* | *ସମୀକ୍ଷିତ* | *ଅନୁମୋଦିତ* | *ସମୀକ୍ଷିତ* | *ଅନୁମୋଦିତ* | *ସମୀକ୍ଷିତ* |
| **99-00** | 14.43 | 15.9 | 14.22 | 16.19 | 12.63 | 13.39 | 19.05 | 24.01 |
| **00-01** | 14.43 | 10.25 | 14.22 | 11.02 | 12.63 | 7.31 | 19.57 | 19.92 |
| **01-02** | 13.62 | 10.12 | 16.32 | 7.02 | 15.57 | 9.29 | 23.43 | 15.6 |
| **02-03** | 15.33 | 8.04 | 14.62 | 5.65 | 16.82 | 6.43 | 22.11 | 25.04 |
| **03-04** | 16.89 | 16.27 | 17.59 | 8.84 | 16.38 | 9.93 | 24.12 | 21.22 |
| **04-05** | 17.28 | 12.85 | 17.66 | 11.13 | 13.25 | 8.43 | 31.95 | 20.27 |
| **05-06** | 21.3 | 9.61 | 22.63 | 11.21 | 18.55 | 6.07 | 33.67 | 12.26 |
| **06-07** | 24.25 | 12.44 | 24.48 | 12.88 | 17.35 | 5.54 | 41.31 | 22.09 |
| **07-08** | 23.82 | 12.37 | 24.43 | 13 | 18.38 | 5.5 | 43.64 | 25.11 |
| **08-09** | 25.66 | 17.90 | 25.87 | 20.86 | 19.08 | 7.79 | 41.87 | 34.79 |
| **09-10** | 27.01 | 18.01 | 27.88 | 22.79 | 20.73 | 11.59 | 40.46 | *ସମୀକ୍ଷିତ ହୋଇନାହିଁ* |
| **10-11*** | **34.77** | 18.63* | **37.22** | 10.84* | **26.11** | 8.58* | **51.19** | 23.49* |
| **11-12** | **36.81** | | **47.46** | | **28.47** | | **56.77** | |

*ଟିପ୍ପଣୀ - * ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଇଥିବା ଚଳନ୍ତି ରୋକଡ (କ୍ୟାସ) ଅନୁସାରେ ଜାନୁଆରୀ, 11 ପର୍ଯ୍ୟନ୍ତ ମରାମତି ଓ ରକ୍ଷଣାବେକ୍ଷଣରେ କରାଯାଇଥିବା ବ୍ୟୟ ପ୍ରଦର୍ଶିତ ।*

2011-12 ଆର୍ଥିକ ବର୍ଷର ମରାମତି ଓ ରକ୍ଷଣାବେକ୍ଷଣର ଅନୁମୋଦନରେ 5.4% ହାରରେ ଅନୁମୋଦିତ ସ୍ୱାଭାବିକ ମରାମତି ଓ ରକ୍ଷଣାବେକ୍ଷଣ ବ୍ୟୟ ବ୍ୟତୀତ ପ୍ରତ୍ୟେକ ଡିସ୍କମ୍‌ପାଇଁ ଉଦ୍ଦିଷ୍ଟ 7.00 କୋଟି ଟଙ୍କା ମଧ୍ୟ ରହିଛି ।

29. ଆୟୋଗ ପ୍ରଚଳିତ ଭିତିଭୂମିର ଉନ୍ନତି ଉପରେ ଗୁରୁତ୍ୱ ଦେବା ସମୟରେ ପରବର୍ତ୍ତୀ ବର୍ଷରେ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାର ଭିତିଭୂମିର ଉନ୍ନତି ବିଧାନ ପାଇଁ ଲାଇସେନ୍ସଧାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । **2011-12** ଆର୍ଥିକ ବର୍ଷରେ ପ୍ରତ୍ୟେକ ଡିସ୍କମ୍ ସେମାନଙ୍କର ବିଦ୍ୟୁତ ଯୋଗାଣ ମାନର ଅଭିବୃଦ୍ଧି ପାଇଁ ବିଶେଷତଃ ଗ୍ରାମାଞ୍ଚଳରେ ଯୋଗାଣର ମାନ ବୃଦ୍ଧିପାଇଁ ନିମ୍ନ ଟେବୁଲରେ ଥିବା କାର୍ଯ୍ୟାବଳୀ ପ୍ରତି ଦୃଷ୍ଟିଦେବେ ।

## ଟେବୁଲ - 11

| କ୍ର. ସଂ. | କେଉଁ କାର୍ଯ୍ୟ କରିବାକୁ ହେବ | **2011-12** ବର୍ଷରେ ସେସୁ ଆଗରେ ଧାର୍ଯ୍ୟ ଲକ୍ଷ୍ୟ | **2011-12** ବର୍ଷରେ ନେସ୍କୋ, ୱେସ୍କୋ ଏବଂ ସାଉଥ୍‌କୋ ପାଇଁ ଧାର୍ଯ୍ୟ ଲକ୍ଷ୍ୟ |
|---|---|---|---|
| 1 | ନୂତନ ବଣ୍ଟନକ୍ଷମ ଟ୍ରାନ୍ସଫର୍ମରର ପ୍ରତିଷ୍ଠା ଓ ଉନ୍ନତିକରଣ | 1000 | 800 ପ୍ରତ୍ୟେକ |
| 2 | 2011-12 ଶେଷ ସୁଦ୍ଧା ପ୍ରତ୍ୟେକ ବଣ୍ଟନକ୍ଷମ ଟ୍ରାନ୍ସଫର୍ମରର ଶକ୍ତି ସମୀକ୍ଷାର କାର୍ଯ୍ୟ ସମ୍ପୂର୍ଣ୍ଣ | 100 % | 100 % |
| 3 | ଡିଟିଆରର 3-ଫେଜରେ ଭାର ସନ୍ତୁଳନ | 2000 | 1500 ପ୍ରତ୍ୟେକ |
| 4 | ସିଙ୍ଗଲ ଫେଜ ଲାଇନର ତିନି ଫେଜ ଲାଇନକୁ ପ୍ରବର୍ତ୍ତନ | 150 କି.ମି. | 100 କି.ମି. ପ୍ରତ୍ୟେକ |
| 5 | 33 ଏବଂ 11 କେଭି ସର୍କିଟ ବ୍ରେକର ବ୍ୟବସ୍ଥା | 100 % ସମ୍ପୂର୍ଣ୍ଣ କରିବାକୁ ହେବ | 100 % ସମ୍ପୂର୍ଣ୍ଣ କରିବାକୁ ହେବ |
| 6 | ଏବି କେବୁଲର ଷ୍ଟ୍ରିଙ୍ଗିଙ୍ଗ୍ ବ୍ୟବସ୍ଥା | 300 କି.ମି. | 250 କି.ମି. ପ୍ରତ୍ୟେକ |

ବଣ୍ଟନ ନେଟଓ୍ୱାର୍କର ଏହି ସର୍ବନିମ୍ନ ସ୍ୱତନ୍ତ୍ର ମରାମତି/ପୁନରୁଦ୍ଧାର ପାଇଁ ଆବଶ୍ୟକ ପାଣ୍ଠି 2011-12 ବର୍ଷ ପାଇଁ ଅନୁମୋଦିତ ମରାମତି ଓ ରକ୍ଷଣାବେକ୍ଷଣ ବ୍ୟୟରୁ ତଥା ତା01.4.2011ରିଖ ଦିନ ଥିବା ବକେୟା ସଂଗ୍ରହରୁ ଖର୍ଚ୍ଚ କରାଯିବ ।

## 30. 2011-12 ଆର୍ଥିକ ବର୍ଷ ପାଇଁ ଡିସ୍‌କମ୍‌ମାନଙ୍କର ରାଜସ୍ୱ ଆବଶ୍ୟକତା

## ଟେବୁଲ - 12

**(କୋଟି ଟଙ୍କାରେ)**

| | ୱେସ୍କୋ | | ନେସ୍କୋ | | ସାଉଥ୍‌କୋ | | ସେସୁ | |
|---|---|---|---|---|---|---|---|---|
| ବ୍ୟୟ | ଅନୁମୋଦିତ **(10-11)** | ଅନୁମୋଦିତ **(11-12)** | ଅନୁମୋଦିତ **(10-11)** | ଅନୁମୋଦିତ **(11-12)** | ଅନୁମୋଦିତ **(10-11)** | ଅନୁମୋଦିତ **(11-12)** | ଅନୁମୋଦିତ **(10-11)** | ଅନୁମୋଦିତ **(11-12)** |
| ବିଦ୍ୟୁତ କିଣା ମୂଲ୍ୟ | 1,211.34 | 1,737.06 | 998.79 | 1,394.63 | 213.12 | 368.96 | 1,007.94 | 1,706.23 |
| ସରବରାହ ବ୍ୟୟ | 146.73 | 165.75 | 120.37 | 133.08 | 55.65 | 68.33 | 150.87 | 194.78 |
| ଏସଏଲଡିସି ବ୍ୟୟ | 1.11 | 1.19 | 0.91 | 0.96 | 0.42 | 0.49 | 1.14 | 1.40 |
| ମୋଟ ବିଦ୍ୟୁତ କିଣା, ସରବରାହ ଓ ଏସଏଲଡିସି ବ୍ୟୟ (କ) | **1,359.18** | **1,904.00** | **1,120.07** | **1,528.67** | **269.19** | **437.78** | **1,159.95** | **1,902.41** |
| କର୍ମଚାରୀ ବ୍ୟୟ | 166.73 | 170.83 | 147.58 | 157.29 | 133.96 | 153.59 | 223.63 | 294.08 |
| ମରାମତି ଓ ରକ୍ଷଣାବେକ୍ଷଣ | 34.77 | 36.81 | 37.22 | 47.46 | 26.11 | 28.47 | 51.19 | 56.77 |
| ପ୍ରଶାସନ ଓ ସାଧାରଣ ଖର୍ଚ୍ଚ | 24.79 | 30.81 | 17.11 | 23.54 | 17.96 | 24.87 | 35.86 | 45.95 |
| ବୁଡିଯିବା ଋଣ ପାଇଁ ବ୍ୟବସ୍ଥା | 20.85 | 13.54 | 13.14 | 8.91 | 6.89 | 5.15 | 22.02 | 16.16 |
| ଅବମୂଲ୍ୟାୟନ | 19.72 | 20.83 | 21.45 | 28.44 | 14.12 | 15.06 | 30.45 | 34.57 |
| ରାଜସ୍ୱ ସମେତ ଏସ୍‌ଡି ଜନିତ ସୁଧ ଉପରେ ସୁଧ | 33.77 | 35.16 | 26.57 | 28.45 | 15.41 | 14.89 | 49.37 | 52.19 |
| ଉପ-ମୋଟ | **300.63** | **307.98** | **263.07** | **294.10** | **214.45** | **242.03** | **412.52** | **499.72** |
| ଊଣା : ପୁଞ୍ଜିକୃତ ବ୍ୟୟ | 2.52 | | 0.56 | | | | | |

| | ଓ୍ୱେସ୍କୋ | | ନେସ୍କୋ | | ସାଉଥ୍‌କୋ | | ସେସୁ | |
|---|---|---|---|---|---|---|---|---|
| ବ୍ୟୟ | ଅନୁମୋଦିତ **(10-11)** | ଅନୁମୋଦିତ **(11-12)** | ଅନୁମୋଦିତ **(10-11)** | ଅନୁମୋଦିତ **(11-12)** | ଅନୁମୋଦିତ **(10-11)** | ଅନୁମୋଦିତ **(11-12)** | ଅନୁମୋଦିତ **(10-11)** | ଅନୁମୋଦିତ **(11-12)** |
| ମୋଟ ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ଅନ୍ୟାନ୍ୟ ବ୍ୟୟ | **298.11** | **307.98** | **262.51** | **294.10** | **214.45** | **242.03** | **412.52** | **499.72** |
| ଅଂଶଧନରୁ ଆୟ | 7.78 | 7.78 | 10.55 | 10.55 | 6.03 | 6.03 | 11.64 | 11.64 |
| ମୋଟ ବଣ୍ଟନଜନିତ ବ୍ୟୟ (ଖ) | 305.89 | **315.76** | 273.06 | **304.65** | 220.48 | **248.06** | 424.16 | **511.36** |
| ନିୟାମକ ସମ୍ପଦର ପରିଶୋଧ | - | - | - | - | - | 35.00 | - | 7.30 |
| ଅତୀତ କ୍ଷତିର ବାସ୍ତବୀକରଣ | - | - | - | - | - | - | - | - |
| ଆକସ୍ମିକ ବ୍ୟୟର ଆରକ୍ଷଣ | - | - | - | - | - | - | - | - |
| ମୋଟ ସ୍ୱତନ୍ତ୍ର ବିନିଯୋଗ (ଗ) | **-** | **-** | **-** | **-** | **-** | **35.00** | **-** | **7.30** |
| ମୋଟ ବ୍ୟୟ (କ+ଖ+ଗ) | **1665.07** | **2,219.76** | **1393.13** | **1,833.32** | **489.67** | **720.84** | **1,584.11** | **2,421.07** |
| ଊଣା : ବିବିଧ ବ୍ୟୟ | 28.98 | 36.81 | 41.72 | 42.85 | 17.20 | 15.34 | 34.73 | 43.48 |
| ମୋଟ ରାଜସ୍ୱ ଆବଶ୍ୟକତା | **1636.10** | **2,182.96** | **1351.41** | **1,790.48** | **472.47** | **705.50** | **1,549.38** | **2,377.60** |
| ସମ୍ଭାବ୍ୟ ରାଜସ୍ୱ (ସମ୍ପୂର୍ଣ୍ଣ ବର୍ଷ) | **1638.42** | **2,199.30** | **1362.53** | **1,808.68** | **473.78** | **716.79** | **1,550.81** | **2,384.80** |
| ତଫାତ୍ (ଗ୍ୟାପ) ପ୍ରଚଳିତ (+/-) | **2.32** | **16.34** | **11.12** | **18.20** | **1.31** | **11.29** | **1.43** | **7.20** |



31. **2011-12 ଆର୍ଥିକ ବର୍ଷ ପାଇଁ ଡିସ୍କମ୍‌ମାନଙ୍କ ହାରାହାରି ବ୍ୟୟର ସଂଗଣନା**

**ଟେବୁଲ - 13**

**(କୋଟି ଟଙ୍କାରେ)**

| ବ୍ୟୟ | ଅନୁମୋଦିତ (11-12) |
|---|---|
| ବିଦ୍ୟୁତ କିଣାର ବ୍ୟୟ | **5,206.88** |
| ଓରବରାହଜନିତ ବ୍ୟୟ | **561.94** |
| ଏସଏଲଡିସି ବ୍ୟୟ | **4.04** |
| **ମୋଟ ଶକ୍ତି କିଣା, ସରବରାହ ଓ ଏସଏଲଡିସି ବ୍ୟୟ (କ)** | **5,772.86** |
| କର୍ମଚାରୀ ବ୍ୟୟ | **775.79** |
| ମରାମତି ଓ ରକ୍ଷଣାବେକ୍ଷଣ | **169.51** |
| ପ୍ରଶାସନ ଓ ସାଧାରଣ ଖର୍ଚ୍ଚ | **125.17** |
| ବୁଡିଯିବା ଓ ସନ୍ଦେହଜନକ ଋଣ | **43.77** |
| ଅବମୂଲ୍ୟାୟନ | **98.91** |
| ଏସ୍.ଡି. ଉପରେ ସୁଧ ସମେତ ରାଜସ୍ୱ ଉପରେ ଦେୟ ଯୋଗ୍ୟ ସୁଧ | **130.69** |
| **ଉପ-ମୋଟ** | **1,343.84** |
| ଊଣା : ପୁଞ୍ଜିକୃତ ବ୍ୟୟ | **-** |
| **କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବାବଦ ତଥା ଅନ୍ୟାନ୍ୟ ବ୍ୟୟର ମୋଟ** | **1,343.84** |
| ଇକ୍ୟୁଇଟି ଉପରେ ସୁଧ | **36.00** |
| **ବଣ୍ଟନ ବାବଦ ମୋଟ ବ୍ୟୟ (ଖ)** | **1,379.84** |
| ରେଗୁଲେଟୋରୀ ଆସ୍ତି ଋଣ ପରିଶୋଧ | **42.30** |
| **ସ୍ୱତନ୍ତ୍ର ଆପ୍ରୋପ୍ରିଏସନର ମୋଟ (ଗ)** | **42.30** |
| **ମୋଟ ବ୍ୟୟ (କ+ଖ + ଗ)** | **7,195.00** |
| **ଅନୁମୋଦିତ ବିକ୍ରୟଯୋଗ୍ୟ ୟୁନିଟସ୍ (ଏମ୍ ୟୁ)** | **17,597.37** |
| **ହାରାହାରି ବ୍ୟୟ (ୟୁନିଟ ପିଛା) ପଇସାରେ** | **408.87** |

ମୋଟ ଉପରେ ରାଜ୍ୟପାଇଁ ଯୋଗାଣର ହାରାହାରି ମୂଲ୍ୟ ୟୁନିଟପିଛା 408.87 ପଇସା ସ୍ଥିର ହୋଇଥିବାବେଳେ ସେହିଭଳି ମୋଟ ଉପରେ ରାଜ୍ୟପାଇଁ ହାରାହାରି ଟାରିଫ ୟୁନିଟପିଛା 404.01 ପଇସା । ଉପରେ ଉଲ୍ଲିଖିତମତେ, ଯୋଗାଣର ହାରାହାରି ମୁଲ୍ୟ ତୁଳନାରେ ହାରାହାରି ଟାରିଫ କମ୍ ଅଟେ । ଏହାର  କାରଣ ହେଲା, ଅନ୍ୟ ସୁତ୍ରରୁ ଆଦାୟ ହେଉଥିବା 138.48 କୋଟି ଟଙ୍କା ସମୁଦାୟ ରାଜସ୍ୱ ଆବଶ୍ୟକତାରୁ ଆଡଜଷ୍ଟ କରାଯିବ ।

32. 2011-12 ଓ 2011-12 (ଅନୁମୋଦିତ) ଆର୍ଥିକ ବର୍ଷ ନିମନ୍ତେ ଉପଯୋଗିତା/ବଣ୍ଟନ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିମାନଙ୍କର ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ତଫାତ୍ (ଗ୍ୟାପ)

**ଟେବୁଲ – 14**

| ଡିସ୍କମ୍ | ଅନୁମୋଦିତ ରାଜସ୍ୱ ଆବଶ୍ୟକତା (ଟଙ୍କା କୋଟିରେ) | | ଟାରିଫରୁ ମିଳିବାକୁ ଥିବା ରାଜସ୍ୱ (ଟଙ୍କା କୋଟିରେ) | | ତଫାତ୍ (ଗ୍ୟାପ)(-) / ବଳକା (+) (ଟଙ୍କା କୋଟିରେ) | |
|---|---|---|---|---|---|---|
| | **2010-11** | **2011-12** | **2010-11** | **2011-12** | **2010-11** | **2011-12** |
| ଓ୍ୱେସ୍କୋ | 1636.10 | 2182.96 | 1638.42 | 2199.30 | 2.32 | 16.34 |
| ନେସ୍କୋ | 1351.41 | 1790.48 | 1362.53 | 1808.68 | 11.12 | 18.20 |
| ସାଉଥ୍କୋ | 472.47 | 705.50 | 473.78 | 716.79 | 1.31 | 11.29 |
| ସେସୁ | 1549.38 | 2377.60 | 1550.81 | 2384.80 | 1.43 | 7.20 |
| ମୋଟ | **5009.36** | **7056.54** | **5025.54** | **7109.57** | **16.19** | **53.03** |

**ଏସ୍କ୍ରୋ କୋହଲକରଣ**

33. କେସ.ନଂ 3/2010ରେ କମିଶନ ତାହାଙ୍କ ତା.12.4.2010 ତଥା 01.01.2011ରିଖର ଆଦେଶ ମାଧ୍ୟମରେ ଓ କେସ୍ ନଂ.34/2010ରେ ତା.02.11.2010ରିଖର ଆଦେଶ ମାଧ୍ୟମରେ ଏସ୍କ୍ରୋ ଆକାଉଣ୍ଟରୁ ପାଣ୍ଠି ଉଠାଯାଇ ବଣ୍ଟନ କମ୍ପାନୀଗୁଡିକୁ ପାଣ୍ଠି ଯୋଗାଇ ଦେବାର ରୀତି ଓ ଅଗ୍ରାଧିକାର କ୍ରମ ସ୍ଥିର କରିଛନ୍ତି । ତଦନୁଯାୟୀ ଗ୍ରୀଡକୋ ନିମ୍ନରେ ଦର୍ଶାଯାଇଥିବା ମତେ ଏସ୍କ୍ରୋ କୋହଲକରଣ ପାଇଁ ଅନୁମତି ଦେଇଛି ।

**କ. ଚଳିତ (କରେଣ୍ଟ) ରାଜସ୍ୱରୁ**

(କ) ଚଳିତ ବିଏସ୍ଟି ଦେୟ, ଚଳିତ ବିଦ୍ୟୁତ ସରବରାହ ଦେୟ, ଏସ୍ଏଲ୍ ଡିସି ଦେୟ ଓ ବଣ୍ଟନ କମ୍ପାନିଗୁଡିକ ଦ୍ୱାରା ପ୍ରଦେୟ ଲାଇସେନ୍ସ ଫିସ୍, ସିଜିପି ଓ ଅନ୍ୟ ଏଜେନସି, ଯଦିଥାଏ, ସେଗୁଡିକଠାରୁ ସିଧାସଳଖ ଭାବେ ବିଦ୍ୟୁତ କ୍ରୟ ସଂକ୍ରାନ୍ତରେ ଡିସ୍କମ୍ମାନଙ୍କର ବିଦ୍ୟୁତ ବିଲ୍ ।

(ଖ) 2010-11 ଆର୍ଥିକ ବର୍ଷ ଓ ତା ପରବର୍ତ୍ତୀ ବର୍ଷଗୁଡିକ ନିମନ୍ତେ ଏହି ଟାରିଫ ଆଦେଶରେ କମିଶନଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ମତେ କର୍ମଚାରୀମାନଙ୍କ ବାବଦ ବ୍ୟୟ ।

(ଗ) 2010-11 ଆର୍ଥିକ ବର୍ଷ ଓ ତା ପରବର୍ତ୍ତୀ ବର୍ଷଗୁଡିକ ନିମନ୍ତେ ଟାରିଫ ଆଦେଶରେ କମିଶନଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ମାସିକ ଆର୍ ଆଣ୍ଡ ଏମ୍ ବାବଦ ବ୍ୟୟ ।

(ଘ) କାପେକ୍ସ କାର୍ଯ୍ୟକ୍ରମ/ସିଷ୍ଟମ ଉନ୍ନୟନ ନିମନ୍ତେ ପାଇଥିବା ଋଣ/ଆର୍ଥିକ ଅନୁଷ୍ଠାନଗୁଡିକଠାରୁ

ପାଇବାକୁ ଥିବା ଋଣ ବାବଦକୁ ମୂଳଧନ ଓ ସୁଧ ପରିଶୋଧ ଲାଗି ମାସିକ ବ୍ୟୟଭାର (ଓବ୍‌ଲିଗେସନ)।

(ଙ) 2008-09 ଓ 2009-10 ନିମନ୍ତେ ଓ ଯଦିଥାଏ, ତେବେ ପରବର୍ତ୍ତୀ ବର୍ଷମାନଙ୍କ ନିମନ୍ତେ ଆରଏସ୍‌ଟି ଆଦେଶରେ କମିଶନଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ମତେ ଖିଲାପ ବକେୟା ବିଏସ୍‌ଟିର ହାରାହାରି ମାସିକ ବ୍ୟୟହାର।

(ଚ) ତା.01.12.2008ରିଖର କମିଶନଙ୍କ ସମ୍ୟକ ସୁରକ୍ଷାକରଣ ଆଦେଶରେ ଅନୁମୋଦିତ ହୋଇଥିବା ମତେ ବିଏସ୍‌ପିର ବକେୟା ବାବଦ ବଳକା ଅର୍ଥ ପରିମାଣ।

**ଖ. ବକେୟା ରାଜସ୍ୱରୁ**

ତା01.4.2010 ସୁଦ୍ଧା ଅପରିଶୋଧିତ ବକେୟାରୁ ସଂପୃକ୍ତ ଆର୍ଥିକବର୍ଷ ଆରମ୍ଭରୁ ଅସୁଲ ହେବାକୁଥିବା ଅର୍ଥପରିମାଣ ନିମ୍ନରେ ଦର୍ଶାଯାଇଥିବା ମତେ ଅଗ୍ରାଧିକାର କ୍ରମରେ ବିନିଯୋଗ କରାଯିବ :-

(କ) ତା31.3.2009 ପର୍ଯ୍ୟନ୍ତ ହିସାବ କରାଯାଇଥିବା ବଳକା ବକେୟା ସଂଶୋଧିତ ଦରମା ପ୍ରଦାନବାବଦକୁ ମାସିକ ବକେୟା ଅସୁଲର 50% ବିନିଯୋଗ କରାଯିବ।

(ଖ) ତା.01.12.2008ରିଖର ସମ୍ୟକ୍ ସୁରକ୍ଷାକରଣ ଆଦେଶରେ ଅନୁମୋଦିତ ହୋଇଥିବା ମତେ ବକେୟା ବିଏସ୍‌ଟି ଦେୟ ବାବଦରେ ମାସିକ ବକେୟା ଅସୁଲର ଅବଶିଷ୍ଟ 50% ବିନିଯୋଗ କରାଯିବ।

34. କେସ ନଂ.3/2010ରେ ତା.01.01.2011ରିଖର କମିଶନଙ୍କ ନିମ୍ନଲିଖିତ ଆଦେଶ, 2011-12 ଆର୍ଥିକବର୍ଷ ନିମନ୍ତେ ସେସୁ ସମେତ ସମସ୍ତ ଡିସ୍‌କୋମସ ପ୍ରତି ମଧ ପ୍ରଯୁଜ୍ୟ।

(iii) 2010-11ର ବାର୍ଷିକ ରାଜସ୍ୱ ଆବଶ୍ୟକତା (ଏଆରଆର୍) ରେ ଅନୁମୋଦିତ ଅଙ୍କ (ଫିଗର)କୁ ସମାନୁପାତିକ ଭାବରେ ଭିତ୍ତିକରି ଡିସ୍‌କମ୍‌ମାନଙ୍କର ପ୍ରତ୍ୟେକ ମାସର ମରାମତି ଓ ରକ୍ଷଣାବେକ୍ଷଣ ବାବଦରେ ଏସ୍‌କ୍ରୋ କୋହଳ କରିବା ସକାଶେ ଏସ୍‌କ୍ରୋରେ ଜମା କରାଯାଇଥିବା ରାଜସ୍ୱ ଓ ଡିସ୍‌କୋମସକୁ ବ୍ୟାଙ୍କଗୁଡିକଦ୍ୱାରା ମଂଜୁରକରାଯାଇଥିବା ଏଲ୍.ସି ସୀମା (ଲିମିଟ)କୁ ବିଚାରକୁ ନିଆଯାଇ ଗ୍ରୀଡକୋକୁ ନିର୍ଦ୍ଦେଶ ଦିଆଯାଇଛି । ଆର୍‌ଆଣ୍ଡଏମ୍ ବାବଦରେ ଗୋଟିଏ ତ୍ରିମାସପାଇଁ ଚିହ୍ନିତ (ଇଅରମାର୍କଡ) ହୋଇଥିବା ଅର୍ଥ ପରିମାଣକୁ ଯଦି ତା ପରବର୍ତ୍ତୀ ତ୍ରିମାସର ଶେଷସୁଦ୍ଧା ଡିସ୍‌କମ୍‌ମାନେ ନ ଉଠାନ୍ତି

ତେବେ ସେପରିସ୍ଥଳେ ଡିସ୍‌କମ୍‌ମାନଙ୍କ ଦାବି ସ୍ୱତଃ ନାକଚ ହୋଇଯିବ ଓ ଉପଯୋଗ ନହୋଇ ରହିଥିବା ଅର୍ଥ ପରିମାଣ ପରବର୍ତ୍ତୀ କାଳାବଧିକୁ ଅଗ୍ରେନୀତ ହେବନାହିଁ ।

(iv) ବ୍ୟାଙ୍କ ଦ୍ୱାରା ବିହିତ ଫର୍ମରେ ୱେସକୋ, ନେସ୍କୋ ଓ ସାଉଥକୋ ଲେଟର ଅଫ କ୍ରେଡିଟ ଖୋଲିବେ ଓ ତାହା ଗ୍ରୀଡକୋକୁ ଜଣାଇଦେବେ ।

(v) ପ୍ରତ୍ୟେକ ମାସରେ ୱେସକୋ, ନେସ୍କୋ ଓ ସାଉଥ୍‌କୋ ନିମ୍ନଲିଖିତ ବିବୃତି ଗ୍ରୀଡକୋକୁ ଦେବେ :

କ. ଅସୁଲ ହୋଇଥିବା ରାଜସ୍ୱର ପରିମାଣ

ଖ. ଏସ୍‌କ୍ରୋ ଆକଉଣ୍ଟରେ ଜମା କରାଯାଇଥିବା ପରିମାଣ

ଗ. ଗ୍ରୀଡକୋ, ଓପିଟିସିଏଲ୍, ଏସ୍‌ଏଲଡିସିକୁ ପ୍ରଦତ୍ତ ପରିମାଣ

ଘ. କର୍ମଚାରୀମାନଙ୍କ ଓ ଆର ଆଣ୍ଡଏମ୍ ବାବଦରେ ଉଠାଯାଇଥିବା ପରିମାଣ

ଙ. ଏସଓଡି ହିସାବରୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟୟ ପରିମାଣ । ବର୍ଷ ଆରମ୍ଭରେ ଅପରିଶୋଧିତ ହୋଇ ରହିଥିବା ପରିମାଣରୁ ବକେୟା ଅସୁଲର ଓ ଏସ୍‌କ୍ରୋ ଆକାଉଣ୍ଟରେ ଜମା ହୋଇଥିବା ପରିମାଣର ବିବୃତି ।

**ବୈଦ୍ୟୁତିକ ଦୁର୍ଘଟଣା କମାଇବା ପାଇଁ ସତନ୍ତ୍ର ବ୍ୟବସ୍ଥା**

35. ବୈଦ୍ୟୁତିକ ଦୁର୍ଘଟଣାମାନ ଦିନକୁ ଦିନ ବୃଦ୍ଧିପାଉଥିବା ଯୋଗୁଁ କମିଶନ ଉଦ୍‌ବେଗ ପ୍ରକାଶ କରିଛନ୍ତି ଓ ମୁଖ୍ୟ ଇଲେକ୍ଟ୍ରିକାଲ ଇନିସ୍ପେକ୍ଟରଙ୍କ ଦ୍ୱାରା ଯେପରି ଯଥା ସମୟରେ ଲାଇନ ଓ ସବଷ୍ଟେସନଗୁଡିକ ନିରୀକ୍ଷଣ ହୋଇପାରିବ ତାହା ସୁନିଶ୍ଚିତ କରିବା ସକାଶେ ଡିସ୍‌କୋମସକୁ ନିର୍ଦ୍ଦେଶ ଦେଇଛନ୍ତି । ଡିସ୍‌କୋମସର ବାର୍ଷିକ ରାଜସ୍ୱ ଆବଶ୍ୟକତାରେ କମିଶନ ବିଶେଷକରି ନିରୀକ୍ଷଣ ଫିସ୍ ବାବଦରେ 23 କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଉକ୍ତ ପରିମାଣରୁ ସେସୁ 8 କୋଟି ଟଙ୍କା ଓ ୱେସକୋ, ନେସ୍କୋ ଓ ସାଉଥକୋ ପ୍ରତ୍ୟେକ 5 କୋଟି ଟଙ୍କା ବ୍ୟୟ ବହନ କରିବେ ।

**ବିଦ୍ୟୁତ ଚୋରି ରୋକିବା**

36. ବିଦ୍ୟୁତ ଚୋରି ବନ୍ଦକରିବା ତଥା ବିଦ୍ୟୁତ ପୋଲିସ୍ ଷ୍ଟେସନଗୁଡିକୁ କାର୍ଯ୍ୟକ୍ଷମ କରିବା ସକାଶେ ଇପିଏସ୍‌ରେ ଏଫ୍‌ଆଇଆର ଦାଏର କରିବା ଓ ଅଧିକ ମୂଲ୍ୟର ବିଦ୍ୟୁତ ଶକ୍ତି ଉପଭୋକ୍ତା ଯେଉଁମାନେ ବିଦ୍ୟୁତ ଚୋରି ଘଟଣାରେ

ସଂପୃକ୍ତ ସେମାନଙ୍କ ନାମରେ ମକଦ୍ଦମା ଦାଏର କରିବା ଟାରଗେଟ୍‌କୁ ପ୍ରତିମାସରେ ନିରୀକ୍ଷଣ କରିବା ସକାଶେ କମିଶନ ଡିସ୍କୋମସକୁ ନିର୍ଦ୍ଦେଶ ଦେଇଛନ୍ତି । କରପୋରେଟ ଅଫିସ ସ୍ତରରେ ସିଇଓ/ ଭିପିଏସ୍ ଓ କ୍ଷେତ୍ର କାର୍ଯ୍ୟାଳୟ ସ୍ତରରେ ଏସଇ/ଇଇମାନେ କଠୋର ପଦକ୍ଷେପ ଗ୍ରହଣ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି ଓ ସଂପୃକ୍ତ ଆରଡିସି, ଜିଲାପାଳ, ରେଂଜ ଆଇ.ଜି/ଜିଲା ଏସ୍.ପି ଓ ଏସ୍.ପି ଭିଜିଲାନ୍ସ ସହିତ ଉଚିତ ସମନ୍ୱୟ ରକ୍ଷା କରିବାକୁ ମଧ୍ୟ କୁହାଯାଇଛି । ବିଦ୍ୟୁତ ପୋଲିସ ଷ୍ଟେସନଗୁଡିକୁ ଯେପରି ଫଳପ୍ରଦ ଭାବରେ କାର୍ଯ୍ୟକ୍ଷମ କରାଯାଇପାରିବ ସେଥିପାଇଁ ଟ15.30 କୋଟି ଟଙ୍କା ଅଲଗା କରି ରଖାଯାଇଛି ।

ଟେବୁଲ - **15**

| ଡିସ୍କମ୍ସ | **2010-11** ନିମନ୍ତେ ଅନୁମୋଦିତ | ନଭେମ୍ବର**, 2010** ପର୍ଯ୍ୟନ୍ତ ବ୍ୟୟ | **2011-12** ନିମନ୍ତେ ଅନୁମୋଦିତ |
|---|---|---|---|
| ସେସୁ | 4.80 | 1.30 | 4.80 |
| ନେସ୍କୋ | 2.27 | 2.90 | 2.90 |
| ୱେସ୍କୋ | 3.81 | 0.17 | 2.27 |
| ସାଉଥ୍‌କୋ | 3.74 | 0.05 | 5.33 |
| ମୋଟ | **14.62** | **4.42** | **15.30** |

37. ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସରକାରୀ ବିଭାଗ ଓ ସଂସ୍ଥା ସେମାନଙ୍କ ଉପରେ ଥିବା ଅପରିଶୋଧିତ ଦେୟ ପ୍ରଦାନ ନକଲେ ସେମନଙ୍କୁ ଅନ୍ୟ ଯେ କୌଣସି ଉପଭୋକ୍ତାଙ୍କର କାଟି ଦିଆଯାଇଥିବା ବିଦ୍ୟୁତ ସଂଯୋଗ ବ୍ୟବସ୍ଥାକୁ ଫେରାଇ ଆଣିବା ଭଳି ଧରି ନିଆଯିବା ଉଚିତ୍ । ତେଣୁ ସରକାରୀ ବିଭାଗଗୁଡିକ ବିଦ୍ୟୁତ ଦେୟ ଦେଉନାହାନ୍ତି ବୋଲି କହି ଡିସ୍କମମାନେ ସେପରି ବାହାନା କରିପାରିବେ ନାହିଁ । ଓଡିଶା ବିଦ୍ୟୁତ ରେଗୁଲେଟୋରୀ କମିଶନ (ଯୋଗାଣର ସର୍ତ୍ତାବଳୀ) ସଂହିତା, 2004ର ରେଗୁଲେସନ 89ରୁ 101 ଅନୁଯାୟୀ ବିହିତ ପ୍ରକ୍ରିୟା ଅନୁସରଣକରି ରାଜସ୍ୱ ଆଦାୟ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାୟିତ୍ୱ ହେଉଛି ଡିସ୍କମ୍‌ମାନଙ୍କର ।

**ଟାରିଫର କାର୍ଯ୍ୟକାରୀ ତାରିଖ**

38. ତା.01.4.2011ରିଖଠାରୁ ସଂଶୋଧିତ ଟାରିଫ ଅନୁସୂଚୀ କାର୍ଯ୍ୟକାରୀ କରାଯିବ । ପ୍ରକ୍ରିୟାକୁ ସରଳୀକରଣ କରିବା ସକାଶେ କମିଶନ ସ୍ଥିର କରିଛନ୍ତି ଯେ ଯଦି ମିଟରିଂ ଓ ବିଲିଂ ତାରିଖ ତା.15.4.2011 ମଧ୍ୟରେ ପଡେ (15 ତାରିଖ ସମେତ) ତେବେ ଉପଭୋକ୍ତାମାନଙ୍କର ବିଲ୍ ପ୍ରାକ୍-ସଂଶୋଧିତ ହାରରେ ଅର୍ଥାତ୍ 2010-11 ନିମନ୍ତେ ପ୍ରଯୁଜ୍ୟ

ହେବାମତେ ପ୍ରସ୍ତୁତ କରାଯିବ । ଯେକୌଣସି ଉପଭୋକ୍ତାଙ୍କର ବିଲିଂ ସାଇକେଲ ଉପଭୋକ୍ତା ସର୍ତ୍ତାବଳୀ ଯୋଗୁଁ ଯେପରି ଏପଟ ସେପଟ ନହୁଏ ସେଥିପାଇଁ ଡିସ୍କମ୍‌ଗୁଡିକ ସୁନିଶ୍ଚିତ ହେବେ ।

39. 2011ର ରିଟ୍ ପିଟିସନ (ସି) ସଂ. 8409ରେ ମାନ୍ୟବର ହାଇକୋର୍ଟ ତାହାଙ୍କ ତା.31.3.2011ରିଖ ଆଦେଶ ମାଧ୍ୟମରେ କେଉଁଝର ନବନିର୍ମାଣ ପରିଷଦ ଓ ଅନ୍ୟମାନେ ବନାମ ଓଡିଶା ରାଜ୍ୟ ଓ ଅନ୍ୟମାନେ ନିମ୍ନମତେ ନିର୍ଦ୍ଦେଶ ଦେଇଛନ୍ତି ।

"ମଧ୍ୟବର୍ତ୍ତୀକାଳୀନ ପଦକ୍ଷେପ ସ୍ୱରୂପ ଆମ୍ଭେ ନିର୍ଦ୍ଦେଶ ଦେଉଅଛୁଁ ଯେ, 2011-12 ଆର୍ଥିକ ବର୍ଷ ନିମନ୍ତେ ଓଇଆରସି ଦ୍ୱାରା ଦିଆଯାଇଥିବା ଆଦେଶ ମାଧ୍ୟମରେ ସେଭାବେ ଧାର୍ଯ୍ୟ ହୋଇଥିବା ଟାରିଫ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ଉପଭୋକ୍ତାମାନଙ୍କଠାରୁ ଅସୁଲ କରାଯିବ ନାହିଁ । ଏହି ବିଷୟ ତା.18.4.2011ରେ ଉପସ୍ଥାପନ କରନ୍ତୁ ।"

ଗୋଟିଏ ଦିନ ମଧ୍ୟରେ ଏହି ଆଦେଶର ପ୍ରମାଣୀକୃତ ନକଲ (ସାର୍ଟିଫାଏଡ କପି) ମିଳିବା ସମ୍ଭବପର ହେଉନଥିବାରୁ ସଂପୃକ୍ତ ବିଭାଗଗୁଡିକୁ ମଧ୍ୟବର୍ତ୍ତୀକାଳୀନ ଆଦେଶ ଜଣାଇଦେବାକୁ ଆବେଦନକାରୀଙ୍କ ଓକିଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟପାଇଁ ନିଯୁକ୍ତ ଓକିଲଙ୍କୁ ତଥା ଆବେଦନକାରୀଙ୍କ ପକ୍ଷରୁ ନିଯୁକ୍ତି ଓକିଲଙ୍କୁ ଏହି ଆଦେଶର ମାଗଣା ନକଲ ଯୋଗାଇ ଦିଆଯାଉ ।

## ଓଡିଶାରେ ବିଦ୍ୟୁତ କ୍ଷେତ୍ର ନିମନ୍ତେ ଗୁରୁତର ବିଷୟ

40. **ଓଡିଶା ବିଦ୍ୟୁତ କ୍ଷେତ୍ର ବିଷୟରେ ମୁଖ୍ୟ ସୂଚନା**

ସଂସ୍ଥାପିତ ସାମର୍ଥ୍ୟ – 4734 ମେଗାଓ୍ୱାଟ (ଏମ୍‌ଡବ୍ଲୁ)

- ଓଡିଶାରେ ତା.31.3.2010 ସୁଦ୍ଧା ସଂସ୍ଥାପିତ ସାମର୍ଥ୍ୟ 4734 ଏମ୍‌ଡବ୍ଲୁ ଯେଉଁଥିରେ କି ଓଡିଶାର ନିଜର ଆଭ୍ୟନ୍ତରୀଣ ସାମର୍ଥ୍ୟ 3672 ଏମ୍‌ଡବ୍ଲୁ ଓ କେନ୍ଦ୍ରୀୟ ସଂସ୍ଥାପନରୁ ଓଡିଶାର ଅଂଶ 1062 ଏମ୍‌ଡବ୍ଲୁ ।

**ଟେବୁଲ -16**

| | ଓଡିଶାର ନିଜର ଆଭ୍ୟନ୍ତରୀଣ ସାମର୍ଥ୍ୟ (କ୍ୟାପାସିଟି) | କେନ୍ଦ୍ରୀୟ ସଂସ୍ଥାପନରୁ ଅଂଶ (ସେୟାର) | ମୋଟ |
|---|---|---|---|
| ହାଇଡ୍ରୋ ପାଓ୍ୱାର | 2142<br>(2085+57<br>କ୍ଷୁଦ୍ର ହାଇଡ୍ରୋ ଠାରୁ) | 189 | 2331 |
| ଥର୍ମାଲ ପାଓ୍ୱାର | 1530<br>ଇବ୍ ଥର୍ମାଲ – 420<br>ତାଳଚେର ଥର୍ମାଲ – 460<br>ଷ୍ଟେରଲାଇଟ ଏନର୍ଜି – 600<br>ଆରତି ଷ୍ଟିଲ – 50 | 873 | 2403 |
| ମୋଟ | **3672** | **1062** | **4734** |

- 2009-10 ମଧ୍ୟରେ ଅତ୍ୟାବଶ୍ୟକ ଚାହିଦା 3188 ଏମ୍‌ଡବ୍ଲୁ ବେଳେ ଓ ହାରାହାରି ଚାହିଦା 2354 ଏମ୍‌ଡବ୍ଲୁ ଥିଲା । ସେବେବେଳେ ଅତ୍ୟାବଶ୍ୟକ କାଳାବଧି ମଧ୍ୟରେ 3120 ଏମ୍‌ଡବ୍ଲୁ ଉପଲବ୍ଧ ହେଉଥିଲା । (ଅତ୍ୟାବଶ୍ୟକ ଚାହିଦା ନିଅଣ୍ଟ 2.1%) । 2010-11 ବର୍ଷପାଇଁ ଅର୍ଥାତ୍ ଜାନୁଆରି, 2011 ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ଚାହିଦା ପ୍ରାୟ 3300 ଏମ୍‌ଡବ୍ଲୁ ଓ ଅଗଷ୍ଟ ପର୍ଯ୍ୟନ୍ତ ପ୍ରାୟ 2550 ଏମ୍‌ଡବ୍ଲୁ ।
- 2009-10 ମଧ୍ୟରେ ବିଭିନ୍ନ ଉତ୍ସରୁ ବଣ୍ଟନ କମ୍ପାନିଗୁଡିକୁ ବିଦ୍ୟୁତ ଯୋଗାଣ ଲାଗି ଗ୍ରୀଡକୋ ଦ୍ୱାରା ପ୍ରକୃତ ବିଦ୍ୟୁତ ଶକ୍ତି 21040.17 ଏମ୍‌ୟୁ ଉପଲବ୍ଧ ହେଉଥିଲା (ଅନୁମୋଦିତ ପରିମାଣ 19719.38 ଏମ୍‌ୟୁ ସ୍ଥଳେ) ଯାହାକି ନିମ୍ନରେ ଦର୍ଶାଯାଇଛି :-

| | 2009-10 | 2010-11<br>(ଡିସେମ୍ବର'10 ପର୍ଯ୍ୟନ୍ତ) |
|---|---|---|
| ରାଜ୍ୟ ସେକ୍ଟର | 10013.76 ଏମ୍‌ୟୁ | 8870.29 ଏମ୍‌ୟୁ |
| କେନ୍ଦ୍ରୀୟ ସେକ୍ଟର | 6575.73 ଏମ୍‌ୟୁ | 5355.30 ଏମ୍‌ୟୁ |
| ମୋଟ | 16589.49 ଏମ୍‌ୟୁ | 14225.59 ଏମ୍‌ୟୁ |
| ରାଜ୍ୟ ମଧ୍ୟରେ ଥିବା ସିଜିପି ଓ କୋ-ଜେନେରେସନ | 2967.09 ଏମ୍‌ୟୁ | 2500.48 ଏମ୍‌ୟୁ |
| ଗ୍ରୀଡ଼ଠାରୁ ୟୁଆଇ ଅଧିକ ଆହରଣ | 1257.76 ଏମ୍‌ୟୁ | 690.81 ଏମ୍‌ୟୁ |
| ପାୱାର ବ୍ୟାଙ୍କିଙ୍ଗ୍ ଓ ଟ୍ରେଡିଂ | 125.83 ଏମ୍‌ୟୁ | 125.35 ଏମ୍‌ୟୁ |
| ଗାଏ ମୋଟ | 21140.17 ଏମ୍‌ୟୁ | 17542.23 ଏମ୍‌ୟୁ |

- ଯେତେବେଳେ 2008 ପାଇଁ 18460.20 ଏମ୍‌ୟୁ 2009-10 ପାଇଁ 19719.38 ଏମ୍‌ୟୁ ଓ 2010-11 ପାଇଁ 21003.75 ଏମ୍‌ୟୁ ଅନୁମୋଦିତ ହୋଇଥିଲା ସେତେବେଳେ 2011-12 ନିମନ୍ତେ ବଣ୍ଟନ କମ୍ପାନିଗୁଡ଼ିକ ବିଦ୍ୟୁତ ଯୋଗାଣଲାଗି ଗ୍ରୀଡକୋକୁ 23489.18 ଏମ୍‌ୟୁ କ୍ରୟ କରିବାପାଇଁ କମିଶନ ଅନୁମୋଦନ କରିଛନ୍ତି ।
- ସରବରାହ ଜନିତ କ୍ଷତି ପରେ କମିଶନଙ୍କ ଦ୍ୱାରା ଅନୁମୋଦିତ ହେବାମତେ ଡିସ୍‌କୋମସ ଦ୍ୱାରା କ୍ରୟ (ଗ୍ରୀଡକୋ ଦ୍ୱାରା ବିକ୍ରୟ) 2008-09ରେ 17620.00 ଏମ୍‌ୟୁରୁ 2009-10ରେ 18921.00 ଏମ୍‌ୟୁକୁ 2010-11ରେ 20154.00 ଏମୟୁ ଓ 2011-12ରେ 22477.00 ଏମ୍‌ୟୁ ।
- 2009-10ରେ 21136 ଏମ୍‌ୟୁ ବିଦ୍ୟୁତଶକ୍ତିର ଆବଶ୍ୟକତା ଥିବାବେଳେ ନେଟ୍ ବିଦ୍ୟୁତଶକ୍ତି 19556.50 ଏମ୍‌ୟୁ ଉପଲବ୍ଧ ହେଉଥିଲା (ନିଅଣ୍ଟ 7.4%) (ୟୁଆଇ ଆହରଣ, ପାୱାର ବ୍ୟାଙ୍କିଂ ଇତ୍ୟାଦିକୁ ବାଦ୍‌ଦେଇ) ।
- 17ଶ (ସପ୍ତଦଶ) ଇପିଏସ୍ ଅନୁଯାୟୀ ଓଡିଶାର ବିଦ୍ୟୁତ ଶକ୍ତି ଆବଶ୍ୟକତା 27149 ଏମ୍‌ୟୁ ଅଟକଳ କରାଯାଇଛି ଓ 2011-12 ସୁଦ୍ଧା ତାହାର ସର୍ବାଧିକ ଚାହିଦା 4459 ମେଗାୱାଟ (ଏମ୍‌ଡବ୍ଲ୍ୟୁ) ଅଟକଳ ହୋଇଛି ।

- ଓଡିଶାରେ **39000** ମେଗାୱାଟ ସାମର୍ଥ୍ୟର ପାୱାର ପ୍ଲାଣ୍ଟ ବସାଇବା ପାଇଁ ଓଡିଶା **30** ଗୋଟି ପାୱାର ଉତ୍ପାଦନକାରୀ ସଂସ୍ଥା ସହିତ ଏମଓୟୁ ସ୍ୱାକ୍ଷରିତ କରିଛି । ଉକ୍ତ ପାୱାର ପ୍ଲାଣ୍ଟରେ ଓଡିଶାର ଅଂଶ **7023.9** ମେଗାୱାଟ ହେବ । ଏଥିପାଇଁ ମୋଟ ଟ.**155672.42** କୋଟି ଟଙ୍କାର ଅଟକଳ କରାଯାଇଛି ।
- **2011-12** ବର୍ଷ ମଧ୍ୟରେ ନିମ୍ନୋକ୍ତ ଛଅଗୋଟି ଆଇପିପି ସେମାନଙ୍କର ଉତ୍ପାଦନ ଆରମ୍ଭ କରିବାର ସମ୍ଭାବନା ରହିଛି ଓ ନିମ୍ନରେ ଦର୍ଶାଯାଇଥିବାମତେ ତହିଁରୁ **4135.12** ଏମ୍‌ୟୁ ବିଦ୍ୟୁତ ଉତ୍ପାଦିତ ହେବବୋଲି ଅଟକଳ କରାଯାଇଛି **:-**

| | 2011-12 (ପ୍ରସ୍ତାବିତ) (ଏମ୍‌ୟୁ) |
|---|---|
| ଆରତୀ ଷ୍ଟିଲ ଓ ପାୱାର ଲି଼. (50 ମେଗାୱାଟ) | 175.20 |
| ଷ୍ଟେରଲାଇଟ ଏନର୍ଜି ଲି଼. (600 ମେଗାୱାଟ) | 3181.92 |
| *ଉପମୋଟ :* | *3357.12* |
| ଶ୍ୟାମ ଡିଆରଆଇ ଲି଼. (400 ମେଗାୱାଟ) | 407.00 |
| ମା ଦୁର୍ଗା ଥର୍ମାଲ ପାୱାର କ୍ୟାପାସିଟି ଲି଼. (35 ମେଗାୱାଟ) | 35.00 |
| ଇଣ୍ଡ. ଭାରତ ଏନର୍ଜି ଲି଼. (27 ମେଗାୱାଟ) | 237.00 |
| ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲି଼. (99 ମେଗାୱାଟ) | 99.00 |
| *ଉପମୋଟ :* | *778.00* |
| ଗାଏ ମୋଟ : | **4135.12** |

ଟେବୁଲ – **17**

**ତା25.2.11 ସୁଦ୍ଧା ଆର୍‌ଜିଜିଭିୱାଇ ପ୍ରୋଜେକ୍ଟ ଓ ବିଜିଜେୱାଇ ପ୍ରୋଜେକ୍ଟ ଅଧୀନରେ ତା15.2.11 ସୁଦ୍ଧା ଗ୍ରାମ୍ୟ ବିଦ୍ୟୁତ୍‌କରଣ**

| ମୋଟ ଜନଗଣନା ଗ୍ରାମ | ବିଦ୍ୟୁତକରଣ ହୋଇଥିବା ଗ୍ରାମ | ବିଦ୍ୟୁତ୍‌କରଣର ଶତକଡା ହାର % |
|---|---|---|
| 47529 | | |
| ଆରଜିଜିଭିୱାଇ ଅଧୀନରେ | 13566 | 29 |
| ବିଜିଜେୱାଇ ଅଧୀନରେ | 7269 | 15 |
| ଅନ୍ୟାନ୍ୟ | 15514 | 33 |
| ମୋଟ | **36349** | **77** |

**41. ଟାରିଫ ସମ୍ବନ୍ଧୀୟ ସୂଚନା – ଯୋଗାଣ ମୂଲ୍ୟ ଅସୁଲ ସକାଶେ ଆବଶ୍ୟକତା**

ବିଭିନ୍ନ ପ୍ରକାର ଉପଭୋକ୍ତାମାନଙ୍କ ପାଇଁ ଖୁଚୁରା ଟାରିଫ୍ ସ୍ଥିର କଲାବେଳେ ବିଦ୍ୟୁତ ଅଧିନିୟମ, 2003ରେ, ତା.06.01.2006ରେ ଅଧିସୂଚୀତ ବିଦ୍ୟୁତ ଟାରିଫ୍ ପଲିସିରେ ଓ ତା.12.02.2005ରେ ଅଧିସୂଚୀତ ଜାତୀୟ ବିଦ୍ୟୁତ ପଲିସିରେ ଥିବା ବ୍ୟବସ୍ଥାଗୁଡିକୁ ଆୟୋଗ କଡାକଡିଭାବେ ଅନୁସରଣ କରିବେ, ବିଦ୍ୟୁତ ଅଧିନିୟମ, 2003ର ମୁଖ୍ୟତଃ ଧାରା 61, 62, 65 ଓ 86ରେ ଟାରିଫ୍ ସ୍ଥିରୀକରଣ ପାଇଁ ନୀତି ନିୟମ ମାନ ରହିଛି । ଟାରିଫ୍ ସ୍ଥିରୀକରଣ ପାଇଁ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାଗୁଡିକୁ ନିମ୍ନରେ ଦର୍ଶାଯାଇଛି :-

(i) ବିଦ୍ୟୁତର ଉତ୍ପାଦନ, ସରବରାହ, ବଣ୍ଟନ ଓ ଯୋଗାଣ ବ୍ୟବସାୟିକ ନୀତିରେ ପରିଚାଳିତ ହେବା ଉଚିତ୍ : ବିଦ୍ୟୁତ ଅଧିନିୟମ, 2003ର ଧାରା 61 (ବି) ।

(ii) ସମ୍ବଳକୁ ଦକ୍ଷତା ତଥା ଆର୍ଥିକ ଦୃଷ୍ଟିକୋଣରୁ ଉପଯୋଗ କରିବା ଲାଗି ପ୍ରେରଣା ଯୋଗାଉଥିବା ଫ୍ୟାକ୍ଟର, ଉତ୍ତମ କାର୍ଯ୍ୟ ସମ୍ପାଦନ ଓ ସର୍ବାଧିକ ପୁଞ୍ଜିଲଗାଣ : ଧାରା 61 (ସି) ।

(iii) ଉପଭୋକ୍ତାମାନଙ୍କର ସ୍ୱାର୍ଥର ସୁରକ୍ଷା ସହିତ ଯୁକ୍ତିଯୁକ୍ତ ଉପାୟରେ ବିଦ୍ୟୁତ ଯୋଗାଣ ମୂଲ୍ୟର ଅସୁଲ : ଧାରା 61 (ଡି) ।

(iv) କାର୍ଯ୍ୟସମ୍ପାଦନରେ ଦକ୍ଷତା ସମ୍ପର୍କିତ ନୀତି : ଧାରା 61 (ଇ) ।

(v) ବିଦ୍ୟୁତ ଯୋଗାଣ ମୂଲ୍ୟକୁ ଟାରିଫ ପ୍ରଭାବିତ କରିବା ସଙ୍ଗେସଙ୍ଗେ ଆୟୋଗଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ରୀତିରେ କ୍ରସ ସବ୍‌ସିଡିକୁ ମଧ୍ୟ ହ୍ରାସ କରିବ : ଧାରା 61 (ଜି) ।

\- ଏକ ଟାରଗେଟ ସହିତ ରୋଡମ୍ୟାପ ଅଧିସୂଚୀତ କରିବାକୁ ଟାରିଫ୍ ପଲିସିର ପାରା 8.3 (2)ରେ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ ସହିତ ଏପରି ଏକ ସର୍ତ୍ତରେ ସାମିଲ ହୋଇଛି ଯେ ଅତିବେଶୀରେ 2010-11 ବର୍ଷର ଶେଷ ସୁଦ୍ଧା ଯୋଗାଣର ହାରାହାରି ମୂଲ୍ୟର ± 20% ମଧ୍ୟରେ ଟାରିଫ ରହିବା ଆବଶ୍ୟକ ।

(vi) ଜାତୀୟ ବିଦ୍ୟୁତ ପଲିସିରେ କ୍ରସ ସବ୍‌ସିଡିର କେତେକ ପରିମାଣର ସ୍ଥିତି ବିଷୟରେ ବର୍ଣ୍ଣନା କରାଯାଇଛି । ଜାତୀୟ ବିଦ୍ୟୁତ ପଲିସିର ପାରା 1.1 ଅନୁସାରେ ଭାରତର ଗ୍ରାମାଞ୍ଚଳରେ ସର୍ବବିଧ ଉନ୍ନୟନ ସକାଶେ ଯୁକ୍ତିଯୁକ୍ତ ଦରରେ ବିଦ୍ୟୁତ ଯୋଗାଣ ନିତାନ୍ତ ଆବଶ୍ୟକ । ଭାରତୀୟ ଶିଳ୍ପ ସଂସ୍ଥାଗୁଡିକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବା ତଥା ତହିଁରେ କର୍ମନିଯୁକ୍ତି ସୃଷ୍ଟି କରିବା ଲାଗି ସକ୍ଷମ କରାଇବା ସକାଶେ ସେଗୁଡିକୁ

ନିର୍ଭରଯୋଗ୍ୟ ତଥା ଗୁଣାତ୍ମକ ମାନର ବିଦ୍ୟୁତ ପ୍ରତିଯୋଗିତାମୂଳକ ଦରରେ ଯୋଗାଇଦେବା ସକାଶେ ଗୁରୁତ୍ୱ ଦିଆଯିବା ମଧ୍ୟ ଆବଶ୍ୟକ ।

ସେହିଭଳି ଜାତୀୟ ବିଦ୍ୟୁତ ପଲିସିର ପାରା 5.5.2 ଅନୁସାରେ ଅତ୍ୟନ୍ତ ଗରିବ ଶ୍ରେଣୀର ଉପଭୋକ୍ତାମାନଙ୍କ ପାଇଁ ବିଦ୍ୟୁତ ଦେୟ ଦେଇପାରିବା ଭଳି ସେମାନଙ୍କୁ ବିଦ୍ୟୁତ ଯୋଗାଇ ଦେବା ଆବଶ୍ୟକ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଉପଭୋକ୍ତାମାନେ ଯେଉଁମାନେ କି ନିର୍ଦ୍ଦିଷ୍ଟ ସ୍ତରରୁ କମ୍ ପରିମାଣର ବିଦ୍ୟୁତ ଯଥା :- ମାସିକ 30 ୟୁନିଟ ଉପଯୋଗ କରନ୍ତି ସେମାନେ ଟାରିଫ୍ ଆକାରରେ ଯାହାକି କ୍ରସ ଆର୍ଥିକ ସହାୟତା ତାହା ସ୍ୱତନ୍ତ୍ର ସୁବିଧା ଆକାରରେ ପାଇପାରନ୍ତି । ଉପରେ ସେପରି ପଦନାମିତ ବର୍ଗର ଉପଭୋକ୍ତାମାନଙ୍କ ପାଇଁ ଟାରିଫ ସ୍ଥିର କଲାବେଳେ ତାହା ହାରାହାରି (ସାମଗ୍ରିକ) ଯୋଗାଣ ମୂଲ୍ୟର ଅନ୍ୟୂନ ଶତକଡା 50% ହେବ ।

(vii) ଅଣପାରମ୍ପରିକ ବିଦ୍ୟୁତ ଉତ୍ସରୁ ବିଦ୍ୟୁତ ଶକ୍ତି ସହ-ଉତ୍ପାଦନ ତଥା ଉତ୍ପାଦନରେ ଉନ୍ନତି ସାଧନ : ଧାରା 61 (ଏଚ୍)

ଗ୍ରୀଡ୍ ସହିତ ସଂଯୋଗୀକରଣ ଲାଗି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ସକାଶେ ବ୍ୟବସ୍ଥା କରି ଓ ଯେକୌଣସି ବ୍ୟକ୍ତିଙ୍କୁ ବିଦ୍ୟୁତ ଶକ୍ତି ବିକ୍ରୟ କରି ଏବଂ ସେପରି ଉତ୍ସରୁ ବିଦ୍ୟୁତ କ୍ରୟ କରିବା ଲାଗି ବିନିର୍ଦ୍ଦିଷ୍ଟ କରି, ବଣ୍ଟନ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କ ଇଲାକାରେ ବିଦ୍ୟୁତ ଶକ୍ତିର ମୋଟ ଉପଯୋଗର ଶତକଡା ହାର ଦ୍ୱାରା ଅଣପାରମ୍ପରିକଯୋଗ୍ୟ ଉତ୍ସରୁ ବିଦ୍ୟୁତର ସହ-ଉତ୍ପାଦନ ଓ ଉତ୍ପାଦନରେ ଉନ୍ନତି ସାଧନ କରିବା ସକାଶେ ଧାରା 86 (1) (ଇ)ରେ ରାଜ୍ୟ ଆୟୋଗଙ୍କ ଉପରେ ଦାୟିତ୍ୱ ଅର୍ପଣ କରାଯାଇଛି ।

ତଦନୁଯାୟୀ ଓଇଆରସି, 2011-12 ବର୍ଷ ନିମନ୍ତେ ଅଣପାରମ୍ପରିକ ଓ ସହ-ଉତ୍ପାଦନ ଉତ୍ସରୁ ମୋଟ କ୍ରୟର 5% ସ୍ଥିର କରିଛନ୍ତି (ସୋଲାର - 0.10 + ଅଣସୋଲାର – 1.20 + ସହ-ଉତ୍ପାଦନ - 3.70) । ଏହା 2015-16ରେ 7% ପହଞ୍ଚିବା ପାଇଁ ବର୍ଷ ପିଛା 0.5% ବୃଦ୍ଧି ହୋଇ ଚାଲିବ (ସୋଲାର - 0.30 + ଅଣସୋଲାର – 2.00 + ସହ-ଉତ୍ପାଦନ - 4.70) । ଅଣପାରମ୍ପରିକ ଉତ୍ସରୁ ପ୍ରକୃତ କ୍ରୟ, ଆୟୋଗଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ଶତକଡା ହାରଠାରୁ କମିଯିବା ସ୍ଥଳେ ଗ୍ରୀଡ୍‌କୋ ଓ ଡିସ୍‌କମ୍‌ସ ଚଢା ମୂଲ୍ୟରେ ଅଣପାରମ୍ପରିକ ସୂତ୍ରରୁ କ୍ରୟ କରିବା ଆବଶ୍ୟକ । ଏଥିରୁ ପ୍ରତୀତ ହେଉଛି ଯେ ସଂପ୍ରତି ଆବଶ୍ୟକତା ଥିବା ବିଦ୍ୟୁତ ଚଢା ମୂଲ୍ୟରେ କ୍ରୟ କରିବା ବାହାରେ ମଧ୍ୟ

ଅଣପାରମ୍ପରିକ ସୂତ୍ରରୁ କ୍ରୟ କରିବା ଦରକାର । ଏହାଦ୍ୱାରା ଉପଭୋକ୍ତାମାନଙ୍କ ପ୍ରତି ଉଚ୍ଚତର ଟାରିଫ୍‌ର ପ୍ରଭାବ ପଡିବ । ସେପରି ଉଚ୍ଚତର ଟାରିଫ୍ ପ୍ରଭାବକୁ ପରିହାର କରି ତାହାକୁ କମାଇବା ସକାଶେ ଯେଉଁ ହାଇଡ୍ରୋ ପ୍ରୋଜେକ୍ଟରୁ ପ୍ରାୟ 2000 ମେଗାୱାଟ ବିଦ୍ୟୁତ ସଂଗ୍ରହ କରିବାର ସମ୍ଭାବନା ଥିବ ସେପରି କ୍ଷୁଦ୍ର ଓ ମିନି ହାଇଡ୍ରୋ ପ୍ରୋଜେକ୍ଟଠାରୁ ବିଦ୍ୟୁତ ସଂଗ୍ରହ କରିବା ଆବଶ୍ୟକ ।

**42. ଯୋଗାଣ ମୂଲ୍ୟ ଅସୁଲ ଲାଗି ଆବଶ୍ୟକତା ସମ୍ପର୍କରେ ତ୍ରୟୋଦଶ ଅର୍ଥ କମିଶନଙ୍କ ମନ୍ତବ୍ୟ/ସୁପାରିସ**

42.1 ରାଜ୍ୟର ଅର୍ଥ ବ୍ୟବସ୍ଥା ଉପରେ ବିଦ୍ୟୁତ କ୍ଷେତ୍ରର କାର୍ଯ୍ୟ ସମ୍ପାଦନର ପ୍ରଭାବ ସମ୍ପର୍କରେ ତ୍ରୟୋଦଶ ଅର୍ଥ କମିଶନ ଏକ ଅନୁଧ୍ୟାନ କରିଥିଲେ । ଅନୁଧ୍ୟାନ କଳାପରେ କମିଶନ ଗୁରୁତ୍ୱ ସହିତ ମନ୍ତବ୍ୟ ଦେଇଛନ୍ତି ଯେ ବିଦ୍ୟୁତ ଉପଯୋଗିତାରେ ବ୍ୟାପକ ଆର୍ଥିକ କ୍ଷତି ଘଟିଛି । ଏହାଦ୍ୱାରା ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ସବ୍‌ସିଡି ପ୍ରଦାନ ଉପରେ ସମ୍ପୃକ୍ତ ରାଜ୍ୟର ଅର୍ଥ ବ୍ୟବସ୍ଥାରେ ପ୍ରତିକୂଳ ପ୍ରଭାବ ପକାଉଛି । ଯୋଗାଣ ମୂଲ୍ୟ ଓ ଅସୁଲ ମୂଲ୍ୟ ମଧ୍ୟରେ ତଫାତ୍ (ଗ୍ୟାପ) ବୃଦ୍ଧି ପାଇବା ହେଉଛି ଏହାର ମୂଳ କାରଣ । ଉକ୍ତ ବିଷୟରେ ତ୍ରୟୋଦଶ ଅର୍ଥ କମିଶନ ଯାହା ଅନୁଧ୍ୟାନ କରିଛନ୍ତି ତାହା ସଂକ୍ଷେପରେ ନିମ୍ନରେ ଦର୍ଶାଯାଇଛି :-

**[ପାରା 07.105]**

(i) କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବାରେ ଓ ପର୍ଯ୍ୟାପ୍ତ ପରିମାଣରେ ଟି ଆଣ୍ଡ ଡି ଜନିତ କ୍ଷତି ହ୍ରାସ କରିବାରେ ରାଜ୍ୟ ବିଦ୍ୟୁତ ସଂସ୍ଥାଗୁଡିକର ଅପାରଗତା ।

(ii) ସ୍ୱଳ୍ପ ମିଆଦ ବିଦ୍ୟୁତ କ୍ରୟର ଚଢା ମୂଲ୍ୟ - ଯଥା ସମୟରେ ବିଭିନ୍ନ ଉପଯୋଗିତାକୁ କାର୍ଯ୍ୟରେ ଲଗାଇବା ସକାଶେ ଯୋଜନା ପ୍ରସ୍ତୁତ ନକରିବା ଓ ଚଢା ଦରରେ ସ୍ୱଳ୍ପ ମିଆଦ କ୍ରୟ କରିବା (2007-08ରେ କେଡବ୍ଲୁଏଚ ପିଛା ଟ.4.52 ତୁଳନାରେ କେଡବ୍ଲୁଏଚ ପିଛା ହାରାହାରି ଟ.7.31) । ଟି ଆଣ୍ଡ ଡି ଜନିତ କ୍ଷତି କମାଇବାରେ ଅପାରଗତା ଯୋଗୁଁ କ୍ରୟ ସ୍ତର ଓ ଯୋଗାଣ ମୂଲ୍ୟରେ ବୃଦ୍ଧି ହୋଇଛି ।

(iii) ଯଥା ସମୟରେ ଟାରିଫ ବୃଦ୍ଧି ନ ହେବାରୁ ତଫାତ (ଗ୍ୟାପ) ବୃଦ୍ଧି ହୋଇଛି । ତଦ୍ୱାରା ବିଦ୍ୟୁତ ସଂସ୍ଥାର କାର୍ଯ୍ୟକାରିତାରେ ହ୍ରାସ ଘଟିଛି । ନିଅଣ୍ଟ ବୃଦ୍ଧି ହେବା ସତ୍ତ୍ୱେ ମଧ୍ୟ କେତେକ ରାଜ୍ୟ ଗତ ଆଠରୁ ନଅ ବର୍ଷ ଧରି ଟାରିଫ ବୃଦ୍ଧି କରିନାହାଁନ୍ତି ।

[2001-02 ଠାରୁ 2009-10 ପର୍ଯ୍ୟନ୍ତ ଦୀର୍ଘ 9 ବର୍ଷ ଧରି ଓଡିଶାରେ ହାରାହାରି ଟାରିଫ ବୃଦ୍ଧି ହୋଇନଥିଲା ।]

42.2 ତଫାତ (ଗ୍ୟାପ) ଭରଣା କରିବା ସକାଶେ ଟାରିଫ ବୃଦ୍ଧିର ଆବଶ୍ୟକତା ରହିଛି, ଏପରି କି ଅତି ଉତ୍ତମ ଭାବେ କାର୍ଯ୍ୟ ସମ୍ପାଦନ କରୁଥିବା ରାଜ୍ୟଗୁଡିକରେ ହାରାହାରି ବର୍ଷ ପିଛା 7% ଓ ସାଧାରଣଭାବେ କାର୍ଯ୍ୟ ସମ୍ପାଦନ କରୁଥିବା ରାଜ୍ୟଗୁଡିକ କ୍ଷେତ୍ରରେ ବର୍ଷ ପିଛା 19% ବୃଦ୍ଧି ହେବା ଦରକାର (ପାରା 7.106).

ଆୟୋଗ ମଧ୍ୟ (ପାରା 7.121 ମାଧ୍ୟମରେ) ସୁପାରିସ କରିଛନ୍ତି ଯେ ରେଗୁଲେଟୋରୀ ଅନୁଷ୍ଠାନଗୁଡିକୁ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ସମର୍ଥ କରାଇବା ଓ ସେଗୁଡିକରେ କାର୍ଯ୍ୟ ସମ୍ପାଦନ ଫଳପ୍ରଦଭାବରେ ନିର୍ବାହ କରିବାର ଆବଶ୍ୟକତା ରହିଛି । ଉପରୋକ୍ତ ବୃଦ୍ଧି ସଂକ୍ରାନ୍ତରେ ଉପଭୋକ୍ତାମାନଙ୍କୁ ସଚେତନ କରିବା ସକାଶେ ସେମାନଙ୍କୁ ଶିକ୍ଷା ପ୍ରଦାନ କରିବା ମଧ୍ୟ ଦରକାର ।

42.3 ଆୟୋଗ ଟାରିଫ ସ୍ଥିର କଲାବେଳେ ତ୍ରୟୋଦଶ ଅର୍ଥ କମିଶନଙ୍କ ମନ୍ତବ୍ୟ ପ୍ରତି ଧ୍ୟାନ ଦେବା ମଧ୍ୟ ଆବଶ୍ୟକ ଯାହାକି ଶକ୍ତି ମନ୍ତ୍ରାଳୟ, ସେମାନଙ୍କର ଅର୍ଦ୍ଧ-ସରକାରୀ (ପତ୍ର ସଂ.14/06/2010 ଏପିଡିଆରପି ତା21.01.2011ରେ ଚେୟାରମ୍ୟାନ, ବିଦ୍ୟୁତ ଅପିଲେଟ ଟ୍ରିବ୍ୟୁନାଲକୁ ଜଣାଇ ଦେଇଛନ୍ତି । ଉକ୍ତ ପତ୍ରର ଉଦ୍ଧୃତି ନିମ୍ନରେ ଦର୍ଶାଯାଇଛି :-

> "ହାରାହାରି ରାଜସ୍ୱ (ଏଆରଆର) ଓ ହାରାହାରି ଯୋଗାଣ ମୂଲ୍ୟ ମଧ୍ୟରେ ତଫାତ (ଗ୍ୟାପ) ଥିବା ଯୋଗୁଁ ରାଜ୍ୟର ଅଧିକାଂଶ ବିଦ୍ୟୁତ ବଣ୍ଟନ ସଂସ୍ଥା ଆର୍ଥିକ ଚାପ ମଧ୍ୟରେ ରହିଛନ୍ତି । ମୋଟ ଉପରେ ହାରାହାରି ଯୋଗାଣ ମୂଲ୍ୟ ଓ ଟାରିଫ ମଧ୍ୟରେ କେଡବ୍ଲୁଏଚ୍ଆର ପିଛା 107.32 ପଇସା ତଫାତ (ଗ୍ୟାପ) ରହିଛି ଯାହାଫଳରେ କି ପ୍ରତ୍ୟେକ ୟୁନିଟ ବିଦ୍ୟୁତ ବିକ୍ରୟ ପାଇଁ.. .. .. .. .. .. .. .. .. .. .. .. .. .. ଆର୍ଥିକ କ୍ଷତି ହେଉଛି । ସମଗ୍ରତଃ ବିଦ୍ୟୁତ ବଣ୍ଟନ ସଂସ୍ଥାର ଋଣଭାର ଶକ୍ତିକ୍ଷେତ୍ରର ଆର୍ଥିକ ସ୍ୱଚ୍ଛଳତା ଉପରେ ଗୁରୁତର ପ୍ରଭାବ ପକାଇଛି । ଉତ୍ପାଦକ କମ୍ପାନିଗୁଡିକ ସହିତ ବିଦ୍ୟୁତ କ୍ରୟ ରାଜିନାମା (ପିପିଏ) ସ୍ୱାକ୍ଷରିତ କରିବା ସକାଶେ ବିଦ୍ୟୁତ ବଣ୍ଟନ ସଂସ୍ଥାଗୁଡିକ ପର୍ଯ୍ୟାପ୍ତ ପରିମାଣର ଆଭ୍ୟନ୍ତରୀଣ ସମ୍ବଳ ସୃଷ୍ଟି କରିବା ଉଚିତ୍ ଓ ତଦ୍ୱାରା ଉତ୍ପାଦକ କମ୍ପାନିଗୁଡିକର ସାମର୍ଥ୍ୟ ବଢାଇ ଭବିଷ୍ୟତ ପୁଞ୍ଜିଲଗାଣ ସକାଶେ ଧାର ଦେଇଥିବା ଅର୍ଥପ୍ରଦାନରେ

କୌଣସି ଖିଲାପ ଯୋଗୁଁ ଆର୍ଥିକ ଅନୁଷ୍ଠାନଗୁଡିକ ପ୍ରତିକ୍ରିୟା ପ୍ରକାଶ କରିବେ । ଡିସ୍କମ୍‌ମାନଙ୍କର ଆର୍ଥିକ ଦୁରବସ୍ଥାର ଏକ ମୁଖ୍ୟ କାରଣ ହେଉଛି ଜନସାଧାରଣଙ୍କୁ ବିଦ୍ୟୁତ ଯୋଗାଣ ପାଇଁ ଉଦ୍ଦିଷ୍ଟ ସଂସ୍ଥାଗୁଡିକ ଯୋଗାଣ ମୂଲ୍ୟକୁ ଭରଣା କରିବା ସକାଶେ ଟାରିଫର ସ୍ୱଚ୍ଛତା । ଡିସ୍କମ୍‌ମାନଙ୍କର ଟାରିଫ ସଂଶୋଧନ ଓ ଆର୍ଥିକ ସ୍ୱଚ୍ଛଳତା ନିର୍ଦ୍ଧାରଣ କରିବା ଲାଗି (ନଭେମ୍ବର 2010ରେ ପ୍ରକାଶିତ) ଦଶଗୋଟି ରାଜ୍ୟର ଫୋରମ ରେଗୁଲେଟରମାନଙ୍କ ଦ୍ୱାରା ଏକ ଅନୁଧ୍ୟାନ କରାଯାଇଥିଲା । ଏଥିରେ ଅଟକଳ କରାଯାଇଥିଲା ଯେ ଯୋଗାଣ ମୂଲ୍ୟ ସମ୍ପୂର୍ଣ୍ଣ ରୂପେ ଅସୁଲ କରିବା ଲାଗି ତହିଁରେ 1%ରୁ 39% ଅତିରିକ୍ତ ବୃଦ୍ଧି କରାଯିବା ଆବଶ୍ୟକ ।

## 43. ଖୁଚୁରା ଟାରିଫ ବୃଦ୍ଧି ପାଇଁ ଏକ ପ୍ରତ୍ୟକ୍ଷ ସମ୍ବନ୍ଧାନ୍ୱିତ କାରଣ

### 43.1 ମୋଟ ଆବଶ୍ୟକତାରେ ଜଳ ବିଦ୍ୟୁତ ଅନୁପାତର ହ୍ରାସକରଣ :

ପୂର୍ବରୁ ରାଜ୍ୟର ମୋଟ ବିଦ୍ୟୁତ ଚାହିଦାର ପ୍ରାୟ ଶତକଡା 60 ଭାଗ ବିଦ୍ୟୁତ 2004-05 ପର୍ଯ୍ୟନ୍ତ କମ୍ ମୂଲ୍ୟରେ ଜଳ ବିଦ୍ୟୁତ ଉତ୍ପାଦନରୁ ଓ ରାଜ୍ୟ ଚାହିଦାର ଅବଶିଷ୍ଟ ଶତକଡା 40 ଭାଗ ତାପଜ ଉତ୍ପାଦନରୁ ଭରଣା କରାଯାଉଥିଲା । ବିଦ୍ୟୁତ ଚାହିଦା ବୃଦ୍ଧି ଓ ପ୍ରଚଳିତ ରାଜ୍ୟ ଜଳ ବିଦ୍ୟୁତ ଉତ୍ପାଦନରେ ଆଉ ନୂତନ ଉତ୍ପାଦନ ନ ମିଶିବା ସହିତ ଅନିୟମିତ ବର୍ଷା, ଜଳଭଣ୍ଡାର ଜଳସ୍ତର କମିବା ଇତ୍ୟାଦି କାରଣରୁ ରାଜ୍ୟ ଜଳ ବିଦ୍ୟୁତରୁ ଶତକଡା 60 ଭାଗ ଭରଣା ହେବା ସ୍ଥଳେ ତହିଁରୁ କେବଳ ଶତକଡା 17 ଭାଗ ଭରଣା ହୋଇଛି । ଉଦାହରଣ ସ୍ୱରୂପ, ଯେତେବେଳେ 2004-05ରେ ରାଜ୍ୟର ଚାହିଦା 100 ମେଗାୱାଟ ଥିଲା ସେତେବେଳେ ରାଜ୍ୟ ଜଳ ବିଦ୍ୟୁତରୁ ପ୍ରାୟ 57 ମେଗାୱାଟ ଭରଣା କରାଯାଇଥିଲା ବେଳେ ମାତ୍ର 43 ମେଗାୱାଟ ତାପଜ ବିଦ୍ୟୁତରୁ ଭରଣା ହୋଇଥିଲା ଯାହା ଫଳରେ କି ଗ୍ରୀଡ୍‌କୋର ବିଦ୍ୟୁତ କ୍ରୟ ମୂଲ୍ୟ ବୃଦ୍ଧି ହୋଇଥିଲା । ବର୍ତ୍ତମାନ ସେହି ଚାହିଦା ପ୍ରାୟ ଦୁଇଗୁଣ ବଢିଯାଇଛି ଓ ସେପରି ସ୍ଥଳେ ମୋଟ ଚାହିଦା 200 ମେଗାୱାଟରୁ ମାତ୍ର 34 ମେଗାୱାଟ ଶସ୍ତା ଜଳ ବିଦ୍ୟୁତ ଉତ୍ସରୁ ଭରଣା କରାଯାଉଛି ଓ ଅବଶିଷ୍ଟ 166 ମେଗାୱାଟ ତୁଳନାତ୍ମକଭାବେ ଦାମିକା ତାପଜ ବିଦ୍ୟୁତ କ୍ରୟ ମୂଲ୍ୟରେ ବୃଦ୍ଧି ଘଟିଛି । ଏହା ନିମ୍ନ ଟେବୁଲରେ ଦର୍ଶାଯାଇଛି :-

## ଟେବୁଲ - 18

## ସମଗ୍ରିକ ବିଦ୍ୟୁତ ପୁଲରେ ଜଳବିଦ୍ୟୁତ ଉତ୍ପାଦନରେ ହ୍ରାସକରଣ

| | ଆର୍ଥିକ ବର୍ଷ 04-05 | ଆର୍ଥିକ ବର୍ଷ 05-06 | ଆର୍ଥିକ ବର୍ଷ 06-07 | ଆର୍ଥିକ ବର୍ଷ 07-08 | ଆର୍ଥିକ ବର୍ଷ 08-09 | ଆର୍ଥିକ ବର୍ଷ 09-10 | ଆର୍ଥିକ ବର୍ଷ 10-11 (ସେପ୍ଟେମ୍ବର, 10 ପର୍ଯ୍ୟନ୍ତ) | ଆର୍ଥିକ ବର୍ଷ 11-12 (ଅନୁମୋଦିତ) |
|---|---|---|---|---|---|---|---|---|
| ରାଜ୍ୟ ଚାହିଦା ଏମୟୁ ଆକାରରେ | 12499.45 | 13483.75 | 15119.93 | 17212.51 | 18771.82 | 19480.85 | 10554.45 (ପ୍ରକୃତ) | 22477 |
| ବିକ୍ରୟ ନିମନ୍ତେ ରାଜ୍ୟ ହାଇଡ୍ରୋ ଉତ୍ପାଦନ (କ୍ଷୁଦ୍ର ହାଇଡ୍ରୋ ସମେତ) (ଏମ୍ୟୁ ଆକାରରେ) | 7087.82 | 5234.48 | 7357.58 | 7885.81 | 5826.12 | 4211.86 | 1769.70 (ପ୍ରକୃତ) | 6181.74 (ନରମାଟିଭ ନିର୍ଦ୍ଧାରଣ ଉପରେ ଆଧାରିତ) |
| ମୋଟ ରାଜ୍ୟ ଚାହିଦାର ରାଜ୍ୟ ହାଇଡ୍ରୋର ଶତକଡା ହାର | 56.71 | 38.82 | 48.66 | 45.81 | 31.04 | 21.62 | 16.66 | 27.50 |
| ଜଳ ବିଦ୍ୟୁତ ଉତ୍ପାଦନ ଅଂଶ 57% ରୁ 17% କୁ କମିଯାଇଛି ଯାହାକି ଶକ୍ତିର ଶସ୍ତା ଉତ୍ସ | | | | | | | | |

### 43.2 ବ୍ୟାପାର ପାଇଁ ବଳକା ବିଦ୍ୟୁତ ନମିଳିବା

ରାଜ୍ୟର ଚାହିଦା ପୂରଣ କଲାପରେ ରାଜ୍ୟ ବାହାରେ ବିଦ୍ୟୁତ ବ୍ୟାପାର ପାଇଁ ପୂର୍ବ ବର୍ଷ ଗୁଡିକରେ ଗ୍ରୀଡ୍‌କୋଠାରେ ବଳକା ବିଦ୍ୟୁତ ଥିଲା ଓ ତଦନୁଯାୟୀ ବଳକା ବିଦ୍ୟୁତ ବିକ୍ରୟରୁ ମିଳିବାକୁ ଥିବା ଲାଭରୁ ଗ୍ରୀଡ୍‌କୋର ରାଜସ୍ୱ ହିସାବ ଭରଣା କରିବା ସକାଶେ ଆୟୋଗ ସେହି ରାଜସ୍ୱ ହିସାବରେ ଏକ ତଫାତ (ଗ୍ୟାପ) ରଖିଥିଲେ । ଖୁଚୁରା ଟାରିଫ କମ୍‌ରେ ରଖାଯାଇଥିଲା କାରଣ ଗ୍ରୀଡ୍‌କୋ ଚଢା ମୂଲ୍ୟରେ ବିଦ୍ୟୁତ କ୍ରୟ କରୁଥିଲେ ମଧ ଗ୍ରୀଡ୍‌କୋ ଦ୍ୱାରା ବଣ୍ଟନ କମ୍ପାନିଗୁଡିକୁ ବିଦ୍ୟୁତ ଯୋଗାଣ ନିମ୍ନ ସ୍ତରରେ ରଖାଯାଇଥିଲା । ଏପରି କରିବା ଦ୍ୱାରା ଗ୍ରୀଡ୍‌କୋର ରାଜସ୍ୱ ହିସାବରେ ଏକ ତଫାତ୍ (ଗ୍ୟାପ) ରହୁଥିଲା

ଯାହାକି ଉପଭୋକ୍ତାମାନଙ୍କର ଚାହିଦାକୁ ବୃଦ୍ଧି କରିବା ସହିତ ବଳକା ବିଦ୍ୟୁତ ବିକ୍ରୟରୁ ମିଳୁଥିବା ଲାଭାଂଶରୁ ଭରଣା କରାଯାଉଥିଲା । ବଳକା ବିଦ୍ୟୁତ ବିକ୍ରୟ କରି ତହିଁରୁ ଲାଭ ପାଇବା ପାଇଁ ଗ୍ରୀଡ୍‌କୋକୁ କ୍ୱଚିତ ସୁଯୋଗ ମିଳୁଛି ଓ ତାହା ନିମ୍ନ ଟେବୁଲରେ ଦର୍ଶାଯାଇଛି :-

### ଟେବୁଲ - 19
### ଗ୍ରୀଡ୍‌କୋର ବାର୍ଷିକ ରାଜସ୍ୱ ଅସୁଲ (ଏଆରଆର)ରେ ତଫାତ୍ (ଗ୍ୟାପ)

**(କୋଟି ଟଙ୍କାରେ)**

| ଆର୍ଥିକ ବର୍ଷ | ଏଆରଆରରେ ତଫାତ (ଗ୍ୟାପ) (ଅନୁମୋଦିତ) | ପ୍ରକୃତ ତଫାତ (ଗ୍ୟାପ) | ନେଟ ତଫାତ (ଗ୍ୟାପ) | ଗ୍ରୀଡ୍‌କୋ ଦ୍ୱାରା ଅନୁମୋଦିତ ଦର ଓ କ୍ରୟ କରାଯାଇଥିବା ବିଦ୍ୟୁତ (ପ/ୟୁ) | ଡିସ୍‌କମ୍‌ସକୁ ବିକ୍ରୟ ନିମନ୍ତେ ଅନୁମୋଦିତ ବିଏସଟି ଦର (ପ/ୟୁ) |
|---|---|---|---|---|---|
| 2006-07 | (-) 504.52 | 547.55 | 43.03 | 113.97 | 120.85 |
| 2007-08 | (-) 464.86 | 1052.34 | 587.48 | 119.91 | 121.59 |
| 2008-09 | (-)410.05 | 528.62 | 118.27 | 127.40 | 122.15 |
| 2009-10 | (-)882.85 | (-)1673.70 | (-)1673.70 | 148.27 | 122.20 |
| 2010-11 | (-)806.16 | (-)598.87 (9/2010 ପର୍ଯ୍ୟନ୍ତ) | (-)598.87 (9/2010 ପର୍ଯ୍ୟନ୍ତ) | 174.58 | 170.25 |
| 2011-12 | (-)746.05 | | | 210.32 | 231.65 |

- ସେପ୍ଟେମ୍ବର, 2010 ପର୍ଯ୍ୟନ୍ତ ଏକତ୍ରୀକୃତ ତଫାତ (ଗ୍ୟାପ୍) ହେଉଛି ଟ.2430.77 କୋଟି
- ଯଦି ବିତରକ କମ୍ପାନିଗୁଡ଼ିକର ଅଧିକ ପରିମାଣର ବିଦ୍ୟୁତ ଯୋଗାଣ ମୂଲ୍ୟରେ ବୃଦ୍ଧି ନହୁଏ ତେବେ କେବଳ 2011-12 ବର୍ଷ ମଧ୍ୟରେ ଉକ୍ତ ପରିମାଣ ଭରଣା ନହୋଇ ଟ.3088.85 କୋଟି ଟଙ୍କାର ତଫାତ (ଗ୍ୟାପ) ହେବ ବୋଲି ଗ୍ରୀଡକୋ ପ୍ରସ୍ତାବ ଦେଇଛି ।

## 43.3 ଉତ୍ପାଦନର ବର୍ଦ୍ଧିତ ମୂଲ୍ୟ

- ରାଜ୍ୟରେ ମିଳୁଥିବା କୋଇଲାର ମୂଲ୍ୟବୃଦ୍ଧି ଯୋଗୁଁ ରାଜ୍ୟ ତାପଜ ବିଦ୍ୟୁତ ଉତ୍ପାଦନକାରୀ ଷ୍ଟେସନ ଓ କେନ୍ଦ୍ରୀୟ ତାପଜ ବିଦ୍ୟୁତ ଉତ୍ପାଦନକାରୀ ଷ୍ଟେସନଗୁଡ଼ିକରେ ତାପଜ ବିଦ୍ୟୁତର ମୂଲ୍ୟ ଆଖିଦୃଶିଆଭାବେ ବୃଦ୍ଧି ହୋଇଛି । କେନ୍ଦ୍ରୀୟ ତାପଜ ବିଦ୍ୟୁତ ଉତ୍ପାଦନକାରୀ ଷ୍ଟେସନଗୁଡ଼ିକ କ୍ଷେତ୍ରରେ ଇନ୍ଧନ ମୂଲ୍ୟର ଆଡଜଷ୍ଟମେଣ୍ଟ 113.1%ରୁ 43.5%କୁ ପରିବର୍ତ୍ତିତ ହେବା ଯୋଗୁଁ ଉକ୍ତ ମୂଲ୍ୟର ବୃଦ୍ଧି ଘଟିଛି ଓ ତାହା ନିମ୍ନରେ ଥିବା ଟେବୁଲରେ ଦର୍ଶାଯାଇଛି :-

## ଟେବୁଲ - 20

## 2011-12 ନିମନ୍ତେ ସିଜିଏସ୍ ଇନ୍ଧନ ମୂଲ୍ୟ ଆଡଜଷ୍ଟମେଣ୍ଟ (ଏଫ୍‌ପିଏ) ସମ୍ପର୍କିତ ପରିବର୍ତ୍ତନ

(ଅଙ୍କଗୁଡିକ ପଇସା/ୟୁନିଟରେ ଦର୍ଶାଯାଇଛି)

| | ଜାନୁଆରି, 2010ର ଅପ୍ରେଲ, 09 ପାଇଁ ପ୍ରକୃତ ହାରାହାରି ଏଫ୍‌ପିଏ | 2010-11 ନିମନ୍ତେ ଅନୁମୋଦନ ପୂର୍ବ ହାରାହାରି ଉପରେ 10% ବୃଦ୍ଧି | 04/2010 ରୁ 01/2011 ପାଇଁ ପ୍ରକୃତ ହାରାହାରି ଏଫ୍‌ପିଏ | 2011-12 ପାଇଁ ଗ୍ରୀଡକୋର ପ୍ରସ୍ତାବ | 04/2010 ରୁ 01/2011 ପାଇଁ ସର୍ବାଧିକ ଏଫ୍‌ପିଏ | 04/2010 ରୁ 01/2011 ପାଇଁ ସର୍ବନିମ୍ନ ଏଫ୍‌ପିଏ | ଜାନୁଆରି, 2011 ପାଇଁ ପ୍ରକୃତ ଏଫ୍‌ପିଏ | ପରିବର୍ତ୍ତନର ଶତକଡା ହାର (ଅନୁମୋଦନ ବନାମ ପ୍ରକୃତ ଜାନୁଆରି, 2011) |
|---|---|---|---|---|---|---|---|---|
| ଟିଏସ୍‌ଟିପିଏସ୍ -I | 65.34 | 71.88 | 123.22 | 142.97 | 152.72 | 107.02 | 129.70 | 80.4% |
| ଟିଏସ୍‌ଟିପିଏସ୍-II | 47.81 | 52.59 | 105.58 | 123.40 | 134.93 | 89.39 | 112.08 | 113.1% |
| ଏଫ୍‌ଏସ୍‌ଟିପିଏସ୍ | 110.86 | 121.95 | 190.52 | 209.11 | 208.78 | 170.31 | 195.28 | 60.1% |
| କେଏଚ୍‌ଏସ୍‌ଟିପିଏସ୍-I | 69.48 | 76.42 | 97.09 | 117.45 | 134.56 | 75.36 | 98.56 | 29.0% |
| କେଏଚ୍‌ଏସ୍‌ଟିପିଏସ୍-II | 47.23 | 51.96 | 74.49 | 90.44 | 123.28 | 52.13 | 74.58 | 43.5% |

- ମୂଖ୍ୟତଃ କୋଇଲା ଓ ଇନ୍ଧନର ମୂଲ୍ୟ ବୃଦ୍ଧି ଯୋଗୁଁ ତାପଜ ବିଦ୍ୟୁତ ମୂଲ୍ୟ ଆଖିଦୃଶିଆ ଭାବେ ବୃଦ୍ଧି ହେବା ବ୍ୟତୀତ ଯନ୍ତ୍ରପାତି, କାର୍ଯ୍ୟକାରିତା ଓ ରକ୍ଷଣାବେକ୍ଷଣ ବାବଦ ବ୍ୟୟ ସହିତ କର୍ମଚାରୀମାନଙ୍କର ଦରମା, ପେନ୍‌ସନ ଓ ମଜୁରୀ ଇତ୍ୟାଦିରେ ବୃଦ୍ଧି ହେବାଯୋଗୁଁ ଜଳ ବିଦ୍ୟୁତର ଉତ୍ପାଦନ ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି । ରାଜ୍ୟ ଜଳ ବିଦ୍ୟୁତ ଉତ୍ପାଦନର ହାରାହାରି ପ୍ରକୃତ ମୂଲ୍ୟ 2007-08ରେ ୟୁନିଟ ପିଛା 50.10ରୁ 2008-09ରେ 63.57କୁ 2009-10ରେ 73.43କୁ 2010-11 (ସେପ୍ଟେମ୍ବର, 2010 ପର୍ଯ୍ୟନ୍ତ)ରେ 68.58କୁ ଓ 2011-12ରେ 65.96 (ଅନୁମୋଦିତ)କୁ ବୃଦ୍ଧି ହୋଇଛି ।

- କେନ୍ଦ୍ରୀୟ ତାପଜ ବିଦ୍ୟୁତ ଷ୍ଟେସନରୁ ଯୋଗାଣର ହାରାହାରି ପ୍ରକୃତ ମୂଲ୍ୟ ୟୁନିଟ ପିଛା 2007-08ରେ 164.76 ରୁ 2008-09ରେ 182.74 ପ/ୟୁକୁ ଓ 2009-10ରେ 226.58 ପ/ୟୁ ଓ 2010-11 (ପ୍ରକୃତରେ ସେପ୍ଟେମ୍ବର, 2010 ପର୍ଯ୍ୟନ୍ତ) 307.21 ପ/ୟୁ ଓ 2011-12ରେ 331.05 ପ/ୟୁକୁ ବୃଦ୍ଧି ହୋଇଛି । ଇଣ୍ଡିଆନ ଏକ୍ସପ୍ରେସ ସମ୍ବାଦପତ୍ରର ତା21.2.2011ରିଖର ସଂସ୍କରଣରେ "ବର୍ଦ୍ଧିତ କୋଇଲା ଆମଦାନୀ ଯୋଗୁଁ ବିଦ୍ୟୁତ ମୂଲ୍ୟ ୟୁନିଟ ପିଛା 70 ପଇସା ବୃଦ୍ଧି" ହୋଇଛି ବୋଲି ପ୍ରକାଶିତ ହୋଇଛି ।

- ଯୋଗାଣର ଗୁଣାତ୍ମକ ମାନରେ ଉନ୍ନତି ତଥା ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ସକାଶେ ସରବରାହ ତଥା ବଣ୍ଟନ ନେଟୱର୍କରେ ପୁଞ୍ଜିଲଗାଣ କରିବା ଦରକାର । ଏଥିପାଇଁ ଓପିଟିସିଏଲ୍ ଓ

ବଣ୍ଟନ କମ୍ପାନିଗୁଡିକ ଋଣ କରିବେ ଓ ସେହି ଋଣ ଶୁଝାଯିବ, ଅର୍ଥାତ୍ ମୂଳଧନ ଓ ସୁଧ ପ୍ରଦାନ କରାଯିବ । ଋଣ ଶୁଝାଯିବା ବାବଦ ଅର୍ଥ ପରିମାଣ ସରବରାହ ଓ ବଣ୍ଟନ ମୂଲ୍ୟ ମଧ୍ୟରେ ଭରଣା କରାଯିବ ।

- ସରବରାହ ଟାରିଫ୍ 2007-08ରେ 22.00 ପ/ୟୁ 2008-09ରେ 21.00 ପ/ୟୁ, 2009-10ରେ 23.5 ପ/ୟୁ ଓ 2011-12ରେ 25.00 ପ/ୟୁ ।
- ପାଇକାରୀ ମୂଲ୍ୟ ଓ ଉପଭୋକ୍ତାଙ୍କ ପାଇଁ ଉଦ୍ଦିଷ୍ଟ ମୂଲ୍ୟରେ ମଧ୍ୟ ବାର୍ଷିକ ବୃଦ୍ଧି ହୋଇଅଛି । ଯେତେବେଳେ ଉତ୍ପାଦନ, ସରବରାହ ଓ ବଣ୍ଟନ ମୂଲ୍ୟରେ ବୃଦ୍ଧି ହେଉଛି ସେତେବେଳେ ଉକ୍ତ ଅତିରିକ୍ତ ମୂଲ୍ୟ ଯୋଗୁଁ ଉପଭୋକ୍ତାମାନଙ୍କର ଖୁଚୁରା ଟାରିଫ୍ ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟୁଛି ।
- ଗ୍ରୀଡ୍‌କୋ ଦ୍ୱାରା ଅଧିକ ପରିମାଣର ଯୋଗାଣ ବାବଦ ମୂଲ୍ୟ ଅର୍ଥାତ୍ 2007-08ରେ ୟୁନିଟ ପିଛା 121.59 ପ/ୟୁ, 2008-09ରେ 122.15 ପ/ୟୁ, 2009-10ରେ 122.20 ପ/ୟୁ, 2010-11ରେ 170.25 ପ/ୟୁ ଓ 2011-12ରେ 231.65 ପ/ୟୁକୁ ବୃଦ୍ଧି ହୋଇଛି ।
- ଅତୀତରେ ଯେତେବେଳେ ହାରାହାରି ଟାରିଫ ବୃଦ୍ଧି (1993-94)ରେ 29%ରୁ (2000-01)ରେ 10.23%କୁ ପରିବର୍ତ୍ତନଶୀଳ ଥିଲା ସେତେବେଳେ 2001-02ରୁ 2009-10 ପର୍ଯ୍ୟନ୍ତ ହାରାହାରି ଟାରିଫରେ କୌଣସି ବୃଦ୍ଧି ହୋଇନଥିଲା । ଦୀର୍ଘ ନଅ ବର୍ଷର ବ୍ୟବଧାନ ପରେ 2010-11 ବର୍ଷ ନିମନ୍ତେ ଟାରିଫ୍‌ରେ 22.20% ବୃଦ୍ଧି ହୋଇଥିଲା । 2011-12 ନିମନ୍ତେ ଖୁଚୁରା ଟାରିଫରେ ହାରାହାରି ବୃଦ୍ଧିକୁ 19.74%ରେ ରଖାଯାଇଛି । ତାହା ନିମ୍ନ ଟେବୁଲରେ ଦର୍ଶାଯାଇଛି :-

**ଟେବୁଲ – 21**

**ଅତୀତରେ ହୋଇଥିବା ଟାରିଫ୍ ବୃଦ୍ଧି**

| ବର୍ଷ | ହାରାହାରି ଟାରିଫ୍ ବୃଦ୍ଧି (%) |
|---|---:|
| 1993-94 | 28.58 % |
| 1994-95 | 15.73 % |
| 1995.96 | 17.47 % |
| 1996-97 | 17.00 % |
| 1997-98 | 10.33 % |

| ବର୍ଷ | ହାରାହାରି ଟାରିଫ୍ ବୃଦ୍ଧି (%) |
|---|---|
| 1998-99 | 9.30 % |
| 1999-00 | 4.50 % |
| 2000-01 | 10.23 % |
| 2001-02 ରୁ 2009-10 | 0% |
| 2010-11 | 22.2% |
| 2011-12 | 19.74% |

## 44. 2011-12 ନିମନ୍ତେ ଟାରିଫ୍‌ର ପ୍ରଧାନ ଅଂଶ

- ବିଦ୍ୟୁତ ଅଧିନିୟମ, 2003ର ଧାରା 61, 62, 65 ଓ 86, ଜାତୀୟ ଟାରିଫ ପଲିସି, 2006ର ପାରା 8.3.2 ଓ ଜାତୀୟ ବିଦ୍ୟୁତ ପଲିସି, 2005ର ପାରା 5.5.2 ଅନୁଯାୟୀ ବ୍ୟବସାୟିକ କ୍ଷମତା ଓ ଉତ୍ପାଦନ କାର୍ଯ୍ୟକାରିତାର ଦକ୍ଷତା, ସରବରାହ, ଯୋଗାଣ ଓ ବଣ୍ଟନ ସଂସ୍ଥା ସହିତ ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଦ୍ୟୁତ ନିୟାମକ ଆୟୋଗ, ଟାରିଫ ନିର୍ଦ୍ଧାରଣ କରିବା ଆବଶ୍ୟକ । 2011-12 ଆର୍ଥିକ ବର୍ଷ ନିମନ୍ତେ ବିଦ୍ୟୁତ ଟାରିଫ ନିର୍ଦ୍ଧାରଣ କଲାବେଳେ ଆୟୋଗ ସମସ୍ତ ନିରପେକ୍ଷ ତୃତୀୟ ପକ୍ଷଙ୍କ ସ୍ୱାର୍ଥ ସମତୁଳନ କରିବା ଆବଶ୍ୟକତାକୁ ଉପଲବ୍ଧି କରିଛନ୍ତି ଓ ତା18.3.2011ରେ ସେ ସମ୍ପର୍କିତ ଆଦେଶ ପାସ୍ କରିଥିଲେ ।
- 2011-12 ଆର୍ଥିକ ବର୍ଷରେ, ଜଳସେଚନ, କୃଷି ଓ ତତ୍‌ସମ୍ପୃକ୍ତ ଅନ୍ୟାନ୍ୟ କାର୍ଯ୍ୟକଳାପ, ଆଗ୍ରୋ-ଭିତ୍ତିକ ଶିଳ୍ପସଂସ୍ଥା ଓ ବିପିଏଲ୍ ପରିବାର ପାଇଁ ବିଦ୍ୟୁତ ଟାରିଫ୍ 30 ୟୁନିଟ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ । ବିପିଏଲ୍ ଶ୍ରେଣୀର ଉପଭୋକ୍ତାମାନଙ୍କ ନିମନ୍ତେ ଟାରିଫ 2001-02 ଆର୍ଥିକ ବର୍ଷରୁ 2010-11 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସ୍ଥିର ରହିବ ଅର୍ଥାତ୍ ମାସ ପିଛା ଟ.30.00 ହାରରେ ରହିବ ।
- ଜଳସେଚନ ଓ କୃଷିରେ ଏଲଟି ବିଦ୍ୟୁତ ସଂଯୋଗ ଲାଗି ଦର 110 ପ/ୟୁ, 120 ପ/ୟୁ, କୃଷିଭିତ୍ତିକ କାର୍ଯ୍ୟକଳାପରେ 110 ପ/ୟୁ, 120 ପ/ୟୁ ଓ କୃଷି ଓ ଆଗ୍ରୋ ଭିତ୍ତିକ ଶିଳ୍ପସଂସ୍ଥାଗୁଡ଼ିକ ପାଇଁ 320 ପ/ୟୁରେ ଅପରିବର୍ତ୍ତିତ ରହିଛି । ସେହିପରି ଏଚ୍‌ଟି ବିଦ୍ୟୁତ ସଂଯୋଗରେ ଉପରୋକ୍ତ ବର୍ଗ ପାଇଁ ଯଥାକ୍ରମେ 100 ପ/ୟୁ, 110 ପ/ୟୁ ଓ 30 ପ/ୟୁ ରହିଛି ।

- 2001-02 ଆର୍ଥିକ ବର୍ଷରୁ 2010-11 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଘରୋଇ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ଟାରିଫ୍ ଦର 100 ୟୁନିଟ ପର୍ଯ୍ୟନ୍ତ 140 ପ/ୟୁ ଥିବାବେଳେ 2011-12 ଆର୍ଥିକ ବର୍ଷ ନିମନ୍ତେ ୟୁନିଟ ପିଛା ଯୋଗାଣର ହାରାହାରି ମୂଲ୍ୟ 408.87 ପ/ୟୁ ଅଟକଳ କରାଯାଇଛି; 2011-12 ଆର୍ଥିକ ବର୍ଷରେ ଘରୋଇ ଉପଭୋକ୍ତାମାନଙ୍କ ପାଇଁ ନୂତନ ଟାରିଫ୍ ଦର ପ୍ରଥମ 50 ୟୁନିଟ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଥିଲା, 50 ୟୁନିଟ ପରେ ଓ 200 ୟୁନିଟ ପର୍ଯ୍ୟନ୍ତ 350 ପ/ୟୁ, 200 ୟୁନିଟ ପରେ ଓ 400 ୟୁନିଟ ପର୍ଯ୍ୟନ୍ତ 430 ପ/ୟୁ ଓ 500 ୟୁନିଟ ପରେ 480 ପ/ୟୁ ରହିଥିଲା । 2011-12 ଆର୍ଥିକ ବର୍ଷରେ ଅଧିକ ପରିମାଣର ଘରୋଇ ଯୋଗାଣ ଟାରିଫ 410 ପ/ୟୁରୁ 420 ପ/ୟୁ, ଅର୍ଥାତ୍ 10 ପ/ୟୁ ବୃଦ୍ଧି ହୋଇଥିଲା ।
- 2011-12 ଆର୍ଥିକ ବର୍ଷରେ ଘରୋଇ ବର୍ଗରେ ସର୍ବନିମ୍ନ ବୃଦ୍ଧି 0 (ଶୂନ୍ୟ) ପଇସା ଓ ସର୍ବାଧିକ ବୃଦ୍ଧି 70 ପ/ୟୁ ହୋଇଛି । ସେହିପରି ଶିଳ୍ପ କ୍ଷେତ୍ରରେ ସର୍ବନିମ୍ନ ବୃଦ୍ଧି 90 ପ/ୟୁ ଓ ସର୍ବାଧିକ ବୃଦ୍ଧି 130 ପ/ୟୁ ହୋଇଛି ।
- ଏଚ୍‌ଟି ଶିଳ୍ପ ସଂସ୍ଥାମାନ ଯେଉଁମାନଙ୍କର କି ନିଜର କ୍ୟାପଟିଭ ପାୱାର ପ୍ଲାଣ୍ଟ ରହିଛି ମାତ୍ର ସେମାନେ ଗ୍ରୀଡ୍‌କୋଠାରୁ ବିଦ୍ୟୁତ କ୍ରୟ କରୁଛନ୍ତି ସେପରି ସ୍ଥଳେ ସେମାନଙ୍କୁ 650 ହାରରେ ବିଦ୍ୟୁତ ଟାରିଫ ଦେବାକୁ ହେବ । ସେହି ଏକା ବର୍ଗରେ ବିଦ୍ୟୁତ ଟାରିଫ୍ ଇଏଚ୍‌ଟି ୟୁନିଟ ହେଉଥିବାବେଳେ 640 ପ/ୟୁ ହାରରେ ବିଦ୍ୟୁତ ଟାରିଫ୍ ଦେବାକୁ ପଡିବ । 2010-11 ଆର୍ଥିକ ବର୍ଷରେ ଏହି ଦର ଯଥାକ୍ରମେ ଏଚ୍‌ଟି ପାଇଁ 530 ପ/ୟୁ ଓ ଇଏଚ୍‌ଟି ପାଇଁ 510 ପ/ୟୁ ଥିଲା । ସୁତରାଂ ଶିଳ୍ପ ବର୍ଗରେ ଏଚ୍‌ଟି ଯୋଗାଣ ପାଇଁ ଟାରିଫ ବୃଦ୍ଧି ଯଥାକ୍ରମେ 120 ପ/ୟୁ ଓ ଇଏଚ୍‌ଟି ପାଇଁ 130 ପ/ୟୁ ଅଟେ ।
- 2010-11 ଆର୍ଥିକ ବର୍ଷରେ ଇଏଚ୍‌ଟି ଉପଭୋକ୍ତାମାନଙ୍କ ନିମନ୍ତେ ହାରାହାରି ବିଦ୍ୟୁତ ଟାରିଫ୍ 379.93 ପ/ୟୁରୁ ବୃଦ୍ଧି ପାଇଁ 2011-12 ଆର୍ଥିକ ବର୍ଷରେ 477.43 ପ/ୟୁ ହୋଇଛି ଏବଂ ଏଚ୍‌ଟି ବର୍ଗରେ 2010-11ରେ 383.68 ପ/ୟୁରୁ ବୃଦ୍ଧି ପାଇଁ 2011-12ରେ 482.43 ହୋଇଛି । ସେହିଭଳି ଏଲ୍‌ଟି ଉପଭୋକ୍ତାମାନଙ୍କ ପାଇଁ ହାରାହାରି ବିଦ୍ୟୁତ ଟାରିଫ୍ 219.21 ପ/ୟୁ ରୁ 300.34 ପ/ୟୁ କୁ ବୃଦ୍ଧି ପାଇଛି ।
- ସମସ୍ତ ବର୍ଗର ଉପଭୋକ୍ତାମାନଙ୍କ ହାରାହାରି ବିଦ୍ୟୁତ ଟାରିଫ୍ ଗତ ବର୍ଷ ତୁଳନାରେ 320.58 ପ/ୟୁ ଥିଲାବେଳେ 2010-11 ଆର୍ଥିକ ବର୍ଷରେ ଆନୁମାନିକ 404.01 ପ/ୟୁ ହୋଇଛି ।

- ଖୁଚୁରା ଟାରିଫ୍ 404.01 ପ/ୟୁରୁ ଗ୍ରୀଡ୍‌କୋର ବିଦ୍ୟୁତ କ୍ରୟ ମୂଲ୍ୟ ହେଉଛି 231.65 ପଇସା, ଓପିଟିସିଏଲ୍‌ର ବିଦ୍ୟୁତ ସରବରାହ ଟାରିଫ ହେଉଛି 25 ପଇସା, ଏସଏଲଡିସିର ମୂଲ୍ୟ 18 ପଇସା ଓ ବଳକା 147.18 ପଇସା ହେଉଛି ବଣ୍ଟନ ମୂଲ୍ୟ ।

- ଗ୍ରୀଡ୍‌କୋ ବିଦ୍ୟୁତ କ୍ରୟ ମୂଲ୍ୟ 231.65 ପଇସାରୁ ସେସୁର ଅଧିକ ପରିମାଣର ଯୋଗାଣ ମୂଲ୍ୟ ବାବଦକୁ ହେଉଛି 219 ପ/ୟୁ, ନେସ୍କୋ ଓ୍ୱେସ୍କୋର ପ୍ରତ୍ୟେକର ବିଏସଟି ହେଉଛି 262 ପ/ୟୁ ଓ ସାଉଥ୍‌କୋର 135 ପ/ୟୁ, କିନ୍ତୁ ଚାରିଗୋଟି ଡିସ୍‌କମ୍‌ସ, ଓପିଟିସିଏଲକୁ ସମପରିମାଣର ବିଦ୍ୟୁତ ସରବରାହ ମୂଲ୍ୟ ବାବଦକୁ 25 ପଇସା ପ୍ରଦାନ କରିବ ।

- ଓଡିଶା ଜଳ ବିଦ୍ୟୁତ ନିଗମର ଉତ୍ପାଦନ ଟାରିଫ୍ 2010-11ରେ 62.51 ପ/ୟୁ ରୁ 2011-12ରେ 65.96 ପ/ୟୁକୁ ବୃଦ୍ଧି ହୋଇଛି ।

- ରାଜ୍ୟ ଜଳ ବିଦ୍ୟୁତ ପାଇଁ 2000-10 ସକାଶେ 57.67 ପ/ୟୁ ଓ 2010-11 ଲାଗି 62.51 ପ/ୟୁ ଅନୁମୋଦନ ହୋଇଥିବାବେଳେ ଡିସେମ୍ବର, 2010 ପର୍ଯ୍ୟନ୍ତ ପ୍ରକୃତ ପରିମାଣ ଯଥାକ୍ରମେ 73.43 ପ/ୟୁ ଓ 71.44 ପ/ୟୁ ରହିଥିଲା ।

- ରାଜ୍ୟ ତାପଜ ବିଦ୍ୟୁତ ପାଇଁ 2009-10 ସକାଶେ 181.23 ପ/ୟୁ ଓ 2010-11 ସକାଶେ 199.78 ପ/ୟୁ ଅନୁମୋଦିତ ହୋଇଥିବାସ୍ଥଳେ ଡିସେମ୍ବର, 2010 ପର୍ଯ୍ୟନ୍ତ ପ୍ରକୃତ ଦର ଥିଲା ଯଥାକ୍ରମେ 216.77 ପ/ୟୁ ଓ 212.77 ପ/ୟୁ ଏବଂ 2011-12 ପାଇଁ ରାଜ୍ୟ ତାପଜ ବିଦ୍ୟୁତ ଉତ୍ପାଦନର ଅନୁମୋଦିତ ଦର ହେଉଛି 221.25 ପ/ୟୁ ।

- କେନ୍ଦ୍ର ତାପଜ ବିଦ୍ୟୁତ ପାଇଁ 2009-10 ସକାଶେ 197.31 ପ/ୟୁ ଓ 2010-11 ସକାଶେ 243.54 ପ/ୟୁ ଅନୁମୋଦିତ ହୋଇଥିବାସ୍ଥଳେ ଡିସେମ୍ବର, 2010 ପର୍ଯ୍ୟନ୍ତ ପ୍ରକୃତ ଦର ଥିଲା ଯଥାକ୍ରମେ 226.58 ପ/ୟୁ ଓ 305.55 ପ/ୟୁ ଏବଂ 2011-12 ଅନୁମୋଦିତ ଦର ହେଉଛି 331.05 ପ/ୟୁ ।

- ମୋଟ ଉପରେ ସମସ୍ତ ଉତ୍ସରୁ 2009-10 ପାଇଁ 148.27 ପ/ୟୁ ଓ 2010-11 ପାଇଁ 174.58 ପ/ୟୁ ଗ୍ରୀଡ୍‌କୋ ଦ୍ୱାରା କ୍ରୟ କରାଯିବାଲାଗି ଅନୁମୋଦିତ ହୋଇଥିବାସ୍ଥଳେ ଡିସେମ୍ବର, 2010 ପର୍ଯ୍ୟନ୍ତ ପ୍ରଦତ୍ତ ପ୍ରକୃତ ଦର ଯଥାକ୍ରମେ 201.72 ପ/ୟୁ ଓ 203.35 ପ/ୟୁ ଯେତେବେଳେ 2011-12 ପାଇଁ

ଅନୁମୋଦିତ ଦର ହେଉଛି 210.32 ପ/ୟୁ ।

- 2010-11ରେ ଗ୍ରୀଡ୍‌କୋ ନିମନ୍ତେ ବିଭିନ୍ନ ଉତ୍ସରୁ ବିଦ୍ୟୁତ କ୍ରୟ ମୂଲ୍ୟ 174.58 ପ/ୟୁ ଆୟୋଗ ଅନୁମୋଦନ କରିଥିବାବେଳେ, 2010-11 ସେପ୍ଟେମ୍ବର ସୁଦ୍ଧା ଗ୍ରୀଡ୍‌କୋ 208.49 ପ/ୟୁ ହାରରେ ବିଦ୍ୟୁତ କ୍ରୟ କରିଥିଲା । 2011-12ରେ (ଡିସେମ୍ବର, 2010 ପର୍ଯ୍ୟନ୍ତ 203.35 ପ/ୟୁ) ବିଦ୍ୟୁତ କ୍ରୟ ମୂଲ୍ୟ 210.32 ପ/ୟୁ ଅନୁମୋଦିତ ହୋଇଥିଲା ଯାହାକି ଗତ ବର୍ଷ 20.47% ବୃଦ୍ଧି ହୋଇଥିଲା । 2010-11ରେ ସାମଗ୍ରିକ ଭାବେ ହାରାହାରି ଅଧିକ ପରିମାଣର ଯୋଗାଣ ଟାରିଫ୍ ଦର 170.25 ପ/ୟୁରେ (ସେସୁ – 157 ପ/ୟୁ, ନେସ୍କୋ – 195 ପ/ୟୁ, ୱେସ୍କୋ – 194 ପ/ୟୁ ଓ ସାଉଥ୍‌କୋ – 90 ପ/ୟୁରେ) ଗ୍ରୀଡ୍‌କୋ ଡିସ୍‌କମ୍‌ମାନଙ୍କୁ ବିଦ୍ୟୁତ ବିକ୍ରୟ କରିଥିଲା, 2011-12ରେ 231.65 ପ/ୟୁର ସାମଗ୍ରିକ ଭାବେ ହାରାହାରି ବିଏସ୍‌ଟି (ସେସୁ – 219 ପ/ୟୁ, ନେସ୍କୋ – 262 ପ/ୟୁ, ୱେସ୍କୋ – 262 ପ/ୟୁ ଓ ସାଉଥ୍‌କୋ – 135 ପ/ୟୁ) ଅନୁମୋଦନ ହୋଇଥିଲା ଯାହାକି ଗତବର୍ଷ ତୁଳନାରେ 36.06% ଅଧିକ ହୋଇଛି । ଅନ୍ୟ ପକ୍ଷରେ କହିବାକୁ ଗଲେ ସାମଗ୍ରିକ ଭାବେ ହାରାହାରି ବିଏସ୍‌ଟି 61.40 ପ/ୟୁକୁ ବୃଦ୍ଧି ଘଟିଛି ।
- 2010-11ରେ ଓପିଟିସିଏଲ୍‌ର ବିଦ୍ୟୁତ ସରବରାହ ବାବଦ ମୂଲ୍ୟ 23.50 ପ/ୟୁରେ ଅନୁମୋଦିତ ହୋଇଥିଲା ଓ 2011-12ରେ ଏହା ବୃଦ୍ଧି ପାଇ 25 ପ/ୟୁ ହୋଇଛି ଅର୍ଥାତ୍ 1.50 ପ/ୟୁ ବୃଦ୍ଧି ଘଟିଛି ।
- ବିଦ୍ୟୁତ କ୍ରୟ ମୂଲ୍ୟ, ପ୍ରତିଷ୍ଠାନ ବ୍ୟୟ, ସରବରାହ ବାବଦ ମୂଲ୍ୟ ଓ ବଣ୍ଟନ ମୂଲ୍ୟକୁ ବିଚାରକୁ ନେଲା ପରେ ଉପଭୋକ୍ତାମାନଙ୍କ ନିମନ୍ତେ ଖୁଚୁରା ଟାରିଫ୍ ଧାର୍ଯ୍ୟ କରାଯାଉଛି । 2010-11 ଆର୍ଥିକ ବର୍ଷ ନିମନ୍ତେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଖୁଚୁରା ଟାରିଫ୍ 320.58 ପ/ୟୁ ଥିଲା ଓ 2011-12 ଆର୍ଥିକ ବର୍ଷ ନିମନ୍ତେ 404.01 ପ/ୟୁ ରହିଛି । ଚଳିତ ବର୍ଷ ଖୁଚୁରା ଟାରିଫ୍‌ରେ ହାରାହାରି ବୃଦ୍ଧି ହୋଇଥିବା 83.43 ପଇସାରୁ ଗ୍ରୀଡ୍‌କୋକୁ 61.40 ପ/ୟୁ ଓ ଓପିଟିସିଏଲ୍‌କୁ 1.50 ପ/ୟୁ ଏବଂ ଅବଶିଷ୍ଟ 20.53 ପ/ୟୁ ହୋଉଛି ଡିସ୍‌କମ୍‌ମାନଙ୍କର ଅଂଶ । ଉପରୋକ୍ତ ପରିମାଣ ମଧ୍ୟରୁ ଲାଇନ ଓ ସବଷ୍ଟେସନ ମରାମତି ଓ ରକ୍ଷଣାବେକ୍ଷଣ, ସୁଧ ପ୍ରଦାନ, କର୍ମଚାରୀମାନଙ୍କର ଦରମା ଓ ପେନ୍‌ସନ୍ ଓ ବଣ୍ଟନ ନେଟ୍‌ୱର୍କ ନିରୀକ୍ଷଣ କରିବା ସକାଶେ ନିରୀକ୍ଷଣ ଫିସ୍, ଇତ୍ୟାଦି ବାବଦରେ ବୃଦ୍ଧି ହୋଇଥିବା ବ୍ୟୟଭାରକୁ ଡିସ୍‌କମ୍‌ମାନେ ବହନ କରିବେ ।

➢ ବିଭିନ୍ନ ପ୍ରକାରର ଉପଭୋକ୍ତାମାନଙ୍କ ପାଇଁ ଆୟୋଗ ଯେ କୌଣସି ରୀତିରେ ଟାରିଫ୍ ସ୍ଥିର କରିପାରିବେ ନାହିଁ । ବିଦ୍ୟୁତ ଅଧିନିୟମ, 2003ର ଧାରା 61(ଜି), ଟାରିଫ୍ ପଲିସି, 2006ରେ ପାରା 8.3.2, ଜାତୀୟ ବିଦ୍ୟୁତ ପଲିସିର ପାରା 1.1 ଓ 5.5.2 ଅନୁଯାୟୀ ବିଦ୍ୟୁତ ଯୋଗାଣ ମୂଲ୍ୟକୁ ଟାରିଫ୍ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ କ୍ରସ୍ ସବ୍‌ସିଡିକୁ ଏପରି ରୀତିରେ ହ୍ରାସ କରିବ ଯେପରିକି 2010-11 ଶେଷ ସୁଦ୍ଧା ଯୋଗାଣ ମୂଲ୍ୟର ±20% ମଧ୍ୟରେ ଟାରିଫ୍ ରହିବ । ଯେତେବେଳେ 2011-12 ନିମନ୍ତେ ଯୋଗାଣର ହାରାହାରି ମୂଲ୍ୟ ୟୁନିଟ ପିଛା 408.87 ପଇସା ଧାର୍ଯ୍ୟ ହୋଇଛି, ଗରିବ ଶ୍ରେଣୀର ଉପଭୋକ୍ତାମାନଙ୍କ ପାଇଁ ଟାରିଫ୍ 327.07 ପଇସାରୁ (ଅର୍ଥାତ୍ 408.87ର 20%) କମ୍ ହୋଇପାରିବ ନାହିଁ ଓ ୟୁନିଟ ପିଛା 490.97 ପଇସାରୁ (408.87ର +20%)ରୁ ଅଧିକ ହୋଇପାରିବ ନାହିଁ । ସେ ଯାହା ହେଉ ପଛେ ଏଲଟି ଉପଭୋକ୍ତାମାନଙ୍କ ନିମନ୍ତେ ଟାରିଫ୍‌କୁ କ୍ରମଶଃ ବୃଦ୍ଧି ଦ୍ୱାରା କ୍ରସ ସବ୍‌ସିଡିକୁ କମାଇବା ସକାଶେ ଚେଷ୍ଟା କଲାବେଳେ କୃଷି ତଥା କୃଷି ସଂକ୍ରାନ୍ତୀୟ କାର୍ଯ୍ୟକଳାପ, ଆଗ୍ରୋ ଇଣ୍ଡଷ୍ଟ୍ରିଜ୍, ବିପିଏଲ୍ ପରିବାର (30 ୟୁନିଟ ପର୍ଯ୍ୟନ୍ତ ମାସ ପ୍ରତି ଟ30.00 ସ୍ଥିରୀକୃତ ଦେୟ) ଓ ପ୍ରଥମ ସ୍ଲାବରେ ଘରୋଇ ଉପଭୋକ୍ତାମାନଙ୍କର (50 ୟୁନିଟ ପର୍ଯ୍ୟନ୍ତ ମାସ ପ୍ରତି ୟୁନିଟ ପିଛା 140 ପଇସା) କ୍ରସ-ସବ୍‌ସିଡି ହ୍ରାସ ଏ ଯାବତ୍ ହୋଇନାହିଁ । ଏଲଟି ବର୍ଗର ଉପଭୋକ୍ତାମାନଙ୍କ ନିମନ୍ତେ କ୍ରସ୍–ସବ୍‌ସିଡି (-) 26.54% ଥିବାବେଳେ ଇଏଚଟି ଉପଭୋକ୍ତାମାନଙ୍କ ପାଇଁ +16.77% ଓ ଏଚଟି ପାଇଁ +17.90% ଯାହାକି ନିମ୍ନ ଟେବୁଲରେ ସ୍ପଷ୍ଟରୂପେ ଦର୍ଶାଯାଇଛି :-

**ଟେବୁଲ - 22**

**2011-12ରେ କ୍ରସ-ସବ୍‌ସିଡି**

| ବର୍ଷ | ଭୋଲ୍ଟେଜର ସ୍ତର | ସମଗ୍ର ରାଜ୍ୟ ନିମନ୍ତେ ଯୋଗାଣର ହାରାହାରି ମୂଲ୍ୟ (ପ/ୟୁ) | ଟାରିଫ୍ (ପ/ୟୁ) | କ୍ରସ-ସବ୍‌ସିଡି (ପ/ୟୁ) | ଉପରେ/ନିମ୍ନରେ କ୍ରସ-ସବ୍‌ସିଡିର ଶତକଡା ହାର ବା ଯୋଗାଣ ମୂଲ୍ୟ |
|---|---|---|---|---|---|
| 1 | 2 | 3 | 4 | 5 (4) – (3) | 6 |
| 2009-10 | ଇଏଚଟି | 263.00 | 295.05 | 32.05 | 12.19% |
| | ଏଚଟି | | 308.68 | 45.68 | 17.37% |
| | ଏଲଟି | | 179.99 | -83.01 | -31.56% |
| | କୁଟୀର ଜ୍ୟୋତି | | 100.00 | 163.00 | -61.98% |
| | ଜଳସେଚନ | | 110.00 | 153.00 | -58.17% |
| 2010-11 | ଇଏଚଟି | 327.37 | 379.93 | 52.56 | 16.06% |
| | ଏଚଟି | | 383.68 | 56.31 | 17.20% |
| | ଏଲଟି | | 219.21 | -108.16 | -33.04% |
| | କୁଟୀର ଜ୍ୟୋତି | | 100.00 | 227.37 | -69.45% |
| | ଜଳସେଚନ | | 110.00 | 217.37 | -66.40% |
| 2011-12 | ଇଏଚଟି | 408.87 | 477.43 | 68.56 | 16.77% |
| | ଏଚଟି | | 482.43 | 73.56 | 17.99% |
| | ଏଲଟି | | 300.34 | -108.53 | -26.54% |
| | କୁଟୀର ଜ୍ୟୋତି | | 100.00 | 308.87 | -75.54% |
| | ଜଳସେଚନ | | 110.00 | 298.87 | -73.10% |

## ଟେବୁଲ - 23

## 2010-11 ଓ 2011-12 ନିମନ୍ତେ ତୁଳନାତ୍ମକଭାବେ ପ୍ରସ୍ତାବିତ ଓ ଅନୁମୋଦିତ ପ୍ରଶୁଳ୍କ (ଟାରିଫ୍)

| ଲାଇସେନ୍ସପ୍ରାପ୍ତ ବ୍ୟକ୍ତି/ଉତ୍ପାଦକଙ୍କ ନାମ | ଓଏଚ୍‌ପିସି | ଗ୍ରୀଡ୍‌କୋ | ଓପିଟିସିଏଲ୍ | ଏସ୍‌ଏଲ୍‌ଡିସି | ଡିସ୍‌କମ୍ସ୍ |
|---|---|---|---|---|---|
| 2010-11 ପାଇଁ ପ୍ରସ୍ତାବିତ ବାର୍ଷିକ ରାଜସ୍ୱ ଆବଶ୍ୟକତା (କୋଟି ଟଙ୍କାରେ) | 422.96 | 5,484.42 | 1,443.52 | 14.91 | 6,513.42 |
| 2010-11 ପାଇଁ ଅନୁମୋଦିତ ବାର୍ଷିକ ରାଜସ୍ୱ ଆବଶ୍ୟକତା (କୋଟି ଟଙ୍କାରେ) | 361.88 | 4,242.44 | 480.93 | 7.77 | 5,009.35 |
| 2011-12 ପାଇଁ ପ୍ରସ୍ତାବିତ ବାର୍ଷିକ ରାଜସ୍ୱ ଆବଶ୍ୟକତା (କୋଟି ଟଙ୍କାରେ) | 443.97 | 6,926.91 | 1,573.69 | 13.85 | 7,875.10 |
| 2011-12 ପାଇଁ ଅନୁମୋଦିତ ବାର୍ଷିକ ରାଜସ୍ୱ ଆବଶ୍ୟକତା (କୋଟି ଟଙ୍କାରେ) | 382.16 | 6016.92 | 572.43 | 8.80 | 7056.53 |
| 2010-11 ପ୍ରସ୍ତାବିତ ଉପରେ 2011-12ରେ ଅନୁମୋଦିତ % ହାରରେ ବୃଦ୍ଧି | 22.7% | 63.3% | 227.2% | 78.3% | 57.2% |
| 2010-11 ଅନୁମୋଦିତ ଉପରେ 2011-12ରେ ଅନୁମୋଦିତ % ହାରରେ ବୃଦ୍ଧି | 5.6% | 41.83% | 19.0% | 13.3% | 40.87% |
| 2010-11 ପାଇଁ ପ୍ରସ୍ତାବିତ ପ୍ରଶୁଳ୍କ (ଟାରିଫ୍) (ପ/ୟୁ) | 75.27 | 262.89 | 68.72 | 0.71 | 284.2* |
| 2010-11 ବର୍ଷ ପାଇଁ ଅନୁମୋଦିତ ପ୍ରଶୁଳ୍କ (ଟାରିଫ୍) (ପ/ୟୁ) | 64.40# | 170.25 | 23.50 | 0.38 | 320.58 |
| 2011-12 ପାଇଁ ପ୍ରସ୍ତାବିତ ପ୍ରଶୁଳ୍କ (ଟାରିଫ୍) (ପ/ୟୁ) | 79.01 | 304.41 | 68.68 | 0.60 | 510.34** |
| 2011-12 ବର୍ଷ ପାଇଁ ଅନୁମୋଦିତ ପ୍ରଶୁଳ୍କ (ଟାରିଫ୍) (ପ/ୟୁ) | 68.01# | 231.65 | 25.00 | 0.38 | 404.01 |
| 2010-11 ପାଇଁ ପ୍ରସ୍ତାବିତ ପ୍ରଶୁଳ୍କ (ଟାରିଫ୍) ଉପରେ 2011-12ର ଅନୁମୋଦିତ ପ୍ରଶୁଳ୍କର % ବୃଦ୍ଧି | 22.7% | 78.8% | 192.3% | 57.9% | 59.2% |
| 2010-11 ପାଇଁ ଅନୁମୋଦିତ ପ୍ରଶୁଳ୍କ (ଟାରିଫ୍) ଉପରେ 2011-12ର ଅନୁମୋଦିତ ପ୍ରଶୁଳ୍କର % ବୃଦ୍ଧି | 5.6% | 36.06% | 6.4% | 0.0% | 19.74%*** |

* 2009-10 ବର୍ଷର ହିସାବ ବିଏସ୍‌ଟି, ସରବରାହ ପ୍ରଶୁଳ୍କ (ଟାରିଫ୍) ଉପରେ ଆଧାରିତ

** 2010-11 ବର୍ଷର ହିସାବ ବିଏସ୍‌ଟି, ସରବରାହ ପ୍ରଶୁଳ୍କ (ଟାରିଫ୍) ଉପରେ ଆଧାରିତ

*** 2010-11 ବର୍ଷରେ ରାଜସ୍ୱରୁ ରାଜସ୍ୱ ଭିତ୍ତିରେ 22.20% ଓ 2011-12ରେ 19.74% [ପ୍ରଶୁଳ୍କ (ଟାରିଫ୍)ରୁ ପ୍ରଶୁଳ୍କ (ଟାରିଫ୍) 26.02%]

# ଉପରୋକ୍ତ ଟେବୁଲରେ ଥିବା ଓଏଚ୍‌ପିସିସ ହିସାବରେ ମାଛକୁଣ୍ଡକୁ ବାଦ ଦିଆଯାଇଛି । ମାଛକୁଣ୍ଡକୁ ମିଶାଇ 2010-11 ଓ 2011-12 ଆର୍ଥିକ ବର୍ଷ ପାଇଁ ହାରାହାରି ପ୍ରଶୁଳ୍କ (ଟାରିଫ୍) ଯଥାକ୍ରମେ 62.51 ପ/ୟୁ ଏବଂ 65.96 ପ/ୟୁ

## ଟେବୁଲ – **24**

## ଆୟୋଗଙ୍କ ଦ୍ୱାରା ଅନୁମୋଦିତ ପର୍ଯ୍ୟାପ୍ତ ଯୋଗାଣ, ସରବରାହ ଓ ଖୁଚୁରା ପ୍ରଶୁଳ୍କ (ଟାରିଫ୍)ର ତୁଳନାତ୍ମକ ବିବରଣୀ

| | | **2008-09** | **2009-10** | **2010-11** | **2011-12** | **% ବୃଦ୍ଧି** |
|---|---|---|---|---|---|---|
| 1 | ଓଏଚ୍‌ପିସି ବିଦ୍ୟୁତର ହାରାହାରି ମୂଲ୍ୟ (ପ/ୟୁ) | 53.35 | 59.36 | 64.40 | 68.01 | 6.00% |
| 2 | ମାଛକୁଣ୍ଡ ବିଦ୍ୟୁତ ସମେତ ଓଏଚ୍‌ପିସି ବିଦ୍ୟୁତର ହାରାହାରି ମୂଲ୍ୟ (ପ/ୟୁ) | 52.01 | 57.63 | 62.51 | 65.96 | 6.00% |
| 3 | ଗ୍ରୀଡ୍‌କୋର ବିଦ୍ୟୁତ କ୍ରୟର ହାରାହାରି ମୂଲ୍ୟ (ପ/ୟୁ) | 127.40 | 148.27 | 174.58 | 210.32 | 20.47% |
| 4 | ହାରାହାରି ବିଏସ୍‌ପି (ପ/ୟୁ) | 122.15 | 122.20 | 170.25 | 231.65 | 36.06^ |
| **5** | ବିଏସ୍‌ପି ଓ ବିଦ୍ୟୁତ କ୍ରୟ ମଧ୍ୟରେ ତଫାତ୍ **(3) – (4) / (4) – (3)** (ଯଥାସ୍ଥିତି) | **-5.25** | **-26.07** | **-4.33** | **21.33** | |
| **6** | ବିଏସ୍‌ପିର ବିଭାଜନ ପ/ୟୁ | | | | | |
| | ସେସୁ | 101.50 | 101.50 | 157.00 | 219.00 | 40% |
| | ନେସ୍କୋ | 125.00 | 130.00 | 195.00 | 262.00 | 35% |
| | ୱେସ୍କୋ | 157.25 | 154.00 | 194.00 | 262.00 | 35% |
| | ସାଉଥ୍‌କୋ | 70.00 | 70.00 | 90.00 | 135.00 | 50% |
| | ମୋଟ | **122.15** | **122.20** | **170.25** | **213.65** | **36.06%** |
| 7 | ହାରାହାରି ସରବରାହ ଦେୟ ପ/ୟୁ | 21.00 | 20.50 | 23.50 | 25.00 | 7% |
| | ଡିସ୍‌କମ୍‌ସ | | | | | |
| | ହାରାହାରି ଯୋଗାଣ ବ୍ୟୟ | **272** | **263** | **327.37** | **408.87** | **25.00%** |
| 8 | ହାରାହାରି ଆରଏସ୍‌ଟି ପ/ୟୁ (ରାଜସ୍ୱ) | 281.40 | 265.15 | 320.58 | 404.01 | 26.02%* |
| 9 | ହାରାହାରି ବିଏସ୍‌ପି (ପ/ୟୁ) | 122.15 | 122.20 | 170.25 | 231.65 | 36.06% |
| 10 | ଏସ୍‌ଏଲ୍‌ଡିସି ସମେତ ସରବରାହ ବ୍ୟୟ (ପ/ୟୁ) | 21.00 | 21.00 | 23.68 | 25.18 | 7.0% |
| ***11*** | ***ଡିସ୍‌କମ୍‌ଗୁଡିକ ତୁଳନାରେ ତଫାତ (8 – 9 – 10) (ପ/ୟୁ)*** | ***138.25*** | ***121.95*** | ***126.65*** | ***147.18*** | ***17%*** |
| **12** | ଭୋଲ୍ଟେଜ୍‌ଦ୍ୱାରା ଖୁଚୁରା ପ୍ରଶୁଳ୍କ (ଟାରିଫ୍)ର ବିଭାଜନ | | | | | |
| | ଇଏଚ୍‌ଟି | ***295.05*** | ***295.05*** | ***379.93*** | ***477.43*** | ***26&*** |
| | ଏଚ୍‌ଟି | ***308.68*** | ***308.68*** | ***383.68*** | ***482.43*** | ***26%*** |
| | ଏଲ୍‌ଟି | ***212.00*** | ***179.99*** | ***219.21*** | ***300.34*** | ***37%*** |
| | ସାମଗ୍ରିକ | ***281.40*** | ***265.15*** | ***320.58*** | ***404.01*** | ***19.74%**** |

* 2011-12 ପାଇଁ ରାଜସ୍ୱ ଆଧାର 19.74% ଥିବାସ୍ଥଳେ 2010-11 ପାଇଁ ତାହାଥିଲା 22.29%

** ରାଜସ୍ୱକୁ ରାଜସ୍ୱ 19.74% (ପ୍ରଶୁଳ୍କକୁ ପ୍ରଶୁଳ୍କ 2011-12ରେ 26.02% ଥିବାସ୍ଥଳେ 2010-11ରେ ତାହା ଥିଲା 21%)

## 45. ତୁଳନାତ୍ମକଭାବରେ ପ୍ରଶୁଳ୍କ (ଟାରିଫ୍) ବୃଦ୍ଧି ଏବଂ ବଣ୍ଟନଜନିତ କ୍ଷତିରେ ହ୍ରାସ, ଏଟି ଆଣ୍ଡ ସି କ୍ଷତି, ଇତ୍ୟାଦି

45.1 ବାସ୍ତବରେ ଯଦି ବଣ୍ଟନ କମ୍ପାନୀମାନେ ବଣ୍ଟନଜନିତ କ୍ଷତିର ହ୍ରାସ କରନ୍ତି ଏବଂ ବିଦ୍ୟୁତ ଚୋରି ରୋକିବାକୁ ପଦକ୍ଷେପ ନିଅନ୍ତି ତେବେ ଥରକୁ ଥର ପ୍ରଶୁଳ୍କ (ଟାରିଫ୍) ବୃଦ୍ଧିର ଆବଶ୍ୟକତା ପଡନ୍ତା ନାହିଁ, ଯଦିଓ ଉତ୍ପାଦନ, ସରବରାହ ଓ ବଣ୍ଟନଜନିତ ବ୍ୟୟର ବୃଦ୍ଧି କାରଣରୁ ପ୍ରଶୁଳ୍କ (ଟାରିଫ୍) ବୃଦ୍ଧିକୁ ସମ୍ପୂର୍ଣ୍ଣ ଭାବରେ ଏଡେଇ ଦେଇହେବ ନାହିଁ । କିନ୍ତୁ ଯାହାହେଉ, ଓଡିଶା କ୍ଷେତ୍ରରେ ଆୟୋଗ, ବଣ୍ଟନ କମ୍ପାନୀମାନଙ୍କ ଦ୍ୱାରା ପ୍ରଦର୍ଶିତ ବଣ୍ଟନଜନିତ କ୍ଷତିର ଆଧାରରେ ପ୍ରଶୁଳ୍କର ପରିମାଣ ସ୍ଥିର କରିନାହାନ୍ତି ବା କରୁନାହାଁନ୍ତି । ବର୍ଷକୁ ବର୍ଷ ହ୍ରାସକରଣ ପଦ୍ଧତିକୁ ଭିତ୍ତିକରି ଆୟୋଗ ସ୍ଥିର କରାଯାଇଥିବା ନମୁନା ବା ଆଦର୍ଶ ସ୍ତରରେ ବିତରଣ କ୍ଷତି ଆଧାରରେ ପ୍ରଶୁଳ୍କ (ଟାରିଫ୍) ଧାର୍ଯ୍ୟ କରୁଛନ୍ତି । ତାହା ନିମ୍ନ ଟେବୁଲରେ ଦର୍ଶାଯାଇଛି :-

**ଟେବୁଲ - 25**

| | 2009-10 ଆର୍ଥିକ ବର୍ଷ | | 2010-11 ଆର୍ଥିକ ବର୍ଷ | | | | 2011-12 ଆର୍ଥିକ ବର୍ଷ | | |
|---|---|---|---|---|---|---|---|---|---|
| | ଓଇଆରସି ଦ୍ୱାରା ଅନୁମୋଦିତ | ପ୍ରକୃତ | ଡିସ୍କମ୍ଙ୍କର ପ୍ରସ୍ତାବ | ଓଇଆରସି ଦ୍ୱାରା ଅନୁମୋଦିତ | ଡିସ୍କମ୍ସ ଦ୍ୱାରା ଦର୍ଶାଯାଇଥିବା ପ୍ରକୃତ ପରିମାଣ (9/2010 ପର୍ଯ୍ୟନ୍ତ) | 10-11 ନିମନ୍ତେ ଅଦ୍ୟତନ ଅଟକଳ | 11-12 ପାଇଁ ଡିସ୍କମ୍ସ ଦ୍ୱାରା ପ୍ରସ୍ତାବ | ତା.20.3.10ର ବ୍ୟବସାୟ ଯୋଜନା ଆଦେଶ ବଳରେ ଓଇଆରସି ଦ୍ୱାରା 2011-12 ନିମନ୍ତେ ଅନୁମୋଦିତ | ଏଆରଆରରେ ଆନୁମାନିକ |
| କ୍ଷତି (%) | 24.45 | 37.24 | 35.60 | 22.22 | 37.54 | 35.50 | 32.95 | 21.70 | 21.71 |
| ଅସୁଲ ଦକ୍ଷତା (%) | 98.00 | 97.00 | 96.60 | 98.00 | 88.28 | 96.6 | 98.34 | 99.00 | 99.00 |
| ଏଟି ଏବଂ ସି ଜନିତ କ୍ଷତି (%) | 25.96 | 39.15 | 37.80 | 23.80 | 44.86 | 37.8 | 34.06 | 22.48 | 22.49 |

45.2 2010-11 ବା 2011-12 ବର୍ଷ ନିମନ୍ତେ ବିଦ୍ୟୁତ ବଣ୍ଟନ କମ୍ପାନିଗୁଡିକ ଦ୍ୱାରା ଦର୍ଶାଯାଇଥିବା ବଣ୍ଟନଜନିତ କ୍ଷତିକୁ ଆଧାର କରି ଯଦି ଟାରିଫ୍ ସ୍ଥିର କରାଯାଇଥାନ୍ତା ତେବେ ଟାରିଫ୍ ବୃଦ୍ଧି ଅଧିକ ହୋଇଥାନ୍ତା । କିନ୍ତୁ ବ୍ୟବସାୟ ଯୋଜନା (ବିଜିନେସ ପ୍ଲାନ) ଅନୁସାରେ 2010-11 ନିମନ୍ତେ ବଣ୍ଟନଜନିତ କ୍ଷତି 22.22% ଓ 2011-12 ନିମନ୍ତେ 21.70%କୁ ଆଧାର କରି ଆୟୋଗ, 2010-11 ବର୍ଷ ନିମନ୍ତେ ଟାରିଫ୍ ସ୍ଥିର କରିଛନ୍ତି, ମାତ୍ର ବଣ୍ଟନ କମ୍ପାନିଗୁଡିକ ଦ୍ୱାରା 2010-11 ପାଇଁ ଦର୍ଶାଯାଇଥିବା ବଣ୍ଟନଜନିତ କ୍ଷତି 35.60%କୁ ଓ 2011-12 ପାଇଁ ଦର୍ଶାଯାଇଥିବା 32.95%କୁ ଆଧାର କରି ସ୍ଥିର କରାଯାଇନାହିଁ ।

45.3 ଆୟୋଗଙ୍କ ଦ୍ୱାରା ଅନୁମୋଦିତ ସ୍ତରରୁ ଯେତେବେଳେ ବଣ୍ଟନ କମ୍ପାନିଗୁଡ଼ିକ ବଣ୍ଟନଜନିତ କ୍ଷତି କମାଇ ଦେବାକୁ ସମର୍ଥ ହେବେ ସେତେବେଳେ ଟାରିଫ୍ ବୃଦ୍ଧି ନିଶ୍ଚିତରୂପେ କମିଯିବ, କାରଣ ବଣ୍ଟନ କମ୍ପାନିଗୁଡ଼ିକର ରାଜସ୍ୱ ଆବଶ୍ୟକତା ସଂପ୍ରତି ଆୟୋଗଙ୍କ ଦ୍ୱାରା ଅନୁମୋଦିତ ବଣ୍ଟନଜନିତ କ୍ଷତିର ନରମାଟିଭ୍ ସ୍ତରରେ ହିସାବ କରାଯାଇଛି; ମାତ୍ର ବଣ୍ଟନ କମ୍ପାନିଗୁଡ଼ିକ ଦ୍ୱାରା ଦର୍ଶାଯାଇଥିବା ବଣ୍ଟନଜନିତ କ୍ଷତିକୁ ଆଧାର କରାଯାଇ ହିସାବ କରାଯାଇ ନାହିଁ । ସେମାନେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ହୋଇଥିବାମତେ ରାଜସ୍ୱର ଆବଶ୍ୟକ ପରିମାଣ ଅସୁଲ କରିବାରେ ଅସମର୍ଥ ହେବେ ଯାହା ଫଳରେ କି, କାର୍ଯ୍ୟ ସମ୍ପାଦନ ଓ ରକ୍ଷଣାବେକ୍ଷଣ ବାବଦ ବ୍ୟୟ, ଦରମା, ପେନ୍‌ସନ ଓ ମଜୁରି ପ୍ରଦାନ ଓ ମୂଳଧନ ଓ ସୁଧ ଇତ୍ୟାଦି ଯଥା ସମୟରେ ପ୍ରଦାନ କରିବା ଲାଗି ବଣ୍ଟନ କମ୍ପାନିଗୁଡ଼ିକ ଲାଗି ନଗଦ ଟଙ୍କାର ଅଭାବ ପଡ଼ିବ ।

## 46. କ୍ଷତି କମାଇବା ବିଷୟରେ ବିତରକ କମ୍ପାନିଗୁଡ଼ିକର କାର୍ଯ୍ୟ ସମ୍ପାଦନ

### ଟେବୁଲ – 26
### ଡିସ୍‌କମ୍‌ମାନଙ୍କର ସାମଗ୍ରିକ କାର୍ଯ୍ୟ ସମ୍ପାଦନ

| | 1999-00 | 2007-08 | | 2008-09 | | 2009-10 (ପ୍ରୋଭିଜନାଲ) | | 2010-11 (ପ୍ରୋଭିଜନାଲ) | | | 2011-12 | |
|---|---|---|---|---|---|---|---|---|---|---|---|---|
| | ପ୍ରକୃତ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ପ୍ରକୃତ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ପ୍ରକୃତ | ଓଇଆରସି ଅନୁମୋଦନ | ପ୍ରକୃତ | ଡିସ୍‌କମ୍‌ର ପ୍ରସ୍ତାବ | ଓଇଆରସି ଅନୁମୋଦନ | ସେପ୍ଟେମ୍ବର, ୧୦ ପର୍ଯ୍ୟନ୍ତ ପ୍ରକୃତ | ଡିସ୍‌କମ୍‌ର ପ୍ରସ୍ତାବ | ଓଇଆରସି ଅନୁମୋଦନ |
| | **କ. ବିତରଣ ଜନିତ କ୍ଷତି (%)** | | | | | | | | | | | |
| ସେସୁ | 44.89% | 29.30% | 41.48% | 29.30% | 40.34% | 26.30% | 39.43% | 44.28% | 25.37% | 37.59% | 34.59 % | 24.00% |
| ନେସ୍କୋ | 43.35% | 26.00% | 31.17% | 25.50% | 34.57% | 23.00% | 32.52% | 28.30% | 18.46% | 32.76% | 27.66 % | 18.40% |
| ୱେସ୍କୋ | 44.17% | 25.00% | 36.13% | 25.00% | 33.55% | 22.50% | 34.68% | 28.45% | 19.93% | 37.20% | 31.29 % | 19.70% |
| ସାଉଥ୍‌କୋ | 41.84% | 30.40% | 45.49% | 30.40% | 47.78% | 27.92% | 48.02% | 42.76% | 27.82% | 47.79% | 42.67 % | 26.50% |
| ସମଗ୍ର ଓଡ଼ିଶା | **43.91%** | **27.10%** | **37.48 %** | **27.00%** | **37.50 %** | **24.45%** | **37.24 %** | 35.38% | **22.22%** | **37.54%** | **32.95 %** | **21.71%** |
| | **ଖ. ଅସୁଲ ସମ୍ବନ୍ଧୀୟ ଦକ୍ଷତା (%)** | | | | | | | | | | | |
| ସେସୁ | 69.72% | 92.00% | 94.05% | 95.00% | 91.80% | 98.00% | 97.09% | 95.00% | 98.00% | 91.47% | 99.00 % | 99.00% |
| ନେସ୍କୋ | 79.37% | 94.00% | 93.16% | 95.00% | 92.50% | 98.00% | 95.24% | 97.00% | 98.00% | 84.39% | 98.00 % | 99.00% |
| ୱେସ୍କୋ | 83.36% | 96.00% | 92.91% | 96.60% | 93.86% | 98.00% | 98.38% | 97.50% | 98.00% | 88.85% | 98.00 % | 99.00% |
| ସାଉଥ୍‌କୋ | 78.75% | 94.00% | 94.05% | 94.00% | 94.21% | 98.00% | 95.89% | 97.00% | 98.00% | 85.10% | 98.00 % | 99.00% |
| ସମଗ୍ର ଓଡ଼ିଶା | **77.19%** | **94.10%** | **93.41 %** | **95.40%** | **92.98 %** | **98.00%** | **96.96 %** | 96.58% | **98.00%** | **88.28%** | **98.34 %** | **99.00%** |
| | **ଗ. ଏଟି ଆଣ୍ଡ ସି ଜନିତ କ୍ଷତି (%)** | | | | | | | | | | | |
| ସେସୁ | 61.58% | 34.96% | 44.96% | 32.84% | 45.23% | 27.77% | 41.19% | 47.06% | 26.86% | 42.91% | 35.24 % | 24.76% |

| | 1999-00 | 2007-08 | | 2008-09 | | 2009-10 (ପ୍ରୋଭିଜନାଲ) | | 2010-11 (ପ୍ରୋଭିଜନାଲ) | | | 2011-12 | |
|---|---|---|---|---|---|---|---|---|---|---|---|---|
| | ପ୍ରକୃତ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ପ୍ରକୃତ (ସମୀକ୍ଷିତ ) | ଓଇଆରସି ଅନୁମୋଦନ | ପ୍ରକୃତ | ଓଇଆରସି ଅନୁମୋଦନ | ପ୍ରକୃତ | ଡିସ୍କମ୍‌ର ପ୍ରସ୍ତାବ | ଓଇଆରସି ଅନୁମୋଦନ | ସେପ୍ଟେମ୍ବର, ୧୦ ପର୍ଯ୍ୟନ୍ତ ପ୍ରକୃତ | ଡିସ୍କମ୍‌ର ପ୍ରସ୍ତାବ | ଓଇଆରସି ଅନୁମୋଦନ |
| ନେସ୍କୋ | 55.04% | 30.44% | 35.88% | 29.23% | 39.48% | 24.54% | 35.73% | 30.45% | 20.09% | 43.25% | 29.11 % | 19.22% |
| ୱେସ୍କୋ | 53.46% | 28.00% | 40.65% | 27.55% | 37.63% | 24.05% | 35.74% | 30.24% | 21.53% | 44.21% | 32.66 % | 20.50% |
| ସାଉଥ୍‌କୋ | 54.20% | 34.58% | 48.73% | 34.58% | 50.80% | 29.36% | 50.16% | 44.47% | 29.27% | 55.57% | 43.82 % | 27.24% |
| ସମଗ୍ର ଓଡିଶା | **56.71%** | **31.40%** | **41.60 %** | **30.36%** | **41.89 %** | **25.96%** | **39.15 %** | 37.59% | **23.77%** | **44.86%** | **34.06 %** | **22.49%** |

## ଡିସ୍କମ୍‌ସର ଏଲଟି କାର୍ଯ୍ୟ ସମ୍ପାଦନ (କାର୍ଯ୍ୟ ସମ୍ପାଦନର ରିଭ୍ୟୁ ତଥ୍ୟ (ଡାଟା) ଉପରେ ଆଧାରିତ)

| | 1999-00 | 2007-08 | | 2008-09 | | 2009-10 (ପ୍ରୋଭିଜନାଲ) | | 2010-11 (ପ୍ରୋଭିଜନାଲ) | | 2011-12 | |
|---|---|---|---|---|---|---|---|---|---|---|---|
| | ପ୍ରକୃତ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ପ୍ରକୃତ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ପ୍ରକୃତ | ଓଇଆରସି ଅନୁମୋଦନ | ପ୍ରକୃତ | ଓଇଆରସି ଅନୁମୋଦନ | ସେପ୍ଟେମ୍ବର, ୧୦ ପର୍ଯ୍ୟନ୍ତ ପ୍ରକୃତ | ଡିସ୍କମ୍‌ର ପ୍ରସ୍ତାବ | ଓଇଆରସି ଅନୁମୋଦନ |
| | କ. ଏଲଟି ଜନିତ କ୍ଷତି (%) | | | | | | | | | | |
| ସେସୁ | 50.48% | 34.40% | 53.18% | 36.00% | 52.00% | 35.04% | 51.97% | 29.40% | 50.11% | 46.20% | 29.20% |
| ନେସ୍କୋ | 62.26% | 51.10% | 59.31% | 44.50% | 59.40% | 33.19% | 55.83% | 29.40% | 54.94% | 42.39% | 27.05% |
| ୱେସ୍କୋ | 60.64% | 52.00% | 65.33% | 46.70% | 65.65% | 35.86% | 62.49% | 29.40% | 62.55% | 48.95% | 27.11% |
| ସାଉଥ୍‌କୋ | 48.85% | 33.20% | 54.44% | 33.40% | 57.12% | 29.50% | 56.22% | 29.40% | 54.52% | 49.85% | 27.75% |
| ସମଗ୍ର ଓଡିଶା | **55.11%** | **42.30%** | **57.94%** | **40.30%** | **58.06 %** | **34.04%** | **56.26 %** | **29.40%** | **55.04%** | **46.60%** | **27.98%** |
| | ଖ. ଏଲଟି ଅସୁଲ ସମ୍ବନ୍ଧୀୟ ଦକ୍ଷତା (%) | | | | | | | | | | |
| ସେସୁ | 69.72% | 92.00% | 88.35% | 95.00% | 84.63% | 98.00% | 96.51% | 98.00% | 83.6% | 99.00% | 99.0% |
| ନେସ୍କୋ | 79.37% | 94.00% | 72.69% | 95.00% | 72.61% | 98.00% | 77.43% | 98.00% | 59.9% | 98.00% | 99.0% |
| ୱେସ୍କୋ | 83.36% | 96.00% | 77.91% | 96.60% | 73.42% | 98.00% | 76.01% | 98.00% | 64.9% | 98.00% | 99.0% |
| ସାଉଥ୍‌କୋ | 78.75% | 94.00% | 88.21% | 94.00% | 89.10% | 98.00% | 92.77% | 98.00% | 76.3% | 98.00% | 99.0% |
| ସମଗ୍ର ଓଡିଶା | **77.19%** | **94.10%** | **83.09%** | **95.40%** | **80.63 %** | **98.00%** | **87.62 %** | **98.00%** | **73.9%** | **98.34%** | **99.0%** |
| | ଗ. ଏଲଟି ନିମନ୍ତେ ଏଟି ଆଣ୍ଡ ସି ଜନିତ କ୍ଷତି (%) | | | | | | | | | | |
| ସେସୁ | 65.47% | 39.65% | 58.63% | 39.20% | 59.38% | 36.34% | 53.65% | 30.81% | 58.26% | 46.74% | 29.91% |
| ନେସ୍କୋ | 70.05% | 54.03% | 70.42% | 47.28% | 70.52% | 34.53% | 65.80% | 30.81% | 73.02% | 43.54% | 27.78% |
| ୱେସ୍କୋ | 67.19% | 53.92% | 72.99% | 48.51% | 74.78% | 37.14% | 71.49% | 30.81% | 75.69% | 49.97% | 27.84% |
| ସାଉଥ୍‌କୋ | 59.72% | 37.21% | 59.81% | 37.40% | 61.79% | 30.91% | 59.39% | 30.81% | 65.31% | 50.85% | 28.47% |
| ସମଗ୍ର ଓଡିଶା | **65.35%** | **45.70%** | **65.05%** | **43.05%** | **66.18 %** | **35.36%** | **61.68 %** | **30.81%** | **66.80%** | **47.49%** | **28.70%** |

*ବି.ଦ୍ର **: (I)** ଏଲ୍.ଟି ନିମନ୍ତେ ଏଟି ଓ ସି ଜନିତ କ୍ଷତି (ଓଇଆରସି ଅନୁମୋଦନ) ସାମଗ୍ରିକ ଅସୁଲ ସମ୍ବନ୍ଧୀୟ ଦକ୍ଷତା ତଥ୍ୟକୁ ଆଧାର କରି ହିସାବ କରାଯାଇଛି ।*

***(II)* 1999-00** *ନିମନ୍ତେ ସାମଗ୍ରିକ ଅସୁଲର ଶତକଡା ହାର ଏଟି ଓ ସି ଜନିତ କ୍ଷତି ହିସାବ କରିବା ଲାଗି* ***1999-00*** *ଆର୍ଥିକ ବର୍ଷ ନିମନ୍ତେ ଏଲଟି ଅସୁଲ ସମ୍ବନ୍ଧୀୟ ଦକ୍ଷତା ଭାବରେ ଧରି ନିଆଯାଇଛି ।*

## 47. ରାଜ୍ୟ ସରକାରଙ୍କ ଦ୍ୱାରା ରାଜସ୍ୱ ସବ୍‌ସିଡିର ଆବଶ୍ୟକତା ତୁଳନାରେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା

47.1 ଡିସ୍କମ୍‌ମାନଙ୍କଦ୍ୱାରା ଉପସ୍ଥାପନ କରାଯାଇଛି ଯେ ବିପିଏଲ୍ ଉପଭୋକ୍ତାମାନେ 30 ୟୁନିଟ୍ ଉପଯୋଗ ପାଇଁ ମାସ ପିଛା ମୋଟାମୋଟି ଦରରେ ଟ.30.00 ଦେଉଛନ୍ତି । ଆରଜିଜିଭିୱାଇ ଓ ବିଜିଜେୱାଇ ଯୋଗୁଁ 2010-11 ଶେଷ ସୁଦ୍ଧା ବିପିଏଲ୍ ଉପଭୋକ୍ତାମାନଙ୍କ ସଂଖ୍ୟା 89,250ରୁ 6.50 ଲକ୍ଷକୁ ବୃଦ୍ଧି ହୋଇଛି

ଓ ଏହା **2011-12** ଶେଷ ସୁଦ୍ଧା **40** ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ । ଯେହେତୁ ରାଜ୍ୟ ସରକାର, ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା **100%** କରିବାକୁ ତଥା ସମସ୍ତ ବିପିଏଲ ପରିବାରକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ତେଣୁ ବିଦ୍ୟୁତ ବଣ୍ଟନ କମ୍ପାନିଗୁଡ଼ିକ ଉପସ୍ଥାପନ କରିଛନ୍ତି ଯେ ସେମାନେ ୟୁନିଟ ପିଛା କେବଳ ଟ**1.00** ଆଦାୟ କରୁଥିବାରୁ **2011-12** ମଧ୍ୟରେ ଯୋଗାଣ ଟ.**4.00**ରୁ ଅଧିକ ହେବ ଓ ତା' ପରବର୍ତ୍ତୀ ବର୍ଷମାନଙ୍କରେ ବିପିଏଲ ପରିବାରଗୁଡ଼ିକ ଦ୍ୱାରା ବିଦ୍ୟୁତ ଶକ୍ତି ଉପଯୋଗ ଯୋଗୁଁ ପର୍ଯ୍ୟାପ୍ତ କ୍ଷତି ହେବ । ଏ ସଂକ୍ରାନ୍ତରେ ଏନ୍‌ଟିପିସି, ଆରଇସି, ଡିସ୍‌କମ୍‌ମାନେ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ହୋଇଥିବା ରାଜିନାମାର ଖଣ୍ଡ (ଏଚ୍) ଓ (ଆଇ)ରେ ଥିବା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି ଓ ଉକ୍ତ ବ୍ୟବସ୍ଥାର ଉଦ୍ଧୃତି ନିମ୍ନରେ ଦର୍ଶାଯାଇଛି **:-**

*"H. ଓଡ଼ିଶା ସରକାର ଓ ନେଭ୍କୋ ନିମ୍ନଲିଖିତ ବିଷୟ ସୁନିଶ୍ଚିତ କରିବା ସକାଶେ ଚୁକ୍ତିବଦ୍ଧ ହୋଇଛନ୍ତି:-*

*(କ) ଅଧିକାରପ୍ରାପ୍ତ ସଂସ୍ଥାର <u>ବ୍ୟବସାୟିକ ସ୍ଥିତିକୁ</u> ସୁନିଶ୍ଚିତ କରିବା ସକାଶେ ଉକ୍ତ ସଂସ୍ଥା ପାଇଁ ଅଧିକ ପରିମାଣର ଯୋଗାଣ ସମ୍ବନ୍ଧରେ ଟାରିଫ ସ୍ଥିରୀକରଣ ।*

*(ଖ) ବିଦ୍ୟୁତ ଅଧିନିୟମ,* ***2003*** *ଅନୁଯାୟୀ ଆବଶ୍ୟକ ହେଉଥିବାମତେ ରାଜ୍ୟ ବିଦ୍ୟୁତ ସଂସ୍ଥାଗୁଡ଼ିକୁ ରାଜ୍ୟ ସରକାରଙ୍କ ଦ୍ୱାରା ଆବଶ୍ୟକ ପରିମାଣର ରାଜସ୍ୱ ସବ୍‌ସିଡିର ବ୍ୟବସ୍ଥା ।*

*I. (ii) ବିଦ୍ୟୁତ ଅଧିନିୟମ,* ***2003*** *ଅନୁଯାୟୀ ଆବଶ୍ୟକ ହେଉଥିବା ମତେ ବିଦ୍ୟୁତ ଉପଯୋଗ କରୁଥିବା ରାଜ୍ୟର ସଂସ୍ଥାଗୁଡ଼ିକୁ ଆବଶ୍ୟକ ପରିମାଣର ରାଜସ୍ୱ ସବ୍‌ସିଡି ବ୍ୟବସ୍ଥା – ପ୍ରୋଜେକ୍ଟ ଅଞ୍ଚଳରେ ରାଜସ୍ୱ ଅସୁଲ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ ଓ ତାହା ପ୍ରଚଳିତ ଉପଭୋକ୍ତା ଟାରିଫ ଓ ସମ୍ଭାବ୍ୟ ଲୋଡ ଉପରେ ଆଧାରିତ ହେବ, ଅଧିକାରପ୍ରାପ୍ତ ସଂସ୍ଥା ସକାଶେ ଅଧିକ ପରିମାଣର ଯୋଗାଣ ଟାରିଫ (ବିଏସ୍‌ଟି) ଉକ୍ତ ସଂସ୍ଥାର ବ୍ୟବସାୟିକ ସ୍ଥିତି ସଂପର୍କରେ ସୁନିଶ୍ଚିତ ହେବାପରେ ନିର୍ଦ୍ଧାରିତ ହେବ । ରାଜ୍ୟ ବିଦ୍ୟୁତ ସଂସ୍ଥାଗୁଡ଼ିକ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ (ଏସ୍‌ଇଆର୍‌ସିଏସ)କୁ ସେମାନଙ୍କର ରାଜସ୍ୱ ଆବଶ୍ୟକତା ଓ ଟାରିଫ ସ୍ଥିରୀକରଣଲାଗି ଦେଇଥିବା ପ୍ରସ୍ତାବ ଉପରେ ଅଧିକ ପରିମାଣର ଯୋଗାଣ ଟାରିଫ୍ ସ୍ଥିର କରାଯିବ । ଯଦି*

*ଏସଇଆରସି ଦ୍ୱାରା ସ୍ଥିରୀକୃତ ଟାରିଫ ତୁଳନାରେ ଯେକୌଣସି ନିମ୍ନବର୍ଗର ଉପଭୋକ୍ତାମାନଙ୍କ ଟାରିଫ ସ୍ଥିର କରିବାକୁ ରାଜ୍ୟ ସରକାର ଚାହାଁନ୍ତି ତେବେ ବିଦ୍ୟୁତଶକ୍ତି ଅଧିନିୟମ, 2003 ଅନୁଯାୟୀ ରାଜ୍ୟର ବିଦ୍ୟୁତଯୋଗାଣକାରୀ ସଂସ୍ଥାଗୁଡିକୁ ରାଜ୍ୟ ସରକାର ଆବଶ୍ୟକ ପରିମାଣର ରାଜସ୍ୱ ସବ୍‌ସିଡି ଯୋଗଇଦେବା ଆବଶ୍ୟକ ।"*

*(iii) ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ବିଦ୍ୟୁତ ଯୋଗାଣ ସମୟରେ କୌଣସି ପ୍ରକାର ବାଛବିଚାର ନରଖି ବିଦ୍ୟୁତ ଯୋଗାଣ ସକାଶେ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ।*

47.2 ଏ ସଂକ୍ରାନ୍ତରେ ଏଠାରେ ଦର୍ଶାଇଦିଆଯାଉଛି ଯେ ବିପିଏଲ ବର୍ଗ ବା ସମାଜର ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଉପଭୋକ୍ତାମାନଙ୍କ ପାଇଁ ଟାରିଫ ସ୍ଥିର କଲାବେଳେ ଜାତୀୟ ବିଦ୍ୟୁତଶକ୍ତି ପଲିସିରେ ପାରା 5.5.2ରେ ଥିବା ବ୍ୟବସ୍ଥା ଦ୍ୱାରା କମିଶନ ପରିଚାଳିତ ହେବା ଉଚିତ୍ ଯେଉଁଥିରେକି ଦର୍ଶାଯାଇଛି ଯେ ଅତ୍ୟନ୍ତ ଗରିବ ଶ୍ରେଣୀର ଉପଭୋକ୍ତାମାନଙ୍କ ପାଇଁ, ଦାରିଦ୍ର୍ୟ ସୀମାରେଖା ତଳ (ବିପିଏଲ) ବର୍ଗର ଉପଭୋକ୍ତାମାନେ ଯେଉଁମାନେକି ନିର୍ଦ୍ଦିଷ୍ଟ ସ୍ତରରୁ କମ୍ ପରିମାଣର ବିଦ୍ୟୁତ, ଅର୍ଥାତ୍ ମାସପିଛା 30 ୟୁନିଟ ଉପଯୋଗ କରୁଛନ୍ତି ସେମାନେ ବିଦ୍ୟୁତଦେୟ ଦେଇପାରିବା ଭଳି ବିଦ୍ୟୁତଶକ୍ତି ଯୋଗାଇଦେବାଲାଗି ସର୍ବନିମ୍ନ ସହାୟତା ଯୋଗଇଦେବା ଆବଶ୍ୟକ । ସେପରି ପଦନାମିତ ବର୍ଗର ଉପଭୋକ୍ତାମାନଙ୍କ ନିମନ୍ତେ ଟାରିଫ ସ୍ଥିର କଲାବେଳେ ତାହା ଯୋଗାଣର ହାରାହାରି ମୂଲ୍ୟର ଅନ୍ୟୁନ 50% ଭାଗ ହେବା ଉଚିତ ।

47.3 ସୁତରାଂ ଜାତୀୟ ବିଦ୍ୟୁତ ପଲିସିର ପାରା 5.52ରେ ଥିବା ବ୍ୟବସ୍ଥା ଅନୁସାରେ ଆୟୋଗ, ବିପିଏଲ ଉପଭୋକ୍ତାମାନଙ୍କ ପାଇଁ ଏକ ଟାରିଫ ସ୍ଥିର କରିବା ଆବଶ୍ୟକ, ଯାହାକି ଯୋଗାଣର ହାରାହାରି ମୂଲ୍ୟର 50%ରୁ କମ୍ ହେବା ଉଚିତ ନୁହେଁ ଓ ବିଦ୍ୟୁତ ଅଧିନିୟମ, 2003ର ଧାରା-65 ଅନୁଯାୟୀ ବଳକା ପରିମାଣ ରାଜ୍ୟ ସରକାରଙ୍କୁ ରାଜସ୍ୱ ସବ୍‌ସିଡି ଆକାରରେ ବହନ କରିବାକୁ ହେବ ।

47.4 ତଥାପି କୌଣସି ସବସିଡିର ବ୍ୟବସ୍ଥା କରିବା ପୂର୍ବରୁ ବିପିଏଲ ପରିବାରଗୁଡିକ ଦ୍ୱାରା ଉପଯୋଗ ହେଉଥିବା ବିଦ୍ୟୁତଶକ୍ତିର ପ୍ରକୃତ ପରିମାଣ ଓ ସେହି ବିପିଏଲ ପରିବାରଗୁଡିକ ଲାଗି ଟାରିଫର ସ୍ତର କମ୍ କରାଯିବା ଯୋଗୁଁ ଯେଉଁ କ୍ଷତି ହେଉଛି ତାହା ସତ୍ୟାପନ (ଭେରିଫାଏଡ) ହେବା ଆବଶ୍ୟକ ଓ ତାହା ଅନ୍ୟ ଏକ ସଂସ୍ଥା ଦ୍ୱାରା ନିରୂପଣ କରାଯିବ । ଅନ୍ୟାନ୍ୟ ଉପଭୋକ୍ତାମାନଙ୍କ ଦ୍ୱାରା ଚୋରୀ ବା ଅନ୍ୟ କୌଣସି କାରଣରୁ ବଣ୍ଟନ କମ୍ପାନୀଗୁଡିକର ହୋଇଥିବା କ୍ଷତି, ବିପିଏଲ ଉପଭୋକ୍ତାମାନଙ୍କୁ ସରକାରୀ ସହାୟତାପ୍ରାପ୍ତ ଦରରେ

ଟାରିଫ ସ୍ଥିର କରାଯାଉଥିବା ଯୋଗୁଁ ଘଟିଛି ବୋଲି କହି ତାହାକୁ ରାଜ୍ୟସରକାରଙ୍କ ଉପରେ ଲଦି ଦିଆଯାଇପାରିବନାହିଁ । କିନ୍ତୁ ବିପିଏଲ ଉପଭୋକ୍ତାମାନଙ୍କ ସଂଖ୍ୟା ନିଶ୍ଚିତ ବୃଦ୍ଧି କାରଣରୁ କ୍ଷତିର ପରିମାଣ ନିଶ୍ଚିତରୂପେ ବୃଦ୍ଧିହେବ ଯାହାକି ଉଚ୍ଚତର ଟାରିଫ, ଉତ୍ତମ କାର୍ଯ୍ୟସମ୍ପାଦନ ଓ ଅନ୍ୟ ଉପଭୋକ୍ତାମାନଙ୍କଠାରୁ ଅପେକ୍ଷାକୃତ ଅଧିକ ଅସୁଲ କରିବା ଦ୍ୱାରା ଭରଣା ହୋଇପାରିବ ନାହିଁ । କାରଣ ବିଦ୍ୟୁତ ଅଧିନିୟମ, 2003ର ଧାରା 61(ଜି) ତଥା ଟାରିଫ ପଲିସିର ପାରା 8.23 ଅନୁଯାୟୀ 2010-11ର ଶେଷ ସୁଦ୍ଧା କ୍ରସ ସବ୍‌ସିଡିକୁ ଯୋଗାଣର ହାରାହାରି ମୂଲ୍ୟର $\pm$20% ମଧ୍ୟରେ ରଖିବାକୁ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାର ଅର୍ଥ ହେଉଛି ଯେ ଯଦି ଯୋଗାଣର ହାରାହାରି ମୂଲ୍ୟ ୟୁନିଟ ପିଛା ଟ4.00 ହୁଏ ତେବେ ଶିଳ୍ପ ସଂସ୍ଥାଭଳି ଉଚ୍ଚମାନର ଉପଭୋକ୍ତାମାନଙ୍କ ପାଇଁ ଉଚ୍ଚତର ଟାରିଫ ଦର ୟୁନିଟପିଛା ଟ4.80ରୁ ଅଧିକ ହେବା ଉଚିତ ନୁହେଁ, ଯେତେବେଳେକି ନିମ୍ନମାନର ଉପଭୋକ୍ତାମାନଙ୍କ ପାଇଁ ତାହା ୟୁନିଟପିଛା ଟ3.20ରୁ କମ୍ ହେବା ମଧ୍ୟ ଉଚିତ ନୁହେଁ ।

## 48. ପାୱାର ସେକ୍ଟର ପାଇଁ ସଂପୃକ୍ତ ଅଞ୍ଚଳ ଓ ତହିଁର ବିସ୍ତୃତ ବିବରଣୀ (ରୋଡ୍ ମ୍ୟାପ)

48.1 ବିଦ୍ୟୁତ କ୍ଷେତ୍ରରେ ବଣ୍ଟନ କ୍ଷେତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; କିନ୍ତୁ ସମଗ୍ର ପାୱାର ସେକ୍ଟରରେ ତାହାର ସଂଯୋଗକରଣ ଅତ୍ୟନ୍ତ ଦୁର୍ବଳ । ଯଦି ବିତରକ ସେକ୍ଟରଗୁଡିକର ଆର୍ଥିକ ସ୍ୱଚ୍ଛଳତା ନରହିବ ତେବେ ବିଦ୍ୟୁତ ଉତ୍ପାଦନ ଓ ସରବରାହ ଗୁରୁତରଭାବରେ ପ୍ରଭାବିତ ହେବ । ତେଣୁ ବଣ୍ଟନ ସେକ୍ଟରଗୁଡିକର ଆର୍ଥିକ ସ୍ଥିତିକୁ ସୁଦୃଢ କରିବାକୁ ସମସ୍ତପ୍ରକାର ପ୍ରଚେଷ୍ଟା ଜାରି ରହିବା ଆବଶ୍ୟକ । ଏଥିପାଇଁ ବିଦ୍ୟୁତଶକ୍ତି ଉପଯୋଗକୁ ବ୍ୟବସାୟିକ ରୀତିରେ କାର୍ଯ୍ୟକାରୀ କରିବା ଉଚିତ୍ । ଅନ୍ୟ ପକ୍ଷରେ କହିବାକୁଗଲେ ହିତାଧିକାରୀମାନଙ୍କଠାରୁ ଉତ୍ପାଦନ, ସରବରାହ ଓ ବଣ୍ଟନ ସମ୍ବନ୍ଧୀୟ ମୂଲ୍ୟ ଆଦାୟ କରିବାକୁ ହେବ ।

48.2 ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ଆଣିବାକୁ ହେଲେ ଉତ୍ତମ ପ୍ରଶାସନର ଭୂମିକା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉପଭୋକ୍ତାଙ୍କୁ ତୁରନ୍ତ ସେବା ଯୋଗାଇଦେବା ତଥା ସେମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସକାଶେ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେବାଲାଗି ଡିସ୍‌କମ୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

48.3 ଓଡିଶାର ନିର୍ଦ୍ଦିଷ୍ଟ ସମସ୍ୟା ବିଷୟରେ କହିବାକୁ ଗଲେ ସଂପ୍ରତି ଏଟି. ଓ ସି. ଜନିତ କ୍ଷତିର ଉଚ୍ଚସ୍ତର 39.15% (2009-10) ଯାହାକି ଅସହନୀୟ ଅଟେ । ବଣ୍ଟନ କମ୍ପାନିଗୁଡିକର କର୍ମଚାରୀମାନଙ୍କର ଜାଣତରେ/ଅଜାଣତରେ ବିଭିନ୍ନ ସ୍ତରରେ ବିଦ୍ୟୁତଶକ୍ତି ଚୋରୀକୁ କୌଶଳର ସହିତ ସମାଧାନ କରିପାରିଲେ

ଉକ୍ତ କ୍ଷତିର 50% ରୋକା ଯାଇପାରିବ । ତେଣୁ ବିଭିନ୍ନ ସ୍ତରରେ ବିଦ୍ୟୁତଶକ୍ତି ଚୋରୀକୁ ରୋକିବା ସକାଶେ ଜରୁରୀ ଆବଶ୍ୟକତା ରହିଛି । ପୁରୁଣା ଓ ଭଗ୍ନ ଅବସ୍ଥାରେ ଥିବା ବଣ୍ଟନ ନେଟୱାର୍କ ଯୋଗୁଁ ହେଉଥିବା ଅବଶିଷ୍ଟ 50% ଭାଗ, ବିଦ୍ୟୁତ ବ୍ୟବସ୍ଥାରେ ଆଧୁନିକୀକରଣ ହେଲେ ତାହା ରୋକାଯାଇପାରିବ । ସେଥିପାଇଁ 2010-11ରୁ 2013-14 ଆର୍ଥିକ ବର୍ଷ ମଧ୍ୟରେ ସରକାର ଟ.2400 କୋଟି ଟଙ୍କାର ଏକ କ୍ୟାପେକ୍ସ ପ୍ରୋଗ୍ରାମ ପ୍ରଚଳନ କରିଛନ୍ତି । ଉକ୍ତ 2400 କୋଟି ଟଙ୍କାରୁ ରାଜ୍ୟ ସରକାର 1200 କୋଟି (ଟ.666.67 କୋଟି 0% ସୁଧରେ ଟ.533.33 କୋଟି 4% ସୁଧରେ) ଟଙ୍କା ଯୋଗାଇ ଦେବେ । ଅବଶିଷ୍ଟ ଟ.1200 କୋଟି ଟଙ୍କା, ବଣ୍ଟନ କମ୍ପାନିଗୁଡ଼ିକ ଦ୍ୱାରା କାଉଣ୍ଟରପାର୍ଟ ପାଣ୍ଠି ଆକାରରେ ଯୋଗାଇ ଦିଆଯିବ । ଯଦି ସେମାନେ ଟ.833.34 କୋଟି ଟଙ୍କା ଉପରେ ବର୍ଷକୁ 3% ଏଟି ଆଣ୍ଡ ସି ଜନିତ କ୍ଷତି ହ୍ରାସ କରାଇପାରନ୍ତି (ତ୍ରୟୋଦଶ ଅର୍ଥ କମିଶନ ଅନୁଦାନ ଟ.500 କୋଟି + ରାଜ୍ୟ ସରକାରଙ୍କ ଅଂଶ ଟ.166.67 କୋଟି + କାଉଣ୍ଟରପାର୍ଟ ପାଣ୍ଠିରୂପେ ଗ୍ରୀଡକୋର ଅଂଶ ଟ.166.67 କୋଟି) ତେବେ ତାହା ଅନୁଦାନ ଆକାରରେ ପରିବର୍ତ୍ତିତ ହୋଇପାରିବ ।

48.4 ବିଦ୍ୟୁତ ସଂସ୍ଥାଗୁଡ଼ିକ ଯଦି ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି, ବ୍ୟବସାୟିକ ତଥା ବୈଷୟିକ ଜନିତ କ୍ଷତିର ହ୍ରାସ, ଉପଭୋକ୍ତାମାନଙ୍କର ସନ୍ତୋଷବିଧାନ ହେଲାଭଳି ସେବା ଯୋଗାଇ ଦେବାରେ ଗୁଣାତ୍ମକ ମାନର ବୃଦ୍ଧି ଓ ଉପଭୋକ୍ତାମାନେ ଉପଯୋଗ କରୁଥିବା ବିଦ୍ୟୁତ ବାବଦ ଦେୟ ପଇଠ କରିବା ନେଇ ଆବଶ୍ୟକ ସ୍ଥଳେ କଠୋର ପଦକ୍ଷେପ ଗ୍ରହଣ କରନ୍ତି ତେବେ ରାଜ୍ୟରେ ଥିବା ପାୱାର ସେକ୍ଟରଗୁଡ଼ିକର ସଂସ୍କାରରେ ଆଶାଜନକଭାବେ ଅଭିବୃଦ୍ଧି ହୋଇପାରିବ । ଅତ୍ୟନ୍ତ ପରିତାପର ବିଷୟ ଏହିକି ଯେ ସଂପ୍ରତି ରାଜ୍ୟରେ ଉପଭୋକ୍ତାମାନଙ୍କୁ ବିକ୍ରୟ କରାଯାଉଥିବା ପ୍ରତ୍ୟେକ 100 ୟୁନିଟ ବିଦ୍ୟୁତରୁ ମାତ୍ର 63 ୟୁନିଟର ବିଲ୍ କରାଯାଉଛି ଓ କେବଳ 61 ୟୁନିଟର ବିକ୍ରୟ ଦାମ୍ ଆଦାୟ କରାଯାଉଛି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ, ବ୍ୟବସାୟର ଏପରି ଢଙ୍ଗ ଅଚଳନୀୟ ଓ ଅସମ୍ଭବ । ଯେବେ ପ୍ରକୃତରେ ଉପଯୋଗ ହେଉଥିବା ବିଦ୍ୟୁତ ଦେୟର ସଂପୂର୍ଣ୍ଣ ପରିମାଣ ଆଦାୟ ହେବ ତେବେ ବଣ୍ଟନ ସେଗ୍‌ମେଣ୍ଟଗୁଡ଼ିକର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିବ । ବଣ୍ଟନ କମ୍ପାନିଗୁଡ଼ିକ ସେମାନଙ୍କର ବିଲିଂ ଅସୁଲ ଦକ୍ଷତା ବୃଦ୍ଧି କରିବାବେଳେ ସେମାନେ ମଧ୍ୟ ବିଦ୍ୟୁତ ଚୋରୀକୁ ରୋକିବା ସକାଶେ ଫଳପ୍ରଦ ପ୍ରଚେଷ୍ଟା କରିବା ଉଚିତ୍ ।

48.5 ଅନେକ ମହଲରୁ ଦାବି ହେଉଛି ଯେ ବିଦ୍ୟୁତ ସଂସ୍ଥାର କାର୍ଯ୍ୟ ସଂପାଦନର ଉନ୍ନତିକରଣରେ ସମସ୍ତ ଅଞ୍ଚଳକୁ

ଅନ୍ତର୍ଭୁକ୍ତ କରିବାପାଇଁ ଆଜିର ଆବଶ୍ୟକତା ରହିଛି । ପରିଚାଳନା ସ୍ତର ଓ କାର୍ଯ୍ୟକାରିତା ସ୍ତରରେ ସେପରି ପ୍ରାରମ୍ଭିକ ପଦକ୍ଷେପ ଅଗ୍ରାଧିକାର ଭିତ୍ତିରେ ବିଦ୍ୟୁତସଂସ୍ଥା ଗୁଡିକରେ ଉତ୍ସର୍ଗୀକୃତ ଦଳ ମାଧ୍ୟମରେ ଏପରି କାର୍ଯ୍ୟକାରୀ ହେବା ଆବଶ୍ୟକ ଯେପରିକି କାର୍ଯ୍ୟାନ୍ୱୟନପାଇଁ କୌଣସି ବାଧାବିଘ୍ନ ରହିବ ନାହିଁ ଓ ପରିବର୍ତ୍ତନକୁ କାର୍ଯ୍ୟକାରୀ କରିବା ପରଚାଳନାର ସର୍ବୋଚ୍ଚ ସ୍ତରରୁ ସଂପୂର୍ଣ୍ଣ ସମର୍ଥନମିଳିବ । ଥରେ ଏହା ଘଟିଲେ ସଂସ୍କାରର ପ୍ରଭାବ ଅଧିକମାତ୍ରାରେ ଅନୁଭୂତ ହେବ ।

## 49. ବିଭିନ୍ନ ବିଷୟ ଉପରେ କମିଶନଙ୍କ ନିର୍ଦ୍ଦେଶାବଳୀ

**2011-12 ଆର୍ଥିକବର୍ଷ ନିମନ୍ତେ ଖୁଚୁରା ଯୋଗାଣ ଟାରିଫ ଆଦେଶର ଉଦ୍ଧୃତି (ପାରା 576-642)**

**ବଣ୍ଟନ ପଦ୍ଧତିର ରକ୍ଷଣାବେକ୍ଷଣ:**

576. 2010-11 ଆର୍ଥିକ ବର୍ଷ ନିମନ୍ତେ ଏଆରଆର ତଥା ଖୁଚୁରା ଯୋଗାଣ ଟାରିଫର ପାରା-566ରେ କମିଶନ ନିମ୍ନମତେ ନିର୍ଦ୍ଧାରଣ କରିଛନ୍ତି :

> *"ଲାଇସେନ୍ସପ୍ରାପ୍ତ ବ୍ୟକ୍ତିମାନେ କମିଶନଙ୍କ ସମେତ ତଦନ୍ତକାରୀ ଦଳର ଦୀର୍ଘ ମିଆଦୀ ଓ ସ୍ୱଳ୍ପ-ମିଆଦୀ ସୁପାରିସକୁ ଅନୁପାଳନ କରିବା ଆବଶ୍ୟକ । ଜଣାଇ ଦିଆଯାଇଥିବା ମତେ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିମାନେ କେତେକ ସୁପାରିସ୍‌କୁ ଅନୁପାଳନ କରିଛନ୍ତି ଓ ତା ସହିତ ସିଷ୍ଟମ ଉନ୍ନୟନ ପଦକ୍ଷେପ ସ୍ୱରୂପ ତଦନ୍ତ କମିଟିଗୁଡିକର କେତେକ ସୁପାରିସ୍‌କୁ ମଧ୍ୟ ଅନୁପାଳନ କରିଛନ୍ତି । ତେଣୁ 2010-11 ଆର୍ଥିକ ବର୍ଷ ମଧ୍ୟରେ ପୂର୍ବୋକ୍ତ ତଦନ୍ତ ପ୍ରସଙ୍ଗରେ ସୁପାରିସ୍/ନିର୍ଦ୍ଦେଶାବଳୀ ଅନୁପାଳନର ସ୍ଥିତି ବିଷୟରେ ବୈଷୟିକ ଅଡିଟ କରିବା ଲାଗି ଆୟୋଗ ଏକ ପେଶାଦାର ଦଳ ନିୟୋଜିତ କରିଛନ୍ତି ।"*

577. ଆୟୋଗ ଅନୁଭବ କରିଛନ୍ତି ଯେ ବଣ୍ଟନ ପଦ୍ଧତିର ବିଭିନ୍ନ ଉପାଦାନର କାର୍ଯ୍ୟ ସଂପାଦନ ତଦାରଖ କରିବାରେ ଅବହେଳା ଓ ନିମ୍ନମାନର ରକ୍ଷଣାବେକ୍ଷଣ କାରଣରୁ ସଂପ୍ରତି ବିଦ୍ୟୁତ ଯୋଗାଣର ଅସନ୍ତୋଷଜନକ ଅବସ୍ଥା ସୃଷ୍ଟି ହୋଇଛି । ମୁଖ୍ୟତଃ ଲାଇଟିନିଙ୍ଗ ଆରେଷ୍ଟର, ଇନସୁଲେଟର ସର୍କିଟ ବ୍ରେକର ଓ ବମ୍ପର ବ୍ୟବସ୍ଥାରେ ଅସଫଳତା ଯୋଗୁଁ ନିମ୍ନମାନର ବିଦ୍ୟୁତ ଯୋଗାଣ ହେଉଥିବା ବିଷୟରେ ଆୟୋଗ ରିପୋର୍ଟ ପାଇଛନ୍ତି ।

578. ବଣ୍ଟନ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସେସୁ, ସାଉଥକୋ, ୱେସ୍କୋ ଓ ନେସ୍କୋର ବିଭିନ୍ନ ବିଦ୍ୟୁତ ସର୍କଲ ଅଧୀନରେ ଥିବା ସବଷ୍ଟେସନଗୁଡିକ ଓ ବଣ୍ଟନ ଲାଇନର ରକ୍ଷଣାବେକ୍ଷଣକୁ ତଦନ୍ତ କରିବା ସକାଶେ କମିଶନ ମଧ୍ୟ ବିଶେଷଜ୍ଞ ଦଳକୁ ନିୟୋଜିତ କରିଥିଲେ ।

**ବଣ୍ଟନ ପଦ୍ଧତି ବିଷୟରେ ତଦନ୍ତକାରୀ ଦଳ ଦ୍ୱାରା କରାଯାଇଥିବା କେତେକ ସୁପାରିସ୍‌ର ସଂକ୍ଷିପ୍ତ ସାର ନିମ୍ନରେ ଦର୍ଶାଯାଇଛି :**

**ସମସ୍ତ ସବ୍‌ଷ୍ଟେସନ (ଏସ୍/ଏସ୍) ଗୁଡିକର ଲାଇଟିନିଙ୍ଗ ଆରେଷ୍ଟର/ନଷ୍ଟ ହୋଇଥିବା ପାର୍ଟସ ବଦଳରେ ନୂତନ ପାର୍ଟସ ଲଗାଇବାର ବ୍ୟବସ୍ଥା କରିବା**

- ପ୍ରତ୍ୟେକ ସ୍ଥଳରେ ଆର୍ଥିଙ୍ଗର ନିୟମିତ ମାପ କରିବା ଓ ତାହାର ରେକର୍ଡ ରଖିବା
- କନେକ୍ଟରସ ଓ ଜଏଣ୍ଟସକୁ ନିୟମିତ ଜାଞ୍ଚକରିବା
- ଛିଣ୍ଡିଯାଇଥିବା ଆର୍ଥିଙ୍ଗ ଏବି ସୁଇଚଗୁଡିକ ବଦଳାଇ ତା ପରିବର୍ତ୍ତେ ନୂତନ ସୁଇଚ୍ ଲଗାଇବା
- ପ୍ରତି ମାସରେ ଅନ୍ତତଃ ଥରେ ସମସ୍ତ ବ୍ରେକରର କାର୍ଯ୍ୟକାରିତା ଓ ମେକାନିଜିମ୍‌କୁ ଜାଞ୍ଚ କରିବା
- ସମସ୍ତ 33/11 କେଭି ସବ୍‌ଷ୍ଟେସନଠାରେ ଥିବା ବ୍ୟାଟେରୀ ଇଲେକ୍ଟ୍ରୋଲାଇଟ ସ୍ପେସିଫିକ୍ ଗ୍ରାଭିଟି, ସେଲ ଟେଷ୍ଟର ଓ ହାଇଡ୍ରୋମିଟରଗୁଡିକୁ ପ୍ରତିଦିନ ଯାଞ୍ଚ କରିବା
- ନିରାପତ୍ତା ତଥା ସୁରକ୍ଷା ଦୃଷ୍ଟିରୁ ସବୁ ସବ୍‌ଷ୍ଟେସନକୁ ବାଡ ବୁଜିବା ଓ ପାଚେରୀ ନିର୍ମାଣ କରିବା ଉଚିତ୍
- ଲଙ୍ଗ୍, ଓଭରଲୋଡେଡ୍ 11 କେଭି ଫିଡରଗୁଡିକରେ ଇଣ୍ଟରମିଟେଣ୍ଟ ଏସ୍/ଏସ୍ ବ୍ୟବସ୍ଥା କରିବା
- ଲୋଡ ସନ୍ତୁଳନ, ଗଛଡାଳ କାଟିବା, ନଷ୍ଟହୋଇଯାଇଥିବା ଇନସୁଲେଟର ଓ ଲାଇଟିନିଙ୍ଗ ଆରେଷ୍ଟରଗୁଡିକୁ ବଦଳାଇ ନୂଆ ଲଗାଇବା

ଉପରୋକ୍ତ ବ୍ୟବସ୍ଥାଗୁଡିକ ସହିତ କମିଶନ ଆହୁରିମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ

> *"ଲାଇସେନ୍ସପ୍ରାପ୍ତ ବ୍ୟକ୍ତି ଏକାଥରକେ ପ୍ରତ୍ୟେକ ଡିଭିଜନରେ ଗୋଟିଏ 33/11 କେଭି ସବ୍‌ଷ୍ଟେସନ ବାଛିବେ ଓ ତାହାକୁ ଆବଶ୍ୟକ ସମସ୍ତପ୍ରକାର ଯନ୍ତ୍ରପାତିରେ ଏପରି ଭାବରେ ସଜାଇବେ ଯେପରିକି ଭୋଲଟେଜର ସ୍ଥିତି ବଢିଗଲେ ମଧ୍ୟ ବିନା ଓଭରଲୋଡିଂରେ ଏହା ଲୋଡ ଯୋଗାଇପାରିବ । ତାପରେ ଲାଇସେନ୍ସପ୍ରାପ୍ତ ବ୍ୟକ୍ତି ଆଉଗୋଟିଏ ସବ୍‌ଷ୍ଟେସନ ପ୍ରତି ବିହିତ ଦୃଷ୍ଟି ଦେବେ ଏବଂ ଏହିପରି ଭାବରେ ତାହାଙ୍କ କାର୍ଯ୍ୟାଧୀନ ଅଞ୍ଚଳ ମଧ୍ୟରେ ଥିବା ସମସ୍ତ ସବ୍‌ଷ୍ଟେସନ ସ୍ଥିତିରେ ଉନ୍ନତି ସାଧନ କରିବେ ।"*

579. ଉପରୋକ୍ତ ତଦନ୍ତ ବିଷୟରେ ଡିସକୋମସଗୁଡିକ ଅନୁପାଳନ ରିପୋର୍ଟ ଦାଖଲ କରିବେ ଓ କମିଶନ ନିୟମିତଭାବରେ ତାହାକୁ ତଦାରଖ କରିବେ । ଯଦିଓ ଅନେକଗୁଡିଏ ସ୍ୱଳ୍ପମିଆଦୀ ସୁପାରିସମାନ କାର୍ଯ୍ୟକାରୀ ହୋଇଛି ତଥାପି ଅନେକ ସଂଖ୍ୟକ ଦୀର୍ଘମିଆଦୀ ସୁପାରିସ୍ କାର୍ଯ୍ୟକାରୀ ନ ହୋଇ ରହିଛି । ଆଶା କରାଯାଉଛି ଯେ ଡିସକୋମଗୁଡିକ ବାକିପଡିଥିବା କାର୍ଯ୍ୟଗୁଡିକୁ ନିକଟଭବିଷ୍ୟତରେ ଅତିବେଶୀରେ ତା.31.3.2012 ସୁଦ୍ଧା

ସେମାନଙ୍କର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ପାୱାର ଯୋଗାଇଦେବା ସକାଶେ ଯେକୌଣସି ଉପାୟରେ ସଂପୂର୍ଣ୍ଣ କରିବେ । ସିଷ୍ଟମ ଉନ୍ନୟନ ଓ କ୍ୟାପେକ୍ସ କାର୍ଯ୍ୟକ୍ରମ ଅନୁଯାୟୀ କମିଶନଙ୍କ ଦ୍ୱାରା ଅନୁମୋଦିତ ସୁପାରିସ ଓ ପୁଞ୍ଜିଲଗାଣ ପ୍ରସ୍ତାବର କାର୍ଯ୍ୟାନ୍ୱୟନ ପରେ ଯୋଗାଣ ପରିସ୍ଥିତିରେ ନିଶ୍ଚିତରୂପେ ଉନ୍ନତି ଘଟିବ ଯାହାକି ଉଭୟ ଓପିଟିସିଏଲ ଓ ଡିସକୋମଗୁଡିକ ପାଇଁ ସଂଲଗ୍ନକ ଅଂଶରେ ଦର୍ଶାଯାଇଥିବା ବିଷୟବସ୍ତୁରୁ ଜଣାଯାଇପାରିବ ।

**ବିଦ୍ୟୁତ ବଣ୍ଟନ କମ୍ପାନିଗୁଡିକର (ଲାଇସେନସ୍) କାର୍ଯ୍ୟସମ୍ପାଦନର ମାନ (ଷ୍ଟାଣ୍ଡାର୍ଡ)ର ମୂଲ୍ୟାୟନ**

580. ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ବଣ୍ଟନ ଲାଇସେନ୍ସପ୍ରାପ୍ତ ବ୍ୟକ୍ତି ସେମାନଙ୍କ ହାସଲକରିଥିବା କାର୍ଯ୍ୟସମ୍ପାଦନର ସ୍ତର ସମ୍ବନ୍ଧରେ ଯେଉଁସବୁ ସୂଚନା ରହିଛି ତାହା କମିଶନଙ୍କ ନିକଟରେ ଦାଖଲ କରିବେ । ବିଦ୍ୟୁତଶକ୍ତି ଅଧିନିୟମ, 2003ର ଧାରା 59(2) ଅନୁଯାୟୀ ବଣ୍ଟନ ଲାଇସେନସପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଇଥିବା ସେପରି ସୂଚନାକୁ କମିଶନ ପ୍ରକାଶନ କରାଇବେ । ସଂପ୍ରତି କମିଶନ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେ, 2009 ମସିହା ପରଠାରୁ ସେପରିସୂଚନା ପ୍ରକାଶନ କରିବା ପୂର୍ବରୁ ତାହାକୁ ବିଶେଷଜ୍ଞ/ଏଜେନ୍‌ସି ମାଧ୍ୟମରେ କ୍ରସ-ଚେକ୍ କରି ତାହାର ସଠିକତା ସମ୍ବନ୍ଧରେ ଜାଣିବା ସକାଶେ ଥାର୍ଡପାର୍ଟି ଦ୍ୱାରା ଅଡିଟ କରାଇବେ । ଇତିମଧ୍ୟରେ କମିଶନ, ଓଇଆରସି (ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କର କାର୍ଯ୍ୟସମ୍ପାଦନର ମାନ) ରେଗୁଲେସନ, 2004କୁ ସଂଶୋଧନ କରିଛନ୍ତି ଓ ତଦନୁସାରେ ସେହି କାର୍ଯ୍ୟ କରିବା ସକାଶେ ଇଚ୍ଛୁକଥିବା ଫାର୍ମ/ବିଶେଷଜ୍ଞମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଛନ୍ତି । ସୂଚନା ସ୍ମାରକ ତଥା କମିସନଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ଆର୍ଥିକ ବିଡ୍ ଦସ୍ତାବିଜକୁ ଆଧାରକରି ସେମାନେ ନିଜ ନିଜର କୋଟେସନ ଦାଖଲ କରିବାକୁ ସେମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

**ପାୱାର ଯୋଗାଣର ଗୁଣାତ୍ମକ ମାନ ତଥା କାର୍ଯ୍ୟସଂପାଦନର ମାନ (ଷ୍ଟାଣ୍ଡାର୍ଡ) ତଦାରଖ**

581. କମିଶନ ଦର୍ଶାଇଛନ୍ତି ଯେ ଉପଭୋକ୍ତାମାନଙ୍କୁ ପାୱାର ଯୋଗାଣର ଗୁଣାତ୍ମକମାନ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହେଉଛି ଓ ନିମ୍ନମାନର କାର୍ଯ୍ୟସଂପାଦନ ସମ୍ବନ୍ଧରେ ଉପଭୋକ୍ତାମାନଙ୍କଠାରୁ ବାରମ୍ବାର ଅଭିଯୋଗ ଆସୁଛି । ଉକ୍ତ ବିଷୟ ଏସ୍‌ଏସି ମିଟିଙ୍ଗରେ ଆଲୋଚନା ହୋଇଥିଲା ଓ ଏସ୍‌ଏସିର ତିନିଜଣ ସଦସ୍ୟଙ୍କୁ ନେଇ ଏକ ତଦାରଖ କମିଟି ଗଠନ କରାଯାଇଥିଲା । ଉକ୍ତ କମିଟି ଓଇଆରସିର ଦୁଇଜଣ ଅଧିକାରୀ, ସରକାରୀ ପ୍ରତିନିଧି ଓ ସରବରାହ ଓ ବଣ୍ଟନ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ । ପ୍ରତି ଡିସକୋମର ଗୋଟିଏ ସେକସନ (ସେସୁ, ସାଉଥକୋ, ନେସ୍କୋ ଓ ୱେସ୍କୋର ଯଥାକ୍ରମେ ବାଲିକୁଦା, କାନିସି, କମର୍ଦ୍ଦା ଓ ବଡଗାଁ) କୁ ଗୋଟିଏ ଗୋଟିଏ ଆଦର୍ଶ ସେକ୍‌ସନରେ ପରିଣତ କରିବା ପାଇଁ ଗ୍ରହଣ କରାଯାଇଛି । ଉପରୋକ୍ତ ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଉକ୍ତ

ସେକ୍‌ସନର ବର୍ତ୍ତମାନର ଅବସ୍ଥା ଅନୁଧ୍ୟାନ କରିବା ସକାଶେ କମିଟିର ସଦସ୍ୟମାନେ ସେଗୁଡ଼ିକୁ ପରିଦର୍ଶନ କରିଥିଲେ । ଡିସ୍‌କମ୍‌ମାନେ, କମିଟିକୁ ସେକ୍‌ସନଗୁଡ଼ିକପାଇଁ ସେମାନଙ୍କର ଯାହା ଆବଶ୍ୟକତା ରହିଛି ତାହା ଯୋଗାଇ ଦେଇଛନ୍ତି ।

582. ଆହୁରିମଧ୍ୟ ପରାମର୍ଶ ଦିଆଯାଇଅଛି ଯେ, ସେକ୍‌ସନଗୁଡ଼ିକୁ ଆଦର୍ଶ ସେକ୍‌ସନଭାବେ ପରିଣତ କରିବାପାଇଁ ପ୍ରଚେଷ୍ଟା କଲାବେଳେ ଉପକରଣ, କର୍ମଚାରୀ ନିଯୁକ୍ତି ବା ଅନ୍ୟାନ୍ୟ ବ୍ୟବସ୍ଥାରେ ଅତ୍ୟଧିକ ବ୍ୟୟ କରିବା ଲାଗି ପ୍ରୟାସ କରିବା ଉଚିତ ନୁହେଁ । କାରଣ ସର୍ବନିମ୍ନ ସମ୍ଭବ ବ୍ୟୟ ବଦଳରେ ଯେପରି ସର୍ବାଧିକ ହିତ ସାଧନ ହୋଇପାରିବ ସେଥିପାଇଁ ଦୃଷ୍ଟି ଦେବା ବିଧେୟ । ସଂପ୍ରତି କାର୍ଯ୍ୟରତ କର୍ମଚାରୀମାନଙ୍କୁ ଉପଯୋଗ କରି ବିଦ୍ୟୁତ ବର୍ଣ୍ଟନ ଅଞ୍ଚଳ, କର୍ମଚାରୀମାନଙ୍କର ଯାତାୟାତ ଓ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତିସାଧନ ଓ ନୂତନ ବୈଷୟିକ ଜ୍ଞାନକୌଶଳ ପ୍ରତି ବିଶେଷ ଧ୍ୟାନ ଦେବାକୁ ଡିସ୍‌କମ୍‌ସକୁ ପରାମର୍ଶ ଦିଆଯାଇଛି । ବୈଷୟିକ ଯୋଗ୍ୟତାଥିବା ବ୍ୟକ୍ତିମାନଙ୍କୁ ନେଇ ଓ ଆବଶ୍ୟକସ୍ଥଳେ ଅସ୍ଥାୟୀ ବାହାର ସଂସ୍ଥା ମାଧ୍ୟମରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ସକାଶେ ତଥା ପଦବୀ ପୂରଣ ପରେ ଆର୍ଥିକ ଆବଶ୍ୟକତାକୁ ରିଭ୍ୟୁ କରିବା ସକାଶେ ସେମାନଙ୍କୁ ଅନୁରୋଧ କରାଯାଇଥିଲା । ସୁପାରିସ୍ କରାଯାଇଥିବା କାର୍ଯ୍ୟଗୁଡ଼ିକ ସମୟସୀମା ମଧ୍ୟରେ ଶେଷ କରିବାକୁ  କମିଶନ ମଧ୍ୟ ଡିସ୍‌କମ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସାମଗ୍ରିକ ଆବଶ୍ୟକତାର ପ୍ରାକ୍ ନିର୍ଦ୍ଧାରଣ ନିମନ୍ତେ ଅନ୍ୟାନ୍ୟ ସେକ୍‌ସନର ଆକ୍ସନପ୍ଲାନ୍ ପ୍ରସ୍ତୁତ ହେବା ସଙ୍ଗେସଙ୍ଗେ ତଦାରଖ କମିଟି ଦ୍ୱାରା ସ୍ଥିରୀକୃତ ଅଞ୍ଚଳରୁ ମିଳିଥିବା ତଥ୍ୟକୁ ଆଧାରକରି ତାହାକୁ ଡିସକମ୍‌ମାନଙ୍କ ଦ୍ୱାରା ସ୍ୱତଃ ହାତକୁ ନିଆଯିବା ଉଚିତ୍ ।

**ଉପଭୋକ୍ତାଙ୍କୁ କ୍ଷତିପୂରଣ ପ୍ରଦାନ**

583. ଓଇଆରସି (ଲାଇସେନ୍ସପ୍ରାପ୍ତବ୍ୟକ୍ତିଙ୍କର କାର୍ଯ୍ୟସମ୍ପାଦନର ମାନ) ରେଗୁଲେସନ, 2004ରେ ବିନିର୍ଦ୍ଦିଷ୍ଟ ହୋଇଛି ଯେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉପଭୋକ୍ତାମାନଙ୍କୁ ସେବା ଯୋଗାଇ ଦେବାରେ ଖିଲାପ କଲେ ଲାଇସେନସ୍‌ପ୍ରାପ୍ତବ୍ୟକ୍ତି ସେମାନଙ୍କୁ କ୍ଷତିପୂରଣ ଦେବେ । ଲାଇସେନ୍ସପ୍ରାପ୍ତବ୍ୟକ୍ତିଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ମତେ ଜିଆର୍‌ଏଫ ହସ୍ତକ୍ଷେପ କରିବାପରେ ଓ ଅମ୍ବୁଡସମ୍ୟାନ ଓ ମାନ୍ୟବର ହାଇକୋର୍ଟ ଦ୍ୱାରା ଜାଂଚପରେ ଶ୍ରୀମତୀ ସରୋଜିନୀ ତ୍ରିପାଠୀ ନାମକ ଜଣେ ଉପଭୋକ୍ତାଙ୍କୁ କେବଳ ସେସୁ ଟ.18700.00 କ୍ଷତିପୂରଣ ଆକାରରେ ପ୍ରଦାନ କରିଥିଲେ । ଅନ୍ୟ କୌଣସି ଲାଇସେନ୍ସଧାରୀଙ୍କ ଦ୍ୱାରା କୌଣସି କ୍ଷତିପୂରଣ ଦିଆଯାଇଛି ବୋଲି ରିପୋର୍ଟ କରାଯାଇନାହିଁ । କ୍ଷତିପୂରଣ ପ୍ରଦାନ ବିଷୟରେ କାର୍ଯ୍ୟସଂପାଦନର ମାନ ସଂପର୍କିତ ରେଗୁଲେସନରେ ସ୍ଥିରୀକୃତ

ନୀତିକୁ କଡାକଡିଭାବେ ପାଳନ କରିବା ସକାଶେ ଲାଇସେନ୍ସଧାରୀ ସଂସ୍ଥାଗୁଡିକୁ ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଇଛି ।

**584. ରେଗୁଲେସନ ପ୍ରଣୟନ/ପ୍ରଚଳିତ ରେଗୁଲେସନରେ ସଂଶୋଧନ ନିମନ୍ତେ ଅନ୍ୟାନ୍ୟ ପଦକ୍ଷେପ**

(i) ଓଇଆରସି (ଅଣପାରମ୍ପରିକ ଯୋଗ୍ୟ କ୍ରୟ ଓବ୍ଲିଗେସନ ଓ ତାହାର ଅନୁପାଳନ) ରେଗୁଲେସନ, 2010ର ଚୂଡାନ୍ତକରଣ

ବିଦ୍ୟୁତ ଅଧିନିୟମ, 2003ର ଧାରା 861(ଇ) ତଥା ଧାରା 61(ଏଚ୍), 86ରେ ଥିବା ବ୍ୟବସ୍ଥା ଅନୁସାରେ ଅଣପାରମ୍ପରିକ ଉତ୍ସରୁ ବିଦ୍ୟୁତର ସହଯୋଗୀ ଉତ୍ପାଦନ ଓ ଉତ୍ପାଦନ ବ୍ୟବସ୍ଥାର ଉନ୍ନତି ସାଧନ ନିମନ୍ତେ କମିଶନ, ଓଇଆରସି (ଅଣପାରମ୍ପରିକ କ୍ରୟ ଓବ୍ଲିଗେସନ ଓ ତାହାର ଅନୁପାଳନ) ରେଗୁଲେସନ, 2010 ପ୍ରଣୟନ କରିଛନ୍ତି । ଗ୍ରୀଡ ସହିତ ସଂଯୋଗୀକରଣ ପାଇଁ ଉପଯୁକ୍ତ ପଦକ୍ଷେପ ନିର୍ଣ୍ଣୟ, କୌଣସି ବ୍ୟକ୍ତିଙ୍କୁ ବିଦ୍ୟୁତ ବିକ୍ରୟ, ସେପରି ଉତ୍ସରୁ ବିଦ୍ୟୁତ କ୍ରୟ, ବିଦ୍ୟୁତ ବଣ୍ଟନ ଲାଇସେନସରେ ବିନିର୍ଦ୍ଦିଷ୍ଟ ଅଞ୍ଚଳରେ ମୋଟ ଉପଯୋଗ ହେଉଥିବା ବିଦ୍ୟୁତର ଶତକଡା ହାର ଇତ୍ୟାଦି ବିଷୟରେ ବ୍ୟବସ୍ଥା କରିବା ସକାଶେ ଉକ୍ତ ରେଗୁଲେସନ ପ୍ରଣୟନ କରାଯାଇଛି । ତା06.7.2010ରେ କମିଶନ ଶୁଣାଣି କରିବା ତଥା ତୃତୀୟ ପକ୍ଷ (ଷ୍ଟେକହୋଲଡର)ମାନଙ୍କର ଓ ଜନସାଧାରଣଙ୍କର ମତାମତ ଏବଂ ବିଦ୍ୟୁତ ଅଧିନିୟମ, 2003ରେ ଥିବା ସୁସଙ୍ଗତ ବ୍ୟବସ୍ଥା, ଜାତୀୟ ଟାରିଫ ପଲିସିରେ ଥିବା ସର୍ତ୍ତାବଳୀ, ଏନ୍ଏପଲିସି/ଏଫଓଆର/ସିଇଆରସିର ସୁପାରିସକୁ ବିଚାରକୁ ନେଲାପରେ କମିଶନ, ଅଣପାରମ୍ପରିକ ଓ ସହଯୋଗୀ ଉତ୍ପାଦନ କ୍ରୟ ଓବଲିଗେସନ ସଂପର୍କିତ ରେଗୁଲେସନକୁ ଚୂଡାନ୍ତ କରିଛନ୍ତି । ଉପରୋକ୍ତ ଅନୁମୋଦିତ ରେଗୁଲେସନକୁ ଓଡିଶା ଗେଜେଟର ଅସାଧାରଣ ସଂଖ୍ୟାରେ ପ୍ରକାଶନ ପାଇଁ ତା.19.11.2010ରେ ପଠାଯାଇଛି । ଓଡିଶା ରିନିୟୁଏବୁଲ୍ ଶକ୍ତି ଉନ୍ନୟନ ଏଜେନ୍ସି (ଓରେଡା)କୁ କମିଶନ ରେଜିଷ୍ଟିକରଣ ଲାଗି ରାଜ୍ୟ ଏଜେନ୍ସି ଭାବେ ମଧ୍ୟ ପଦନାମିତ କରିଛନ୍ତି ଓ ତାହା ଓଇଆରସି (ଅଣପାରମ୍ପରିକ ଓ ସହଯୋଗୀ ଉତ୍ପାଦନ କ୍ରୟ ଓବ୍ଲିଗେସନ ଓ ତାହାର ଅନୁପାଳନ) ରେଗୁଲେସନ, 2010 ଅଧୀନରେ କାର୍ଯ୍ୟ କରିବ ବୋଲି ସ୍ଥିର କରିଛନ୍ତି ।

(ii) ପରିଚାଳନାଗତ ଚାହିଦା (ଡିଏସଏମ) ବିଷୟରେ ରେଗୁଲେସନ

ବିଦ୍ୟୁତ ଅଧିନିୟମର ଧାରା 23, 42(1), 61 ଓ 86(2) ଅନୁଯାୟୀ ସର୍ବନିମ୍ନ ପୁଞ୍ଜି ଲଗାଣ ସହିତ ସ୍ୱଳ୍ପ ସମ୍ବଳ ବିନିଯୋଗକରି ଯୋଗାଣ ପଦ୍ଧତିକୁ ଦକ୍ଷତାର ସହିତ ପରିଚାଳନା କରିବାକୁ କମିଶନଙ୍କୁ ନିର୍ଦ୍ଦେଶ

ଦିଆଯାଇଛି । ଜାତୀୟ ବିଦ୍ୟୁତ ପଲିସିର ଖଣ୍ଡ (କ୍ଲଜ୍) 5.9.2, 5.9.4 ଓ 5.9.6ରେ ପରିଚାଳନାଗତ ଚାହିଦା ଗ୍ରହଣ, ଶକ୍ତି ସଂରକ୍ଷଣ ପଦକ୍ଷେପ ଓ ଲୋଡ ପରିଚାଳନା ପାଇଁ ଜ୍ଞାନକୌଶଳ ବିଷୟରେ ବ୍ୟବସ୍ଥା ରହିଛି । ଜାତୀୟ ବିଦ୍ୟୁତ ପଲିସି ଅନୁସାରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ବିଦ୍ୟୁତ ସଂସ୍ଥା ଦ୍ୱାରା କମିଶନ ବିଦ୍ୟୁତ ଦକ୍ଷତାର ମାନ ସୁନିଶ୍ଚିତ କରିବା ଉଚିତ । ସୁତରାଂ ଓଡିଶା ବିଦ୍ୟୁତ ଅଧିନିୟମ, 2003ର ଧାରା 181ର ଉପଧାରା (2)ର ଖଣ୍ଡ (ଜେଡ଼ପି) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ କମିଶନ ଓଡିଶା ବିଦ୍ୟୁତ ରେଗୁଲେଟୋରୀ କମିଶନ (ପରିଚାଳନାଗତ ଚାହିଦା) ରେଗୁଲେସନ, 2011 ପ୍ରଣୟନ କରିଛନ୍ତି । ଏ ସମ୍ବନ୍ଧରେ ପରିଚାଳନାଗତ ଚାହିଦାଉପରେ ଏକ ପରାମର୍ଶୀ ପେପର ମଧ୍ୟ ପ୍ରସ୍ତୁତ ହୋଇଛି । ପ୍ରସ୍ତାବିତ ରେଗୁଲେସନ ଓ ପରାମର୍ଶୀ ପେପର ଉପରେ ମତାମତ ଦେବା ସକାଶେ ସେଗୁଡିକୁ ଷ୍ଟେକ୍‌ହୋଲଡରମାନଙ୍କ ନିକଟକୁ ପଠାଯାଇଛି । ସଂପୃକ୍ତ ସମସ୍ତଙ୍କ ଅବଗତି ନିମନ୍ତେ ତାହା କମିଶନଙ୍କ ୱେବସାଇଟ www.orierc.org ରେ ମଧ୍ୟ ଉପଲବ୍ଧ ହେଉଛି । ଏ ସଂକ୍ରାନ୍ତରେ ମିଳିଥିବା ପ୍ରସ୍ତାବଗୁଡିକ ସକ୍ରିୟ ବିଚାରାଧିନ ରହିଛି ଓ ସରକାରୀ ଗେଜେଟରେ ଉକ୍ତ ରେଗୁଲେସନର ପ୍ରକାଶନ ପାଇଁ କମିଶନ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

**ନିରାପତ୍ତା ପଦକ୍ଷେପ ଓ ବୈଦ୍ୟୁତିକ ସଂଯୋଗୁଡିକର ନିରୀକ୍ଷଣ**

585. ଗଣମାଧ୍ୟମ ଓ ସିଇଆଇ (ଟିଆଣ୍ଡଡି) ଜିଓଓର ତଦନ୍ତ ରିପୋର୍ଟରୁ କମିଶନ ଜାଣିବାକୁ ପାଇଛନ୍ତି ଯେ, ବିଭିନ୍ନ ଡିସକୋମମାନଙ୍କ ଅଧୀନରେ ଥିବା ପ୍ରାୟ ସମସ୍ତ ଅଞ୍ଚଳରେ ବୈଦ୍ୟୁତିକ ଦୁର୍ଘଟଣାମାନ ଘଟୁଛି ଯଦ୍ଦ୍ୱାରା ଧନ ଓ ଜୀବନ ହାନି ହେଉଛି । ଅଧିକାଂଶ ଦୁର୍ଘଟଣା କଣ୍ଡକ୍ଟର ଚୋରାଇନେବା ଓ ବ୍ରେକର ଅନୁପସ୍ଥିତିରେ ଫିଡର ଗୁଡିକର ଅଣ-ଟ୍ରିପିଙ୍ଗ ଯୋଗୁଁ ଘଟୁଛି । କେତେକ ଦୁର୍ଘଟଣା ମଧ୍ୟ ନିରାପତ୍ତା ନିୟମ ନ ମାନିବା ଯୋଗୁଁ ଓ ଡିସ୍‌କମ୍‌ମାନଙ୍କର କର୍ମଚାରୀମାନେ ନିରାପତ୍ତା ଗାଡଗେଟେଡ ବ୍ୟବହାର ନ କରିବା ଯୋଗୁଁ ମଧ୍ୟ ଘଟୁଛି । ସର୍ବୋପରି ଏହା ପ୍ରତୀତ ହେଉଅଛି ଯେ ମୁଖ୍ୟତଃ ନିରାପତ୍ତା ବିହୀନ କାର୍ଯ୍ୟକାରିତା, ନିରାପତ୍ତା ନିୟମ ପାଳନ ନ କରିବା ଓ ଇଲେକ୍ଟ୍ରିକାଲ ଇନିସପେକ୍ଟରଙ୍କ ଦ୍ୱାରା ନିରୀକ୍ଷଣ ନହେବା (ଇନିସପେକ୍ଟରଙ୍କ କାର୍ଯ୍ୟାଳୟ ଦ୍ୱାରା ଯଥାସମୟରେ ନିରୀକ୍ଷଣ ନହେବା ଯୋଗୁଁ ଅଥବା ଡିସ୍‌କମ୍‌ମାନଙ୍କ ଦ୍ୱାରା ନିରୀକ୍ଷଣ ବାବଦ ଫିସ୍ ପ୍ରଦାନ ନ କରିବା ଯୋଗୁଁ) କାରଣରୁ ଦୁର୍ଘଟଣା ବୃଦ୍ଧିହେବାରେ ଲାଗିଛି । ଇଲେକ୍ଟ୍ରିକାଲ ଇନିସ୍ପେକ୍ଟରଙ୍କ କାର୍ଯ୍ୟାଳୟଦ୍ୱାରା ତା.01.3.2011ରେ ଅନୁଷ୍ଠିତ ମିଟିଙ୍ଗରେ ଉପସ୍ଥାପିତ ହୋଇଥିବା ସମଗ୍ର ରାଜ୍ୟରେ ବର୍ଷଓ୍ୱାରୀ ଘଟିଥିବା ଦୁର୍ଘଟଣାର ବିସ୍ତୃତ ପରିସଂଖ୍ୟାନ ଏବଂ ଗତ

5 ବର୍ଷ ମଧ୍ୟରେ ବୃଦ୍ଧି ହୋଇଥିବା ବୈଦ୍ୟୁତିକ ଦୁର୍ଘଟଣାର ବିବରଣୀ ନିମ୍ନସ୍ଥ ଟେବୁଲରେ ଦର୍ଶାଯାଇଛି :-

ଟେବୁଲ -**112**

| ବର୍ଷ | ରାଜ୍ୟରେ ଘଟିଥିବା ଦୁର୍ଘଟଣାର ବର୍ଷଓ୍ୱାରୀ ବିସ୍ତୃତ ବିବରଣୀ | | | | | | | |
|---|---|---|---|---|---|---|---|---|
| | ରିପୋର୍ଟ ହୋଇଥିବା ଦୁର୍ଘଟଣାର ସଂଖ୍ୟା | | | ଇଲେକ୍ଟ୍ରୋକ୍ୟୁଟେଡ୍ ହୋଇଥିବା ବ୍ୟକ୍ତିମାନଙ୍କ ସଂଖ୍ୟା | | | ଇଲେକ୍ଟ୍ରୋକ୍ୟୁଟେଡ୍ ପଶୁ/ପକ୍ଷୀଙ୍କ ସଂଖ୍ୟା | ତଦନ୍ତ ହୋଇଥିବା ଦୁର୍ଘଟଣାର ସଂଖ୍ୟା |
| | ସାଂଘାତିକ | ଅଣ-ସାଂଘାତିକ | ମୋଟ | ମୃତ୍ୟୁ | କ୍ଷତବିକ୍ଷତ | ମୋଟ | | |
| (1) | (2) | (3) | (4) | (5) | (6) | (7) | (8) | (9) |
| 2005-06 | 107 | 41 | 148 | 102 | 43 | 145 | 24 | 15 |
| 2006-07 | 108 | 33 | 141 | 90 | 33 | 123 | 48 | 18 |
| 2007-08 | 135 | 32 | 167 | 93 | 34 | 127 | 90 | 28 |
| 2008-09 | 165 | 30 | 195 | 120 | 33 | 153 | 102 | 22 |
| 2009-10 | 166 | 34 | 200 | 135 | 38 | 173 | 78 | 19 |
| 2010-11 (11/10) | 160 | 53 | 213 | 116 | 64 | 180 | 138 | 52 |
| ମୋଟ | **841** | **223** | **1064** | **656** | **245** | **901** | **480** | **154** |

586. ସିଇଆଇ (ଟିଆଣ୍ଡଡି) ଦ୍ୱାରା ଦାଖଲ କରାଯାଇଥିବା ବୈଦ୍ୟୁତିକ ଦୁର୍ଘଟଣା ସମ୍ବନ୍ଧୀୟ କେତେକ ରିପୋର୍ଟ ବେଳେବେଳେ ଆୟୋଗ ଦ୍ୱାରା ତର୍ଜମା କରାଯାଉଛି । ଦୁର୍ଘଟଣା ଚାଲୁ ରହିବାଲାଗି ମୁଖ୍ୟ କାରଣମାନ ନିମ୍ନରେ ଦର୍ଶାଯାଇଛି :-

(1) ବିଦ୍ୟୁତ ଯୋଗାଣକାରୀ ଓ ସର୍ବସାଧାରଣଙ୍କ ଦ୍ୱାରା ନିରାପତ୍ତା ଉପାୟ/ବିଦ୍ୟୁତ ଅଧିନିୟମ, 2003 ଅଧୀନରେ ଥିବା ବ୍ୟବସ୍ଥାବଳୀ, ଆଇ.ଇ. ନିୟମାବଳୀ, 1956 ଇତ୍ୟାଦିକୁ ବାରମ୍ବାର ଉଲ୍ଲଙ୍ଘନ କରାଯାଉଛି ।

(2) ଲାଇସେନ୍ସ ପ୍ରମାଣପତ୍ରନଥିବା ବ୍ୟକ୍ତିମାନଙ୍କର ଦକ୍ଷତା ନଥାଇ ମଧ୍ୟ ବିଦ୍ୟୁତ ସମ୍ବନ୍ଧୀୟ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଉଛି ।

(3) ନିରାପତ୍ତା ଯନ୍ତ୍ରପାତି କ୍ୱଚିତ ବ୍ୟବହାର ହେଉଛି ।

(4) ଲାଇନ କ୍ଲିଅରରାନ୍ସ ସଠିକ୍ ଭାବେ ନିଆଯାଉନାହିଁ ।

587. ସାଧାରଣତଃ ଏହା ଅନୁଭୂତ ହେଉଛି ଯେ, ସେପରି ଦୁର୍ଘଟଣା, ଧନ, ଜୀବନହାନି କମାଇବା ପାଇଁ ସମସ୍ତ ଷ୍ଟେକହୋଲଡରମାନେ ନିୟମକାନୁନ ଅନୁଯାୟୀ ସେମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସଂପାଦନ କରିବା ଉଚିତ । କମିଶନ ଅନୁଭବ କରିଛନ୍ତି ଯେ ଯୋଗାଣକାରୀମାନଙ୍କ ଦ୍ୱାରା ନିରୀକ୍ଷଣ ଫିସ୍ ଆଗୁଆ ପ୍ରଦାନ ନିମନ୍ତେ କୌଣସି

ବ୍ୟବସ୍ଥା ନଥିଲେ ମଧ୍ୟ ବିଦ୍ୟୁତ ବଣ୍ଟନ ପଦ୍ଧତିର ନିରାପଦ କାର୍ଯ୍ୟକାରିତା ଲାଗି ଆବଶ୍ୟକ ବୈଧାନିକ ନିରୀକ୍ଷଣ ସକାଶେ ଅଗ୍ରିମ ଦେବାଲାଗି କୌଣସି ବାରଣ କରାଯାଇନାହିଁ । ବୈଦ୍ୟୁତିକ ଦିର୍ଘଟଣା ବୃଦ୍ଧି ନିୟନ୍ତ୍ରଣ କରିବାପାଇଁ 2011-12ର ଏଆରଆରରେ ଏ ଆଣ୍ଡ ଜି ଅଧୀନରେ ବ୍ୟବସ୍ଥା କରାଯାଇଥିବା ମୋଟ ପରିମାଣରୁ ନିରୀକ୍ଷଣ ଫିସ୍ ବାବଦକୁ କମିଶନ କିଛି ଅର୍ଥ ପରିମାଣକୁ ନିର୍ଦ୍ଦିଷ୍ଟ ଭାବେ ଚିହ୍ନିତ କରିବା ସକାଶେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବୈଦ୍ୟୁତିକ ଦୁର୍ଘଟଣା ଜନିତ କ୍ଷୟକ୍ଷତିକୁ ହିସାବକୁ ନିଆଯାଇ ନିରୀକ୍ଷଣ ବ୍ୟବସ୍ଥାକୁ ଅଗ୍ରାଧିକାର ଭିତ୍ତିରେ ବଣ୍ଟନ ନେଟୱାର୍କର ଜଟିଳ ବିଦ୍ୟୁତ ସଂଯୋଗ ନିରୀକ୍ଷଣପାଇଁ ଏ ଆଣ୍ଡ ଜି ଅଧୀନରେ ଥିବା ଅର୍ଥ ବ୍ୟବସ୍ଥା କରାଯାଇଛି ।

588. ଆଶା କରାଯାଉଅଛି ଯେ ବଣ୍ଟନ ଲାଇସେନ୍ସଧାରୀ, ଇଲେକ୍ଟ୍ରିକାଲ ଇନିସ୍ପେକ୍ଟରଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ଷ୍ଟେକହୋଲଡରମାନେ ସେମାନଙ୍କର ସାବଧାନତା ଗ୍ରହଣ କରିବା ଉଚିତ୍ ଏବଂ ଏ ସଂକ୍ରାନ୍ତରେ ପ୍ରଣୀତ ସମସ୍ତ ରୁଲସ୍ ଓ ରେଗୁଲେସନକୁ କଡାକଡିଭାବରେ ପାଳନ କରିବା ମଧ୍ୟ ଉଚିତ ଓ ବୈଦ୍ୟୁତିକ ଦୁର୍ଘଟଣାମାନ ଯେପରି କମିବ ସେଥିପାଇଁ ଜନ ସାଧାରଣଙ୍କୁ ସଚେତନ କରିବା ଆବଶ୍ୟକ ।

589. ପୂର୍ବୋକ୍ତ ସମସ୍ତ ବିଷୟକୁ ବିଚାରକୁ ନେଇ କମିଶନ ଏତଦ୍ଦ୍ୱାରା ନିମ୍ନରେ ଦର୍ଶାଯାଇଥିବାମତେ ନିର୍ଦ୍ଦେଶ ଦେଉଛନ୍ତି :-

- ଜରୁରୀ ଓ ଅଗ୍ରାଧୀକାର ଭିତ୍ତିରେ ନିରୀକ୍ଷଣ କରିବାଲାଗି ଡିସକୋମମାନେ, ଜଟିଳ ବିଦ୍ୟୁତ ବଣ୍ଟନ ନେଟୱାର୍କକୁ ଚିହ୍ନଟ କରିବା ଉଚିତ୍ ଓ ତଦନୁଯାୟୀ ସଂପୃକ୍ତ ବର୍ଷର ଏଆରଆରରେ କମିଶନଙ୍କଦ୍ୱାରା ଏ ଆଣ୍ଡଜି ବ୍ୟୟ ଶୀର୍ଷରେ ଅନୁମୋଦିତ ହୋଇ ନିରୀକ୍ଷଣ ପାଇଁ ନିର୍ଦ୍ଦିଷ୍ଟ ଭାବରେ ଚିହ୍ନିତ ପାଣ୍ଠିରୁ ଅଗ୍ରିମ ଆକାରରେ ନିରୀକ୍ଷଣ ବାବଦ ଫିସ୍ ଜମାକରିବା ଆବଶ୍ୟକ । ପ୍ରାରମ୍ଭିକ ଅବସ୍ଥାରେ କମିଶନ 23 କୋଟି ଟଙ୍କା (ରିଲାୟାନ୍ସ ଦ୍ୱାରା ପରିଚାଳିତ ମୋଟ ତିନିଗୋଟି କମ୍ପାନିରୁ ପ୍ରତ୍ୟେକ ବଣ୍ଟନ କମ୍ପାନିପାଇଁ 5 କୋଟି ଟଙ୍କା ଓ ସେସୁପାଇଁ 8 କୋଟି ଟଙ୍କା) 2011-12 ବର୍ଷ ନିମନ୍ତେ ନିରୀକ୍ଷଣ ଫିସ୍ ବାବଦରେ ବ୍ୟବସ୍ଥା କରିଛନ୍ତି । ତଦ୍ଦ୍ୱାରା ଦର୍ଘଟଣାଜନିତ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଜଟିଳ ବିଦ୍ୟୁତ୍ ସଂଯୋଗଗୁଡିକ ଅଗ୍ରାଧିକାର ଭିତ୍ତିରେ ନିରୀକ୍ଷଣ କରିବା ସକାଶେ ଡିସ୍କମ୍‌ଗୁଡିକ ସକ୍ଷମ ହୋଇଛନ୍ତି ।
- ସିଇଏ (ନିରାପତ୍ତା ଓ ବିଦ୍ୟୁତ ଯୋଗାଣ ସଂକ୍ରାନ୍ତୀୟ ପଦେକ୍ଷେପ) ରେଗୁଲେସନ, 2010 ଅନୁଯାୟୀ ଡିସକୋମସ୍ ସେମାନଙ୍କର ସଂସ୍ଥାରେ ବଣ୍ଟନ ପଦ୍ଧତି ସଂକ୍ରାନ୍ତୀୟ ନିର୍ମାଣ, କାର୍ଯ୍ୟକାରିତା ଓ ରକ୍ଷଣାବେକ୍ଷଣ ଲାଗି ନିରାପତ୍ତା ପଦକ୍ଷେପମାନ ଗ୍ରହଣ କରିବା ସକାଶେ ବୈଦ୍ୟୁତିକ ନିରାପତ୍ତା ଅଧିକାରୀମାନଙ୍କୁ ନିଯୁକ୍ତ କରିବା ଆବଶ୍ୟକ ।

- ବୈଦ୍ୟୁତିକ ନିରପତ୍ତା ଅଧିକାରୀ, ନିରାପତ୍ତା ଦୃଷ୍ଟିକୋଣରୁ 33/11 କେଭି ଗ୍ରୀଡ ସବ୍‌ଷ୍ଟେସନ ଓ ତାହାର ଇନକମିଙ୍ଗ 33 କେଭି ଲାଇନ ଓ ସମସ୍ତ ଆଉଟଗୋଇଙ୍ଗ 11 କେଭି ଫିଡରଗୁଡ଼ିକୁ ନିରୀକ୍ଷଣ କରିବେ ଓ ସେ ସମ୍ବନ୍ଧୀୟ ଏକ ରିପୋର୍ଟ ସଂପୃକ୍ତ ଡିସ୍‌କମ୍‌ସ୍‌ର ସିଇଓଙ୍କୁ ଦେଇ ତାହାର ଏକ ନକଲ କମିଶନଙ୍କ ନିକଟକୁ ପଠାଇବେ । ନିରାପତ୍ତା ଅଧିକାରୀ କ୍ଷେତ୍ର କର୍ମଚାରୀମାନଙ୍କ ସହଯୋଗରେ ଇଲେକ୍ଟ୍ରିକାଲ ଇନିସ୍‌ପେକ୍ଟରଙ୍କ ଦ୍ୱାରା ବିହିତ ଫରମାର୍ଟରେ ଏକ ପ୍ରମାଣପତ୍ର ଭେଟିଂ ବା ଚେକ୍ କରିବା ସକାଶେ ଇଲେକ୍ଟ୍ରିକାଲ ଇନିସ୍‌ପେକ୍ଟରଙ୍କ ନିକଟରେ ଦାଖଲ କରିବେ । ନିଜର କର୍ତ୍ତବ୍ୟ ସଂପାଦନ କରୁଥିବା ବେଳେ କ୍ଷେତ୍ର କର୍ମଚାରୀମାନେ ନିରାପତ୍ତା ଗାଡ୍‌ଗେଟସ୍‌ମାନ ବ୍ୟବହାର କରୁଛନ୍ତି ବୋଲି ସେ ନିଜେ ସୁନିଶ୍ଚିତହେବେ ଓ ସେଥିପାଇଁ ଯେକୌଣସି ସମୟରେ ହଠାତ୍ ଚେକ୍ କରିବେ; ତଦ୍ୱାରା କ୍ଷେତ୍ର ଅଧିକାରୀମାନଙ୍କର ନିରାପତ୍ତା ସମ୍ବନ୍ଧରେ ପ୍ରାକ୍-ସାବଧାନତା ଅନୁଧ୍ୟାନ କରିହେବ । ସୁରକ୍ଷାପ୍ରଦାନକାରୀ ଉପକରଣଗୁଡ଼ିକର କାର୍ଯ୍ୟକରିବା, କାର୍ଯ୍ୟବଣ୍ଟନ ପଦ୍ଧତିରେ ଉତ୍ତମ ସହଯୋଗ ସଂକ୍ରାନ୍ତରେ ସେ ନିଜେ ସୁନିଶ୍ଚିତ ହେବା ଉଚିତ୍ ଓ ଉକ୍ତ ବିଷୟରେ ଯଦି ତାଙ୍କର କୌଣସି ସୁପାରିସ୍/ମନ୍ତବ୍ୟ ଥାଏ ସେ ସଂପର୍କିତ ଏକ ରିପୋର୍ଟ ସଂପୃକ୍ତ ସିଇଓ/ଭିପିଙ୍କ ନିକଟକୁ ଅଧିକ କାର୍ଯ୍ୟାନୁଷ୍ଠାନ ସକାଶେ ପଠାଇବେ । ପ୍ରତି ତିନି ମାସରେ ଅନ୍ତତଃ ଥରେ ସିଇଓ/ଭିପି, ନିରାପତ୍ତା ଅଧିକାରୀଙ୍କର କାର୍ଯ୍ୟକୁ ରିଭ୍ୟୁକରିବେ ଓ ବିତରଣ ପଦ୍ଧତିର ସାମଗ୍ରିକ ନିରାପଦ କାର୍ଯ୍ୟକରିବା ଲାଗି ନିରାପତ୍ତା ଅଧିକାରୀଙ୍କର ରିପୋର୍ଟ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।
- ଇଲେକ୍ଟ୍ରିକାଲ ଇନିସ୍‌ପେକ୍ଟରମାନେ ବିଦ୍ୟୁତ ସଂଯୋଗଗୁଡ଼ିକୁ ନିରୀକ୍ଷଣ କରିବା ସକାଶେ ବୈଧାନିକ ବ୍ୟବସ୍ଥା ଥିବା ଦୃଷ୍ଟିରୁ ଆଗାମୀ 3 ରୁ 4 ବର୍ଷ ମଧ୍ୟରେ ଡିସ୍‌କମ୍‌ଗୁଡ଼ିକ ଓ ଓପିଟିସିଏଲ୍ ଦ୍ୱାରା ପ୍ରସ୍ତାବିତ କ୍ୟାପେକ୍ସ ଯୋଗୁଁ ନୂତନ ବିଦ୍ୟୁତ ସଂଯୋଗର ନିରୀକ୍ଷଣ ସକାଶେ କାର୍ଯ୍ୟଭାରର ବୃଦ୍ଧିଜନିତ ଲୋଡ୍‌କୁ ବହନ କରିବା ସକାଶେ ପର୍ଯ୍ୟାପ୍ତ ସମ୍ବଳ ସହିତ ଇନିସ୍‌ପେକ୍ଟର କାର୍ଯ୍ୟାଳୟକୁ ସୁସଂଗଠିତ କରିବା ଆବଶ୍ୟକ ହେଉଛି ।
- ବୈଦ୍ୟୁତିକ ସଂଯୋଗର ନିରାପତ୍ତା ବିଷୟରେ ସୁନିଶ୍ଚିତ ହେବାଲାଗି ମୁଖ୍ୟ ଇଲେକ୍ଟ୍ରିକାଲ ଇନିସ୍‌ପେକ୍ଟର ନୋଡାଲ ଅଫିସର ହୋଇଥିବାରୁ ସେଥିପାଇଁ ସେ ସକ୍ରିୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ । ନିରାପତ୍ତା ସମ୍ବନ୍ଧୀୟ ନୀତିନିୟମ ପାଳନ କରିବାରେ ଡିସ୍‌କମ୍‌ଗୁଡ଼ିକ ଅସଫଳ ହେଲେ ବା ଅବହେଳା ପ୍ରଦର୍ଶନ କଲେ ସେମାନଙ୍କ ବିରୁଦ୍ଧରେ ଅଭିଯୋଜନ କାର୍ଯ୍ୟବିଧି ଆରମ୍ଭ କରିବା ଉଚିତ ଓ ସଂପୃକ୍ତ ଖିଲାପକାରୀ ଅଧିକାରୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା ଆବଶ୍ୟକ ।

- ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକର ଇଂଜିନିୟରମାନେ ବିଦ୍ୟୁତ ସମ୍ବନ୍ଧୀୟ ଆଇନ କାନୁନ, ସଂହିତା (କୋଡ୍), ଅଧିନିୟମ, ଇତ୍ୟାଦିରେ ଥିବା ବିଭିନ୍ନ ବ୍ୟବସ୍ଥା ସମ୍ବନ୍ଧରେ ଭଲରୂପରେ ପରିଚିତ ହେବା ଉଚିତ । ଲାଇସେନ୍ସପ୍ରାପ୍ତ ସଂସ୍ଥା/ଓଏଚପିସି/ଓପିଜିସିର ଇଂଜିନିୟରମାନଙ୍କ ପାଇଁ ବୃତ୍ତିଗତ ପରୀକ୍ଷା ପୁନଃପ୍ରଚଳନ ସକାଶେ ଆୟୋଗ ତାଙ୍କ ପତ୍ର ସଂ.1829 ତା17.10.07ରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ସିଇଏ (ନିରାପତ୍ତା ଓ ବିଦ୍ୟୁତ ଯୋଗାଣ ସଂକ୍ରାନ୍ତୀୟ ପଦକ୍ଷେପ) ରେଗୁଲେସନ, 2010ର ରେଗୁଲେସନ 7ରେ ଥିବା ବ୍ୟବସ୍ଥା ଦୃଷ୍ଟିରୁ ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକ ବିଦ୍ୟୁତ ସରବରାହ, ବଣ୍ଟନ ପଦ୍ଧତିର କାର୍ଯ୍ୟକାରିତା ଓ ରକ୍ଷଣାବେକ୍ଷଣ ସକାଶେ ନିରାପତ୍ତା ପଦକ୍ଷେପ ସଂକ୍ରାନ୍ତରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । ଏହାଦ୍ୱାରା ବୈଦ୍ୟୁତିକ ଦୁର୍ଘଟଣା କମିବା ସଙ୍ଗେ ସଙ୍ଗେ ନିରାପତ୍ତା ବ୍ୟବସ୍ଥାକୁ କଡାକଡିଭାବେ ପାଳନ କରିବା ସୁନିଶ୍ଚିତ ହୋଇପାରିବ ।

**ଅଭିଯୋଗର ତୁରନ୍ତ ପ୍ରତିକାର ନିମନ୍ତେ ଆବଶ୍ୟକତା**

590. ଡିସ୍କମ୍‌ଗୁଡ଼ିକ, ଲାଇସେନ୍ସ ସର୍ତ୍ତାବଳୀର ଖଣ୍ଡ (କ୍ଲଜ୍) 19.2(ବି) ଅନୁସାରେ ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକ ସ୍ତରରେ ଉପଭୋକ୍ତାମାନଙ୍କର ଅଭିଯୋଗର ଫଇସଲା ନିମନ୍ତେ ସେମାନେ ଜୁନିଅର ଇଂଜିନିୟର/ଏସଡିଓ/ଏକ୍‌ଜ୍ୟୁକିଟିଭ ଇଂଜିନିୟରଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ ଓ ସୁପରିନ୍‌ଟେଣ୍ଡେଣ୍ଟ ଇଂଜିନିୟର ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଅଭିଯୋଗର ଫଇସଲା ନିମନ୍ତେ ନିର୍ଦ୍ଦିଷ୍ଟ ସୀମା ରହିଛି । ଉପଭୋକ୍ତାମାନଙ୍କ  ଅଭିଯୋଗର ଶୁଣାଣି ପାଇଁ ପ୍ରତ୍ୟେକ ଡିଭିଜନରେ ଏକ ଉପଭୋକ୍ତା ସେଲ୍ ରହିବା ଆବଶ୍ୟକ ।

591. ଯଦି ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକ ଦ୍ୱାରା ଅଧିନିୟମ ବା ଯେକୌଣସି ରେଗୁଲେସନରେ ଥିବା କୌଣସି ବ୍ୟବସ୍ଥା ଉଲ୍ଲଙ୍ଘନ କରାଯାଏ ତେବେ ବିଦ୍ୟୁତ ଅଧିନିୟମ, 2003ର ଧାରା 142ରେ ଥିବା ବ୍ୟବସ୍ଥା ଅନୁଯାୟୀ ଉପଭୋକ୍ତା ସିଧାସଳଖଭାବେ ଆୟୋଗଙ୍କ ନିକଟରେ ମଧ୍ୟ ତାଙ୍କର ଅଭିଯୋଗ ଦାଖଲ କରିପାରିବେ କିନ୍ତୁ ଆୟୋଗଙ୍କ ଦ୍ୱାରା ଅଭିଯୋଗର ଗୁଣାଗୁଣକୁ ଉପେକ୍ଷା କରାଯିବ ନାହିଁ । ମାତ୍ର ଲାଇସେନ୍ସପ୍ରାପ୍ତ ସଂସ୍ଥା ଦ୍ୱାରା ଉପଭୋକ୍ତାଙ୍କ ଅଭିଯୋଗର ଫଇସଲାକୁ ତଦାରଖ କରିବାକୁ ଆୟୋଗ ନିଜର ଅଭିଯୋଗ ପ୍ରତିକାର ସେଲ୍ ଗଠନ କରିଛନ୍ତି । ଆୟୋଗଙ୍କ ନିକଟରେ ସିଧାସଳଖଭାବେ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକ ସଂପୃକ୍ତ ଜିଆରଏଫ/ଡିସ୍କମ୍‌ଗୁଡ଼ିକଙ୍କ ନିକଟକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସକାଶେ ପଠାଇ ଦିଆଯିବ । ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକର ରିଭ୍ୟୁ ସମ୍ବନ୍ଧୀୟ କାର୍ଯ୍ୟସମ୍ପାଦନରେ ଉପଭୋକ୍ତାଙ୍କର ଅଭିଯୋଗଗୁଡ଼ିକର ପ୍ରତିକାର ସଂକ୍ରାନ୍ତୀୟ କାର୍ଯ୍ୟକାରିତାକୁ ଆୟୋଗ ମଧ୍ୟ ରିଭ୍ୟୁ କରିପାରିବେ ।

592. 2010-11 (ଅପ୍ରେଲ, 2010ରୁ ଜାନୁଆରୀ, 2011 ପର୍ଯ୍ୟନ୍ତ) ବର୍ଷ ମଧ୍ୟରେ ଓଇଆରସି ଦ୍ୱାରା ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡିକ ଉପଭୋକ୍ତାମାନଙ୍କର ଅଭିଯୋଗ ଉପରେ ଯଥା ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାଲାଗି ଗୁରୁତ୍ୱ ଦେଉନାହାନ୍ତି । ନିମ୍ନରେ ଦର୍ଶାଯାଇଥିବା ଟେବୁଲରେ ତାହା ଦର୍ଶାଯାଇଛି :-

ଟେବୁଲ **- 113**

| କ୍ର.ନଂ. | ଡିସ୍କମ୍‌ଗୁଡ଼ିକର ନାମ | ଉପଭୋକ୍ତାଙ୍କର ଅଭିଯୋଗ | | |
|---|---|---|---|---|
| | | **ରେଜେଷ୍ଟ୍ରିକୃତ** | **ଫଏସଲା ହୋଇଥିବା** | ବିଚାରାଧୀନ ରହିଥିବା |
| 1 | ସେସୁ | 91 | 22 | 69 |
| 2 | ୱେସ୍କୋ | 10 | 1 | 9 |
| 3 | ନେସ୍କୋ | 32 | Nil | 32 |
| 4 | ସାଉଥ୍‌କୋ | 7 | 1 | 6 |

ଏପରିକି ଯେତେବେଳେ ଦୋଷଯୁକ୍ତ ଖାଉଟି ଅଭିଯୋଗ ପ୍ରତିକାର ମେକାନିଜିମ୍ ଯୋଗୁଁ ଓ ମୁଖ୍ୟ କାର୍ଯ୍ୟାଳୟ ଓ କ୍ଷେତ୍ର କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ପ୍ରତିକାର ସକାଶେ ଓଇଆରସିଦ୍ୱାରା ବିଦ୍ୟୁତ ସଂସ୍ଥାଗୁଡିକୁ ଅଭିଯୋଗମାନ ପଠାଯାଉଛି ସେତେବେଳେ ମଧ୍ୟ ସେଗୁଡିକର ଯଥାସମୟରେ ପ୍ରତିକାର କରାଯାଉନାହିଁ । ଫଳରେ ଅର୍ଥପ୍ରଦାନକାରୀ ସଚ୍ଚୋଟ ଉପଭୋକ୍ତାମାନଙ୍କ ମଧ୍ୟରେ ଅସହଯୋଗ ଭାବନା ସୃଷ୍ଟି ହେଉଛି ଓ ବେଳେବେଳେ ସେମାନେ ବିଦ୍ୟୁତ ସଂସ୍ଥାଗୁଡିକ ସହିତ ସହଯୋଗ କରୁନାହାଁନ୍ତି । ଏହାଦ୍ୱାରା ମଧ୍ୟ ରାଜସ୍ୱ ହାନି ହେଉଛି ଓ ମାଲିମୋକଦ୍ଦମା ଚାଲୁରହିଛି ।

593. ଏହା ପ୍ରତୀତ ହେଉଅଛି ଯେ ବିଦ୍ୟୁତ ସଂସ୍ଥାଗୁପିକର ଆଭ୍ୟନ୍ତରୀଣ ଅଭିଯୋଗ ପାଇଁ କୌଣସି ମେକାନିଜିମ୍ ନାହିଁ । ସେମାନେ ଅଭିଯୋଗଗୁଡିକୁ ଫଏସଲା କରିବା ସକାଶେ ସମୁଚିତ ପ୍ରକ୍ରିୟା ଅନୁସରଣ କରୁନାହାନ୍ତି । ସ୍ୟାକ୍ (ଏସ୍‌ଏସି) ଦ୍ୱାରା ଅନେକ ରେଜୁଲେସନ ସତ୍ତ୍ୱେ ମଧ୍ୟ ସେକ୍ସନ/ସବ୍‌ଡିଭିଜନ/ଡିଭିଜନ ସ୍ତରରେ କେବଳ ଅଭିଯୋଗର ପ୍ରତିକାର ପାଇଁ ସାପ୍ତାହିକ ତାରିଖ ଧାର୍ଯ୍ୟ କରାଯାଉନାହିଁ ।

594. ଯଦିଓ ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡିକର କାର୍ଯ୍ୟ ସମ୍ପାଦନ ସକାଶେ ସର୍ବନିମ୍ନ ମାନକ (ଷ୍ଟାଣ୍ଡାର୍ଡ) ରେଗୁଲେସନ, 2004ରେ ଦର୍ଶାଯାଇଛି ତଥାପି ବିଦ୍ୟୁତ ବଣ୍ଟନ ହେଉଥିବା ପ୍ରତ୍ୟେକ ଅଞ୍ଚଳରେ ଅର୍ଥାତ୍, ବିଦ୍ୟୁତ ଯୋଗାଣର

ପୁନରୁଦ୍ଧାର, ସ୍ୱାଭାବିକ ଫିଉଜ୍-ଅଫ୍, ଲାଇନ୍ ବ୍ରେକଡାଉନ, ବଣ୍ଟନ ଟ୍ରାନ୍ସଫର୍ମର ଅଚଳ, ଭୋଲ୍ଟେଜରେ ବୃଦ୍ଧି ଓ ହ୍ରାସ, ମିଟର, ନୂତନ ବିଦ୍ୟୁତ ସଂଯୋଗ/ଅଧିକ ଲୋଡ୍ ସଂଯୋଗ ସମ୍ବନ୍ଧୀୟ ଅଭିଯୋଗ, ମାଲିକାନା ହସ୍ତାନ୍ତର ଓ ବିଦ୍ୟୁତ ସେବା ପରିବର୍ତ୍ତନ, ବିଲ୍ ପଇଠ ନକରିବା ଯୋଗୁଁ ଲାଇନ୍ ବିଚ୍ଛିନ୍ନ କରିବା ପରେ ବିଦ୍ୟୁତ ଯୋଗାଣ ନିମନ୍ତେ ପୁନଃ ସଂଯୋଗ ଇତ୍ୟାଦି ଲାଗି କାର୍ଯ୍ୟସମ୍ପାଦନର ମାନକ (ଷ୍ଟାଣ୍ଡାର୍ଡ) ଧାର୍ଯ୍ୟ ହୋଇଛି ତା'ସତ୍ତ୍ୱେ ମଧ୍ୟ ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକ କାର୍ଯ୍ୟ ସମ୍ପାଦନ ଲାଗି ଥିବା ମାନକ (ଷ୍ଟାଣ୍ଡାର୍ଡ)କୁ ଉଲ୍ଲଙ୍ଘନ କରୁଛନ୍ତି ।

595. ବଣ୍ଟନ (ଯୋଗାଣର ସର୍ତ୍ତାବଳୀ) ସଂହିତା, 2004 ଅନୁଯାୟୀ ନିୟମର ଅନୁପାଳନ ଓ କ୍ଷତିପୂରଣ ପ୍ରଦାନ ସକାଶେ ପ୍ରତ୍ୟେକ କ୍ଷେତ୍ରରେ ସ୍ୱୟଂକ୍ରିୟ ଦାବି ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ରେଗୁଲେସନରେ ବ୍ୟବସ୍ଥା ଥିବାବେଳେ କେବଳ ସେସୁ କ୍ଷତିପୂରଣ ପ୍ରଦାନ କରିନାହାନ୍ତି । ଏହା ସବୁଠାରୁ ଗୁରୁତର ଅବମାନନା ଅଟେ ।

596. ରାଜ୍ୟର ବିଦ୍ୟୁତ ସଂସ୍ଥାଗୁଡ଼ିକର ଗ୍ରାହକ ସେବା ବ୍ୟବସ୍ଥା ପ୍ରାୟତଃ ନାହିଁ ବୋଲି କହିଲେ ଚଳିବ । ରାଜ୍ୟରେ ଅଳ୍ପ କେତୋଟି ମାତ୍ର ଗ୍ରାହକ ସେବା ବ୍ୟବସ୍ଥା ରହିଛି । ସେଗୁଡ଼ିକୁ ସବୁ ସଦର ମହକୁମା ସ୍ତରରେ ରହିଛି । କିନ୍ତୁ ଉକ୍ତ ଗ୍ରାହକ ସେବା କେନ୍ଦ୍ରମାନ ଡିଭିଜନାଲ ସ୍ତରରେ କାର୍ଯ୍ୟକାରୀ ହେବା ଉଚିତ୍ ।

597. ଅନେକ ଗ୍ରାମ/ପୌର ଅଞ୍ଚଳରେ ବିଦ୍ୟୁତ ବିଲ୍‌ଗୁଡ଼ିକ ଆଦୌ ଯଥା ସମୟରେ ଦିଆଯାଉନାହିଁ । କେତେକ ଅଞ୍ଚଳରେ ମାତ୍ର ଗୋଟିଏ ବିଲ୍ ଆଦାୟ କେନ୍ଦ୍ର ରହିଛି ଯାହାକି ଗ୍ରାମଠାରୁ ବହୁ ଦୂରରେ ଅବସ୍ଥିତ ହୋଇଥିବାରୁ ଉପଭୋକ୍ତାମାନଙ୍କୁ ଅସୁବିଧା ହେଉଛି । ସର୍ବୋପରି, ବିଦ୍ୟୁତ ବିଲ୍ ଆଦାୟ ବେଳେ ବେଳେ ଧାର୍ଯ୍ୟ ତାରିଖ ପରେ କରାଯାଉଛି ; ତେଣୁ ଉପଭୋକ୍ତାମାନେ ଯଥା ସମୟରେ ବିଲ୍ ପଇଠ ନକରି ରିବେଟ୍ ପାଇବାରୁ ବଞ୍ଚିତ ହେଉଛନ୍ତି । ସବୁ ସହରରେ ସମ୍ପୃକ୍ତ ସ୍ଥାନରେ ବିଲ୍ ଦାଖଲ ଇଲେକ୍ଟ୍ରୋନିକ୍ କ୍ଲିୟରାନ୍ସ ସିଷ୍ଟମ (ଇସିଏସ୍)/ଚେକ୍ ମାଧ୍ୟମରେ ଅର୍ଥ ପ୍ରଦାନ ଆଦି ମୌଳିକ ସୁବିଧା ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯାଉନାହିଁ ।

598. କେତେକ କ୍ଷେତ୍ରରେ ମିଟର ଆଦୌ ନାହିଁ ବା କେତେକ କ୍ଷେତ୍ରରେ ତ୍ରୁଟିପୂର୍ଣ୍ଣ ମିଟର ଲାଗିଛି, ନୂତନ ବିଦ୍ୟୁତ ସଂଯୋଗ ବିଳମ୍ବରେ ହେଉଛି, କମ୍ ଭୋଲ୍ଟେଜ ଓ ଭୋଲ୍ଟେଜ କମ୍ ବେଶୀ ପ୍ରାୟତଃ ସବୁବେଳେ ଲାଗିରହିଛି, ଓଭର ଲୋଡ ଯୋଗୁଁ ଟ୍ରାନ୍ସଫର୍ମର ପୋଡି ଘଟଣା ବାରମ୍ବାର ହେଉଛି ଓ ପୋଡି ଯାଇଥିବା ଟ୍ରାନ୍ସଫର୍ମର ଠିକ୍ ସମୟରେ ବଦଳାଯାଉନାହିଁ ।

599. ଉପଭୋକ୍ତାମାନେ ନୂଆ ବିଦ୍ୟୁତ ସଂଯୋଗ ପାଇବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନୂଆ ବିଦ୍ୟୁତ ସଂଯୋଗ ପାଇଁ ଆଜି ପର୍ଯ୍ୟନ୍ତ ଏକକ କାଉଣ୍ଟର ବ୍ୟବସ୍ଥା ପ୍ରଚଳନ ହୋଇନାହିଁ ଓ ଉପଭୋକ୍ତାମାନେ ନୂଆ ବିଦ୍ୟୁତ ସଂଯୋଗ ପାଇବାରେ ହତୋତ୍ସାହ ହେଉଛନ୍ତି । ଏହାଦ୍ୱାରା ବେଆଇନଭାବେ ବିଦ୍ୟୁତ ବ୍ୟବହାର କରୁଥିବା ବ୍ୟକ୍ତିମାନେ ଆଇନତଃ ବିଦ୍ୟୁତ ସଂଯୋଗ ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ପ୍ରକୃତ ଉପଭୋକ୍ତା ହେବା ଲାଗି ଇଚ୍ଛୁକ ବିଦ୍ୟୁତ ବ୍ୟବହାରକାରୀମାନଙ୍କ ଉପରେ ଏହାଦ୍ୱାରା ଅତ୍ୟନ୍ତ ଖରାପ ପ୍ରଭାବ ପଡୁଛି ।

600. ଓଇଆରସି ଯଦିଓ ସଫ୍ଟୱେ୍ୟାର ବ୍ୟବସ୍ଥା କରିଛନ୍ତି ତଦ୍ୱାରା ଉପଭୋକ୍ତାମାନେ ସେମାନଙ୍କ ସମ୍ବନ୍ଧୀୟ ସୂଚନା ଅନଲାଇନ ମାଧ୍ୟମରେ ପାଇପାରିବେ, ଏହି ସୁବିଧା କେବଳ ଭୁବନେଶ୍ୱରର ଉପଭୋକ୍ତାମାନଙ୍କ ପାଇଁ ଉପଲବ୍ଧ । ବିଦ୍ୟୁତ ପାସ୍ ବହି/ମିଟର ବହି ସମସ୍ତ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଇନାହିଁ । କମିଶନଙ୍କଠାରୁ ଅନେକ ପତ୍ର ପଠାଯାଇଥିବା ସତ୍ତ୍ୱେ ମଧ୍ୟ ବିଲ ଆଦାୟ କେନ୍ଦ୍ର/ଡିଭିଜନ କାର୍ଯ୍ୟାଳୟ/ସବ୍-ଡିଭିଜନ କାର୍ଯ୍ୟାଳୟ/ସେକ୍ସନ କାର୍ଯ୍ୟାଳୟମାନଙ୍କରେ ଜିଆରଏଫ୍/ଅମ୍ବୁଡସ୍‌ମ୍ୟାନ ଓ କ୍ଷତିପୂରଣ ଅନୁସୂଚୀର ଠିକଣା ଦର୍ଶାଯାଇ ଫଳକ (ବୋର୍ଡ) ଲଗାଯାଇନାହିଁ, ଯାହାକି ଆଉ ଅଧିକ ବିଳମ୍ବ ନକରି ଖୁବ୍ ଶୀଘ୍ର ଲଗାଯିବା ଉଚିତ୍ ।

ବିଦ୍ୟୁତ ସଂସ୍କାର ବ୍ୟବସ୍ଥା ପ୍ରଚଳନ ହେବାଠାରୁ ଏକ ଦଶନ୍ଧି ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଉପଭୋକ୍ତାମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରାଯାଉନାହିଁ ।

**ଜିଆରଏଫ୍/ଅମ୍ବୁଡସ୍‌ମ୍ୟାନ**

601. ତା10, ଜୁନ, 2003ଠାରୁ ଯେତେବେଳେ ବିଦ୍ୟୁତ ଅଧିନିୟମ, 2003 କାର୍ଯ୍ୟକାରୀ ହୋଇଥିଲା ସେତେବେଳେ ଦୁଇ ସ୍ତର ମେକାନିଜିମ ବ୍ୟବସ୍ଥା ଅର୍ଥାତ୍, ଅଭିଯୋଗ ପ୍ରତିକାର ଫୋରା ଓ ଅମ୍ବୁଡସ୍‌ମ୍ୟାନଙ୍କ ଦ୍ୱାରା ଉପଭୋକ୍ତାଙ୍କର ଅଭିଯୋଗ ଫଇସଲା କରିବା ସକାଶେ ଏକ ବୈଧାନିକ ବ୍ୟବସ୍ଥା କରାଯାଇଥିଲା ।

ଅଭିଯୋଗ ପ୍ରତିକାର ଫୋରମ ଓ ଅମ୍ବୁଡସମ୍ୟାନ ରେଗୁଲେସନ, 2004 ନାମକ ଏକ ରେଗୁଲେସନ ଆୟୋଗ ପ୍ରଣୟନ କରିଥିଲେ ଯାହାକି ଜୁଲାଇ, 2004ରେ ଅଧିସୂଚୀତ ହୋଇଥିଲା । ଏଥିରେ ଥିବା ବ୍ୟବସ୍ଥା ଅନୁଯାୟୀ ଯଦି ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡିକ ଅଭିଯୋଗଗୁଡିକୁ ଠିକ୍ ସମୟରେ ଶୁଣାଣି ନକରନ୍ତି ତେବେ ସେପରି ସ୍ଥଳେ ସାହାଯ୍ୟ ପାଇଁ ଉପଭୋକ୍ତା ପ୍ରଥମେ ଜିଆରଏଫ୍ ଓ ପରେ ଅମ୍ବୁଡସ୍‌ମ୍ୟାନଙ୍କ ନିକଟରେ ଉକ୍ତ ଅଭିଯୋଗ ଦାଖଲ କରିପାରିବେ । ସଂପ୍ରତି ରାଜ୍ୟରେ ମୋଟ 12ଟି ଜିଆରଏଫ ଓ 2 ଜଣ ଅମ୍ବୁଡସ୍‌ମ୍ୟାନ କାର୍ଯ୍ୟ କରୁଛନ୍ତି ।

602. ଜିଆରଏଫ ଓ ଅମ୍ବୁଡସ୍ମ୍ୟାନମାନେ ଆୟୋଗକୁ ଦେଇଥିବା ରିପୋର୍ଟ ଅନୁଯାୟୀ ଅପ୍ରେଲ, 2010ରୁ ଡିସେମ୍ବର, 2010 ପର୍ଯ୍ୟନ୍ତ 3086 ସଂଖ୍ୟକ ଉପଭୋକ୍ତା ଅଭିଯୋଗ ମିଳିଥିଲା ଓ ତନ୍ମଧ୍ୟରୁ 2937 ଗୋଟି ଅଭିଯୋଗ ଜିଆରଏଫଗୁଡିକ ଦ୍ୱାରା ଫଏସଲା ହୋଇଥିଲା । ଦୁଇ ଅମ୍ବୁଡସ୍ମ୍ୟାନଙ୍କ ସପକ୍ଷରେ 63 ଗୋଟି ମାମଲାରେ ଅପିଲ ଦାଏର ହୋଇଥିଲା ଓ ଡିସେମ୍ବର, 2010 ଶେଷସୁଦ୍ଧା 58 ଗୋଟି ମାମଲା ଫଏସଲା ହୋଇଥିଲା । ଉକ୍ତ ସ୍ଥିତି ବିଷୟରେ ନିମ୍ନରେ ଦର୍ଶାଯାଇଛି :-

**(i) ଅପ୍ରେଲ, 2010ଠାରୁ ଡିସେମ୍ବର, 2010 ପର୍ଯ୍ୟନ୍ତ ଅମ୍ବୁଡସ୍ମ୍ୟାନମାନଙ୍କ ଦ୍ୱାରା ଉପଭୋକ୍ତାଙ୍କର ଅଭିଯୋଗ ଫଏସଲା**

ଟେବୁଲ **– 114**

| ଅମ୍ବୁଡସ୍ମ୍ୟାନଙ୍କ ନାମ | ପ୍ରାରମ୍ଭିକ ଅବଶେଷ | ମିଳିଥିବା ମାମଲାର ସଂଖ୍ୟା | ଫଏସଲା ହୋଇଥିବା ମାମଲାର ସଂଖ୍ୟା | ବିଚାରାଧୀନ ଥିବା ମାମଲାର ସଂଖ୍ୟା |
|---|---|---|---|---|
| ଅମ୍ବୁଡସ୍ମ୍ୟାନ-I | 3 | 25 | 23 | 5 |
| ଅମ୍ବୁଡସ୍ମ୍ୟାନ-II | 14 | 38 | 35 | 17 |

**(ii) ଅମ୍ବୁଡସ୍ମ୍ୟାନମାନଙ୍କ ଦ୍ୱାରା ପଠାଯାଇଥିବା ମତେ ଲାଇସେନ୍ସପ୍ରାପ୍ତ ସଂସ୍ଥା ଦ୍ୱାରା ଅମ୍ବୁଡସ୍ମ୍ୟାନଙ୍କ ଆଦେଶ (2009-10)ର କାର୍ଯ୍ୟାନ୍ୱୟନ**

ଟେବୁଲ **– 115**

| ଲାଇସେନ୍ସପ୍ରାପ୍ତ ସଂସ୍ଥାର ନାମ | ଅମ୍ବୁଡସ୍ମ୍ୟାନଙ୍କ ନାମ | ମାମଲାଗୁଡିକର ପ୍ରାରମ୍ଭିକ ଅବଶେଷ | ରେଜେଷ୍ଟ୍ରି ହୋଇଥିବା ମାମଲାର ସଂଖ୍ୟା | ଫଏସଲା ହୋଇଥିବା ମାମଲାର ସଂଖ୍ୟା | ଉପଭୋକ୍ତାଙ୍କ ସପକ୍ଷରେ ପାରିତ ଆଦେଶର ସଂଖ୍ୟା | ଲାଇସେନ୍ସଧାରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଆଦେଶ ସଂଖ୍ୟା | ତା**31.9.2010** ସୁଦ୍ଧା କାର୍ଯ୍ୟକାରୀ ନ ହୋଇ ପଡିରହିଥିବା ଆଦେଶ ସଂଖ୍ୟା |
|---|---|---|---|---|---|---|---|
| ସେସୁ | ଅମ୍ବୁଡସ୍ମ୍ୟାନ-I | 13 | 46 | 56 | 43 | 22 | 21 |
| ସାଉଥକୋ | ଅମ୍ବୁଡସ୍ମ୍ୟାନ-**II** | 0 | 6 | 5 | 4 | 2 | 2 |
| ନେସ୍କୋ | ଅମ୍ବୁଡସ୍ମ୍ୟାନ-**II** | 3 | 28 | 27 | 26 | 3 | 23 |
| ୱେସ୍କୋ | ଅମ୍ବୁଡସ୍ମ୍ୟାନ-**II** | 2 | 29 | 27 | 16 | 6 | 10 |
| ରାଜ୍ୟ ମୋଟ | | **18** | **109** | **115** | **89** | **33** | **56** |

**(iii) ଜିଆରଏଫ ଦ୍ୱାରା ପଠାଯାଇଥିବା ମତେ ଲାଇସେନ୍ସପ୍ରାପ୍ତ ସଂସ୍ଥା ଦ୍ୱାରା ଜିଆରଏଫଙ୍କର ଆଦେଶ (2009-10)ର କାର୍ଯ୍ୟାନ୍ୱୟନ**

### ଟେବୁଲ – 116

| ଲାଇସେନ୍ସପ୍ରାପ୍ତ ସଂସ୍ଥାର ନାମ | ଜିଆରଏଫଙ୍କ ନାମ | ବିଚାରାଧୀନ ମାମଲାଗୁଡ଼ିକର ପ୍ରାରମ୍ଭିକ ଅବଶେଷ | ରେଜେଷ୍ଟ୍ରି ହୋଇଥିବା ମାମଲାର ସଂଖ୍ୟା | ଫଏସଲା ହୋଇଥିବା ମାମଲାର ସଂଖ୍ୟା | ଉପଭୋକ୍ତାଙ୍କ ସପକ୍ଷରେ ପାରିତ ଆଦେଶର ସଂଖ୍ୟା | ଲାଇସେନ୍ସପ୍ରାପ୍ତ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଆଦେଶ ସଂଖ୍ୟା | ତା**31.3.2010** ସୁଦ୍ଧା କାର୍ଯ୍ୟକାରୀ ନ ହୋଇ ପଡ଼ିରହିଥିବା ଆଦେଶ ସଂଖ୍ୟା |
|---|---|---|---|---|---|---|---|
| ନେସ୍କୋ | ବାଲେଶ୍ୱର | 10 | 293 | 293 | 262 | 215 | 47 |
| | ଯାଜପୁର | 6 | 357 | 356 | 322 | 204 | 118 |
| ସାଉଥ୍‌କୋ | ବରହମପୁର | 0 | 183 | 619 | 609 | 353 | 256 |
| | ଜୟପୁର | 7 | 81 | 82 | 71 | 57 | 14 |
| ୱେସ୍କୋ | ବୁର୍ଲା | 14 | 201 | 210 | 201 | 140 | 61 |
| | ରାଉରକେଲା | 38 | 932 | 812 | 739 | 581 | 158 |
| | ବଲାଙ୍ଗିର | 16 | 482 | 424 | 399 | 63 | 336 |
| ସେସୁ | ଭୁବନେଶ୍ୱର | 7 | 213 | 218 | 198 | 191 | 7 |
| | ଖୋର୍ଦ୍ଧା | 15 | 123 | 119 | 109 | 103 | 6 |
| | କଟକ | 41 | 109 | 136 | 122 | 119 | 3 |
| | ଢେଙ୍କାନାଳ | 26 | 96 | 78 | 75 | 67 | 8 |
| | ପାରାଦୀପ | 89 | 72 | 116 | 101 | 55 | 46 |
| ରାଜ୍ୟ ମୋଟ **2009-10** | | **269** | **3142** | **3463** | **3208** | **2148** | **1060** |

**(iv) ଅପ୍ରେଲ, 2010ଠାରୁ ଡିସେମ୍ବର, 2010 ପର୍ଯ୍ୟନ୍ତ ଜିଆରଏଫଗୁଡ଼ିକ ଦ୍ୱାରା ଫଏସଲା ହୋଇଥିବା ଉପଭୋକ୍ତାଙ୍କର ଅଭିଯୋଗ**

### ଟେବୁଲ – 117

| କ୍ର.ସଂ. | ବିଦ୍ୟୁତ ସଂସ୍ଥା | ଜିଆରଏଫ ନାମ | ରେଜେଷ୍ଟ୍ରି ହୋଇଥିବା ଅଭିଯୋଗ | ଫଏସଲା ହୋଇଥିବା ଅଭିଯୋଗ | ବିଚାରାଧୀନ ରହିଥିବା ଅଭିଯୋଗ |
|---|---|---|---|---|---|
| 1 | ସେସୁ | ଭୁବନେଶ୍ୱର | 819 | 810 | 9 |
| 2 | | ଖୋର୍ଦ୍ଧା | 74 | 70 | 4 |
| 3 | | କଟକ | 174 | 163 | 11 |
| 4 | | ଢେଙ୍କାନାଳ | 35 | 35 | 0 |
| 5 | | ପାରାଦୀପ | 110 | 109 | 1 |
| 6 | ନେସ୍କୋ | ବାଲେଶ୍ୱର | 348 | 331 | 17 |
| 7 | | ଯାଜପୁର | 340 | 340 | 0 |
| 8 | ସାଉଥ୍‌କୋ | ବରହମପୁର | 159 | 132 | 27 |
| 9 | | ଜୟପୁର | 46 | 38 | 8 |
| 10 | ୱେସ୍କୋ | ବୁର୍ଲା | 43 | 30 | 13 |
| 11 | | ରାଉରକେଲା | 418 | 412 | 6 |
| 12 | | ବଲାଙ୍ଗିର | 520 | 467 | 53 |
| 13 | ରାଜ୍ୟ ମୋଟ | | 3086 | 2937 | 149 |

603. ଜିଆରଏଫ/ଅମ୍ବୁଡସ୍‌ମ୍ୟାନ ସୃଷ୍ଟି କରିବାର ମୌଳିକ ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାଙ୍କର ଅଭିଯୋଗଗୁଡ଼ିକୁ ଯଥା ସମ୍ଭବ ଶୀଘ୍ର ଫଏସଲା କରିବା । ଜିଆରଏଫ, ଅଭିଯୋଗମାନ ଶୀଘ୍ର ନିଷ୍ପତ୍ତି କରିବେ ଓ ଉକ୍ତ ନିଷ୍ପତ୍ତିକୁ ଅଭିଯୋଗକାରୀଙ୍କଠାରୁ ଅଭିଯୋଗ ପାଇବାର 45 ଦିନ ମଧ୍ୟରେ ସଂପୃକ୍ତ ଅଭିଯୋଗକାରୀଙ୍କୁ ତାହା ଜଣାଇବେ । ଅମ୍ବୁଡସ୍‌ମ୍ୟାନଙ୍କ କ୍ଷେତ୍ରରେ ସେମାନେ ଉପଭୋକ୍ତାଙ୍କଠାରୁ ଆବେଦନ ପାଇବାର ଦୁଇମାସ ମଧ୍ୟରେ ସାଧାରଣତଃ ସେଗୁଡ଼ିକ ସମ୍ବନ୍ଧରେ ନିଷ୍ପତ୍ତି ନେବେ । ଯଦି ଜିଆରଏଫ୍‌ଙ୍କ ଆଦେଶରେ ପ୍ରଦତ୍ତ ସମୟସୀମାର ବୃଦ୍ଧି କରିବା ଆବଶ୍ୟକ ହେଉଥିବ, ତେବେ ସେପରି ସ୍ଥଳେ ସେ ସମୟ ସୀମା ବୃଦ୍ଧିର କାରଣ ଦର୍ଶାଇ ଓ ଧାର୍ଯ୍ୟ ସମୟ ମଧ୍ୟରେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଦର୍ଶାଇ ଧାର୍ଯ୍ୟ ତାରିଖ ପୂର୍ବରୁ ଜିଆରଏଫ୍‌ଙ୍କୁ ଆବେଦନ କରିବେ । ଅମ୍ବୁଡସ୍‌ମ୍ୟାନଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ସକାଶେ ଉପଭୋକ୍ତା ଯେଉଁ ଦିନ ଉକ୍ତ ଆଦେଶ ପାଇଲେ ସେହି ଦିନଠାରୁ 15 ଦିନ ମଧ୍ୟରେ ଲାଇସେନ୍ସପ୍ରାପ୍ତ ସଂସ୍ଥା ତାହା ଅନୁପାଳନ କରିବେ ଓ ସେପରି ଅନୁପାଳନ ବିଷୟରେ ଲାଇସେନ୍ସପ୍ରାପ୍ତ ସଂସ୍ଥା ସମ୍ପୃକ୍ତ ଅମ୍ବୁଡସ୍‌ମ୍ୟାନଙ୍କୁ ଜଣାଇବେ ।

604. ଏହା ଦେଖାଯାଉଛି ଯେ ସ୍ପଷ୍ଟ ନିୟାମକ ଓ ଆଇନଗତ ବ୍ୟବସ୍ଥା ଥିବା ସତ୍ତ୍ୱେ ମଧ୍ୟ ଜିଆରଏଫ/ ଅମ୍ବୁଡସ୍‌ମ୍ୟାନମାନଙ୍କର ଆଦେଶ, ବିଦ୍ୟୁତ ସଂସ୍ଥାଗୁଡ଼ିକ ଦ୍ୱାରା ଯଥା ସମୟରେ କାର୍ଯ୍ୟକାରୀ କରାଯାଉନାହିଁ । ଉପଭୋକ୍ତାଙ୍କର ଅଭିଯୋଗର ଯଥା ସମୟରେ ପ୍ରତିକାର କରିବା ଓ ସେପରି ବିଷୟରେ ଅଯଥା ସମୟ ଓ ଅର୍ଥ ଅପଚୟ ନ କରି ବରଂ ସେମାନଙ୍କୁ ସର୍ବନିମ୍ନ ଏସଓପି ଯୋଗାଇ ଦେବା ହେଉଛି ବିଦ୍ୟୁତ ସଂସ୍ଥାଗୁଡ଼ିକର କର୍ତ୍ତବ୍ୟ । ଏହି ବ୍ୟବସ୍ଥାର ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ବୋଲି ମଧ୍ୟ ଆୟୋଗ ସ୍ଥିର କରିଛନ୍ତି ।

605. ଜିଆରଏଫ ହେଉଛି ବିଦ୍ୟୁତ ସଂସ୍ଥା ଦ୍ୱାରା ଗଠିତ ଏକ ବୈଧାନିକ ନିକାୟ ଓ ସେଥିପାଇଁ ଉକ୍ତ ଜିଆରଏଫ ସେମାନଙ୍କ ସଂସ୍ଥାର ଏକ ଅଂଶବିଶେଷ ରୂପେ ବିବେଚନା କରାଯିବା ଉଚିତ । ମାତ୍ର ଅମ୍ବୁଡସ୍‌ମ୍ୟାନ ହେଉଛି ଆୟୋଗଙ୍କ ଦ୍ୱାରା ନିଯୁକ୍ତ ଏକ ବୈଧାନିକ ନିର୍ଣ୍ଣୟ । ତେଣୁ ଜିଆରଏଫ/ଅମ୍ବୁଡସ୍‌ମ୍ୟାନଙ୍କ ଆଦେଶଗୁଡ଼ିକ ଯେପରି ଯଥା ସମୟରେ କାର୍ଯ୍ୟକାରୀ ହୋଇପାରିବ ତାହା ସୁନିଶ୍ଚିତ କରିବା ଦାୟିତ୍ୱ ହେଉଛି ବିଦ୍ୟୁତ ସଂସ୍ଥାର । ମାତ୍ର ଦୁର୍ଭାଗ୍ୟର ବିଷୟ ଏହିକି ଯେ ଡିସ୍‌କମ୍‌ଗୁଡ଼ିକ ଆନ୍ତରିକତାର ସହିତ ଜିଆରଏଫ ଓ ଅମ୍ବୁଡସ୍‌ମ୍ୟାନଙ୍କ କାର୍ଯ୍ୟକଳାପରେ ସହଯୋଗ କରୁନାହାନ୍ତି । ଏହା କେବଳ ଦୁର୍ଭାଗ୍ୟଜନକ ନୁହେଁ ବରଂ ଅତ୍ୟନ୍ତ ଅବାଂଛନୀୟ । ସୁତରାଂ ଆଦେଶର ତୁରନ୍ତ ଅନୁପାଳନ କରାନଗଲେ ବିଦ୍ୟୁତ ଅଧିନିୟମ, 2003ର ଧାରା 142 ଅନୁଯାୟୀ କାର୍ଯ୍ୟବିଧି ଆରମ୍ଭ କରିବାକୁ ଆୟୋଗ ବାଧ୍ୟ ହେବେ ।

606. ଜିଆରଏଫ/ଅମ୍ବୁଡସ୍ମ୍ୟାନଙ୍କୁ ଆବଶ୍ୟକ ସଂଖ୍ୟକ କର୍ମଚାରୀ, ଭିତ୍ତିଭୂମି ଓ ପାଣ୍ଠି ଯୋଗାଇ ଦେବା ଉଚିତ୍ ଯେପରିକି ସେମାନେ ଦକ୍ଷତାର ସହିତ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରିପାରିବେ । ଅନେକ ଜିଆରଏଫଙ୍କୁ ଯୋଗାଇ ଦିଆଯାଇଥିବା କାର୍ଯ୍ୟାଳୟଗୁଡ଼ିକରେ ସଦସ୍ୟ, କର୍ମଚାରୀମାନଙ୍କ ପାଇଁ ଉପଯୁକ୍ତ ପ୍ରକୋଷ୍ଠ ଓ ଶୁଣାଣି କକ୍ଷ (ହଲ୍)ର ବ୍ୟବସ୍ଥା ନାହିଁ । ସେମାନଙ୍କୁ ମୌଳିକ ସୁବିଧା ଅର୍ଥାତ୍ ଫର୍ଣ୍ଣିଚର, ବସିବା ପାଇଁ ଜାଗା, ପାନୀୟ ଜଳ, ଶୌଚାଳୟ, ଲିଖନସାମଗ୍ରୀ, ଏ.ସି. (ଶୀତତାପ ନିୟନ୍ତ୍ରିତ ଯନ୍ତ୍ର), କମ୍ପ୍ୟୁଟର, ଟେଲିଫୋନ, ଫାକ୍ସ, ଇତ୍ୟାଦି ଯୋଗାଇ ଦିଆଯାଇନାହିଁ । ଏତଦ୍ବ୍ୟତୀତ ଆଦେଶ ଟାଇପ କରିବା ଓ ରେକର୍ଡ ପତ୍ର ରଖିବା ଫାଇଲ/ରିପୋର୍ଟ ଓ ହିସାବ ରଖିବା ସକାଶେ ଆବଶ୍ୟକ ହେଉଥିବା ପେଶ୍କାର (ବେଞ୍ଚ କ୍ଲର୍କ)/ଷ୍ଟେନୋ ଓ ପିଅନ ସମେତ ପର୍ଯ୍ୟାପ୍ତ ପରିମାଣର କର୍ମଚାରୀ, ପୂର୍ଣ୍ଣକାଳୀନ ଡ୍ରାଇଭର ସହିତ ଏକ ମୋଟରଗାଡି ଓ ସଦସ୍ୟଙ୍କ ଯାତାୟତ ଓ କ୍ୟାମ୍ପ କୋର୍ଟ କରିବା ନିମନ୍ତେ ଯଥେଷ୍ଟ ପରିମାଣର ଫୁଏଲ ଭତ୍ତା ଯୋଗାଇ ଦେବା ଉଚିତ୍ । ଜିଆରଏଫ ସଂସ୍ଥାଗୁଡ଼ିକର ବିଲ୍ ଅଟକାଇ ରଖିବା ଉଚିତ ନୁହେଁ ଓ ସହବରଣ କରାଯାଇଥିବା ସଦସ୍ୟମାନେ ସେମାନଙ୍କର ବୈଠକ ଭତ୍ତା ଯଥା ସମୟରେ ପାଇବା ଉଚିତ୍ ।

607. ସଂପ୍ରତି ଜିଆରଏଫର ଅଧିକାରୀ ପାହ୍ୟାର ଦୁଇଜଣ ସଦସ୍ୟ ବିଦ୍ୟୁତ ସଂସ୍ଥା ଦ୍ୱାରା ନିଯୁକ୍ତ ହେଉଥିବା ବେଳେ ତୃତୀୟ ଜଣକ ସହବରଣ ସଦସ୍ୟଭାବେ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ହେଉଛନ୍ତି ।

608. ଜିଆରଏଫ/ଅମ୍ବୁଡସ୍ମ୍ୟାନଙ୍କର ସଦସ୍ୟମାନେ ସେମାନଙ୍କର ନିଯୁକ୍ତି ପରେ ବିଦ୍ୟୁତ ନିୟାମକ ଆଇନ ସମ୍ବନ୍ଧରେ ଅନ୍ୟୁନ ଏକ ମାସ ପ୍ରଶିକ୍ଷଣ ପାଇବା ଉଚିତ, ଯଦ୍ଦ୍ୱାରା ସେମାନେ ଆଦେଶ ଲେଖିବାପାଇଁ ସକ୍ଷମ ହୋଇପାରିବେ ଯାହାକି ଉକ୍ତ ଆଦେଶର ଆଇନଗତ ତର୍ଜମା ବେଳେ ତାହା ଅପରିବର୍ତ୍ତିତ ହୋଇ ରହିବ । ଜିଆରଏଫ ଦ୍ୱାରା ପାରିତ ଆଦେଶଗୁଡ଼ିକର ପ୍ରଚଳିତ ରେଗୁଲେସନରେ ଥିବା ବ୍ୟବସ୍ଥା ସହିତ ସାମଞ୍ଜସ୍ୟ ରହୁନାହିଁ ଓ/କିମ୍ବା ଆଦେଶଗୁଡ଼ିକର ଭାଷା ଓ ଆଦେଶ ଦେବାର ଢଙ୍ଗ ବୋଧଗମ୍ୟ ହେଉନାହିଁ । ଓଇଆରସିର ବିଧି ଡିଭିଜନ ସହିତ ପରାମର୍ଶକ୍ରମେ, ଆଦେଶଗୁଡ଼ିକ ନିମନ୍ତେ ଏକ ଫରମାର୍ଟ ପ୍ରସ୍ତୁତ କରାଯାଇପାରେ ।

609. ଏହା ବାରମ୍ବାର ଦୃଷ୍ଟିକୁ ଆସୁଛି ଯେ ଡିସ୍କମ୍ମାନଙ୍କର ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନେ ଜିଆରଏଫ/ ଅମ୍ବୁଡସ୍ମ୍ୟାନଙ୍କ ନିକଟରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ହାଜର ନହୋଇ ବାରମ୍ବାର ସମୟ ଗଡାଇ ଚାଲିଛନ୍ତି । ଏଭଳି ସମୟ ଗଡାଇବା ସକାଶେ ଅନୁମତି ଦିଆ ନଯିବା ଉଚିତ ଓ ଯେତେବେଳେ ସେଭଳି ଅବସ୍ଥା ଆସିବ

ସେତେବେଳେ ଜିଆରଏଫ/ଅମ୍ବୁଡସ୍‌ମ୍ୟାନ ସେମାନଙ୍କର ଏକ ତରଫା ଆଦେଶ ପାରିତ କରିବା ଉଚିତ ।

610. ଦେଖାଯାଉଛି ଯେ ଅନେକ ଜିଆରଏଫ/ଅମ୍ବୁଡସ୍‌ମ୍ୟାନ ସଠିକ୍ ଫର୍ମାଟରେ ରେକର୍ଡ ରଖୁନାହାଁନ୍ତି କିମ୍ବା ସଠିକ୍ ଫର୍ମାଟରେ ମାସିକ/ତ୍ରିମାସିକ ତଥ୍ୟ ଆୟୋଗଙ୍କୁ ଦେଉନାହାନ୍ତି । ଏହା ଏକ ଅବଶ୍ୟ ପାଳନୀୟ ଆବଶ୍ୟକତା ଓ ତାହାକୁ ସଠିକ୍‌ଭାବରେ ଅନୁପାଳନ କରିବା ନିତାନ୍ତ ଆବଶ୍ୟକ ।

611. ଏହା ମଧ୍ୟ ଦେଖାଯାଉଛି ଯେ କ୍ଷତିପୂରଣ ପାଇବା ସକାଶେ ଉପଭୋକ୍ତମାନେ ଯେଉଁ କ୍ଷେତ୍ରରେ ସ୍ୱତଃ ହକ୍‌ଦାର ସେଭଳି କ୍ଷେତ୍ରରେ ମଧ୍ୟ ଜିଆରଏଫ/ଅମ୍ବୁଡସ୍‌ମ୍ୟାନ କ୍ଷତିପୂରଣ ଦେବାଲାଗି ଅନୁମତି ଦେଉନାହାନ୍ତି । ଯେଉଁସ୍ଥଳେ କ୍ଷତିପୂରଣ ଏକାନ୍ତ ଦେୟ ସେପରି ସ୍ଥଳେ ଜିଆରଏଫ/ଅମ୍ବୁଡସ୍‌ମ୍ୟାନ କ୍ଷତିପୂରଣ ପ୍ରଦାନ ସକାଶେ ଅନୁମତି ଦେବା ଉଚିତ୍ ।

612. ଆୟୋଗଙ୍କ ଦ୍ୱାରା ନିର୍ଗମନ ହୋଇଥିବା ମାର୍ଗଦର୍ଶନ (ଗାଇଡଲାଇନ) ଅନୁସାରେ ଜିଆରଏଫ/ଅମ୍ବୁଡସ୍‌ମ୍ୟାନମାନେ ସର୍ବନିମ୍ନ ସଂଖ୍ୟକ କ୍ୟାମ୍ପ କୋର୍ଟ କରିବା ଆବଶ୍ୟକ ଯଦ୍ୱାରା ଉପଭୋକ୍ତାମାନଙ୍କର ଅଭିଯୋଗଗୁଡିକ ବିନା ଅସୁବିଧା/ବିଳମ୍ବରେ ଫଇସଲା ହୋଇପାରିବ । ଉକ୍ତ କୋର୍ଟଗୁଡିକ ପୂର୍ବରୁ ନୋଟିସ୍ ଦେଇ ଉପଯୁକ୍ତଭାବରେ ଅନୁଷ୍ଠିତ ହେବା ବିଧେୟ ଓ ସେ ବିଷୟରେ ସମ୍ପୃକ୍ତ ବିଦ୍ୟୁତ ସଂସ୍ଥାଗୁଡିକ ଜିଆରଏଫ/ଅମ୍ବୁଡସ୍‌ମ୍ୟାନମାନଙ୍କୁ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବା ଉଚିତ । କ୍ୟାମ୍ପ କୋର୍ଟଗୁଡିକର ତାରିଖ, ସ୍ଥାନ ଓ ମାମଲା ଫଇସଲା ସମ୍ବନ୍ଧରେ ଏକ ବାର୍ଷିକ ଅନୁପାଳନ ବିବରଣୀ, ଆୟୋଗଙ୍କ ଅବଗତି ନିମନ୍ତେ ଯୋଗାଇ ଦିଆଯାଇପାରେ ।

613. ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡିକ ବିଭିନ୍ନ ସ୍ତରରେ ତାଙ୍କର ଦୈନନ୍ଦିନ କାର୍ଯ୍ୟକଳାପରେ ସଚ୍ଚୋଟ ଓ ଅର୍ଥପ୍ରଦାନକାରୀ ଉପଭୋକ୍ତାମାନଙ୍କର ଅଭିଯୋଗଗୁଡିକ ଉପରେ ଆଗ୍ରହର ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ସମ୍ପୃକ୍ତ ଲାଇସେନ୍ସପ୍ରାପ୍ତ ସଂସ୍ଥାକୁ ସେଥିପାଇଁ ଉପଭୋକ୍ତାମାନଙ୍କ ତରଫରୁ ଅପ୍ରୀତିକର ପ୍ରଶ୍ନାବଳୀ ଅର୍ଥାତ୍ "ଆପଣଙ୍କର ସେବା ନିମ୍ନମାନର ଥିବାବେଳେ ଆମ୍ଭେମାନେ କାହିଁକି ଟଙ୍କା ଦେବୁ ?" ଆଦିର ସମ୍ମୁଖୀନ ହେବାକୁ ପଡିଥାଏ । ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ ସମସ୍ତ ଚାରିଗୋଟି ବଣ୍ଟନକାରୀ କମ୍ପାନୀ ସେମାନଙ୍କର ବିଭିନ୍ନ ସ୍ତରରେ ଅଭିଯୋଗର ପ୍ରତିକାର ଲାଗି ଥିବା ମେକାନିଜିମ୍‌କୁ ନୂଆ ରୂପ ଦେବା ଉଚିତ୍ ଓ ଅନେକ ସମୟରେ ଅସାଧୁ କର୍ମଚାରୀମାନଙ୍କର କୁପ୍ରରୋଚନା ଦ୍ୱାରା ନୀତିହୀନ ଉପଭୋକ୍ତାମାନଙ୍କୁ କାରବାରର ସମର୍ଥନ ଦେଇଥିବା ଉପଭୋକ୍ତାଙ୍କର ତାଲିକା ପ୍ରସ୍ତୁତ

କରିବା ଆବଶ୍ୟକ । ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକ ସକାଶେ 2011-12 ବର୍ଷକୁ ଉପଭୋକ୍ତା ବର୍ଷ ଭାବେ ଘୋଷଣା କରିବା ଉଚିତ୍ ।

**ଚୋରୀ ଓ ଦୁର୍ନୀତି (ଭିଜିଲାନ୍ସ) ସମ୍ବନ୍ଧୀୟ ବିଷୟ**

614. ବିଦ୍ୟୁତ ସଂସ୍ଥା କର୍ମଚାରୀମାନଙ୍କ ଜାଣତରେ ହେଉ ବା ଅଜାଣତରେ ହେଉ ଯେଉଁ ଚୋରି ହେଉଛି ସେଥି ଯୋଗୁଁ ଯେଉଁ କ୍ଷତି ଘଟୁଛି ତଦ୍ୱାରା ରାଜ୍ୟରେ ବିଦ୍ୟୁତ ବଣ୍ଟନ କ୍ଷେତ୍ରର ଉନ୍ନତ କାର୍ଯ୍ୟ ସମ୍ପାଦନରେ ଅନ୍ତରାୟ ସୃଷ୍ଟି ହେଉଛି । ତେଣୁ ସକ୍ରିୟ ଓ କାର୍ଯଦକ୍ଷ ଦୁର୍ନୀତି ନିବାରଣ (ଭିଜିଲାନ୍ସ) ଡିଭିଜନ ସ୍ଥାପନ କରିବା ପାଇଁ ବିଦ୍ୟୁତ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଡିଭିଜନ, ଚୋରୀ ଘଟଣା ଖୋଜି ବାହାର କରିବା ଓ ସେଥିପାଇଁ ତୁରନ୍ତ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ (ସିଭିଓ)ଙ୍କ ଅଧୀନରେ କାର୍ଯ୍ୟ କରିବ ।

615. ଏହା ଦେଖାଯାଉଛି ଯେ ଦୁର୍ନୀତି ନିବାରଣ (ଭିଜିଲାନ୍ସ) ସେଲ୍ ଓ ଏମ୍ଆରଟିର କର୍ମଚାରୀମାନେ ରିପୋର୍ଟ କରିଛନ୍ତି ଯେ ଅଧିକାରୀମାନଙ୍କର ବିଦ୍ୟୁତ ଚୋରି ଘଟଣାରେ ତଥା ବିଲ୍ ଆଦାୟରେ ଅନ୍ୟାନ୍ୟ ଅନିୟମିତତା, ଗୁରୁତର ଅବହେଳା ଓ ଭିତରି ସହଯୋଗ ରହିଛି । ଦୁର୍ନୀତି ନିବାରଣ ସେଲ୍‌ର କର୍ମଚାରୀମାନଙ୍କର ତଦନ୍ତ ରିପୋର୍ଟକୁ ଆଧାରକରି ସମ୍ପୃକ୍ତ ଅଧିକାରୀମାନଙ୍କ ବିରୁଦ୍ଧରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ।

616. ଅନ୍ୟ ପକ୍ଷରେ ଯେଉଁ ଅଧିକାରୀ ଓ କର୍ମଚାରୀମାନେ କ୍ଷତିର ପରିମାଣକୁ ହ୍ରାସ କରାଇ ବିଲ୍ ଆଦାୟ ପରିମାଣକୁ ବୃଦ୍ଧି କରିବାଭଳି ଭଲ କାର୍ଯ୍ୟ କରିଛନ୍ତି ସେମାନଙ୍କର କାର୍ଯ୍ୟକୁ ସ୍ୱୀକୃତିଦେବା ସଙ୍ଗେସଙ୍ଗେ ସେମାନଙ୍କୁ ସର୍ବସାଧାରଣଙ୍କ ସମକ୍ଷରେ ପ୍ରଶଂସା ପତ୍ର ପ୍ରଦାନ କରିବା ଉଚିତ୍ । ଆଗାମୀ ଦିନମାନଙ୍କରେ ସେମାନେ ଯେପରି ଆହୁରି ଭଲ କାମ କରିବେ ସେଥିପାଇଁ ସେମାନଙ୍କୁ ପୁରସ୍କାର ବାବଦରେ ନଗଦ ଟଙ୍କା ଦିଆଯିବା ଉଚିତ୍ ।  ସଂକ୍ଷେପରେ କହିବାକୁ ଗଲେ ଭିପି/ସିଇଓମାନେ ଶୃଙ୍ଖଳାଗତ କାର୍ଯ୍ୟବିଧିଗୁଡ଼ିକୁ ତୁରନ୍ତ ଫଇସଲା କରିବେ ଓ ଉତ୍ତମ କାର୍ଯ୍ୟ ସମ୍ପାଦନପାଇଁ କର୍ମଚାରୀ ଓ ଅଧିକାରୀମାନଙ୍କୁ ଉତ୍ସାହିତ କରିବେ ।

617. 2009-10 ବର୍ଷ ନିମନ୍ତେ ମଇ ମାସ, 2010ରେ ଆୟୋଗ ବଣ୍ଟନକାରୀ କମ୍ପାନିଗୁଡ଼ିକର କାର୍ଯ୍ୟ ସମ୍ପାଦନ ରିଭ୍ୟୁ କଲାବେଳେ ଅନ୍ୟାନ୍ୟ ବିଷୟ ମଧ୍ୟରେ ନିର୍ଦ୍ଦେଶ ଦେଇଥିଲେ ଯେ ଉଦ୍ଧତ ପ୍ରକୃତିର ଉପଭୋକ୍ତାମାନଙ୍କ ଦ୍ୱାରା ଅପ୍ରାଧିକୃତଭାବରେ ବିଦ୍ୟୁତ ଉପଯୋଗକୁ ଦୁର୍ନୀତି ନିବାରଣ କର୍ମଚାରୀବୃନ୍ଦ ଓ ବିଦ୍ୟୁତ ପୋଲିସ ଷ୍ଟେସନ ଖୋଜି ବାହାର କରିବା ଉଚିତ । ଏତଦ୍‌ବ୍ୟତୀତ ଦୁର୍ନୀତି ନିବାରଣ କର୍ମଚାରୀବୃନ୍ଦ, ଅପ୍ରାଧିକୃତଭାବରେ ବିଦ୍ୟୁତ ବ୍ୟବହାର

କରୁଥିବା ଉପଭୋକ୍ତାମାନଙ୍କ ସମେତ ବଣ୍ଟନକାରୀ କମ୍ପାନୀଗୁଡ଼ିକର କର୍ମଚାରୀମାନଙ୍କର ବିରୁଦ୍ଧରେ ଆଗତ ଆପତ୍ତି ଓ ଅଭିଯୋଗଗୁଡ଼ିକର ତଦନ୍ତ କରିବା ବିଧେୟ । ଦୁର୍ନୀତି ନିବାରଣ ଶାଖା ସହିତ ବିଦ୍ୟୁତ ଷ୍ଟେସନଗୁଡ଼ିକ ନିମନ୍ତେ ଦୈନିକ ବା ମାସିକ ଟାରଗେଟ ଧାର୍ଯ୍ୟ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

618. କିନ୍ତୁ ବଣ୍ଟନକାରୀ କମ୍ପାନିଗୁଡ଼ିକ ଦ୍ୱାରା ଦିଆଯାଇଥିବା ସୂଚନାରୁ ଏହା ପ୍ରତୀତ ହେଉଛି ଯେ ଦୁର୍ନୀତି ନିବାରଣ ଶାଖା କେବଳ ନାମକୁ ମାତ୍ର ତଦାରଖକାରୀ ସଂସ୍ଥା ଭାବରେ ରହିଛି । ଉକ୍ତ ଶାଖା ବିଶେଷକରି ବଣ୍ଟନକାରୀ କମ୍ପାନିଗୁଡ଼ିକର ବିଦ୍ୟୁତ ଚୋରୀ ରୋକିବା ଓ ଅସାଧୁ କର୍ମଚାରୀ ଓ ଉପଭୋକ୍ତାମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି କାର୍ଯ୍ୟ ସୂଚାରୁରୂପେ କରୁନାହାନ୍ତି । କାର୍ଯ୍ୟରତ ବିଦ୍ୟୁତ ପୋଲିସ ଷ୍ଟେସନଗୁଡ଼ିକ ଦ୍ୱାରା ବିଦ୍ୟୁତ ଚୋରୀକୁ ଖୋଜି ବାହାର କରି ଓ ଅସାଧୁ ଉପଭୋକ୍ତାମାନଙ୍କ ବିରୁଦ୍ଧରେ ସଠିକ୍ ସାକ୍ଷ୍ୟ ପ୍ରମାଣ ପ୍ରସ୍ତୁତ କରି ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ସକାଶେ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରାଯାଉନାହିଁ ।

619. ଏ ସଂକ୍ରାନ୍ତରେ ଡିସ୍କମ୍‌ମାନଙ୍କର କାର୍ଯ୍ୟ ସମ୍ପାଦନକୁ ତଦାରଖ କରିବା ସକାଶେ ଆୟୋଗ ପଦକ୍ଷେପ ଗ୍ରହଣ କରିଛନ୍ତି । ଡିସ୍କମ୍‌ମାନଙ୍କର ସଂପୃକ୍ତ ଦୁର୍ନୀତି ନିବାରଣ ଶାଖାଗୁଡ଼ିକ ଯେପରି ଦକ୍ଷତାର ସହିତ କାର୍ଯ୍ୟ କରିପାରିବ ସେଥିପାଇଁ ଡିସ୍କମ୍‌ମାନଙ୍କ ଦ୍ୱାରା ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଆୟୋଗ ମତ ଦେଇଛନ୍ତି । ଚୋରୀ ଓ ଦୁର୍ନୀତି ସଂକ୍ରାନ୍ତୀୟ ଅଭିଯୋଗଗୁଡ଼ିକ ଉପରେ ଯେଉଁସବୁ ତଦନ୍ତ କରାଯାଉଛି ସେଗୁଡ଼ିକ ଗୁରୁତର ଭାବରେ ଗ୍ରହଣ କରାଯାଉନାହିଁ କି ସେଗୁଡ଼ିକ ବିରୁଦ୍ଧରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ବିଦ୍ୟୁତ ପୋଲିସ ଷ୍ଟେସନଗୁଡ଼ିକରେ ଯଥା ସମୟରେ ଏଫଆଇଆରଗୁଡ଼ିକ ଦାଖଲ କରାଯାଉନାହିଁ, ଯାହା ଫଳରେ କି ଦୋଷୀ ସାବ୍ୟସ୍ତର  ହାର ଅତ୍ୟନ୍ତ କମ୍ ହେଉଛି ଓ ଇପିଏସ୍‌ଗୁଡ଼ିକ ସଠିକ୍‌ଭାବରେ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରୁନାହାନ୍ତି ।

620. ବିଦ୍ୟୁତ ପୋଲିସ ଷ୍ଟେସନ ବାବଦକୁ ଡିସ୍କମ୍‌ମାନଙ୍କର ଯାହା ବ୍ୟୟ ହେଉଛି ତାହା ନିମ୍ନ ଟେବୁଲରେ ଦର୍ଶାଯାଇଛି । ବିଦ୍ୟୁତ ପୋଲିସ ଷ୍ଟେସନଗୁଡ଼ିକ ବାବଦକୁ ଯାହା ବ୍ୟୟ ବୃଦ୍ଧି ହେଇଛି ତାହାର ଅନ୍ତତଃ 10 ଗୁଣ ରାଜସ୍ୱ ଆଦାୟ କରିବା ସକାଶେ ଡିସ୍କମ୍‌ମାନେ ପ୍ରୟାସ କରିବା ଉଚିତ୍ ।

## ଟେବୁଲ - **118**

**(କୋଟି ଟଙ୍କାରେ)**

| ଅତିରିକ୍ତ ଏ ଆଣ୍ଡ ଜି ବ୍ୟୟ | ସେସୁ | ନେସ୍କୋ | ୱେସ୍କୋ | ସାଉଥ୍‌କୋ |
|---|---|---|---|---|
| | ଫେବୃଆରି, **11** ପର୍ଯ୍ୟନ୍ତ ପ୍ରକୃତ ବ୍ୟୟ | ନଭେମ୍ବର, **10** ପର୍ଯ୍ୟନ୍ତ ପ୍ରକୃତ ବ୍ୟୟ | ନଭେମ୍ବର, **10** ପର୍ଯ୍ୟନ୍ତ ପ୍ରକୃତ ବ୍ୟୟ | ନଭେମ୍ବର, **10** ପର୍ଯ୍ୟନ୍ତ ପ୍ରକୃତ ବ୍ୟୟ |
| ସ୍ୱତନ୍ତ୍ର ପୋଲିସ ଷ୍ଟେସନ | 1.3 | 2.90 | 0.17 | 0.05 |

621. ବିଦ୍ୟୁତ ଚୋରୀ ରୋକିବା ପାଇଁ ରାଜ୍ୟ ସରକାର 34ଟି ବିଦ୍ୟୁତ ଥାନା ପ୍ରତିଷ୍ଠା ନିମନ୍ତେ ମଞ୍ଜୁର କରିଛନ୍ତି ଓ ବର୍ତ୍ତମାନ ସୁଦ୍ଧା 15ଟି ଥାନା କାର୍ଯ୍ୟ ଆରମ୍ଭ କଲେଣି । ଅବଶ୍ୟ ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ କର୍ମଚାରୀ ନଥିବାରୁ ସେହି ଥାନାଗୁଡିକ ଦକ୍ଷତାର ସହିତ ସେମାନଙ୍କର କାର୍ଯ୍ୟ ସମ୍ପାଦାନ କରିପାରୁନାହାନ୍ତି । ବିଦ୍ୟୁତ ଥାନାଗୁଡିକ କିପରି ଦକ୍ଷତାର ସହିତ କାର୍ଯ୍ୟ କରିପାରୁନାହିଁ ତାହା ନିମ୍ନ ଟେବୁଲରେ ଦର୍ଶାଯାଇଛି ।

## ଟେବୁଲ - **119**

### ଡିସ୍‌କମ୍‌ମାନଙ୍କରେ ହୋଇଥିବା ଚୋରୀ କେଶ୍‌ର ବିବରଣୀ

| ଡିସ୍‌କମ୍‌ସ | ବର୍ଷ | ରେଜେଷ୍ଟ୍ରି ହୋଇଥିବା ଏଫଆଇଆର ସଂଖ୍ୟା | ଗିରଫ ହୋଇ କୋର୍ଟକୁ ଚାଲାଣ ହୋଇଥିବା ସଂଖ୍ୟା | ଗିରଫ ନହୋଇ କୋର୍ଟକୁ ଚାଲାଣ ହୋଇଥିବା ସଂଖ୍ୟା | ଗିରଫ ହୋଇଥିବା/ ପୂର୍ବ ବର୍ଷରେ ଚାଲାଣ ହୋଇଥିବା ଓ କୋର୍ଟରେ ଚଳିତ ବର୍ଷ ଦାଏର ହୋଇଥିବା ମାମଲାଗୁଡିକର ସଂଖ୍ୟା | କୋର୍ଟରେ ଦାଏର ହୋଇଥିବା ମାମଲାର ମୋଟ ସଂଖ୍ୟା | ଗିରଫ ହୋଇ ଚାଲାଣ ହୋଇଥିବା ମାତ୍ର କୋର୍ଟରେ ଦାଏର ହୋଇ ନଥିବା ମାମଲାର ସଂଖ୍ୟା | କୋର୍ଟଦ୍ୱାରା ଫଏସଲା ହୋଇଥିବା ମାମଲାର ସଂଖ୍ୟା | କୋର୍ଟଦ୍ୱାରା ଫଏସଲା ପାଇଁ ବିଚାରାଧୀନ ଥିବା ମାମଲା |
|---|---|---|---|---|---|---|---|---|---|
| ସେସୁ | 2008 (ଜୁଲାଇରୁ ଡିସେମ୍ବର) | 45 | 29 | 16 | 1 | 30 | 0 | 0 | 30 |
| ନେସ୍କୋ | | 32 | 32 | 0 | 0 | 32 | 0 | 0 | 32 |
| ସାଉଥ୍‌କୋ | | 26 | 0 | 26 | 0 | 0 | 0 | 0 | 0 |
| ୱେସ୍କୋ | | 3 | 3 + 3(ଜୁଲାଇ, 2008 ପୂର୍ବରୁ ରେଜେଷ୍ଟ୍ରି ହୋଇଥିବା ଏଫଆଇଆର) | 0 | 0 | 6 | 0 | 0 | 6 |
| ସେସୁ | 2009 (ଜାନୁଆରିରୁ ଡିସେମ୍ବର) | 294 | 185 | 109 | 297 | 406 | 0 | 0 | 436 |
| ନେସ୍କୋ | | 52 | 11 | 41 | 0 | 27 | 0 | 1 | 58 |
| ସାଉଥ୍‌କୋ | | 45 | 0 | 45 | 0 | 0 | 0 | 0 | 0 |
| ୱେସ୍କୋ | | 77 | 5 | 72 | 0 | 5 | 0 | 0 | 11 |
| ସେସୁ | 2010 (ଜାନୁଆରିରୁ ଡିସେମ୍ବର) | 473 | 337 | 21 | 0 | 0 | 18 | 0 | 870 |
| ନେସ୍କୋ | | 133 | 1 | 34 | 0 | 0 | 0 | 0 | 99 |
| ସାଉଥ୍‌କୋ | 2010 (ଜାନୁଆରିରୁ ଫେବୃଆରୀ) | 5 | 0 | 5 | 1 | 1 | 0 | 1 | 57 |
| ୱେସ୍କୋ | | 0 | 0 | 0 | 0 | 0 | 0 | 0 | 11 |

622. ଶକ୍ତି ବିଭାଗର ଅଧିସୂଚନା ସଂଖ୍ୟା 1335 ତା05.10.2004 ଅନୁସାରେ ଗଠିତ ଜିଲ୍ଲା ସମନ୍ୱୟ କମିଟିର ବୈଠକରେ ବିଦ୍ୟୁତ ଚୋରୀ ସମସ୍ୟା ଉପରେ ବିଭିନ୍ନ ବିଷୟ ଆଲୋଚନା ହୋଇଥିଲା । ସିଭିଓ/ ଏଭିଓମାନଙ୍କ ଲାଗି ଦୈନିକ ଟାରଗେଟ ଧାର୍ଯ୍ୟ କରିବା ସହିତ ବ୍ୟବସାୟିକ ସଂସ୍ଥା, ପେଶାଗତ ଶିକ୍ଷାନୁଷ୍ଠାନ, ନର୍ସିଂ ହୋମ, ହସ୍ପିଟାଲ, ହୋଟେଲ, ଶିଳ୍ପସଂସ୍ଥା, ଫାବ୍ରିକେସନ ୟୁନିଟ, ହଲର, ଚାଉଳକଳ, ଯାନବାହାନ ସୋ ରୁମ୍, ଗ୍ୟାରେଜ, ଇତ୍ୟାଦି ଭଳି ଅଧିକ ବିଦ୍ୟୁତ ଉପଯୋଗ କରୁଥିବା ସଂସ୍ଥାରେ ବିଦ୍ୟୁତ ଚୋରୀ ଘଟଣା ଖୋଜିବାହାର କରିବା ଲାଗି ବିଦ୍ୟୁତ ଥାନା ସକାଶେ ଦୈନିକ ଟାରଗେଟ ମଧ୍ୟ ଧାର୍ଯ୍ୟ କରିବା ଉଚିତ୍ । ନିଗମ ସ୍ତରରେ ସିଇଓ/ଭିପିଙ୍କ ଦ୍ୱାରା ସର୍କଲ ଓ ଡିଭିଜନ ସ୍ତରରେ ଏସ.ଇ. ଓ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କ ଦ୍ୱାରା ଦୈନନ୍ଦିନ ତଦାରଖ କରାଯିବା ଉଚିତ୍ । ସିଇଓ/ଭିପି ସଂପୃକ୍ତ ଅଞ୍ଚଳର ଆରଡିସି, ରେଞ୍ଜର ଆଇଜି/ଡିଆଇଜି, ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍.ପି.ଙ୍କ ସମେତ ଏସ.ପି. (ଭିଜିଲାନ୍ସ)ଙ୍କ ସହିତ ଯୋଗସୂତ୍ର ରକ୍ଷା କରିବା ଉଚିତ୍ । ଶକ୍ତି ବିଭାଗ ସେମାନଙ୍କ ପତ୍ର ସଂ.1857 ତା.04.3.2011ରେ ବିଭିନ୍ନ ଜିଲ୍ଲାର ଏସ.ପି.ମାନଙ୍କୁ ଜଣାଇଛନ୍ତି ଯେ ଥାନାଗୁଡିକର କାର୍ଯ୍ୟ ସମ୍ପାଦନ ସମ୍ବନ୍ଧୀୟ ମାସିକ ରିପୋର୍ଟ ତା'ପରବର୍ତ୍ତୀ ମାସର 15 ତାରିଖ ସୁଦ୍ଧା ପଠାଇବେ ଓ ଉକ୍ତ ରିପୋର୍ଟର ଏକ ନକଲ ସଚିବ, ଓଇଆରସିଙ୍କୁ ଦେବେ ।

**ବିଦ୍ୟୁତ ଚାହିଦା ସମ୍ପର୍କିତ ପରିଚାଳନା**

623. ଯଥେଷ୍ଟ ପରିମାଣର ବିଦ୍ୟୁତ ଚାହିଦା ଥିବା ଦୃଷ୍ଟିରୁ ଶକ୍ତି ସମ୍ବଳରେ ସୀମିତ ପରିମାଣର ବିଦ୍ୟୁତ ଶକ୍ତିର ଉତ୍ପାଦନ, ପରିବେଶର ସୁରକ୍ଷା ଓ ଆର୍ଥିକ ଅଭିବୃଦ୍ଧି ଦୃଷ୍ଟିରୁ ବର୍ତ୍ତମାନର ପରିସ୍ଥିତିରେ ଶକ୍ତି ଉତ୍ସରୁ ମିଳୁଥିବା ବିଦ୍ୟୁତର ଉପଯୋଗ ସଂକ୍ରାନ୍ତୀୟ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବିଦ୍ୟୁତ ଶକ୍ତିର ଉପଯୋଗ କ୍ଷେତ୍ରରେ କାର୍ଯ୍ୟକାରିତା ସମ୍ବନ୍ଧୀୟ ଦକ୍ଷତା, ବିଦ୍ୟୁତ ଉତ୍ପାଦନରେ ଉନ୍ନତି ସାଧନ, ବିଦ୍ୟୁତ ସରବରାହ ଓ୍ୱଣ୍ଟନ ପଦ୍ଧତିରେ କ୍ଷତିର ହ୍ରାସକରଣ ଇତ୍ୟାଦି ସଂକ୍ରାନ୍ତରେ ଏକ ସମନ୍ୱିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଡିଏସ୍‌ଏସ୍‌କୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଆୟୋଗ "ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଚାହିଦା ସମ୍ପର୍କିତ ପରିଚାଳନା), ରେଗୁଲେସନ, 2011" ନାମକ ଏକ ଚିଠା ରେଗୁଲେସନ ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ଆର୍ଥିକ ସ୍ତରରେ ବିଦ୍ୟୁତ ବଞ୍ଚାଇବାର ଯଥେଷ୍ଟ ଆବଶ୍ୟକତା ରହିଛି । ଜାତୀୟ ଉନ୍ନୟନ ପରିଷଦର ରିପୋର୍ଟରେ ଦର୍ଶାଯାଇଛି ଯେ ଶିଳ୍ପ, କୃଷି ଓ ଘରୋଇ ସ୍ତରରେ କେତେ ପରିମାଣର ସମ୍ଭାବ୍ୟ (ପୋଟେନ୍‌ସିଆଲ) ବିଦ୍ୟୁତ ଉପଯୋଗ ହେବ ତାହା ନିମ୍ନ ରେ ସୂଚାଇ ଦିଆଯାଇଛି :-

| ସେକ୍ଟର | | ଶକ୍ତି ସଂରକ୍ଷଣ (ପୋଟେନସିଆଲ) |
|---|---|---|
| ଶିଳ୍ପ | - | 25% ପର୍ଯ୍ୟନ୍ତ |
| କୃଷି | - | 30% ପର୍ଯ୍ୟନ୍ତ |
| ଘରୋଇ | - | 20% ପର୍ଯ୍ୟନ୍ତ |

624. ବିଦ୍ୟୁତ ଚାହିଦା ସମ୍ପର୍କିତ ପରିଚାଳନା ମୂଖ୍ୟତଃ ଦୁଇଟି ପର୍ଯ୍ୟାୟ ଅର୍ଥାତ୍ ବିଦ୍ୟୁତର ଯୋଗାଣ ସମ୍ବନ୍ଧୀୟ ଓ ଚାହିଦା ସମ୍ବନ୍ଧୀୟ ଦ୍ୱାରା ହିଁ ହାସଲ କରାଯାଇ ପାରିବ ଯାହାକି ନିମ୍ନ ଟେବୁଲରେ ଦର୍ଶାଯାଇଛି :

ଟେବୁଲ **- 120**

| ଯୋଗାଣ ସମ୍ବନ୍ଧୀୟ | ଚାହିଦା ସମ୍ବନ୍ଧୀୟ |
|---|---|
| ସଂପ୍ରତି କାର୍ଯ୍ୟରତ ତାପଜ ବିଦ୍ୟୁତ କେନ୍ଦ୍ରର କାର୍ଯ୍ୟ ସମ୍ପାଦନରେ ଉନ୍ନତି ସାଧନ | ଶିଳ୍ପ ସେକ୍ଟର |
| ଗ୍ରୀଡ୍ ପରିଚାଳନାରେ ଉନ୍ନତିକରଣ | ଘରୋଇ ସେକ୍ଟର |
| ଉପ-ସରବରାହ ଓ ବଣ୍ଟନ ବ୍ୟବସ୍ଥାରେ ଉନ୍ନତି ସାଧନ | ବ୍ୟବସାୟିକ ସେକ୍ଟର |
| ବୈଷୟିକ ଉନ୍ନତିକରଣ କାର୍ଯ୍ୟକ୍ରମ | କୃଷି ସେକ୍ଟର |

625. ଡିଏସ୍ଏମ୍ କାର୍ଯ୍ୟକଳାପରେ ବିଦ୍ୟୁତ ବଣ୍ଟନ ସଂସ୍ଥାଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

➢ ପ୍ରତ୍ୟେକ ବଣ୍ଟନ ଲାଇସେନ୍ସପ୍ରାପ୍ତ ସଂସ୍ଥା, ତାହାଙ୍କ କାର୍ଯ୍ୟକାରିତା କ୍ଷେତ୍ର ମଧ୍ୟରେ କାର୍ଯ୍ୟକାରୀ କରାଯାଉଥିବା ନୀତିନିୟମର ତଦାରଖ ପାଇଁ ଏକ ଡିସିଏମ୍ ସେଲ୍ ଗଠନ କରିବା ଉଚିତ୍ ।

➢ ଡିଏସ୍ଏମ୍ ସେଲ୍ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷମାନେ, ଡିଏସ୍ଏମ୍ ରେଗୁଲେସନ ଅନୁଯାୟୀ ସେମାନଙ୍କଠାରେ ନ୍ୟସ୍ତ କରାଯାଇଥିବା କାର୍ଯ୍ୟକୁ ସମ୍ପାଦନ କରିବା ସକାଶେ ସେମାନଙ୍କୁ ପର୍ଯ୍ୟାପ୍ତ କ୍ଷମତା ଅର୍ପଣ କରିବା ଆବଶ୍ୟକ ।

626. ଡିଏସ୍ଏମ୍ ସେଲ୍ର ଦାୟିତ୍ୱ ନିମ୍ନରେ ଦର୍ଶାଯାଇଛି ।

➢ ଲୋଡ ଗବେଷଣା ଓ ବେସ୍ ଲାଇନ୍ ଡାଟାର ଉନ୍ନତିସାଧନ

➢ ଡିଏସ୍ଏମ୍ ଯୋଜନା ପ୍ରଣୟନ

➢ ଡିଏସ୍ଏମ୍ ପ୍ରୋଜେକ୍ଟର ଡିଜାଇନ ଓ ଉନ୍ନୟନ ସମେତ ବ୍ୟୟ ବିଶ୍ଳେଷଣ, କାର୍ଯ୍ୟାନ୍ୱୟନ ନିମନ୍ତେ ପ୍ଲାନ,

ତଦାରଖ ଓ ରିପୋର୍ଟ ଦାଖଲ, ମାପ ଓ ଭେରିଫିକେସନ

- ଡିଏସ୍ଏମ୍ ପ୍ଲାନ ଓ ପ୍ରୋଗ୍ରାମ ସକାଶେ ଆବଶ୍ୟକ ଅନୁମୋଦନ
- ଡିଏସ୍ଏମ୍ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ

627. ବିଦ୍ୟୁତର ଉଭୟ ଯୋଗାଣ ଓ ଚାହିଦାକୁ ଚଳେଇ ନେବାକୁ ପୂର୍ବ ଟାରିଫ ଆଦେଶ ମାଧ୍ୟମରେ ଆୟୋଗ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଦ୍ୟୁତ ଯୋଗାଣରେ କ୍ଷତି କମାଇବା ସକାଶେ ଡିସ୍କମ୍‌ମାନଙ୍କର ବିଦ୍ୟୁତ ଅଡିଟ୍ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି । ଏତଦ୍ ବ୍ୟତୀତ ଟାରିଫ୍ ସମ୍ବନ୍ଧୀୟ ପଦକ୍ଷେପ ଅର୍ଥାତ୍ ଟି ଆଣ୍ଡ ଡି ରିବେଟ୍, ଅଫ୍ ପିକ୍ ଓଭରଡ୍ରୟାଲ ବେନିଫିଟ୍, ପାୱାର ଫାକ୍ଟର ପ୍ରୋତ୍ସାହନ, ସୋଲାର ୱାଟର ହିଟର ସଂସ୍ଥାପନ ଲାଗି ରିବେଟ୍, ଇତ୍ୟାଦି ବ୍ୟବସ୍ଥା ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ପ୍ରଚଳନ କରାଯାଇଛି । ବିଦ୍ୟୁତ ଯୋଗାଣ କ୍ଷେତ୍ରରେ କ୍ଷତିର ପରିମାଣକୁ ସର୍ବନିମ୍ନ କରିବା ଦାୟିତ୍ୱ ହେଉଛି ଡିସ୍କମ୍‌ମାନଙ୍କର । ଯୋଗାଣରେ ଅଧିକ ପରିମାଣର ବୈଷୟିକ କ୍ଷତିର ମୁଖ୍ୟ କାରଣଗୁଡିକ ନିମ୍ନରେ ଦର୍ଶାଯାଇଛି :-

- ଟ୍ରାନ୍ସଫର୍ମରଗୁଡିକର ସଂଖ୍ୟା ବୃଦ୍ଧି
- ନିର୍ଦ୍ଦିଷ୍ଟ ସୀମା ବାହାରେ ଟି ଆଣ୍ଡ ଡି ନେଟୱାର୍କର ସଂପ୍ରସାରଣ
- ସ୍ୱଳ୍ପ ପରିମାଣର କ୍ଷତିପୂରଣ ଓ ନିମ୍ନମାନର ଭୋଲ୍ଟେଜ ରେଗୁଲେସନ
- ବିଦ୍ୟୁତ ପରିବାହକ (କୋରୋନା) କ୍ଷତି
- ସରବରାହ ଲାଇନଗୁଡିକରେ ଓଭରଲୋଡିଂ
- ବିଦ୍ୟୁତ ଓ ବଣ୍ଟନ ଟ୍ରାନ୍ସଫର୍ମରଗୁଡିକ ସଠିକ୍ ଜାଗାରେ ସଂସ୍ଥାପନ
- ଭୋଲ୍ଟେଜର ଅସମୀଚୀନ ପସନ୍ଦ
- ଏଚଟିରୁ ଏଲଟି ଲାଇନର ଅଧିକ ଅନୁପାତର ପାର୍ଥକ୍ୟ
- ଟ୍ରାନ୍ସଫର୍ମର, ସରବରାହ ଲାଇନ୍ ଓ ଏଲଟି ସିଷ୍ଟମର ଅସନ୍ତୁଳିତ ଲୋଡିଂ
- ପଦ୍ଧତିର ଅଧିକ ଫ୍ରିକ୍ୱେନ୍ସି

- ଛୋଟ ସାଇଜର କଣ୍ଡକ୍ଟର
- ନିମ୍ନମାନର ନିର୍ମାଣ ଓ ରକ୍ଷଣାବେକ୍ଷଣ ପଦ୍ଧତି

628. ବିଦ୍ୟୁତ ଯୋଗାଣରେ କ୍ଷତିକୁ ଚଳେଇନେବା ବ୍ୟତୀତ ବିଦ୍ୟୁତ ଚାହିଦାରେ ଶକ୍ତି ଉପଯୋଗକୁ କମାଇବା ସକାଶେ ଡିସ୍‌କମ୍‌ମାନେ ସେମାନଙ୍କର ସର୍ବୋତ୍ତମ ପ୍ରଚେଷ୍ଟା କରିବା ଉଚିତ୍ । ବିଦ୍ୟୁତ ବଣ୍ଟନ ସଂସ୍ଥାଗୁଡ଼ିକ ଘରୋଇ, ବ୍ୟବସାୟିକ, କୃଷି ଓ ଶିଳ୍ପ ସେକ୍ଟରରେ ବିଦ୍ୟୁତ ଯୋଗାଣକୁ ନିୟନ୍ତ୍ରଣ କରି ବିଦ୍ୟୁତର ଆବଶ୍ୟକତାକୁ କମାଇ ପାରିବେ ।

**ଘରୋଇ ଓ ବ୍ୟବସାୟିକ ସେକ୍ଟର**

629. ବିଦ୍ୟୁତ୍‌ଶକ୍ତି ବଞ୍ଚାଇବା କ୍ଷେତ୍ରରେ ଘରୋଇ ଓ ବ୍ୟବସାୟିକ ସେକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଉନ୍ନତମାନର ବିଦ୍ୟୁତ ଉପକରଣ ବ୍ୟବହାର କରି ବିଦ୍ୟୁତ ବଞ୍ଚାଇବା ସକାଶେ ଉପଭୋକ୍ତାମାନଙ୍କୁ ଶିକ୍ଷା ପ୍ରଦାନ କରି ଏହି ସେକ୍ଟର ଶକ୍ତି ବଞ୍ଚାଯାଇପାରିବ । ଯଦି ଆବଶ୍ୟକ ପଡେ, ତେବେ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ବୈଷୟିକ ଶିକ୍ଷା ବିଦ୍ୟାଳୟରେ ପ୍ରଚଳନ ମଧ୍ୟ କରାଯାଇପାରିବ । ସେଥିପାଇଁ କେତେକ ପଦକ୍ଷେପ ସମ୍ପର୍କରେ ନିମ୍ନରେ ଦର୍ଶାଯାଇଛି :

- ବ୍ୟବହାର ହେଉନଥିବା ବେଳେ ବିଶେଷକରି ଖାଇବା ସମୟ ଓ ଅଫିସ୍ ଛାଡିବାପରେ ଲାଇଟ୍ ଓ ଫ୍ୟାନ୍‌ଗୁଡିକର ସୁଇଚ୍ ବନ୍ଦକରିବା
- ଉତ୍ତମ ମାନର ୱାୟାରିଙ୍ଗ ଓ ବିଦ୍ୟୁତ ଉପକରଣ
- ପାଣିଗରମ ଓ ଦିନବେଳେ ରୋଷେଇରେ ସୋଲାର କୁକ୍ର ବ୍ୟବହାର
- ରେଫ୍ରିଜେରେସନରେ ରଖିବା ପୂର୍ବରୁ ଗରମ ଖାଦ୍ୟପଦାର୍ଥକୁ ଥଣ୍ଡା କରି ରଖିବା
- ଫ୍ରିଜର ଦରଜାକୁ ବାରମ୍ବାର ଖୋଲିବା ଅଭ୍ୟାସ ପରିହାର କରିବା

**କୃଷି ସେକ୍ଟର**

630. ଏହି ସେକ୍ଟରରେ ବିଦ୍ୟୁତଶକ୍ତି ଚାହିଦା ଦ୍ରୁତଗତିରେ ବଢିବାରେ ଲାଗିଛି । ନିମ୍ନଲିଖିତ ଜ୍ଞାନ କୌଶଳ ପ୍ରୟୋଗକରି ଏହି ସେକ୍ଟରରେ ଶକ୍ତି ସଂରକ୍ଷଣ କରାଯାଇପାରିବ ।

- ଏହା ସତ୍ୟ ଯେ ଏହି ସେକ୍ଟରରେ ବ୍ୟବହୃତ ହେଉଥିବା ମୋଟର ଓ ପମ୍ପଗୁଡିକ ଚଳନକ୍ଷମ ନୁହଁନ୍ତି (ଅର୍ଥାତ୍ 30% ଚଳନକ୍ଷମଶକ୍ତି ରହିଛି ମାତ୍ର କାର୍ଯ୍ୟକାରିତା ପାଇଁ ଚଳନକ୍ଷମ ଦକ୍ଷତା 55% ରହିବାକୁ ସୁପାରିସ କରାଯାଇଛି । ତେଣୁ ଅଳ୍ପ ବ୍ୟୟରେ ଚଞ୍ଚଳ ଅମଳ ସକାଶେ କୃଷି ସଂକ୍ରାନ୍ତୀୟ ପମ୍ପସେଟ୍ର ମାଲିକମାନଙ୍କୁ ସେମାନଙ୍କର ପମ୍ପସେଟଗୁଡିକ ଚଳନକ୍ଷମ 55%ରୁ କମ୍ ନହେବା ସକାଶେ ସେମାନଙ୍କ ଉପରେ ବୈଧାନିକ ରେଗୁଲେସନର ବ୍ୟବସ୍ଥା ଆରୋପ କରାଯିବା ଉଚିତ । ଟିଯୁବୱେଲପାଇଁ ସ୍ୱତନ୍ତ୍ର ଜେଟ ପମ୍ପର ବ୍ୟବସ୍ଥା ହେଉଛି ଉକ୍ତ ସମସ୍ୟାର ଏକମାତ୍ର ସମାଧାନ ।
- ଫ୍ଲାଟ ରେଟ ଟାରିଫର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବଡ ପମ୍ପସେଟ କିଣିବାଲାଗି କ୍ରେତାଙ୍କୁ ସୁଯୋଗ ଦେବାର ଓ ବ୍ୟବହାରୀ ପାୱାର ଯୋଗାଣ ସୁଇଚ ଅଫ କରିବା । ତେଣୁ ମିଟରଯୁକ୍ତ ବିଦ୍ୟୁତ ଯୋଗାଣ ନିତାନ୍ତ ଆବଶ୍ୟକ ।
- ପାୱାର ସେକ୍ଟରରେ ଉନ୍ନତିସାଧନ ସକାଶେ ସଣ୍ଟ କାପାସିଟର ଲଗାଯିବା ଦରକାର ।
- ଯଥାସମ୍ଭବ ଭୂମିସ୍ତର ନିକଟରେ ଡିସଚାର୍ଜ ପାଇପ୍ ରଖିବା ।
- ଦୃଢ ପିଭିସି ପାଇପର ବ୍ୟବହାର କରିବାକୁ ଓ ସାର୍ପ ବେଣ୍ଡସ୍ ପରିହାର କରିବାକୁ ସୁପାରିଶ୍ କରାଯାଉଛି ।
- ଟ୍ରାନ୍ସଫର୍ମରଗୁଡିକର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ଷଣାବେକ୍ଷଣ ଓ ସଠିକ୍ ସାଇଜର ଫିଉଜର ବ୍ୟବହାର

**ଶିଳ୍ପ ସେକ୍ଟର**

631. ଏହି ସେକ୍ଟରରେ ବିଦ୍ୟୁତର ଉପଯୋଗ ପ୍ରାୟ 40% । ତେଣୁ ଶକ୍ତି ସଂରକ୍ଷଣ ପାଇଁ ଏହି ସେକ୍ଟର ହେଉଛି ଅଗ୍ରାଧିକାର କ୍ଷେତ୍ର । ଏହି ସେକ୍ଟରରେ ନିମ୍ନଲିଖିତ ପଦକ୍ଷେପଗୁଡିକ ମାଧ୍ୟମରେ ଶକ୍ତି ସଂରକ୍ଷଣ କରାଯାଇପାରିବ ।

- ଗୋଟିକିଆ ବା ବଡସାଇଜର ମୋଟର ବ୍ୟବହାରକୁ ପରିହାର କରିବା
- ଅଧିକ ପାୱାର ଉପଯୋଗ କରୁଥିବା ଦୃଷ୍ଟିରୁ ଅଣ-ଷ୍ଟାଣ୍ଡାର୍ଡ ୱେଲଡିଙ୍ଗସେଟ ବର୍ଜନ କରିବା
- କ୍ଷତିପରିମାଣ ବୃଦ୍ଧି ହେବାରେ ସହାୟକ ହେଉଥିବା ଛୋଟ ସାଇଜ/ଅନୁପଯୁକ୍ତ କେବୁଲ ବ୍ୟବହାର ନକରିବା
- ମୋଟରର ସଠିକ ଲୁବ୍ରିକେସନ
- ପୁଲିରେ ଚଲାଇବା ପରିହାର କରିବା ଓ ସିଧାସଳଖ କପଲିଙ୍ଗ୍ ବ୍ୟବହାର କରିବା
- ଭାରିଶିଳ୍ପ କ୍ଷେତ୍ରରେ ପାୱାର ହାଇ ଭୋଲଟେଜରେ ଅର୍ଥାତ ସୁପାରିସ୍ କରାଯାଇଥିବା 100 କେଭକୁ,

3 ଏମ୍‌ଭିରୁ ବା 5 ଏମ୍‌ଭିରୁ ଲୋଡ୍ ପାଇଁ ଆବଶ୍ୟକତା ଅନୁଯାୟୀ ଯଥାକ୍ରମେ 11 କେଭି, 33 କେଭି ବା 66 କେଭି ଲାଇନ ଯୋଗାଇ ଦେବା ଆବଶ୍ୟକ

➢ ପାୱାର କଟ୍ କାର୍ଯ୍ୟକ୍ରମ ମଧ୍ୟରେ ସମଗ୍ର ଫିଡର ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ବନ୍ଦ କରିବା ପରିବର୍ତ୍ତେ ୟୁନିଟର କୋଟା ଆବଣ୍ଟନ କରିବା ବରଂ ଭଲହେବ

632. ଏହା ସ୍ପଷ୍ଟ ଯେ ଆମମାନଙ୍କର ବିଦ୍ୟୁତ ସରବରାହ ଓ ବିତରଣ ପଦ୍ଧତିରେ ଉନ୍ନତି ସାଧନ ଲାଗି ଅନେକ ସୁବିଧା ସୁଯୋଗ ରହିଛି । ତେଣୁ ପ୍ରତ୍ୟେକ ବିଦ୍ୟତ୍ ସଂସ୍ଥା ଟିଆଣ୍ଡଡି ଜନିତ କ୍ଷତି କମାଇବାକୁ ନିଜର ଶକ୍ତି ବା ଦୁର୍ବଳତାକୁ ବିଶ୍ଳେଷଣ କରିବା ଉଚିତ୍ ।  ଘରୋଇ, କୃଷି ଓ ଶିଳ୍ପ ସେକ୍ଟରରେ ବିଦ୍ୟୁତ ସଂରକ୍ଷଣ ବ୍ୟବସ୍ଥାକୁ ଯଥେଷ୍ଟ ଧ୍ୟାନ ଦିଆଯିବା ଉଚିତ କାରଣ ତଦ୍ଦ୍ୱାରା ଆମର ଚାହିଦା କମିବ ଯାହାକି ଲୋଡ ବ୍ୟବସ୍ଥାରେ ଉତ୍ତମ ପରିଚାଳନା ଲାଗି ସୁବିଧାହେବ ।

633. ବିଦ୍ୟୁତର ଅଯଥା ଉପଯୋଗ ପରିହାରକରି ଓ ଉତ୍ତମମାନର ଇଲେକ୍ଟ୍ରୋନିକ୍ ଗାଡଗେଟସ ଓ ଉପକରଣ ମାଧ୍ୟମରେ ବିଦ୍ୟୁତର ଆବଶ୍ୟକତା କମାଇବ ଦ୍ୱାରା ଶକ୍ତି ବଞ୍ଚାଇବାକୁ ଦୃଷ୍ଟିରେ ରଖି କମିଶନ, ଖୁଚୁରା ଟାରିଫ 2011-12 ପ୍ରଣୟନ କରିଛନ୍ତି । ଘରୋଇ ଉପଯୋଗ କ୍ଷେତ୍ରରେ 400 ୟୁନିଟରୁ ଅଧିକ ପରିମାଣର ବିଦ୍ୟୁତ ଉପଯୋଗ ପାଇଁ ୟୁନିଟ ପିଛା ଟ4.80 ହାରରେ ବିଦ୍ୟୁତ ଦେୟ ଦେବାକୁ ପଡିବ । ଏତଦ୍‌ବ୍ୟତୀତ ଏବିଟି ରେଗୁଲେସନ, 2007 ତା01.7.2011ଠାରୁ କାର୍ଯ୍ୟକାରୀ ହେବା ଦ୍ୱାରା ବିଦ୍ୟୁତ ଉପଯୋଗ ଲବ୍ଧ ବିଦ୍ୟୁତ ପରିମାଣ ମଧ୍ୟରେ ସୀମିତ ରହିବ ଓ ଧାର୍ଯ୍ୟ ପରିମାଣରୁ ଅଧିକ ଶକ୍ତି ଆହରଣ କଲେ ସେଥିପାଇଁ ଶାସ୍ତିମୂଳକ ଦର ଦେବାକୁ ପଡିବ ।

**ଢାଞ୍ଚାରେ ଉନ୍ନତିସାଧନ**

634. ସଂପ୍ରତି ପ୍ରଚଳିତ ଢାଞ୍ଚାରେ ଉନ୍ନତିସାଧନ ସଂପର୍କରେ ପୋଡିଯାଇଥିବା ଟ୍ରାନସଫରମର, ଲୋଡ ବାଲାନ୍‌ସିଂ, ଆର୍ଥିଂ, ବିଦ୍ୟୁତ ସଂସ୍ଥାପନ ଜାଞ୍ଚ, ବ୍ରେକରସ୍ ବ୍ୟବସ୍ଥା, ସମସ୍ତ ସବଷ୍ଟେସନରେ ପାଚେରୀ ଓ ଗେଟ ବ୍ୟବସ୍ଥା, ଡିଟି ମିଟରିଂ, ବିଦ୍ୟୁତଶକ୍ତି ଅଡିଟ ଇତ୍ୟାଦିର ସଂସ୍ଥାପନ/ଉନ୍ନତିକରଣ ସହିତ ନୂତନ ସଂସ୍ଥାପନଲାଗି କମିଶନ ନିର୍ଦ୍ଦେଶ ଦେଇଥିଲେ । କମିଶନଙ୍କ ଦ୍ୱାରା ଉପରୋକ୍ତ ନିର୍ଦ୍ଦେଶନାମାର ଅନୁପାଳନ କ୍ରମେ, ବଣ୍ଟନକାରୀ ଲାଇସେନସ୍ପ୍ରାପ୍ତ ସଂସ୍ଥା ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଟାରଗେଟର ବହୁତ ପଛରେ ଅଛନ୍ତି । ଏହା ଦେଖାଯାଇଛି ଯେ ଡିସ୍‌କମ୍‌ଗୁଡିକ ବିଶେଷକରି ନେସ୍କୋ ଓ ୱେସ୍କୋ ସେମାନଙ୍କର ଢାଞ୍ଚାରେ ଉନ୍ନତିସାଧନ କାର୍ଯ୍ୟରେ ଅତ୍ୟନ୍ତ ଅନାଗ୍ରହୀ ଅଟନ୍ତି । ପ୍ରଚଳିତ ଢାଞ୍ଚାରେ

ଉନ୍ନତିସାଧନ ଲାଗି କମିଶନ ଗୁରୁତ୍ୱ ଦେଉଥିବା ବେଳେ ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡିକ ଆଗାମୀ ଆର୍ଥିକ ବର୍ଷରେ ବିଦ୍ୟୁତ ବଣ୍ଟନ ଢାଞ୍ଚାରେ ଉନ୍ନତି ସାଧନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଗ୍ରାମାଞ୍ଚଳରେ ଅଗ୍ରାଧିକାର ଭିତ୍ତିରେ ବିଦ୍ୟୁତ ଯୋଗାଣର ଗୁଣାତ୍ମକ ମାନରେ ଉନ୍ନତି ସାଧନ ନିମନ୍ତେ ବିଶେଷକରି ନିମ୍ନ ଟେବୁଲରେ ଦର୍ଶାଯାଇଥିବା କାର୍ଯ୍ୟରେ ମରାମତି ଓ ପୁନୁରୁଦ୍ଧାର ଡିସ୍କମ୍‌ମାନେ ହାତକୁ ନେବା ଆବଶ୍ୟକ ।

**ଟେବୁଲ – 121**

| କ୍ର.ସଂ. | କରାଯିବାକୁ ଥିବା କାର୍ଯ୍ୟର ବିବରଣୀ | ସେସୁ ପାଇଁ ଟାରଗେଟ | ନେସ୍କୋ, ୱେସ୍କୋ ଓ ସାଉଥ୍‌କୋ ପ୍ରତ୍ୟେକଟି ନିମନ୍ତେ ଟାରଗେଟ |
|---|---|---|---|
| 1 | ନୂତନ ଟ୍ରାନ୍ସଫର୍ମରଗୁଡିକର ଉନ୍ନତିକରଣ ଓ ସଂସ୍ଥାପନ | 1000 | ପ୍ରତ୍ୟେକ 800 |
| 2 | 2011-12 ଶେଷ ସୁଦ୍ଧା ପ୍ରତ୍ୟେକ ବିତରଣ ଟ୍ରାନ୍ସଫର୍ମରର ବିଦ୍ୟୁତ-ଅଡିଟ ସମ୍ପୂର୍ଣ୍ଣ କରିବା | 100 % | 100 % |
| 3 | ଡିଟିଆର – 3 ଫେଜରେ ଲୋଡ ବାଲାନ୍ସିଂ | 2000 | ପ୍ରତ୍ୟେକ 1500 |
| 4 | ସିଙ୍ଗଲ ଫେଜ ଲାଇନକୁ 3 ଫେଜ ଲାଇନରେ ପରିବର୍ତ୍ତନ | 150 କି.ମି. | ପ୍ରତ୍ୟେକ 100 କି.ମି. |
| 5 | 33 ଓ 11 କେଭି ସିଆଟି ସର୍କିଟ ବ୍ରେକର ବ୍ୟବସ୍ଥା | 100 % ସମ୍ପୂର୍ଣ୍ଣ କରିବାକୁ | 100 % ସମ୍ପୂର୍ଣ୍ଣ କରିବାକୁ |
| 6 | ଏବି କେବୁଲର ବ୍ୟବସ୍ଥା | 300 କି.ମି. | ପ୍ରତ୍ୟେକ 250 କି.ମି. |

635. ବଣ୍ଟନ ନେଟୱାର୍କର ଉପରୋକ୍ତ ସର୍ବନିମ୍ନ ସ୍ୱତନ୍ତ୍ର ମରାମତି/ପୁନରୁଦ୍ଧାର କାର୍ଯ୍ୟ ବାବଦ ବ୍ୟୟକୁ 2011-12 ବର୍ଷ ନିମନ୍ତେ ଅନୁମୋଦିତ ଆର୍ ଆଣ୍ଡ ଏମ୍ ବାବଦ ବ୍ୟୟ ଓ ତା.01.4.2011 ସୁଦ୍ଧା ଅପରିଶୋଧିତଥିବା ବକେୟା ଅସୁଲରୁ ଭରଣା କରାଯିବ । ରାଜସ୍ୱ ଆଗମନକୁ ଭିତ୍ତିକରି ଉପରେ ଦର୍ଶାଯାଇଥିବା ମତେ ସର୍ବନିମ୍ନ ସ୍ୱତନ୍ତ୍ର ମରାମତି/ପୁନରୁଦ୍ଧାର କାର୍ଯ୍ୟ କରିବା ସକାଶେ ବଣ୍ଟନକାରୀ କମ୍ପାନିଗୁଡିକୁ ସକ୍ଷମ କରାଇବା ସକାଶେ ଗ୍ରୀଡକୋ ଏସକ୍ରୋ ଆକାଉଣ୍ଟକୁ କୋହଳ କରିବା ଉଚିତ୍ । ନିମ୍ନରେ ଦର୍ଶାଯାଇଥିବାମତେ ଉପରୋକ୍ତ କାର୍ଯ୍ୟପାଇଁ ଆୟୋଗ 2010-11ରେ ଟ149.29 କୋଟି ଅନୁମୋଦନ କରିଥିଲାବେଳେ 2011-12 ବର୍ଷ ନିମନ୍ତେ ଆର ଆଣ୍ଡ ଏମ୍ ଅଧୀନରେ ଟ169.51 କୋଟି ଟଙ୍କା ଅନୁମୋଦନ କରିଛନ୍ତି ।

**ଟେବୁଲ – 122**

**(କୋଟି ଟଙ୍କାରେ)**

| | ସେସୁ | ନେସ୍କୋ | ୱେସ୍କୋ | ସାଉଥ୍‌କୋ |
|---|---|---|---|---|
| **2011-12 ଆର୍ଥିକ ବର୍ଷ ନିମନ୍ତେ ଅନୁମୋଦିତ ଆର୍ ଆଣ୍ଡ ଏମ୍ ବ୍ୟୟ** | **56.77** | **47.46** | **36.81** | **28.47** |

636. ଉନ୍ନୟନମୂଳକ କାର୍ଯ୍ୟକରିବାପାଇଁ ଯେଉଁଠାରେ କମିଶନଙ୍କ ଦ୍ୱାରା ଟାରଗେଟ୍ ଧାର୍ଯ୍ୟ ହୋଇନାହିଁ  ସେପରି ସ୍ଥଳେ

ଲାଇସେନସପ୍ରାପ୍ତ ସଂସ୍ଥାଗୁଡିକ ନିଜର ଟାରଗେଟ ଧାର୍ଯ୍ୟ କରିବେ ଓ ତାହାକୁ ତା15 ମଇ, 2011 ପୂର୍ବରୁ କମିଶନଙ୍କ ନିକଟରେ ଦାଖଲ କରିବେ ।

**କ୍ଷମତା ଅର୍ପଣ**

637. ବିଦ୍ୟୁତ ଯୋଗାଣର ଗୁଣାତ୍ମକମାନ ବୃଦ୍ଧିହେବା ସକାଶେ ସବଷ୍ଟେସନଗୁଡ଼ିକରେ ପାଚେରୀ ନିର୍ମାଣ ଓ ସେଗୁଡ଼ିକ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ଭଳି ସାଧାରଣ ଧରଣର ମରାମତି କାର୍ଯ୍ୟ କରିବା ସକାଶେ ଲାଇସେନସପ୍ରାପ୍ତ ସଂସ୍ଥାଗୁଡିକ ସେମାନଙ୍କ ଅଧୀନରେ କାର୍ଯ୍ୟକରୁଥିବା କ୍ଷେତ୍ର ଅଧିକାରୀଙ୍କୁ ଯଥେଷ୍ଟ କ୍ଷମତା ପ୍ରଦାନ କରିବା ଉଚିତ୍ । ମାତ୍ର ଅତ୍ୟନ୍ତ ପରିତାପର ବିଷୟ ଏହିକି ଯେ କମିଶନଙ୍କ ପତ୍ର ସଂଖ୍ୟା ଓଇଆରସି/4967 ତା21.9.2010ରେ ଦିଆଯାଇଥିବା ଗାଇଡଲାଇନ ଅନୁସାରେ କ୍ଷମତା ଅର୍ପଣ କରିବା ନେଇ ସେଭଳି କିଛି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ ।

**ମୂଲ୍ୟ ଡାଟା**

638. ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡିକ ମୂଲ୍ୟ ଡାଟା ଦାଖଲ କରିବା ସକାଶେ ସେମାନଙ୍କଗ ଆନ୍ତରିକତା ନାହିଁ । ଡିସେମ୍ବର ମାସ, 2010ରେ ଅର୍ଦ୍ଧବାର୍ଷିକ ରିଭ୍ୟୁ ମଧ୍ୟରେ କମିଶନଙ୍କ ନିର୍ଦ୍ଦେଶନାମା ଥିବା ସତ୍ତ୍ୱେ ମଧ୍ୟ ଏ ପର୍ଯ୍ୟନ୍ତ ଡିସ୍କମ୍‌ଗୁଡ଼ିକର କେହି ଜଣେ ହେଲେ ସୁଦ୍ଧା ମୂଲ୍ୟ ଡାଟା ଦାଖଲ କରି ନାହାଁନ୍ତି ।

**ବକେୟା ଅସୁଲ**

639. ଗ୍ରୀଡକୋର ଦେୟ ପୈଠ କରିବା ସକାଶେ ଡିସ୍କମ୍‌ମାନେ ଉପଭୋକ୍ତାମାନଙ୍କଠାରୁ ବକେୟା ଅସୁଲ କରିବା ସକାଶେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ । ତା.1 ଡିସେମ୍ବର, 2010ରେ କାର୍ଯ୍ୟ ସଂପାଦନ ସମୀକ୍ଷାରେ ଡିସ୍କମ୍‌ମାନେ ଦାଖଲ କରିଥିବା ରିପୋର୍ଟ ଅନୁସାରେ ସେମାନଙ୍କର ଅପରିଶୋଧିତ ହୋଇ ରହିଥିବା ବକେୟା ନିମ୍ନ ଟେବୁଲରେ ସୂଚାଇ ଦିଆଯାଇଛି :

## ଟେବୁଲ **– 123**

## ଡିସ୍‌କମ୍‌ମାନଙ୍କର ନେଟ୍ ବକେୟାର ସ୍ଥିତି

| କ୍ର. ସଂ. | | ସେସୁ | ନେସ୍କୋ | ୱେସ୍କୋ | ସାଉଥ୍‌କୋ | ମୋଟ |
|---|---|---|---|---|---|---|
| 1 | **31.3.2010** ସୁଦ୍ଧା ବକେୟା (କୋଟି ଟଙ୍କାରେ) | | | | | |
| | ଇଏଚଟି | 24.56 | 26.01 | -12.63 | 0.73 | 38.67 |
| | ଏଚଟି | 49.92 | 28.07 | -1.62 | 9.89 | 86.26 |
| | ଏଲଟି ଓ ସରକାର | 1304.98 | 656.48 | 772.94 | 408.47 | 3142.87 |
| | ମୋଟ | **1379.46** | **710.56** | **758.69** | **419.09** | **3267.8** |
| | % ଇଏଚଟି | 1.78 | 3.66 | -1.66 | 0.17 | 1.18 |
| | % ଏଚଟି | 3.62 | 3.95 | -0.21 | 2.36 | 2.64 |
| | % ଏଲଟି ଓ ସରକାର | 94.60 | 92.39 | 101.88 | 97.47 | 96.18 |
| | % ମୋଟ | **100** | **100** | **100** | **100** | **100** |
| 2 | ବକେୟା ବାବଦ ଅସୁଲ (କୋଟି ଟଙ୍କାରେ) | 28.93 | 25.15 | 14.16 | 11.65 | **79.89** |
| 3 | 01.4.2010 ଠାରୁ 30.9.2010 ପର୍ଯ୍ୟନ୍ତ ଅବଧି ମଧ୍ୟରେ ଯୋଗ ହୋଇଥିବା ବକେୟାର ପରିମାଣ | 151.31 | 122.48 | 97.95 | 34.24 | **405.98** |
| **4** | **30.9.2010** ସୁଦ୍ଧା ବକେୟା (କୋଟି ଟଙ୍କାରେ) | | | | | |
| | ଇଏଚଟି | 50.54 | 49.4 | 12.1 | 0.98 | 113.02 |
| | ଏଚଟି | 72.37 | 31.77 | p- | 10.15 | 109.88 |
| | ଏଲଟି ଓ ସରକାର | 1378.93 | 726.72 | 834.79 | 442.2 | 3382.64 |
| | ମୋଟ | **1501.84** | **807.89** | **842.48** | **453.33** | **3605.54** |
| | % ଇଏଚଟି | 3.37 | 6.11 | 1.44 | 0.22 | 3.13 |
| | % ଏଚଟି | 4.82 | 3.93 | -0.52 | 2.24 | 3.05 |
| | % ଏଲଟି ଓ ସରକାର | 91.82 | 89.95 | 99.09 | 97.54 | 93.82 |
| | % ମୋଟ | **100** | **100** | **100** | **100** | **100** |

640. ଉପଭୋକ୍ତା ଟେବୁଲରେ ଯାହା ଦର୍ଶାଯାଇଛି ସେଥିରୁ ସ୍ପଷ୍ଟଭାବେ ଜଣାପଡୁଛି ଯେ ଡିସ୍‌କମ୍‌ମାନଙ୍କ ଦ୍ୱାରା ବକେୟାର ଯେଉଁ ପରିମାଣ ମିଳିଛି ତାହା ଗ୍ରୀଡକୋକୁ ପ୍ରଦେୟ ପରିମାଣଠାରୁ ଯଥେଷ୍ଟ ଅଧିକ । ଉକ୍ତ ଟେବୁଲରୁ ଆହୁରି ମଧ୍ୟ ଜଣାପଡୁଛି ଯେ ବକେୟା ଅସୁଲରେ ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡିକର କାର୍ଯ୍ୟକାରିତା ଅତ୍ୟନ୍ତ ନିମ୍ନମାନର । 2009-10 ଆର୍ଥିକ ବର୍ଷର କାର୍ଯ୍ୟସମ୍ପାଦନ ରିଭ୍ୟୁ ବିବରଣୀରେ ବକେୟା ଅସୁଲ ସକାଶେ ଆୟୋଗ ଟାରଗେଟ ଧାର୍ଯ୍ୟ କରିଥିଲେ । ତାହା ହେଉଛି ସେସୁ, ନେସ୍କୋ ଓ ୱେସ୍କୋ ପ୍ରତ୍ୟେକଙ୍କ ପାଇଁ 200 କୋଟି ଓ ସାଉଥକୋ ପାଇଁ ଟ100 କୋଟି । ଚଳିତ 2011-12 ଆର୍ଥିକ ବର୍ଷ ମଧ୍ୟରେ ସେସୁ, ନେସ୍କୋ, ୱେସ୍କୋ ଓ ସାଉଥ୍‌କୋଙ୍କୁ ଯଥାକ୍ରମେ ଅନ୍ୟୂନ

ଟ250 କୋଟି, ଟ225 କୋଟି, ଟ225 କୋଟି ଓ ଟ125 କୋଟି ଆଦାୟ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି । ଅସୁଲ ହେବାକୁ ଥିବା ସେହି ବକେୟାର ଶତକଡା 50 ଭାଗ, ମାମଲା ସଂ.115/04ରେ କମିଶନଙ୍କ ତା01.12.2008ରିଖ ଆଦେଶ ଅନୁସାରେ ତା.31.3.2005 ପର୍ଯ୍ୟନ୍ତ ହିସାବ କରାଯାଇଥିବା ଅପରିଶୋଧିତ ପରୀକ୍ଷାନିରୀକ୍ଷା ଦେୟ ବାବଦକୁ ଗ୍ରୀଡକୋକୁ ଦିଆଯିବ । ବକେୟା ଅସୁଲର ଅବଶିଷ୍ଟ 50 ଭାଗ କର୍ମଚାରୀମାନଙ୍କର ସଂଶୋଧିତ ବେତନ ଓ ଭତ୍ତା ବାବଦ ଥିବା ବକେୟା ପ୍ରଦାନରେ ବିନିଯୋଗ କରାଯିବ । ବକେୟା ଅସୁଲର ଟାରଗେଟ ହାସଲ କରିବା ସକାଶେ ଡିସ୍କମ୍‌ମାନେ ଏକ ଭଲ ଯୋଜନା ପ୍ରସ୍ତୁତ କରୁଛନ୍ତି । ମାମଲା ସଂ.3/2010ରେ କମିଶନ ତାହାଙ୍କ ତା.12.4.2010 ଓ 01.01.2011ରେ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଗ୍ରୀଡ୍‌କୋ ଏସକ୍ରୋ ଆକାଉଣ୍ଟରୁ ପାଣ୍ଠି ଉଠାଇବ ।

**ଅଧିକାରପ୍ରାପ୍ତ ସଂସ୍ଥାର କାର୍ଯ୍ୟକାରିତା ନିମନ୍ତେ ଟାରଗେଟ**

641. ବିଦ୍ୟୁତଶକ୍ତି ପରିଚାଳନା କ୍ଷେତ୍ରରେ ଅଧିକାରପ୍ରାପ୍ତ ସଂସ୍ଥାଗୁଡିକର ଜନସାଧାରଣଙ୍କ ପ୍ରତି ଭୂମିକା ରହିଛି ଓ ସେଥିପାଇଁ ସଂପୃକ୍ତ ଅଞ୍ଚଳରେ ଜନସାଧାରଣ ଓ ବିଦ୍ୟୁତ ଯୋଗାଣକାରୀ ସଂସ୍ଥା ମଧ୍ୟରେ ସଂପର୍କର ସୂତ୍ରପାତ ହୋଇଛି; ତେଣୁ ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ମାନର ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଅଧିକାରପ୍ରାପ୍ତ ସଂସ୍ଥାର କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯିବା ଉଚିତ୍ । ଡିସେମ୍ବର, 2010ରେ କାର୍ଯ୍ୟ ସମ୍ପାଦନ ରିଭ୍ୟୁ ମିଟିଂରେ ଗୋଟିଏ ସେକ୍‌ସନରେ ଅନ୍ତତଃ ଗୋଟିଏ ମାଇକ୍ରୋ ଅଧିକାରପ୍ରାପ୍ତ ସଂସ୍ଥା ରହିବା ଲାଗି ଟାରଗେଟ ରଖିଥିଲେ । ଅଧିକାରପ୍ରାପ୍ତ ସଂସ୍ଥା ପିଛା ଆନୁମାନିକ 5 ଡିଟିଆର ଓ ଡିଟିଆର ପିଛା 100 ଉପଭୋକ୍ତା ପ୍ରତ୍ୟେକ ଡିସ୍କମ୍ ସେକ୍‌ସନ ପିଛା ଅନ୍ତତଃ 500 ଉପଭୋକ୍ତା ରହିବାର ଟାରଗେଟ ଥିଲା । ସୁତରାଂ ଡିସେମ୍ବର 2010ର ଶେଷ ସୁଦ୍ଧା 250 ସେକସନ ଥିବା ସେସୁ 1,25,000 ଉପଭୋକ୍ତାଙ୍କୁ ଅନ୍ତର୍ଭୁକ୍ତ କରିଥିବା ବେଳେ ନେସ୍କୋ ଓ ୱେସ୍କୋ 125 ସେକ୍‌ସନ ଆଉ 62,500 ଉପଭୋକ୍ତାଙ୍କୁ ଏବଂ ସାଉଥକୋ 135 ସେକ୍‌ସନ ଆଉ 65,500 ଉପଭୋକ୍ତାଙ୍କୁ ଅନ୍ତର୍ଭୁକ୍ତ କରିଥିଲେ ।

642. ସଂପ୍ରତି 2011-12 ବର୍ଷ ନିମନ୍ତେ ଅଧିକାରପ୍ରାପ୍ତ ସଂସ୍ଥାର ଅଧିକ ପ୍ରସାର ପାଇଁ ଚଳିତ ଆର୍ଥିକବର୍ଷ ଅର୍ଥାତ୍ 2011-12 ଶେଷ ସୁଦ୍ଧା ସେକ୍‌ସେନ ପିଛା ଅନ୍ତତଃ 3 (ତିନି) ଗୋଟି ମାଇକ୍ରୋ ଅଧିକାରପ୍ରାପ୍ତ ସଂସ୍ଥା ସ୍ଥାପନ କରିବା ସକାଶେ କମିଶନ ଡିସ୍କମ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୁତରାଂ 2011-12 ଆର୍ଥିକ ବର୍ଷ ନିମନ୍ତେ ସେସୁ ପାଇଁ ଅନ୍ତତଃ 3,75,500 ଉପଭୋକ୍ତା ନେସ୍କୋ ଓ ୱେସ୍କୋ ପାଇଁ 1,87,500 ଉପଭୋକ୍ତା ଏବଂ ସାଉଥକୋ ପାଇଁ

2,02,500 ଉପଭୋକ୍ତା ଅନ୍ତର୍ଭୁକ୍ତ କରାଯାଇପାରିବ, ଯାହାକି ଚଳିତ ଆର୍ଥିକ ବର୍ଷର ଶେଷ ସୁଦ୍ଧା ନିମ୍ନ ଟେବୁଲରେ ଦର୍ଶାଯାଇଥିବା ମତେ ସମ୍ଭବ ହୋଇପାରିବ ।

**ଟେବୁଲ - 124**

| | ସେକ୍ସନର ସଂଖ୍ୟା | ମାଇକ୍ରୋ ଅଧିକାରପ୍ରାପ୍ତ ସଂସ୍ଥା ପିଛା ଡିଟିଆର ସଂଖ୍ୟା | ଡିଟିଆର ପିଛା ଉପରୋକ୍ତ ମାନଙ୍କର ସଂଖ୍ୟା | ସେକ୍ସନ ପିଛା ଅଧିକାରପ୍ରାପ୍ତ ସଂସ୍ଥାଗୁଡ଼ିକର ଟାରଗେଟ ସଂଖ୍ୟା | ଅନ୍ତର୍ଭୁକ୍ତ ହୋଇଥିବା ଉପଭୋକ୍ତା ମାନଙ୍କର ମୋଟ ସଂଖ୍ୟା |
|---|---|---|---|---|---|
| ସେସୁ | 250 | 5 | 100 | 3 | 3,75,500 |
| ନେସ୍କୋ | 125 | 5 | 100 | 3 | 1,87,500 |
| ୱେସ୍କୋ | 125 | 5 | 100 | 3 | 1,87,500 |
| ସାଉଥ୍‌କୋ | 135 | 5 | 100 | 3 | 2,02,500 |

ଅଧିକାରପ୍ରାପ୍ତ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର କରିବା ବ୍ୟତୀତ ଉଭୟ ବୈଷୟିକ ଓ ଜଟିଳ କାର୍ଯ୍ୟକାରିତା ଫଳପ୍ରଦ ସମର୍ଥନ ମାଧ୍ୟମରେ ଅଧିକାରପ୍ରାପ୍ତ ଅଞ୍ଚଳରୁ ବାଦ ରହି ବ୍ୟବସ୍ଥାର କ୍ରମଶଃ ବୃଦ୍ଧି ବିଷୟରେ ଲାଇସେନସପ୍ରାପ୍ତ ଗୁଡ଼ିକ ସୁନିଶ୍ଚିତ ହେବା ଉଚିତ୍ ।

## ଉପଭୋକ୍ତାମାନଙ୍କ ସ୍ୱାର୍ଥର ସୁରକ୍ଷପାଇଁ ଓଇଆରସି ଦ୍ୱାରା ନିଆଯାଇଥିବା ପଦକ୍ଷେପମାନ

ବାର୍ଷିକ ରାଜସ୍ୱ ଆବଶ୍ୟକତା (ଏଆରଆର) ଓ ପରବର୍ତ୍ତୀ ବିଭିନ୍ନ ବର୍ଷପାଇଁ ବିଦ୍ୟୁତ ବିନିଯୋଗର ପରିମାଣ ଅନୁମୋଦନ କଲାବେଳେ ଆୟୋଗ ଉପଭୋକ୍ତାମାନଙ୍କ ସ୍ୱାର୍ଥର ସୁରକ୍ଷାପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଛନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ବିଦ୍ୟୁତ ଅଧିନିୟମର ଉପଧାରା 61(ଡି)ରେ ଥିବା କ୍ଷମତା ଅନୁସାରେ ଏକ ଯୁକ୍ତିସଙ୍ଗତ ରୀତିରେ ବିଦ୍ୟୁତ ଯୋଗାଣ ବ୍ୟୟର ଆଦାୟକୁ ମଧ୍ୟ ସୁନିଶ୍ଚିତ କରିଛନ୍ତି । କେତେକ ପଦକ୍ଷେପ ନିମ୍ନରେ ପ୍ରଦତ୍ତ କରାଯାଇଛି, ସେଗୁଡ଼ିକ ହେଲା:-

(i) **2001-02**ଠାରୁ **2009-10** ପର୍ଯ୍ୟନ୍ତ ନଅ ବର୍ଷର ହାରାହାରି ଟାରିଫ୍ ସଂଶୋଧିତ ହୋଇ ନଥିଲା ।

(ii) ଉପଭୋକ୍ତାମାନଙ୍କର ସ୍ୱାର୍ଥରକ୍ଷାର୍ଥେ ଖୁଚୁରା ଟାରିଫ୍‌କୁ ଏକ ଯୁକ୍ତିଯୁକ୍ତ ସ୍ତରରେ ରଖିବା ପାଇଁ ଗ୍ରୀଡକୋ ଦ୍ୱାରା ଉଚ୍ଚ ଦରରେ ବିଦ୍ୟୁତ କ୍ରୟ, କିନ୍ତୁ ବଣ୍ଟନକାରୀ କମ୍ପାନୀମାନଙ୍କୁ ନିମ୍ନ ଦରରେ ବିକ୍ରୟ ।

(iii) ଉପଭୋକ୍ତାମାନଙ୍କ ସ୍ୱାର୍ଥରକ୍ଷାର୍ଥେ ବଣ୍ଟନକାରୀ କମ୍ପାନିମାନଙ୍କ ଦ୍ୱାରା ପ୍ରଦର୍ଶିତ ବଣ୍ଟନଜନିତ କ୍ଷତିକୁ ଗ୍ରହଣ କରିବା ପରିବର୍ତ୍ତେ ନମୁନାମୂଳକ ବଣ୍ଟନ ସ୍ତରକୁ ଗ୍ରହଣ ।

(iv) ରାଜ୍ୟ ଜଳ ବିଦ୍ୟୁତ କେନ୍ଦ୍ରମାନଙ୍କରୁ ଉତ୍ପାଦନ ହ୍ରାସ ପାଇଥିବା ସତ୍ତ୍ୱେ ଉତ୍ପାଦନ ଟାରିଫ୍ ନିର୍ଦ୍ଧାରଣ କଲାବେଳେ ଆୟୋଗ ଏକ ବିଶେଷଜ୍ଞ କମିଟି କରିଥିବା ସର୍ବେକ୍ଷଣ ଆଧାରରେ ଓଏଚପିସି ପ୍ରସ୍ତାବ ଦେଇଥିବା ସଂଶୋଧିତ ଡିଜାଇନ୍ ବିଦ୍ୟୁତକୁ ଗ୍ରହଣ ନ କରି ଅନୁମୋଦିତ ମୂଳ ଡିଜାଇନ୍ ଅନୁସାରେ ଉତ୍ପାଦନର ନମୁନାମୂଳକ ସ୍ତରକୁ ଗ୍ରହଣ କରିଛନ୍ତି ।

(v) କ୍ଷତି ହ୍ରାସ ପାଇଁ ଆୟୋଗଙ୍କଦ୍ୱାରା ନିଆଯାଇଥିବା ପଦକ୍ଷେପ ।

(vi) ସରକାରୀ ବିଭାଗ, ସ୍ଥାନୀୟ ନଗର ନିକାୟ, ସ୍ଥାନୀୟ ଗ୍ରାମ୍ୟ ନିକାୟ, ସରକାରୀ ଶିଳ୍ପ ଉଦ୍ୟୋଗ, ସମବାୟ ବିଭାଗ, ସ୍ୱୟଂଶାସିତ ସଂସ୍ଥା ଇତ୍ୟାଦିଙ୍କ ଦ୍ୱାରା ସମୟୋଚିତ ବିଦ୍ୟୁତଦେୟ ପ୍ରଦାନ ।

(vii) ବଣ୍ଟନ ନେଟ୍‌ୱାର୍କର ପରିଚାଳନା ରକ୍ଷଣାବେକ୍ଷଣ ପାଇଁ ପ୍ରେରଣାଯୁକ୍ତ ପଦକ୍ଷେପ ।

(viii) **2011-12** ବର୍ଷର ଟାରିଫ୍‌ରେ ଘରୋଇ, ବିପିଏଲ, କୃଷକ ଓ ଏଲ୍‌ଟି ଭଳି ନିମ୍ନଭାଗସ୍ଥ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା କରାଯାଇଛି ।

(ix) ବିଦ୍ୟୁତ କ୍ରୟ ବ୍ୟୟର ବୃଦ୍ଧି କାରଣରୁ ଟାରିଫ୍ ବୃଦ୍ଧି ଅବଶ୍ୟମ୍ଭାବୀ ।

(x) **ଉପସଂହାର :** କୋଇଲା ଦରବୃଦ୍ଧିର ଧାରା, ଉତ୍ପାଦନ ବ୍ୟୟ ଓ ଉପଭୋକ୍ତାମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇ ଆୟୋଗଙ୍କଦ୍ୱାରା ଖୁଚୁରା **ଟାରିଫ୍** ଧାର୍ଯ୍ୟ କରାଯାଇଛି । ଯଦି ଏହି ସମୟ ଭିତରେ ଗ୍ରୀଡକୋ ଆୟୋଗଙ୍କ ଅନୁମୋଦିତ ଦରଠାରୁ ଅଧିକ ଦରରେ ବିଦ୍ୟୁତ କ୍ରୟ କରେ, ତେବେ ଅତିରିକ୍ତ ବ୍ୟୟ ନିୟାମକ ଦାୟ ଭାବରେ ଗୃହୀତ ହେବ, ଯାହା ଉପଭୋକ୍ତାମାନଙ୍କୁ ଏକ ନିର୍ଦ୍ଦିଷ୍ଟ ବର୍ଷରେ **ଟାରିଫ୍** ଅଧିକାରରୁ ରକ୍ଷାକରିବା ଦୃଷ୍ଟିରୁ ପରବର୍ତ୍ତୀକାଳରେ ଏକ ଚଳନ୍ତି ବ୍ୟୟ (କ୍ୟାରିଙ୍ଗ କଷ୍ଟ)ରେ ପରିଣତ ହେବ । ଏପରି କରିବାବେଳେ ଉପଭୋକ୍ତାମାନଙ୍କର ଦେୟ ସାମର୍ଥ୍ୟ ଓ ବିଦ୍ୟୁତ୍ ଅଧିନିୟମ, 2003ର ବୈଧାନିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖିବାକୁ ହେବ । କ୍ରସ ସହାୟକ ମୂଲ୍ୟ ହ୍ରାସକରିବା, ଉପଭୋକ୍ତାମାନଙ୍କ ସ୍ୱାର୍ଥ ରକ୍ଷାକରିବା ଏବଂ ବାଣିଜ୍ୟିକ ନୀତି ଆଧାରରେ ବିଦ୍ୟୁତ-ଉପଯୋଗିତାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ନିମନ୍ତେ ଅନ୍ୟାନ୍ୟ ନୀତି ସହିତ **ଟାରିଫ୍** ନୀତି, 2003 ଓ ଜାତୀୟ ବିଦ୍ୟୁତ୍ ନୀତି, 2005 ନିର୍ଦ୍ଦେଶ ଦିଏ ।

**(i) 2001-02ଠାରୁ 2009-10 ପର୍ଯ୍ୟନ୍ତ ନଅବର୍ଷର ହାରାହାରି ଟାରିଫ୍ ସଂଶୋଧିତ ହୋଇନଥିଲା**

01.4.1996ଠାରୁ ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ଗ୍ରହଣ କରାଯିବା ପୂର୍ବରୁ 29%ରୁ ଆରମ୍ଭ କରି 17% ପର୍ଯ୍ୟନ୍ତ

ବିଭିନ୍ନ ରେଞ୍ଜରେ **ଟାରିଫ୍**ରେ ଘନଘନ ସଂଶୋଧନ କରାଯାଇଥିଲା । କିନ୍ତୁ 2001-02ଠାରୁ 2009-10 ମଧ୍ୟରେ ହାରାହାରି **ଟାରିଫ୍** ଅପରିବର୍ତ୍ତିତ ଥିଲା । ନଅବର୍ଷର ବ୍ୟବଧାନପରେ 2010-11ରେ ହାରାହାରି **ଟାରିଫ୍** 22.2% ଭାବରେ ସଂଶୋଧିତ ହୋଇଥିଲା ଏବଂ 2011-12 ପାଇଁ ସାଂପ୍ରତିକ ସଂଶୋଧନ 2010-11 ବର୍ଷର **ଟାରିଫ୍** ବ୍ୟୟ କୋଇଲା ଓ ଫର୍ନେସ ତୈଳ ଦର, ମଜୁରୀ, ଦରମା, ପେନସନ୍, ଇତ୍ୟାଦିରେ ଆଖିଦୃଶିଆ ବୃଦ୍ଧି ଘଟିଛି, କିନ୍ତୁ ଉପଭୋକ୍ତାଙ୍କ ସ୍ୱାର୍ଥ ଜଗି, ଆୟୋଗ ଏହି ନଅ ବର୍ଷ ମଧ୍ୟରେ **ଟାରିଫ୍** ସଂଶୋଧନ କରିନାହାନ୍ତି । ନିମ୍ନ ଟେବୁଲରେ ବିଦ୍ୟୁତ କ୍ଷେତ୍ରର ସଂସ୍କାର ପୂର୍ବର ଓ ପରର ବର୍ଷ-ଓ୍ୱାରୀ **ଟାରିଫ୍** ଦର୍ଶାଯାଇଛି ।

ଟେବୁଲ - 1

**ଅତୀତରେ ଟାରିଫ୍‌ରେ ହାରାହାରି ବୃଦ୍ଧି**

| ବର୍ଷ | ହାରାହାରି **ଟାରିଫ୍** ବୃଦ୍ଧି(%) |
|---|---|
| 1993-94 | 28.58 % |
| 1994-95 | 15.73 % |
| 1995.96 | 17.47 % |
| 1996-97 | 17.00 % |
| 1997-98 | 10.33 % |
| 1998-99 | 9.30 % |
| 1999-00 | 4.50 % |
| 2000-01 | 10.23 % |
| 2001-02 ରୁ 2009-10 | 0% |
| 2010-11 | 22.2% |
| 2011-12 | 19.74% |

**(ii) ଉପଭୋକ୍ତାମାନଙ୍କର ସ୍ୱାର୍ଥରକ୍ଷାର୍ଥେ ଖୁଚୁରା ପ୍ରଶୁଳ୍କକୁ ଏକ ଯୁକ୍ତିଯୁକ୍ତ ସ୍ତରରେ ରଖିବାକୁ ଗ୍ରୀଡ୍‌କୋ ଦ୍ୱାରା ଉଚ୍ଚ ଦରରେ ବିଦ୍ୟୁତ କ୍ରୟ, କିନ୍ତୁ ବଣ୍ଟନକାରୀ କମ୍ପାନୀମାନଙ୍କୁ ନିମ୍ନ ଦରରେ ବିକ୍ରୟ**

ଯଦିଓ ଗ୍ରୀଡକୋ ବିଭିନ୍ନ ଉତ୍ସରୁ ଉଚ୍ଚଦରରେ ଶକ୍ତି କ୍ରୟ କରୁଛି, କିନ୍ତୁ ଏହାକୁ ଉପଭୋକ୍ତାମାନଙ୍କ ପାଇଁ ଖୁଚୁରା **ଟାରିଫ୍** ସ୍ଥିର କଲାବେଳେ ହିସାବକୁ ନେଉନାହିଁ । ବିଏସପି ଖୁଚୁରା **ଟାରିଫ୍**ର ଏକ ବଡ ଉପାଦାନ ହୋଇଥିଲେହେଁ ଏହାକୁ କିଛି ବର୍ଷଧରି କ୍ରୟ ଦର ସ୍ତରରୁ ନିମ୍ନରେ ରଖାଯାଇଛି । ଗ୍ରୀଡ୍‌କୋର ଏଆରଆରରେ ପରିଦୃଷ୍ଟ ତଫାତ୍ (ଗ୍ୟାପ୍) ବଳକା ବିଦ୍ୟୁତ-ବିକ୍ରୟ ଅର୍ଥ ଦ୍ୱାରା ଭରଣା ହେବା ଆଶା କରାଯାଉଥିଲା, କିନ୍ତୁ ବର୍ତ୍ତମାନର ଉପଭୋକ୍ତାମାନଙ୍କ ବିଦ୍ୟୁତ ଆବଶ୍ୟକତାରେ ବୃଦ୍ଧି ଘଟୁଥିବାରୁ ଏବଂ ଉପଭୋକ୍ତାଙ୍କ ସଂଖ୍ୟା ବଢୁଥିବାରୁ ବଳକା ବିଦ୍ୟୁତ ମିଳିବା ସମ୍ଭବ ହେଉନାହିଁ । ତଥାପି ଖୁଚୁରା **ଟାରିଫ୍**କୁ ଉପଭୋକ୍ତାଙ୍କ ଦେୟ ଶକ୍ତି ମଧ୍ୟରେ ରଖିବା ନିମନ୍ତେ ଆୟୋଗ

ଗ୍ରୀଡକୋର ହିସାବରେ ଏହି ତଫାତ୍ (ଗ୍ୟାପ)କୁ ଛାଡି ଦେଇଛନ୍ତି । ଏହା ନିମ୍ନ ଟେବୁଲରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି :-

### ଟେବୁଲ – 2
### ଗ୍ରୀଡକୋର ଏଆରଆର ତଫାତ୍ (ଗ୍ୟାପ୍)

(କୋଟି ଟଙ୍କାରେ)

| ଆର୍ଥିକ ବର୍ଷ | ଏଆରଆରରେ ଗ୍ୟାପ (ଅନୁମୋଦିତ) | ବାସ୍ତବ ଗ୍ୟାପ୍ | ନେଟ୍ ଗ୍ୟାପ୍ | ଅନୁମୋଦିତ ଦର ଓ ଗ୍ରୀଡକୋଦ୍ୱାରା ବିଦ୍ୟୁତ କ୍ରୟ (ପି/ୟୁ) | ଡିସ୍‌କମ୍‌ସ୍‌ମାନଙ୍କୁ ବିକ୍ରୟ ପାଇଁ ଅନୁମୋଦିତ ବିଏସଟି ଦର (ପ/ୟୁ) |
|---|---|---|---|---|---|
| 2006-07 | (-) 504.52 | 547.55 | 43.03 | 113.97 | 120.85 |
| 2007-08 | (-) 464.86 | 1052.34 | 587.48 | 119.91 | 121.59 |
| 2008-09 | (-)410.05 | 528.62 | 118.27 | 127.40 | 122.15 |
| 2009-10 | (-)882.85 | (-)1673.70 | (-)1673.70 | 148.27 | 122.20 |
| 2010-11 | (-)806.16 | (-)598.87 (9/2010 ପର୍ଯ୍ୟନ୍ତ) | (-)598.87* (9/2010 ପର୍ଯ୍ୟନ୍ତ) | 174.58 | 170.25 |
| 2011-12 | (-)746.05 | | | 210.32 | 231.65 |

* 01/2011 ପର୍ଯ୍ୟନ୍ତ ଗ୍ୟାପ୍ (-) ଟ1192.56 କୋଟି ଅଟେ ।

### (iii) ଉପଭୋକ୍ତାମାନଙ୍କ ସ୍ୱାର୍ଥରକ୍ଷାର୍ଥେ ବଣ୍ଟନକାରୀ କମ୍ପାନୀମାନଙ୍କ ଦ୍ୱାରା ପ୍ରଦର୍ଶିତ ବଣ୍ଟନଜନିତ କ୍ଷତିକୁ ଗ୍ରହଣ କରିବା ପରିବର୍ତ୍ତେ ନମୁନାମୂଳକ ବଣ୍ଟନ ସ୍ତରକୁ ଗ୍ରହଣ

1999-2000 ବର୍ଷରେ ସମଗ୍ର ବଣ୍ଟନଜନିତ କ୍ଷତି ଥିଲା 43.91% ଏବଂ 2009-10 ବର୍ଷର ଶେଷ ଆଡକୁ ବଣ୍ଟନ କମ୍ପାନୀମାନେ ବଣ୍ଟନଜନିତ କ୍ଷତିକୁ 37.24% ସ୍ତରକୁ କମାଇ ଦେଇଥିଲେ । ଯେଉଁ ବଣ୍ଟନଜନିତ କ୍ଷତି ପରବର୍ତ୍ତୀ ବର୍ଷମାନଙ୍କରେ ବାସ୍ତବରେ ଘଟିଛି ବୋଲି ପ୍ରଦର୍ଶିତ ହୋଇଛି ଆୟୋଗ ତାହାକୁ ଆଧାରକରି ଟାରିଫ୍ ଧାର୍ଯ୍ୟ କରିନାହାନ୍ତି; କିନ୍ତୁ ଆୟୋଗ ବର୍ଷକୁ ବର୍ଷ ଧାର୍ଯ୍ୟ କରିଥିବା ନମୁନାମୂଳକ ଟାରିଫ୍‌କୁ ଗ୍ରହଣ କରିଛନ୍ତି । ଉଦାହରଣ ସ୍ୱରୂପ, 2009-10ରେ ଘଟିଥିବା ବଣ୍ଟନଜନିତ କ୍ଷତି 37.6% ଥିବାସ୍ଥଳେ ବଣ୍ଟନକାରୀ କମ୍ପାନୀମାନେ 2010-11ରେ ବଣ୍ଟନଜନିତ କ୍ଷତି 35.24% ବୋଲି ଦର୍ଶାଇଛନ୍ତି; କିନ୍ତୁ ଆୟୋଗ ବଣ୍ଟନଜନିତ କ୍ଷତିକୁ ନମୁନାମୂଳକ ଭାବେ 22.2% ଗ୍ରହଣକରି ଏଆରଆର ଓ ଟାରିଫ୍ ଅନୁମୋଦନ କରିଛନ୍ତି । ସେହିପରି 2011-12 ବର୍ଷ ମଧ୍ୟରେ ବଣ୍ଟନକାରୀ କମ୍ପାନୀମାନେ 2010 ସେପ୍ଟେମ୍ବର ପର୍ଯ୍ୟନ୍ତ ଅନ୍ତିମ କ୍ଷତିର ପରିମାଣ 37.54% ଦର୍ଶାଇ 2011-12 ବର୍ଷପାଇଁ ବଣ୍ଟନଜନିତ କ୍ଷତି 34.8% ବୋଲି ପ୍ରଦର୍ଶନ କରିଛନ୍ତି; କିନ୍ତୁ ଆୟୋଗ 2011-12 ବର୍ଷ ପାଇଁ

ଏଆରଆର ଓ ଟାରିଫ୍ ନିର୍ଦ୍ଧାରଣ କଲାବେଳେ ବଣ୍ଟନଜନିତ କ୍ଷତିକୁ 21.71% ଭାବରେ ଗ୍ରହଣ କରିଛନ୍ତି । ତେଣୁ ଏହା କହିବା ସତ୍ୟ ନୁହେଁ ଯେ ବଣ୍ଟନକାରୀ କମ୍ପାନୀମାନେ ସହୁଥିବା ଅତ୍ୟଧିକ କ୍ଷତିକୁ ଉପଭୋକ୍ତାମାନଙ୍କ ଉପରେ ଲଦି ଦିଆଯାଇଛି । ଯଦି ଏଆରଆର ଓ ଖୁଚୁରା ଟାରିଫ୍ ବଣ୍ଟନକାରୀ କମ୍ପାନୀମାନେ ଦର୍ଶାଇଥିବା ଓ ପ୍ରସ୍ତାବ ଦେଉଥିବା ପ୍ରକୃତ ବଣ୍ଟନଜନିତ କ୍ଷତିକୁ ଆଧାରକରି ନିର୍ଦ୍ଧାରିତ ହେଉଥାନ୍ତା ତେବେ ଟାରିଫ୍‌ର ପରିମାଣ ବହୁତ ଅଧିକ ବଢିଯାଆନ୍ତା; କିନ୍ତୁ ଆୟୋଗ ଏହାକୁ ଅନୁମୋଦନ କରୁନାହାନ୍ତି । ଏହିକଥା 2011-12 ବର୍ଷର ଖୁଚୁରା ଟାରିଫ୍ ଆଦେଶରେ ଅନୁଚ୍ଛେଦ 269ରୁ 276 ମଧ୍ୟରେ ବିଶଦ ଭାବରେ ବୁଝାଇ ଦିଆଯାଇଛି । ସଂପୃକ୍ତ ଅନୁଚ୍ଛେଦଗୁଡିକ ନିମ୍ନରେ ଉଦ୍ଧୃତ ହୋଇଅଛି :-

269. ଉପଭୋକ୍ତାମାନଙ୍କଠାରୁ ଯୋଗାଣ ବ୍ୟୟ ଅସୁଲ ସୁନିଶ୍ଚିତ କରିବାକୁ ଆୟୋଗ କ୍ଷମତାପ୍ରାପ୍ତ ହୋଇଥିଲାବେଳେ ଶକ୍ତି ଉପଯୋଗିତାକୁ ଦକ୍ଷତା ସହିତ ସମ୍ପାଦନ କରିବାର ମଧ୍ୟ ଆବଶ୍ୟକତା ରହିଛି । ସେମାନଙ୍କର ଅପାରଗତାକୁ ଉପଭୋକ୍ତାଙ୍କ ଉପରେ  ଅଧିକ ଟାରିଫ୍ ଭାବରେ ଲଦି ଦିଆଯାଇ ପାରିବ ନାହିଁ । ଅନ୍ୟ ପକ୍ଷରେ ବିଭିନ୍ନ ପ୍ରକାର ଉପଭୋକ୍ତାମାନଙ୍କ ପାଇଁ ଟାରିଫ୍ ଧାର୍ଯ୍ୟ କଲାବେଳେ ଗରିବ ଓ ନିମ୍ନଭାଗସ୍ଥ ଉପଭୋକ୍ତାମାନଙ୍କ ପାଇଁ କୋହଳ ବିଚାର କରିବାକୁ ହେବ । କିନ୍ତୁ ତାହା ପୁନଶ୍ଚ ବିଦ୍ୟୁତ୍ ଅଧିନିୟମ, 2003ର ଉପଧାରା 61(ଜି) ଓ ଟାରିଫ୍ ନୀତିର ଅନୁଚ୍ଛେଦ 8.3.2 ଏବଂ ଜାତୀୟ ବିଦ୍ୟୁତ୍ ନୀତିର ଅନୁଚ୍ଛେଦ ଅନୁଯାୟୀ ନିୟନ୍ତ୍ରିତ ହେବ । ନିମ୍ନବର୍ଗର ଉପଭୋକ୍ତାମାନଙ୍କ ସ୍ୱାର୍ଥ ରକ୍ଷା ବିଚାର କଲାବେଳେ ପ୍ରତିଯୋଗିତାମୂଳକ ଆନ୍ତର୍ଜାତିକ ବଜାରରେ ଭାରତୀୟ ଶିଳ୍ପମାନଙ୍କ ସୁଚାରୁ କାର୍ଯ୍ୟ ସମ୍ପାଦନ ମଧ୍ୟ ସୁନିଶ୍ଚିତ କରିବାକୁ ହେବ । ତଦନୁସାରେ ଯତ୍ନର ସହିତ ଏପରି ଉଦ୍ୟମ ହେବାବେଳେ ଶିଳ୍ପ ଇତ୍ୟାଦି ଭଳି ଶୀର୍ଷଭାଗସ୍ଥ ଉପଭୋକ୍ତାମାନେ ସମଗ୍ର ଯୋଗାଣ ବ୍ୟୟର 20%ରୁ ଅଧିକ ଅନୁଦାନପ୍ରାପ୍ତ ହେବେ ନାହିଁ ।  ଅଧିକନ୍ତୁ ବିଦ୍ୟୁତ୍ ନୀତିର 5.5.2 ଅନୁଚ୍ଛେଦ ଅନୁସାରେ ଦାରିଦ୍ର୍ୟ ସୀମାରେଖା ତଳେଥିବା ଉପଭୋକ୍ତାମାନେ ଯେଉଁମାନେ ନିର୍ଦ୍ଦିଷ୍ଟ ସ୍ତର (ମନେକର ମାସକୁ 30 ୟୁନିଟରୁ ଅଧିକ)ରୁ କମ୍ ଉପଯୋଗ କରୁଛନ୍ତି, ସେମାନେ ଟାରିଫ୍ ଆକାରରେ ସ୍ୱତନ୍ତ୍ର ସାହାଯ୍ୟ ପାଇବା ଉଚିତ, ଯାହା କ୍ରସ-ଅନୁଦାନ ହେବ ଏବଂ ଏହିଭଳି ବର୍ଗର ଉପଭୋକ୍ତାମାନଙ୍କପାଇଁ ଟାରିଫ୍ ଅତିକମ୍‌ରେ "ହାରାହାରି (ସମଗ୍ର) ଯୋଗାଣ ବ୍ୟୟ"ର 50% ହେବ ।

270. ବଣ୍ଟନକାରୀ କମ୍ପାନୀମାନଙ୍କର କାର୍ଯ୍ୟସମ୍ପାଦନରେ ଦକ୍ଷତା ବିଚାର କଲାବେଳେ ଦେଖାଯାଏ ଯେ ସେମାନେ ବଣ୍ଟନଜନିତ କ୍ଷତିର ହ୍ରାସ କରିବା କ୍ଷେତ୍ରରେ ଯେଉଁଭଳି ସର୍ବମୋଟ ବୈଷୟିକ ଓ ବାଣିଜ୍ୟିକ କ୍ଷତି ରୋକିବା କ୍ଷେତ୍ରରେ ମଧ୍ୟ ସେହିଭଳି ଅଧିକ ଯତ୍ନଶୀଳ ହୋଇପାରି ନାହାନ୍ତି । ସେମାନେ ଟାରିଫ୍ ପ୍ରସ୍ତାବ ଉପସ୍ଥାପନବେଳେ ଯୁକ୍ତି ଦର୍ଶାଇଛନ୍ତି ଯେ ଖୁଚୁରା ଟାରିଫ୍ ନିର୍ଦ୍ଧାରଣ କାଳରେ ବାସ୍ତବ ବଣ୍ଟନଜନିତ କ୍ଷତି ଓ ଏଆଣ୍ଡସି କ୍ଷତିକୁ ମଧ୍ୟ ହିସାବକୁ ନିଆଯାଉ । କିନ୍ତୁ ଆୟୋଗ ଅବଲୋକନ କରିଛନ୍ତି ଯେ କିଛି ବର୍ଷ ବଣ୍ଟନଜନିତ କ୍ଷତି ଓ ଏଟିଆଣ୍ଡସି କ୍ଷତିରେ ନାମମାତ୍ର ହ୍ରାସ ଘଟିଥିଲେହେଁ ଅନ୍ୟ ବର୍ଷମାନଙ୍କରେ ତାହାର ନାମମାତ୍ର ବୃଦ୍ଧି ଘଟିଛି । ଏହା ନିମ୍ନ ଟେବୁଲମାନଙ୍କରୁ ସ୍ପଷ୍ଟରୂପେ ଦର୍ଶାଯାଇଛି :-

**ଟେବୁଲ – 3**

| ବର୍ଷ | ଓଇଆରସି ଦ୍ୱାରା ବଣ୍ଟନଜନିତ କ୍ଷତିର ଲକ୍ଷ୍ୟ (ଟାର୍ଗେଟ) ଧାର୍ଯ୍ୟ (%) | ପ୍ରକୃତ ବଣ୍ଟନଜନିତ କ୍ଷତି (%) | ବଣ୍ଟନଜନିତ କ୍ଷତିର ହ୍ରାସ (-) କିମ୍ବା ବୃଦ୍ଧି (+)(%) |
|---|---|---|---|
| 2003-04 | 31.86 | 40.75 | (-) 0.00 |
| 2004-05 | 37.12 | 39.21 | (-) 1.54 |
| 2005-06 | 34.18 | 39.60 | (+) 0.39 |
| 2006-07 | 32.81 | 38.57 | (-) 1.03 |
| 2007-08 | 27.11 | 37.48 | (-) 1.09 |
| 2008-09 | 27.00 | 37.50 | (+) 0.02 |
| 2009-10 | 24.4 | 37.24 | (-) 0.36 |
| 2010-11 | 22.22 | 37.54 (2010 ସେପ୍ଟେମ୍ବର ପର୍ଯ୍ୟନ୍ତ) | (+) 0.30 |

**Table – 4**

| ବର୍ଷ | ଓଇଆରସି ଦ୍ୱାରା ଏଟି ଆଣ୍ଡ ସି କ୍ଷତିର ଲକ୍ଷ୍ୟ (ଟାର୍ଗେଟ) ଧାର୍ଯ୍ୟ (%) | ସହିଥିବା ଏଟି ଆଣ୍ଡ ସି କ୍ଷତି ସ୍ତର (%) | ଏଟି ଆଣ୍ଡ ସି କ୍ଷତିର ହ୍ରାସ (-) କିମ୍ବା ବୃଦ୍ଧି (+)(%) |
|---|---|---|---|
| 2003-04 | 37.8 | 49.3 | (-) 1.8 |
| 2004-05 | 44.5 | 44.7 | (-) 4.6 |
| 2005-06 | 40.5 | 44.7 | (-)0.0 |
| 2006-07 | 37.9 | 43.3 | (-)1.4 |
| 2007-08 | 31.4 | 41.9 | (-) 1.4 |
| 2008-09 | 30.4 | 41.7 | (-) 0.2 |
| 2009-10 | 26.0 | 39.15 | (-) 2.55 |
| 2010-11 | 23.77 | 44.86 (2010 ସେପ୍ଟେମ୍ବର ପର୍ଯ୍ୟନ୍ତ) | (+) 5.71 |

271. ବଣ୍ଟନକାରୀ କମ୍ପାନୀମାନେ ପ୍ରଦର୍ଶନ କରିଥିବା କ୍ଷତିସ୍ତରକୁ ଗ୍ରହଣ କରିନେବାପାଇଁ ବାହାନା ସମ୍ବନ୍ଧରେ ଶକ୍ତି ମନ୍ତ୍ରଣାଳୟର ଯୁଗ୍ମ ଶାସନ ସଚିବ, ଓଡିଶା ସରକାରଙ୍କ ଶକ୍ତି ବିଭାଗର ଶାସନ ସଚିବଙ୍କ ନିକଟକୁ ଲେଖିଥିବା ଡି.ଓ.ପତ୍ର ସଂଖ୍ୟା 16/28/2008-ଏପିଡିଆରପି ତା23.3.2011କୁ ଆୟୋଗଙ୍କ ଦୃଷ୍ଟିକୁ ଅଣାଯାଇଥିଲା, ଯେଉଁଥିରେ ଉଲ୍ଲେଖ ଥିଲା ଯେ ଆର-ଏପିଡିଆରପି ସୁବିଧା ପାଇବାକୁ ହେଲେ, ବଣ୍ଟନକାରୀମାନଙ୍କୁ କେବଳ ପ୍ରୋଜେକ୍ଟ ଅଞ୍ଚଳରେ ନୁହେଁ ଉଯଯୋଗୀ ସ୍ତରରେ ମଧ୍ୟ ଭିତ୍ତି (ପ୍ରାରମ୍ଭ) ସ୍ତର ଉପରେ ଏଟି ଆଣ୍ଡ ସି କ୍ଷତି ହ୍ରାସରେ ଉନ୍ନତି ଆଣିବାକୁ ହେବ । ଆର-ଏପିଡିଆରପି ପ୍ରଚଳିତ ହେବାପରେ ପରବର୍ତ୍ତୀ ବର୍ଷମାନଙ୍କରେ କ୍ଷତି ହ୍ରାସରେ ଉନ୍ନତିକୁ ଭଲଭାବରେ ହିସାବ କରିବାପାଇଁ ଏଟି ଆଣ୍ଡ ସି ସ୍ତରର ନିର୍ଭୁଲ ଓ ପ୍ରକୃତ ନିର୍ଦ୍ଧାରଣ କରିବା ଏକାନ୍ତ ଜରୁରୀ । ଏହି ବିଷୟ ଓଇଆରସିଙ୍କ ସହିତ କଥାବାର୍ତ୍ତାକରି ଓଡିଶାରେ ବଣ୍ଟନଜନିତ ଉପଯୋଗିତାର ବାର୍ଷିକ କ୍ଷତି ପରିମାଣ ନିର୍ଦ୍ଧାରଣ ଅନୁମାନ ଆଧାରରେ ନୁହେଁ, ବାସ୍ତବତା ଆଧାରରେ କରିବାକୁ ଓଡିଶା ସରକାରଙ୍କ ଶକ୍ତି ବିଭାଗର ଶାସନ ସଚିବଙ୍କୁ ଅନୁରୋଧ କରାଯାଇଛି ।

272. ଆୟୋଗ, ଶକ୍ତି ମନ୍ତ୍ରଣାଳୟର ପୂର୍ବୋକ୍ତ ତା23.3.2011ରିଖର ଚିଠିର ବିଷୟବସ୍ତୁ ଓ ତାର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ । ଏହାର ଉଦ୍ଦେଶ୍ୟ ହେଉଛି, ଆର-ଏପିଡିଆରପି କର୍ଯ୍ୟକ୍ରମ ଲାଗୁ କରିବାକୁ ହେଲେ ବାସ୍ତବତା ଆଧାରରେ ଭିତ୍ତିରେଖା ସମ୍ବନ୍ଧିତ ତଥ୍ୟ ନିର୍ଣ୍ଣୟ କରିବାକୁ ହେବ ଏବଂ ପ୍ରକୃତରେ ଭିତ୍ତିରେଖା ତଥ୍ୟ ନିର୍ଣ୍ଣୟ କରିବାକୁ ପ୍ରଥମ ପଦକ୍ଷେପ ସ୍ୱରୂପ ଆର-ଏପିଡିଆରପିର ଏକ ଉପାଦାନ ଚିହ୍ନିତ ହୋଇଅଛି । ଯେତେବେଳେ ଆର-ଏପିଡିଆରପି ପାଇଁ ଅର୍ଥ ଯୋଗାଣ ଦିଆଯିବ, ସେତେବେଳେ ବଣ୍ଟନକାରୀ କମ୍ପାନୀମାନେ ଭିତ୍ତିରେଖା ତଥ୍ୟର ଦୃଢ଼ୀକରଣ ପାଇଁ ସେହି ଅର୍ଥ ବିନିଯୋଗ କରିବେ ।

273. ବଣ୍ଟନକାରୀ କମ୍ପାନୀମାନେ ପ୍ରଦର୍ଶନ କରିଥିବା ବଣ୍ଟନ ଓ ଏଟି ଆଣ୍ଡ ସି କ୍ଷତିକୁ ଗ୍ରହଣ କରିନେବା ଆୟୋଗଙ୍କ ପକ୍ଷରେ ସମ୍ଭବ ନୁହେଁ । ଯାହା ବିଶୃଙ୍ଖଳା ସୃଷ୍ଟି କରୁଛି, ତାହା ହେଲା ବଣ୍ଟନ ଓ ଏଟି ଆଣ୍ଡ ସି କ୍ଷତିକୁ ହ୍ରାସ କରିବା ପରିବର୍ତ୍ତେ ଏହି କେତେବର୍ଷ ମଧ୍ୟରେ ତାହାର ବୃଦ୍ଧି ଘଟିଥିବା ଦର୍ଶାଯାଇଛି । ଏହା ଟେବୁଲ - 24, 25 ଓ ତତ୍ ସହିତ ଟେବୁଲ୍ 26ରେ ସ୍ପଷ୍ଟ ଭାବରେ ଦର୍ଶାଯାଇଛି । ଆୟୋଗଙ୍କୁ ଟାରିଫ୍ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ବଣ୍ଟନ ଓ ଏଟିଆଣ୍ଡସି କ୍ଷତିର ଦୃଷ୍ଟାନ୍ତମୂଳକ ହ୍ରାସକୁ ଗ୍ରହଣ କରିବାକୁ ହେବ । କାରଣ ଏହା ବାଂଛନୀୟ ନୁହେଁ ଯେ, ରାଜ୍ୟର ସାଧାରଣ ଉପଭୋକ୍ତାମାନେ ଲାଇସେନ୍ସପ୍ରାପ୍ତ

ସଂସ୍ଥାଗୁଡ଼ିକ ନିରୋଳା ଅପାରଗତା ଯୋଗୁଁ ଭାରାକ୍ରାନ୍ତ ହେବେ । କୌଣସି ସନ୍ଦେହର ଦୂରୀକରଣ ପାଇଁ ଆୟୋଗ ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ ଆରଏପିଡିଆରପି ଅର୍ଥବ୍ୟବସ୍ଥାପାଇଁ ପ୍ରକୃତ ଭିତ୍ତିରେଖା ତଥ୍ୟର ନିରୂପଣ ଓ ବିଜିନେସ୍ ପ୍ଲାନରେ ସ୍ଥାପିତ ବହୁବର୍ଷୀୟ ଟାରିଫ୍ ନୀତି (ଏମ୍‌ଓ୍ୱାଇଟି-ଟାରିଫ) ଅନୁସାରେ ଟାରିଫ୍ ନିର୍ଦ୍ଧାରଣପାଇଁ ନମୁନାମୂଳକ କ୍ଷତି ତଥ୍ୟ ଗ୍ରହଣ – ଏହା ଦୁଇଟି ବିଷୟ, ଗୋଟିଏ ଭାବରେ ଗ୍ରହଣୀୟ ନୁହେଁ । ଆରଏପିଡିଆରପି ଅର୍ଥ ବ୍ୟବସ୍ଥା ପାଇଁ ଭିତ୍ତିରେଖା ଭାବରେ ପ୍ରକୃତ କ୍ଷତିସ୍ତର ଏବଂ ଆରଏପିଡିଆରପି ଦିଗ୍‌ଦର୍ଶନ ପାଇଁ ବିଶୃଙ୍ଖଳିତ କ୍ଷତି ହ୍ରାସ ଆରଏପଡିଆରପିର ଫେଜ୍-1 ଓ ଫେଜ୍-2 ଅର୍ଥ ମଞ୍ଜୁରରେ ଅନୁସୃତ ହୋଇପାରିଥାନ୍ତା । ବାସ୍ତବରେ ଡିସ୍‌କମ୍‌ମାନଙ୍କ କାର୍ଯ୍ୟସମ୍ପାଦନର ପର୍ଯ୍ୟାଲୋଚନା ପାଇଁ ଆୟୋଗ ଡିଭଜନ୍-ଓ୍ୱାରୀ, ସବ୍‌ଡିଭଜନ୍-ଓ୍ୱାରୀ, ଓ ସେକ୍ସସନ-ଓ୍ୱାରୀ , କ୍ଷତି ଅର୍ଥାତ ଭୋଲ୍ଟେଜ୍ ସ୍ତର କ୍ଷତି, ଏଚଟିସ୍ତର କ୍ଷତି ଓ ଇଏଚଟିସ୍ତର କ୍ଷତି ସହିତ ଏଲ୍‌ଟି ଓ ଏଚଟି ସ୍ତରର ମିଳିତ କ୍ଷତି ପ୍ରତି ଦୃଷ୍ଟି ଦେଉଛନ୍ତି । 11 କେଭି ଫିଡର-ଓ୍ୱାରୀ କ୍ଷତିର ଅନୁଧ୍ୟାନପାଇଁ ଯଥାର୍ଥ ଶକ୍ତି ହିସାବ କରିବାକୁ ଏବଂ ଉଭୟ ବୈଷୟିକ ଓ ବାଣିଜ୍ୟିକ କ୍ଷତିକୁ ଆୟତ୍ତ କରିବା ଦିଗରେ ଫିଡର ପରଚାଳକ ଅଧିକାରୀମାନଙ୍କ ଦାୟିତ୍ୱାଧୀନତା ଧାର୍ଯ୍ୟକରିବାକୁ ଆୟୋଗ ଡିସ୍‌କମ୍‌ମାନଙ୍କୁ ନିରନ୍ତର ପ୍ରବର୍ତ୍ତାଉଛନ୍ତି । ଆର-ଏପଡିଆରପି ଅର୍ଥ ବ୍ୟବସ୍ଥା ପାଇଁ ଭିତ୍ତିରେଖା ତଥ୍ୟ ଯଦି ଦରକାର ହୁଏ ତେବେ କେନ୍ଦ୍ର/ରାଜ୍ୟ ସରକାର ଓ ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକ ଆୟୋଗଙ୍କ କାର୍ଯ୍ୟସମ୍ପାଦନ ପର୍ଯ୍ୟାଲୋଚନାରେ ଥିବା ସମୀକ୍ଷା ସଂଖ୍ୟାର ବିନିଯୋଗ କରିପାରିବେ । ବହୁବର୍ଷୀୟ ଟାରିଫ୍ ନୀତି ସଂପର୍କୀୟ କେସ୍ ନଂ 8/2003ରେ ତା18.06.2003ରିଖର ଘୋଷଣାରେ ଏବଂ ସେହିପରି କେସ୍ ନଂ.41,42,43/2007 ଏବଂ 22/2008ରେ ତା.20.3.2010ରିଖର ବିଜିନେସ୍ ପ୍ଲାନ ଆଦେଶରେ ଆୟୋଗଙ୍କ ଦ୍ୱାରା ସେ ବିଷୟରେ ସ୍ପଷ୍ଟ କରାଯାଇଛି ।

274. ଉପରୋକ୍ତ ଆରଏପଡିଆରପି ବିଷୟ ଉଲ୍ଲେଖ କଲାବେଳେ ଆୟୋଗ ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ ଟାରିଫ୍ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ 2010-11 ବର୍ଷପାଇଁ ସମଗ୍ର ବଣ୍ଟନଜନିତ କ୍ଷତି 22.22 ବୋଲି ସେ ଅନୁମୋଦନ କରିଥିଲେ, ଯେତେବେଳେ ବିଜିନେସ୍ ପ୍ଲାନ ଅର୍ଡରରେ 2011-12 ପାଇଁ ସମଗ୍ର ବଣ୍ଟନଜନିତ କ୍ଷତି 21.71%ରେ ସ୍ଥିର କରାଯାଇଥିଲା । କିନ୍ତୁ ବଣ୍ଟନକାରୀ କମ୍ପାନୀମାନେ ସେପ୍ଟେମ୍ବର 2010 ସୁଦ୍ଧା ବଣ୍ଟନଜନିତ କ୍ଷତି 37.54% ବୋଲି ଦର୍ଶାଇବା ସ୍ଥଳେ ସେମାନେ 2009-10ରେ

37.24%ର ବଣ୍ଟନଜନିତ କ୍ଷତି ହାସଲ କରିଥିଲେ । 2011-12 ବର୍ଷପାଇଁ ସେମାନେ ମଧ୍ୟ ବଣ୍ଟନଜନତି କ୍ଷତିକୁ 32.95% ବୋଲି ଦର୍ଶାଇଥିଲେ । ସୁତରାଂ 2011-12 ପାଇଁ ବଣ୍ଟନଜନିତ କ୍ଷତି 21.71%କୁ ଆୟୋଗ ଅନୁମୋଦନ କରିଛନ୍ତି, ଯାହା କି ସେହି ବର୍ଷର ବିଜିନେସ୍ ପ୍ଲାନରେ ନିର୍ଦ୍ଧାରିତ ହୋଇଥିଲା ।

275. ଅନୁରୂପ ଭାବରେ, 2009-10 ବର୍ଷରେ ଆୟୋଗଙ୍କ ଦ୍ୱାରା ସମଗ୍ର ଆଦାୟ ଦକ୍ଷତାର ଲକ୍ଷ୍ୟ 98% ସ୍ଥିର କରାଯାଇ ଥିବାବେଳେ ସେହିବର୍ଷ ତାହା ହାସଲ କରାଯାଇଛି 96.96% । ସେହିପରି ବଣ୍ଟନକାରୀ କମ୍ପାନୀମାନେ 2010 ସେପ୍ଟେମ୍ବର ସୁଦ୍ଧା 88.28% ହାସଲ କରିଛନ୍ତି, ଯଦିଓ 2011-12ରେ ସେମାନେ 98.34% ହାସଲ କରିବେ ବୋଲି ଦର୍ଶାଇଥିଲେ । 2010-11 ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଥିଲା 98% । ଯେହେତୁ ଆୟୋଗ ବିଜିନେସ୍ ପ୍ଲାନ ଅର୍ଡରରେ 2011-12 ବର୍ଷପାଇଁ 99% ଆଦାୟ ଦକ୍ଷତା ଅନୁମୋଦନ କରିଥିଲେ, ତେଣୁ ସେହି ବର୍ଷପାଇଁ ବର୍ତ୍ତମାନ ମଧ୍ୟ 99% ଆଦାୟ ଦକ୍ଷତା ଅନୁମୋଦନ କରୁଛନ୍ତି । ସେହିବର୍ଷପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଆକଳନ କଲାବେଳେ ଅନୁମୋଦିତ 99% ଆଦାୟ ଦକ୍ଷତା ଉପଯୋଗ କରାଯାଇଛି ।

276. ଏଟିଆଣ୍ଡସି କ୍ଷତି ବିଚାର କଲାବେଳେ ଦେଖାଯାଏ ଯେ 2009-10 ବର୍ଷରେ ସମଗ୍ର ଏଟିଆଣ୍ଡସି କ୍ଷତି 39.15% ଥିଲାବେଳେ 2010-11 ବର୍ଷରେ ସେପ୍ଟେମ୍ବର 2010 ସୁଦ୍ଧା ତାହା 44.86% ଯଦି ଓ ସେହିବର୍ଷପାଇଁ ଆୟୋଗ ଧାର୍ଯ୍ୟ କରିଥିବା କ୍ଷତି ଥିଲା 23.77% ବିଜିନେସ୍ ପ୍ଲାନରେ 2011-12 ପାଇଁ 22.49% ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାସ୍ଥଳେ, ବଣ୍ଟନକାରୀ କମ୍ପାନୀମାନେ ସେମାନଙ୍କ 2011-12 ବର୍ଷର ଏଆରଆର ଉପସ୍ଥାପନାରେ 34.06% ଏଟିଆଣ୍ଡସି କ୍ଷତି ଦର୍ଶାଇଛନ୍ତି । ଆୟୋଗ ବର୍ତ୍ତମାନ 2011-12 ପାଇଁ 22.49% ଏଟିଆଣ୍ଡସି କ୍ଷତି ଅନୁମୋଦନ କରୁଛନ୍ତି, ଯାହା 2010-11ରେ ଅନୁମୋଦିତ ହୋଇଥିଲା 23.77% ଭାବରେ ଏବଂ ତଦନୁସାରେ ରାଜସ୍ୱ ଆବଶ୍ୟକତା ହିସାବ କରାଯାଇଛି । ବଣ୍ଟନଜନିତ କ୍ଷତି, ଆଦାୟ ଦକ୍ଷତା ଓ ଏଟିଆଣ୍ଡସି କ୍ଷତି ସହିତ ଏଲଟିରେ କ୍ଷତି ସ୍ତରର ସମୁଦାୟ ସଫଳତା ଏବଂ ଅନୁମୋଦନର ସଂକ୍ଷିପ୍ତସାର ତୁଳନାତ୍ମକଭାବରେ ନିମ୍ନ ଟେବୁଲରେ ଦର୍ଶାଯାଇଛି :-

# ଟେବୁଲ – 5
## ଡିସ୍କମ୍ମାନଙ୍କର ସାମଗ୍ରିକ କାର୍ଯ୍ୟ ସମ୍ପାଦନ

| | 1999-00 | 2007-08 | | 2008-09 | | 2009-10 | | 2010-11 | | | 2011-12 | |
|---|---|---|---|---|---|---|---|---|---|---|---|---|
| | | | | | | (ଅସ୍ଥାୟୀ) | | (ଅସ୍ଥାୟୀ) | | | | |
| | ବାସ୍ତବ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ବାସ୍ତବ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ବାସ୍ତବ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ବାସ୍ତବ (ସମୀକ୍ଷିତ) | ଡିସ୍କମ୍‌ର ପ୍ରସ୍ତାବ | ଓଇଆରସି ଅନୁମୋଦନ | ବାସ୍ତବ (ସେପ୍ଟେମ୍ବର, ୧୦ ପର୍ଯ୍ୟନ୍ତ) | ଡିସ୍କମ୍‌ର ପ୍ରସ୍ତାବ | ଓଇଆରସି ଅନୁମୋଦନ |
| କ. ବିତରଣ କ୍ଷତି (%) | | | | | | | | | | | | |
| ସେସୁ | 44.89% | 29.30% | 41.48% | 29.30% | 40.34% | 26.30% | 39.43% | 44.30% | 25.37% | 37.59% | 34.59% | 24.00% |
| ନେସ୍କୋ | 43.35% | 26.00% | 31.17% | 25.50% | 34.57% | 23.00% | 32.52% | 28.30% | 18.46% | 32.76% | 27.66% | 18.40% |
| ୱେସ୍କୋ | 44.17% | 25.00% | 36.13% | 25.00% | 33.55% | 22.50% | 34.68% | 29.00% | 19.93% | 37.20% | 31.29% | 19.70% |
| ସାଉଥ୍‌କୋ | 41.84% | 30.40% | 45.49% | 30.40% | 47.78% | 27.92% | 48.02% | 42.80% | 27.82% | 47.79% | 42.67% | 26.50% |
| ସମଗ୍ର ଓଡିଶା | **43.91%** | **27.10%** | **37.48%** | **27.00%** | **37.50%** | **24.45%** | **37.24%** | **35.60%** | **22.22%** | **37.54%** | **32.95%** | **21.71%** |
| ଖ. ଅସୁଲ ଦକ୍ଷତା (%) | | | | | | | | | | | | |
| ସେସୁ | 69.72% | 92.00% | 94.05% | 95.00% | 91.80% | 98.00% | 97.09% | 95.00% | 98.00% | 91.47% | 99.00% | 99.00% |
| ନେସ୍କୋ | 79.37% | 94.00% | 93.16% | 95.00% | 92.50% | 98.00% | 95.24% | 97.00% | 98.00% | 84.39% | 98.00% | 99.00% |
| ୱେସ୍କୋ | 83.36% | 96.00% | 92.91% | 96.60% | 93.86% | 98.00% | 98.38% | 97.50% | 98.00% | 88.85% | 98.00% | 99.00% |
| ସାଉଥ୍‌କୋ | 78.75% | 94.00% | 94.05% | 94.00% | 94.21% | 98.00% | 95.89% | 97.00% | 98.00% | 85.10% | 98.00% | 99.00% |
| ସମଗ୍ର ଓଡିଶା | **77.19%** | **94.10%** | **93.41%** | **95.40%** | **92.98%** | **98.00%** | **96.96%** | **96.60%** | **98.00%** | **88.28%** | **98.34%** | **99.00%** |
| ଗ. ଏଟି ଆଣ୍ଡ ସି କ୍ଷତି (%) | | | | | | | | | | | | |
| ସେସୁ | 61.58% | 34.96% | 44.96% | 32.84% | 45.23% | 27.77% | 41.19% | 47.10% | 26.86% | 42.91% | 35.24% | 24.76% |
| ନେସ୍କୋ | 55.04% | 30.44% | 35.88% | 29.23% | 39.48% | 24.54% | 35.73% | 30.50% | 20.09% | 43.25% | 29.11% | 19.22% |
| ୱେସ୍କୋ | 53.46% | 28.00% | 40.65% | 27.55% | 37.63% | 24.05% | 35.74% | 30.80% | 21.53% | 44.21% | 32.66% | 20.50% |
| ସାଉଥ୍‌କୋ | 54.20% | 34.58% | 48.73% | 34.58% | 50.80% | 29.36% | 50.16% | 44.50% | 29.27% | 55.57% | 43.82% | 27.24% |
| ସମଗ୍ର ଓଡିଶା | **56.71%** | **31.40%** | **41.60%** | **30.36%** | **41.89%** | **25.96%** | **39.15%** | **37.80%** | **23.77%** | **44.86%** | **34.06%** | **22.49%** |

ଡିସ୍କମ୍ମାନଙ୍କର ଏଲଟି କାର୍ଯ୍ୟ ସମ୍ପାଦନ (କାର୍ଯ୍ୟ ସମ୍ପାଦନ ସମୀକ୍ଷା ତଥ୍ୟ ଉପରେ ଆଧାରିତ)

| | 1999-00 | 2007-08 | | 2008-09 | | 2009-10 | | 2010-11 | | 2011-12 | | |
|---|---|---|---|---|---|---|---|---|---|---|---|---|
| | | | | | | (ଅସ୍ଥାୟୀ) | | | | | | |
| | ବାସ୍ତବ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ବାସ୍ତବ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ବାସ୍ତବ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ବାସ୍ତବ (ସମୀକ୍ଷିତ) | ଓଇଆରସି ଅନୁମୋଦନ | ବାସ୍ତବ (ସେପ୍ଟେମ୍ବର, ୧୦ ପର୍ଯ୍ୟନ୍ତ) | ଡିସ୍କମ୍‌ର ପ୍ରସ୍ତାବ | ଓଇଆରସି ଅନୁମୋଦନ | |
| କ. ଏଲଟି କ୍ଷତି (%) | | | | | | | | | | | | |
| ସେସୁ | 50.48% | 34.40% | 53.18% | 36.00% | 52.00% | 35.04% | 51.97% | 29.40% | 50.11% | 46.20% | 29.20% | |
| ନେସ୍କୋ | 62.26% | 51.10% | 59.31% | 44.50% | 59.40% | 33.19% | 55.83% | 29.40% | 54.94% | 42.39% | 27.05% | |
| ୱେସ୍କୋ | 60.64% | 52.00% | 65.33% | 46.70% | 65.65% | 35.86% | 62.49% | 29.40% | 62.55% | 48.95% | 27.11% | |
| ସାଉଥ୍‌କୋ | 48.85% | 33.20% | 54.44% | 33.40% | 57.12% | 29.50% | 56.22% | 29.40% | 54.52% | 49.85% | 27.75% | |
| ସମଗ୍ର ଓଡିଶା | **55.11%** | **42.30%** | **57.94%** | **40.30%** | **58.06%** | **34.04%** | **56.26%** | **29.40%** | **55.04%** | **46.60%** | **27.98%** | |
| ଖ. ଏଲଟି ଅସୁଲ ଦକ୍ଷତା (%) | | | | | | | | | | | | |
| ସେସୁ | 69.72% | 92.00% | 88.35% | 95.00% | 84.63% | 98.00% | 96.51% | 98.00% | 83.6% | 99.00% | 99.0% | |
| ନେସ୍କୋ | 79.37% | 94.00% | 72.69% | 95.00% | 72.61% | 98.00% | 77.43% | 98.00% | 59.9% | 98.00% | 99.0% | |
| ୱେସ୍କୋ | 83.36% | 96.00% | 77.91% | 96.60% | 73.42% | 98.00% | 76.01% | 98.00% | 64.9% | 98.00% | 99.0% | |
| ସାଉଥ୍‌କୋ | 78.75% | 94.00% | 88.21% | 94.00% | 89.10% | 98.00% | 92.77% | 98.00% | 76.3% | 98.00% | 99.0% | |
| ସମଗ୍ର ଓଡିଶା | **77.19%** | **94.10%** | **83.09%** | **95.40%** | **80.63%** | **98.00%** | **87.62%** | **98.00%** | **73.9%** | **98.34%** | **99.0%** | |
| ଗ. ଏଲଟି ପାଇଁ ଏଟି ଆଣ୍ଡ ସି କ୍ଷତି (%) | | | | | | | | | | | | |
| ସେସୁ | 65.47% | 39.65% | 58.63% | 39.20% | 59.38% | 36.34% | 53.65% | 30.81% | 58.26% | 46.74% | 29.91% | |
| ନେସ୍କୋ | 70.05% | 54.03% | 70.42% | 47.28% | 70.52% | 34.53% | 65.80% | 30.81% | 73.02% | 43.54% | 27.78% | |
| ୱେସ୍କୋ | 67.19% | 53.92% | 72.99% | 48.51% | 74.78% | 37.14% | 71.49% | 30.81% | 75.69% | 49.97% | 27.84% | |
| ସାଉଥ୍‌କୋ | 59.72% | 37.21% | 59.81% | 37.40% | 61.79% | 30.91% | 59.39% | 30.81% | 65.31% | 50.85% | 28.47% | |
| ସମଗ୍ର ଓଡିଶା | **65.35%** | **45.70%** | **65.05%** | **43.05%** | **66.18%** | **35.36%** | **61.68%** | **30.81%** | **60.80%** | **47.49%** | **28.70%** | |

*ବି.ଦ୍ର.: (କ) ଏଲଟି ପାଇଁ ଏଟି ଆଣ୍ଡ ସିର କ୍ଷତି (ଓଇଆରସି ଅନୁମୋଦନ) ସମଗ୍ର ଅସୁଲ ଦକ୍ଷତା ତଥ୍ୟ ଆଧାରରେ ଗଣନା କରାଯାଇଛି ।*

*(ଖ) **1999-00**ରେ ଏଟି ଆଣ୍ଡ ସି କ୍ଷତିର ଗଣନା ପାଇଁ **1999-00**ର ସମଗ୍ର ଶତକଡା ଅସୁଲକୁ ଏଲଟି ଅସୁଲ ଦକ୍ଷତା ଭାବରେ ଗ୍ରହଣ କରାଯାଇଛି ।*

ଯଦି ବଣ୍ଟନକାରୀ କମ୍ପାନୀମାନଙ୍କ ଦ୍ୱାରା ଦର୍ଶାଯାଇଥିବା ବଣ୍ଟନଜନିତ କ୍ଷତି ଆଧାରରେ ଟାରିଫ୍ ଧାର୍ଯ୍ୟ କରାଯାଇଥାନ୍ତା, ତେବେ 2010-11 ଓ 2011-12 ପାଇଁ ଟାରିଫ୍ ବୃଦ୍ଧି ବହୁତ ବେଶି ହୋଇଥାନ୍ତା । କିନ୍ତୁ ଆୟୋଗ ବଣ୍ଟନଜନିତ କ୍ଷତିକୁ 2010-11 ପାଇଁ 22.22% ଭାବରେ ଗ୍ରହଣ କରି ଓ 2011-12 ପାଇଁ 21.70% ଭାବରେ ଗ୍ରହଣ କରି ଟାରିଫ୍ ଧାର୍ଯ୍ୟ କରିଛନ୍ତି । ଏହା ଅନୁମୋଦିତ ବିଜିନେସ୍ ପ୍ଲାନ ଅର୍ଡର ଅନୁସାରେ କରାଯାଇଛି, କିନ୍ତୁ ବଣ୍ଟନକାରୀ କମ୍ପାନୀମାନେ ଦର୍ଶାଇଥିବା ବଣ୍ଟନଜନିତ କ୍ଷତି 2010-11 ପାଇଁ 35.60% ଓ 2011-12 ପାଇଁ 32.95% ଅନୁସାରେ ନୁହେଁ ।

ଅଧିକନ୍ତୁ, ଉପରୋକ୍ତ ଟେବୁଲରୁ ଏହା ପ୍ରମାଣିତ ହୁଏ ଯେ ବଣ୍ଟନକାରୀ କମ୍ପାନୀମାନଙ୍କର ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ଟାରିଫ୍ ନିର୍ଦ୍ଧାରଣ କଲାବେଳେ ସେମାନେ ପ୍ରଦର୍ଶନ କରିଥିବା ବଣ୍ଟନଜନିତ କ୍ଷତିକୁ ବାସ୍ତବ ଦୃଷ୍ଟିକୋଣରୁ ବିଚାର କରିବାକୁ ବିଦ୍ୟୁତ ଶକ୍ତି ନିମନ୍ତେ ଗଠିତ ଆପିଲେଟ୍ ଟ୍ରିବ୍ୟୁନାଲ ଏବଂ ଶକ୍ତି ମନ୍ତ୍ରଣାଳୟଙ୍କ ଉପଦେଶ ସତ୍ତ୍ୱେ ଆୟୋଗ ବଣ୍ଟନକାରୀ କମ୍ପାନୀମାନଙ୍କ ଦ୍ୱାରା ପ୍ରଦର୍ଶିତ ବଣ୍ଟନଜନିତ କ୍ଷତିକୁ ଗ୍ରହଣ ନକରି ଦୃଢଭାବରେ ଉପଭୋକ୍ତାମାନଙ୍କ ସ୍ୱାର୍ଥ ରକ୍ଷାଲାଗି ଚେଷ୍ଟା କରିଆସୁଛନ୍ତି ।

**(iv)** ରାଜ୍ୟ ଜଳ ବିଦ୍ୟୁତ କେନ୍ଦ୍ରମାନଙ୍କରୁ ଉତ୍ପାଦନ ହ୍ରାସ ପାଇଥିବା ସତ୍ତ୍ୱେ ଉତ୍ପାଦନ ଟାରିଫ୍ ନିର୍ଦ୍ଧାରଣ କଲାବେଳେ ଆୟୋଗ ଏକ ବିଶେଷ କମିଟି କରିଥିବା ସର୍ବେକ୍ଷଣ ଆଧାରରେ ଓଏଚପିସି ପ୍ରସ୍ତାବ ଦେଇଥିବା ସଂଶୋଧିତ ଡିଜାଇନ ଶକ୍ତିକୁ ଗ୍ରହଣ ନକରି, ଅନୁମୋଦିତ ମୂଳ ଡିଜାଇନ ଅନୁସାରେ ଉତ୍ପାଦନର ନମୁନାମୂଳକ ସ୍ତରକୁ ଗ୍ରହଣ କରିଛନ୍ତି ।

ବାସ୍ତବରେ 2004-05ରେ ରାଜ୍ୟ ଆବଶ୍ୟକତାର ପ୍ରାୟ 56.71% ଅତି କମ୍ ମୂଲ୍ୟର ଜଳ ବିଦ୍ୟୁତରୁ ଭରଣା କରାଯାଇଥିଲା । ଆବଶ୍ୟକତାର ବୃଦ୍ଧି ଏବଂ ଅନିୟମିତ ବର୍ଷା ଓ ଜଳଭଣ୍ଡାରରେ ପଟୁ ଜମିଯିବାଦ୍ୱାରା ଜଳ ବିଦ୍ୟୁତ କେନ୍ଦ୍ରର ଉତ୍ପାଦନରେ ଅବନତି କାରଣରୁ ଏହା 2009-10ରେ 21.62% ଓ 2010-11 ସେପ୍ଟେମ୍ବର ସୁଦ୍ଧା 16.66%କୁ ହ୍ରାସ ପାଇଛି । ସେ ଯାହାହେଉ, ଆୟୋଗ 2010-11 ଓ 2011-12 ପାଇଁ ଟାରିଫ୍ ଧାର୍ଯ୍ୟ କଲାବେଳେ ଜଳ ବିଦ୍ୟୁତ କେନ୍ଦ୍ରମାନଙ୍କର ମୂଳ ଅନୁମୋଦିତ ଡିଜାଇନ ଶକ୍ତିକୁ ଗ୍ରହଣ କରିଛନ୍ତି; କିନ୍ତୁ ଏକ ବିଶେଷଜ୍ଞ କମିଟିର ଅନୁଧ୍ୟାନ ଆଧାରରେ ଓଏଚପିସି ଦେଇଥିବା ସଂଶୋଧିତ ଡିଜାଇନର ଶକ୍ତିକୁ କିମ୍ବା ମୂଳ ବାସ୍ତବ ସ୍ୱଳ୍ପ ଉତ୍ପାଦନକୁ ଗ୍ରହଣ କରିନାହାନ୍ତି । ଫଳତଃ 2010-12 ବର୍ଷ ପାଇଁ ନମୁନାମୂଳକ ଉତ୍ପାଦନ ଅନୁମୋଦିତ ମୂଳ

ଡିଜାଇନ୍‌ଡ ଶକ୍ତି ଆଧାରରେ ରାଜ୍ୟ ଆବଶ୍ୟକତା 22477 ଏମ୍‌ୟୁର 27.50% ଅର୍ଥାତ୍ 6181.74 ଏମ୍‌ୟୁ ରାଜ୍ୟ ଜଳ ବିଦ୍ୟୁତ ଭାବରେ ଗୃହୀତ ହୋଇଅଛି । ଏହା ନିମ୍ନ ଟେବୁଲରୁ ଦେଖାଯାଇପାରେ :-

## ଟେବୁଲ – 6

### ସମଗ୍ର ପାୱାର ପୁଲ୍‌ରେ ଜଳ ବିଦ୍ୟୁତ ଉତ୍ପାଦନର କ୍ରମହ୍ରାସନ

| | ଆ.ବ. 04-05 | ଆ.ବ. 05-06 | ଆ.ବ. 06-07 | ଆ.ବ. 07-08 | ଆ.ବ. 08-09 | ଆ.ବ. 09-10 | ଆ.ବ. 10-11 (ସେପ୍ଟେମ୍ବର,2010 ପର୍ଯ୍ୟନ୍ତ) | ଆ.ବ. 11-12 (ଅନୁମୋଦିତ) |
|---|---|---|---|---|---|---|---|---|
| ରାଜ୍ୟ ଆବଶ୍ୟକତା (ଏମ୍‌ୟୁରେ) | 12499.45 | 13483.75 | 15119.93 | 17212.51 | 18771.82 | 19480.85 | 10554.45 (ବାସ୍ତବ) | 22477 |
| ବିକ୍ରୟ ପାଇଁ ରାଜ୍ୟ ହାଇଡ୍ରୋ ଉତ୍ପାଦନ (କ୍ଷୁଦ୍ର ହାଇଡ୍ରୋ ସମେତ) (ଏମ୍‌ୟୁରେ) | 7087.82 | 5234.48 | 7357.58 | 7885.81 | 5826.12 | 4211.86 | 1769.70 (ବାସ୍ତବ) | 6181.74 (ନମୁନାମୂଳକ ନିର୍ଦ୍ଧାରଣ ଆଧାରରେ) |
| ରାଜ୍ୟ ହାଇଡ୍ରୋକୁ ମୋଟ ରାଜ୍ୟ ଆବଶ୍ୟକତାର ଶତକଡା ହାର | 56.71 | 38.82 | 48.66 | 45.81 | 31.04 | 21.62 | 16.66 | 27.50 |
| ହାଇଡ୍ରୋ ଉତ୍ପାଦନ ଅବଦାନ 57% ରୁ 17% କୁ କମିଯାଇଛି, ଯାହା ଏକ ଅପେକ୍ଷାକୃତ ଶସ୍ତା ଶକ୍ତି ଉତ୍ସ | | | | | | | | |

2010-11ରେ ମାଛକୁଣ୍ଡ ବ୍ୟତୀତ ଅନ୍ୟାନ୍ୟ ଜଳ ବିଦ୍ୟୁତ କେନ୍ଦ୍ରମାନଙ୍କ ପାଇଁ ଅନୁମୋଦନ କ୍ରମେ ପ୍ରଚଳିତ ହାରାହାରି ଉତ୍ପାଦନ ଟାରିଫ୍ ୟୁନିଟ ପିଛା 64.40 ପଇସା ଧାର୍ଯ୍ୟ ହୋଇଥିଲା । କିନ୍ତୁ ସଂଶୋଧିତ ହାରରେ ଏହା ୟୁନିଟ ପିଛା 74.54 ପଇସା ହୋଇଥାନ୍ତା, ଯାହା ୟୁନିଟ ପିଛା 9.34 ପଇସା ଅଧିକ । ସେହିଭଳି 2011-12 ପାଇଁ ହାରାହାରି ବିଦ୍ୟୁତ ଦାମ ୟୁନିଟ ପିଛା 68.01 ପଇସାରେ ଧାର୍ଯ୍ୟ ହୋଇଅଛି । ଏହା ସଂଶୋଧିତ ବିଦ୍ୟୁତ ଦାମ ହାରରେ ୟୁନିଟ ପିଛା 78.72 ପଇସା ହୋଇଥାନ୍ତା, ଯାହା ୟୁନିଟ ପିଛା 9.86 ପଇସା ଅଧିକ । ଏହା ନିମ୍ନ ଟେବୁଲରୁ ପ୍ରାମାଣିତ ହେବ ।

# ଟେବୁଲ – 7

## ଓଏଚ୍‌ପିସି ଟାରିଫ୍‌ର ସଂକ୍ଷିପ୍ତ ସାର

| | | 2007-08 | 2008-09 | 2009-10 | 2010-11 | 2011-12 |
|---|---|---|---|---|---|---|
| 1. | ଅନୁମୋଦିତ ବାର୍ଷିକ ରାଜସ୍ୱ ଆବଶ୍ୟକତା (କୋଟି ଟଙ୍କାରେ) | | | | | |
| | ପୁରୁଣା ଷ୍ଟେସନ | 162.14 | 169.12 | 192.87 | 215.06 | 232.20 |
| | ୟୁଆଇଏଚ୍‌ଇପି | 130.46 | 130.68 | 142.47 | 146.82 | 149.97 |
| | ଉପ ମୋଟ | 292.60 | 299.80 | 335.34 | 361.88 | 382.18 |
| | ମାଛକୁଣ୍ଡ | 4.78 | 6.64 | 3.65 | 5.76 | 5.79 |
| | ମୋଟ | **297.38** | **306.44** | **33.99** | **367.64** | **387.96** |
| 2. | ଡିଜାଇନ୍ ବିଦ୍ୟୁତ (ପ୍ରଚଳିତ) ଏମ୍‌ୟୁ | | | | | |
| | ପୁରୁଣା ଷ୍ଟେସନ | 3676.86 | 3676.86 | 3676.86 | 3676.86 | 3676.86 |
| | ୟୁଆଇଏଚ୍‌ଇପି | 1942.38 | 1942.38 | 1942.38 | 1942.38 | 1942.38 |
| | ଉପ ମୋଟ | 5619.24 | 5619.24 | 5619.24 | 5619.24 | 5619.24 |
| | ମାଛକୁଣ୍ଡ | 262.50 | 262.50 | 262.50 | 262.50 | 262.50 |
| | ମୋଟ | **5881.74** | **5881.74** | **5881.74** | **5881.74** | **5881.74** |
| 3. | ହାରାହାରି ପ୍ରଶୁଳ୍କ (ପ/ୟୁ) | | | | | |
| | ପୁରୁଣା ଷ୍ଟେସନ | 44.10 | 46.00 | 52.46 | 58.49 | 63.15 |
| | ୟୁଆଇଏଚ୍‌ଇପି | 67.16 | 67.28 | 73.35 | 75.59 | 77.21 |
| | ଉପ ମୋଟ | 52.07 | 53.35 | 59.68 | 64.40 | 68.01 |
| | ମାଛକୁଣ୍ଡ | 18.21 | 25.30 | 13.90 | 21.95 | 22.05 |
| | ମୋଟ | **50.56** | **52.10** | **57.63** | **62.51** | **65.96** |
| 4. | ଡିଜାଇନ୍ ବିଦ୍ୟୁତ (ଅନୁମୋଦିତ) ଏମ୍‌ୟୁ | | | | | |
| | ପୁରୁଣା ଷ୍ଟେସନ | 3167.81 | 3167.81 | 3167.81 | 3167.81 | 3167.81 |
| | ୟୁଆଇଏଚ୍‌ଇପି | 1686.78 | 1686.78 | 1686.78 | 1686.78 | 1686.78 |
| | ଉପ ମୋଟ | 4854.59 | 4854.59 | 4854.59 | 4854.59 | 4854.59 |
| | ମାଛକୁଣ୍ଡ | 262.50 | 262.50 | 262.50 | 262.50 | 262.50 |
| | ମୋଟ | **5117.09** | **5117.09** | **5117.09** | **5117.09** | **5117.09** |
| 5. | ହାରାହାରି ପ୍ରଶୁଳ୍କ (ପ/ୟୁ) | | | | | |
| | ପୁରୁଣା ଷ୍ଟେସନ | 51.18 | 53.39 | 60.88 | 67.89 | 73.30 |
| | ୟୁଆଇଏଚ୍‌ଇପି | 77.34 | 77.47 | 84.46 | 87.04 | 88.91 |
| | ଉପ ମୋଟ | 60.27 | 61.76 | 69.08 | 74.54 | 78.72 |
| | ମାଛକୁଣ୍ଡ | 18.21 | 25.30 | 13.90 | 21.95 | 22.05 |
| | ମୋଟ | **58.12** | **59.89** | **66.25** | **71.85** | **75.82** |
| 6. | ତଫାତ୍<br>**(5-3)** ପ/ୟୁ | **7.56** | **7.79** | **8.61** | **9.34** | **9.86** |

## ଟେବୁଲ – 8

## ଓଏଚ୍‌ପିସି ପାଇଁ ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଟାରିଫ୍

| ଆର୍ଥିକ ବର୍ଷ | ଡିଜାଇନ ଶକ୍ତି ଆଧାରିତ (ପ/ୟୁ) | ବାର୍ଷିକ ରାଜସ୍ୱ ଆବଶ୍ୟକତା (କୋଟି ଟଙ୍କାରେ) | ପୁନଃ ନିର୍ଦ୍ଧାରିତ ଡିଜାଇନ ଶକ୍ତି (ପ/ୟୁ) | ଅନୁମୋଦିତ ଉତ୍ପାଦନ ଏମ୍‌ୟୁ | ବାସ୍ତବ ଉତ୍ପାଦନ ଏମ୍‌ୟୁ | ଗ୍ରୀଡ୍‌କୋକୁ ବିକ୍ରିତ ବିଦ୍ୟୁତ ଏମ୍‌ୟୁ | ଅର୍ଜିତ ରାଜସ୍ୱ (କୋଟି ଟଙ୍କାରେ) | ରାଜସ୍ୱର ଲାଭ (+)/କ୍ଷତି (-) |
|---|---|---|---|---|---|---|---|---|
| 2007-08 | 52.07 | 292.60 | 60.27 | 5619.24 | 7885.1626 | 7717.148 | 387.556 | +94.956 |
| 2008-09 | 53.35 | 299.80 | 61.75 | 5619.24 | 5660.6018 | 5479.9088 | 327.9841 | +28.18 |
| 2009-10 | 59.68 | 335.35 | 69.07 | 5619.24 | 3721.1268 | 3785.405 | 294.320 | -41.03 |
| 2010-11 | 64.40 | 361.88 | 74.54 | 5619.24 | 4755.5428 | 4707.98 | 333.000 | -28.8 |
| 2011-12 | 68.01 | 382.18 | 78.72 | 5619.24 | - | - | - | - |

### (v) କ୍ଷତି ହ୍ରାସ ପାଇଁ ଆୟୋଗଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପମାନ

ପ୍ରଥମ ପଦକ୍ଷେପରେ ଆୟୋଗ ବଣ୍ଟନକାରୀ କମ୍ପାନୀମାନଙ୍କଦ୍ୱାରା ପ୍ରଦର୍ଶିତ କ୍ଷତିର ସ୍ତରକୁ ଗ୍ରହଣ କରିନାହାନ୍ତି ଏବଂ ତଦନୁଯାୟୀ ବାର୍ଷିକ ରାଜସ୍ୱ ଆବଶ୍ୟକତା ମଧ୍ୟ ନିର୍ଣ୍ଣୟ କରିନାହାନ୍ତି । ସେ ଯାହାହେଉ, ଆୟୋଗଙ୍କ ଅନୁମୋଦିତ କ୍ଷତି ଓ ବଣ୍ଟନକାରୀ କମ୍ପାନୀମାନଙ୍କ ପ୍ରଦର୍ଶିତ କ୍ଷତି ମଧ୍ୟରେ 15%ର ତଫାତ୍ ଥିବାରୁ ଟାରିଫ୍‌କୁ ଅଧିକ କ୍ଷତି ଭାରାକ୍ରାନ୍ତ କରିନାହିଁ । ବଣ୍ଟନକାରୀ କମ୍ପାନୀମାନେ ଅଭିଯୋଗ କରୁଛନ୍ତି ଯେ ସେମାନେ ଯଥାସମୟରେ ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟୟ, ଦରମା ଓ ପେନ୍‌ସନଭଳି ଅନ୍ୟାନ୍ୟ ଅତ୍ୟାବଶ୍ୟକ ବ୍ୟୟ ତୁଲାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯଦି ଆୟୋଗ ନିର୍ଦ୍ଧାରଣ କରିଥିବା କ୍ଷତିର ସ୍ତର ସେମାନଙ୍କର ପ୍ରକୃତ କ୍ଷତିର ସ୍ତର ହୋଇଥାନ୍ତା, ତେବେ ଏହା ଟାରିଫ୍‌କୁ ପ୍ରଭାବିତ କରନ୍ତା ନାହିଁ, ବରଂ ସେମାନେ ସମସ୍ତ ବାଧାବିଘ୍ନ ଅତିକ୍ରମି ପାରନ୍ତେ ।

ମୂଳତଃ କ୍ଷତି ଦୁଇଟି କାରଣରୁ ହେଉଛି - ପ୍ରଥମଟି ପଦ୍ଧତିଗତ କ୍ଷତି, ଯାହା ଅତି ପୁରୁଣା ଓ ଭଙ୍ଗା ନେଟ୍‌ୱର୍କ ଏବଂ ଲମ୍ବା ଲାଇନ୍ କାରଣରୁ ହୁଏ । ଦ୍ୱିତୀୟଟି ମିଟର ଅନୁସାରେ ପ୍ରକୃତ ବିଦ୍ୟୁତ ବ୍ୟବହାରର ବିଲ୍ ନ କରିବା, ଯାହା ଏକ ବିଦ୍ୟୁତ ଚୋରି ଏବଂ ବଣ୍ଟନକାରୀ କମ୍ପାନୀର କିଛି ଅସାଧୁ କର୍ମଚାରୀଙ୍କ ଭିତିରି ସହଯୋଗରେ ହୋଇଥାଏ । ଏହି ସମସ୍ୟାକୁ ସୁଧାରିବାକୁ ନେଟ୍‌ୱାର୍କର ନବୀକରଣ ଓ ଉନ୍ନତିକରଣ ଉଦ୍ଦେଶ୍ୟରେ ତୁରନ୍ତ ପୁଞ୍ଜି ବିନିଯୋଗ ନିମନ୍ତେ ଏବଂ ଡିଜି/ଆଇଜି ପାହ୍ୟାର ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଶକ୍ତି ବିଭାଗ ଅଧୀନରେ ନିଯୁକ୍ତ କରି ବିଦ୍ୟୁତ ଥାନାଗୁଡିକର କାର୍ଯ୍ୟ ସମ୍ପାଦନକୁ ଅଧିକ ସଫଳ କରିବା ନିମନ୍ତେ ଆୟୋଗ ଥରକୁ ଥର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ।

## (କ) ପୁଞ୍ଜି ବିନିଯୋଗ

ବଣ୍ଟନ ନେଟ୍‌ୱାର୍କର ନବୀକରଣ ଓ ଉନ୍ନତିକରଣ ପାଇଁ 3240 କୋଟି ଟଙ୍କାର ପୁଞ୍ଜିଲଗାଣ ନିମନ୍ତେ 2001ରେ ଶୋଭନ କାନୁନ୍‌ଗୋ କମିଟି ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲା । ଦରଦାମର ଅଭିବୃଦ୍ଧି ଫଳରେ ବର୍ତ୍ତମାନ ଏହା 5000 କୋଟି ଟଙ୍କାରେ ପହଞ୍ଚିଥାନ୍ତା । ରାଜ୍ୟରେ ବିଦ୍ୟୁତ କ୍ଷେତ୍ରରେ ଆଖିଦୃଶିଆ ଉନ୍ନତିବିଧାନ ପ୍ରତି ଦୃଷ୍ଟି ଦେବାକୁ ଆୟୋଗ ଚିଠି ସଂ.994 ତା.06.5.2009ରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ସମୟରେ 2009-10 ବର୍ଷ ପାଇଁ ରାଜ୍ୟରେ 800 କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରୁ 100 କୋଟି ଟଙ୍କା ଅନୁନ୍ନତ ଅଞ୍ଚଳ ଓ ସ୍ୱଳ୍ପ ଶକ୍ତି ପ୍ରାପ୍ତ ଅଞ୍ଚଳରେ ପର୍ଯ୍ୟାପ୍ତ ବିଦ୍ୟୁତ ଯୋଗାଇ ଦେବା ପାଇଁ ଓପିଟିସିଏଲ ଦ୍ୱାରା ଗ୍ରୀଡ୍ ସବ୍‌ଷ୍ଟେସନଗୁଡିକର ଉନ୍ନତିକରଣ ନିମନ୍ତେ ଉଦ୍ଦିଷ୍ଟ । ଅବଶିଷ୍ଟ 700 କୋଟି ଟଙ୍କା ଚୋରିପ୍ରବଣ ଅଞ୍ଚଳରେ ଏଲ୍‌ଟି କଣ୍ଡକ୍ଟରକୁ ଏବି କଣ୍ଡକ୍ଟରରେ ବଦଳାଇବା ପାଇଁ, ପିଲାର ବକ୍ସ ମିଟରିଂ ପଦ୍ଧତି ପ୍ରତିଷ୍ଠା କରିବା ପାଇଁ, ଅତିରିକ୍ତ ଲୋଡ୍ ପାଇଁ ଭାକୁମ୍ ସର୍କିଟ ବ୍ରେକର (ଭିସିବି)ରେ ପରିବର୍ତ୍ତିତ କରିବା ପାଇଁ ବିନିଯୋଗ ହେବ । ପରେ ତା20.3.2010ରିଖ ପ୍ଲାନ ଅର୍ଡରରେ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ 2010-11 ରୁ 2012-13ରେ ଅନ୍ତତଃପକ୍ଷେ 500 କୋଟି ଟଙ୍କାର ପୁଞ୍ଜିଲଗାଣ କରାଯିବା ଉଚିତ ଯେଉଁଥିରୁ ରାଜ୍ୟ ସରକାର 49% ଅଂଶଧାରୀ ହିସାବରେ 2450 କୋଟି ଟଙ୍କା ଓ ବଣ୍ଟନକାରୀ କମ୍ପାନୀମାନେ 51% ଅଂଶଧାରୀ ହିସାବରେ 2550 କୋଟି ଟଙ୍କା ବିନିଯୋଗ କରିବେ । ସେ ଯାହାହେଉ, ରାଜ୍ୟ ସରକାର ଇତି ମଧ୍ୟରେ 2010-11ରୁ 2012-13 ବର୍ଷ ଭିତରେ 2400 କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବା ନିମନ୍ତେ ସ୍ଥିର କରିସାରିଛନ୍ତି, ଯେଉଁଥିରୁ ରାଜ୍ୟ ସରକାର 1200 କୋଟି ଓ ବଣ୍ଟନକାରୀ କମ୍ପାନୀମାନେ 1200 କୋଟି ଟଙ୍କା ଯୋଗାଇ ଦେବେ । ଏହି 2400 କୋଟି ଟଙ୍କାରେ ହେବାକୁ ଥିବା ଉନ୍ନତୀକରଣ ଓ ନବୀକରଣର ନେଟ୍‌ୱର୍କକୁ ପର୍ଯ୍ୟାଲୋଚନା କରିବାକୁ ଏକ ପର୍ଯ୍ୟାଲୋଚନା କମିଟି ଗଠିତ ହେବ । ଏହି କମିଟିର ଅଧ୍ୟକ୍ଷ ରହିବେ ଶକ୍ତି ବିଭାଗର ଶାସନ ସଚିବ ଓ ତାଙ୍କ ସହିତ ଏହି କମିଟିରେ ରହିବେ ଇଆଇସି, ଇଲେକ୍ଟ୍ରିସିଟି, ଚିଫ୍ ଇଲେକ୍ଟ୍ରିକାଲ ଇନିସ୍‌ପେକ୍ଟର, ସିଏମ୍‌ଡି, ଓପିଟିସିଏଲ୍, ଚାରିଗୋଟି ବଣ୍ଟନକାରୀ କମ୍ପାନୀର ସିଇଓମାନେ ଏବଂ ଅର୍ଥ ବିଭାଗର ସଂପୃକ୍ତ ସ୍ୱତନ୍ତ୍ର ଶାସନ ସଚିବ/ଅତିରିକ୍ତ ଶାସନ ସଚିବ/ଯୁଗ୍ମ ଶାସନ ସଚିବ/ଯୋଜନା ଓ ସମନ୍ୱୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ ମଧ୍ୟ ଏହି ପର୍ଯ୍ୟାଲୋଚନା କମିଟିରେ

ସାମିଲ ରହିବେ । ଏହି କମିଟି ସମୟକୁ ସମୟ ପୁଞ୍ଜି ବିନିଯୋଗ କମିଟିର କାର୍ଯ୍ୟକଳାପ ଓଇଆରସିଙ୍କୁ ଜଣାଇବ ।

**(ଖ) ଚୋରି ରୋକିବାକୁ ପୋଲିସ କାର୍ଯ୍ୟାନୁଷ୍ଠାନ**

ବିଦ୍ୟୁତ ଥାନା ପ୍ରତିଷ୍ଠା ତଥା ସଫଳ କାର୍ଯ୍ୟାନୁଷ୍ଠାନ ପାଇଁ ଆୟୋଗ ଥରକୁ ଥର ରାଜ୍ୟ ସରକାରଙ୍କୁ ଉପଦେଶ ଦେଇ ଆସୁଛନ୍ତି । ଓଇଆରସିର ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବଙ୍କୁ ସମ୍ବୋଧନ କରି ଲେଖିଥିବା ଅର୍ଦ୍ଧ ସରକାରୀ ଚିଠି ସଂଖ୍ୟା 4933 ତା17.9.2010ରେ ନିମ୍ନମତେ ନିର୍ଦ୍ଦେଶ ଦେଇଛନ୍ତି –

"ଡିସ୍‌କମ୍‌ମାନେ ମଝିରେ ମଝିରେ ଯାଞ୍ଚ, ପରିଦର୍ଶନ, ସ୍ୱୟଂଚାଳିତ ମିଟର ରିଡିଂ ଓ ଅନ୍ୟାନ୍ୟ ଆଇଟିର ପ୍ରୟୋଗ କଲାବେଳେ ଗିରଫ ଏବଂ ଆଇନତଃ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନମାନ ଗ୍ରହଣ କରିବା ଉଚିତ, କାରଣ ଏହା ସାଧାରଣ ଚୋରି ରୋକିବାପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ ପଦକ୍ଷେପ । ଯେଉଁ 34ଟି ବିଦ୍ୟୁତ ଥାନା ନିମନ୍ତେ ମଞ୍ଜୁରୀ ମିଳିଛି, ସେଥିମଧ୍ୟରୁ ମାତ୍ର 15ଟି କାର୍ଯ୍ୟକ୍ଷମ, ତାହା ବି ସମ୍ପୂର୍ଣ୍ଣଭାବେ ନୁହେଁ । କର୍ମଚାରୀ ନିଯୁକ୍ତି ଓ ଅନ୍ୟାନ୍ୟ ଭିତ୍ତିଭୂମିର ଘୋର ଅବାବ ସେଗୁଡିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଓ ଫଳପ୍ରଦ କରିବାରେ ସାହାଯ୍ୟ କରିପାରୁ ନାହିଁ । ବିଦ୍ୟୁତ ସମ୍ପର୍କୀୟ ଅପରାଧର ବିଚାର ପାଇଁ ଉଦ୍ଦିଷ୍ଟ ବିଚାରାଳୟଗୁଡିକରେ ମଧ୍ୟ ଆବଶ୍ୟକୀୟ ଲୋକଶକ୍ତି ଓ ସାମଗ୍ରୀର ଅଭାବ ରହିଛି ।

ବିଦ୍ୟୁତ ଥାନାଗୁଡିକର କାର୍ଯ୍ୟଧାରା ଓ ନିୟନ୍ତ୍ରଣ ବର୍ତ୍ତମାନ ସାଧାରଣ ପୋଲିସ ପ୍ରଶାସନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପଡିଛି, ଯାହା ଫଳରେ ସେମାନଙ୍କର ସାଧାରଣ ଆଇନ ଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ଆଦି ସ୍ୱତନ୍ତ୍ର କର୍ତ୍ତବ୍ୟମାନ ଗୌଣ ହୋଇଯାଇଛି । ସେମାନଙ୍କୁ ପୋଲିସ ପ୍ରଶାସନର ସାଧାରଣ କାର୍ଯ୍ୟକଳାପଠାରୁ ଦୂରେଇ ଯିବାକୁ ହେବ ଏବଂ ବିଦ୍ୟୁତ ବଣ୍ଟନ କରୁଥିବା ଓ ଯୋଗାଉ ଥିବା ଡିସ୍‌କମ୍‌ମାନଙ୍କ ସହିତ ଆଗପଛ ହୋଇ ଏକ ଉତ୍ସର୍ଗୀକୃତ ସେବାରେ ଲାଗିପଡିବାକୁ ହେବ ।

ଏ ସମ୍ପର୍କରେ ମୁଁ ପରାମର୍ଶ ଦେବି ଯେ ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିଃରେ ଆଇଜି ପାହ୍ୟାର ଜଣେ ବରିଷ୍ଠ ପୋଲିସ ଅଧିକାରୀ କାମ କରୁଛନ୍ତି ଏବଂ ଚୋରୀ ନିବାରଣ, ଅପରାଧୀ ଅନୁସନ୍ଧାନ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ପାଇଁ ପୋଲିସ ସହିତ ଯୋଗାଯୋଗ କରୁଛନ୍ତି । ସାରା ରାଜ୍ୟ ପାଇଁ ପଶ୍ଚିମ ବଙ୍ଗରେ ଗୋଟିଏ ଡିସ୍‌କମ୍ ଥିଲାବେଳେ ଆମ ରାଜ୍ୟରେ ଚାରୋଟି ଡିସ୍‌କମ୍ ରହିଛି । ତେଣୁ

ଆମେ ଶକ୍ତି ବିଭାଗରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କଥା ବିଚାର କରୁଛୁ ଯେ କି, ଚାରୋଟି ଯାକ ଡିସ୍କମ୍‌ର ଚୋରୀ ଅନୁସନ୍ଧାନ ଓ ତାହାର ନିବାରଣ ଦାୟିତ୍ୱରେ ରହିବେ । ସେ ସବୁ ବିଦ୍ୟୁତ ଥାନା କାର୍ଯ୍ୟର ପର୍ଯ୍ୟବେକ୍ଷଣ କରିପାରନ୍ତେ ଏବଂ ସେଗୁଡିକର ସଫଳ କାର୍ଯ୍ୟକାରିତା ସୁନିଶ୍ଚିତ କରିପାରନ୍ତେ । ରାଜ୍ୟ ପୋଲିସ ପ୍ରଶାସନର ଜଣେ ଅଧିକାରୀ ହୋଇଥିବାକୁ ସେ ସହଜରେ ରାଜ୍ୟ ପୋଲିସ ସହିତ ଯୋଗାଯୋଗ ରକ୍ଷା କରିପାରନ୍ତେ ଏବଂ ବିଦ୍ୟୁତ ଉପଯୋଗିତା ଓ ପୋଲିସ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରିପାରନ୍ତେ ।

ଯଦି ଆମେ ଏଟି ଆଣ୍ଡ ସି କ୍ଷତିକୁ ଏକ ସୁସଂହତ ସ୍ତରକୁ ଖସାଇ ପାରନ୍ତେ ତେବେ ଚୋରିକୁ ସମ୍ପୂର୍ଣ୍ଣଭାବେ ରୋକା ଯାଇପାରନ୍ତା, ଏହା ଡିସ୍କମ୍‌ମାନଙ୍କ ପାଇଁ କେବଳ ଅଧିକ ପରିମାଣର ରାଜସ୍ୱ ଲାଭ ହୁଅନ୍ତା ନାହିଁ, ବରଂ ରାଜ୍ୟ ସରକାର ପାଇଁ ବିଦ୍ୟୁତ ଶୁଳ୍କର ବିପୁଳ ଅଭିବୃଦ୍ଧି ମଧ୍ୟ ହୁଅନ୍ତା ।

ଚୋରି ହେଉଛି ବିପୁଳ ପରିମାଣ ବାଣିଜ୍ୟିକ କ୍ଷତିର କାରଣ, ଯାହା ବହୁ ସମୟରେ ଡିସ୍କମ୍‌ମାନଙ୍କର ଅସାଧୁ କର୍ମଚାରୀଙ୍କ ଗୁପ୍ତ ବୁଝାମଣାଯୋଗୁଁ ଘଟି ନଥାଏ । ଏହା ଏକ ପରିସ୍ଥିତି, ଯାହା ସାଧୁ ଓ ଅର୍ଥ ପଇଠ କରୁଥିବା ଉପଭୋକ୍ତାମାନଙ୍କ ଉପରେ ଏକ ଅସହ୍ୟ ବୋଝ, ଲାଇନ ଓ ଟ୍ରାନ୍ସଫର୍ମରଗୁଡିକ ଉପରେ ଅଧିକ ଭାର, ଯୋଗାଣରେ ବିଶୃଙ୍ଖଳା, ବିଦ୍ୟୁତ କାଟ୍, ଟାରିଫ୍‌ର ବୃଦ୍ଧି, ଯୋଗାଣ ମାନରେ ନିକୃଷ୍ଟତା ଏବଂ ବିଲିଂ ଓ ଆଦାୟରେ ବିରାଟ ସମସ୍ୟାର କାରଣ । ଡିସ୍କମ୍‌ମାନେ ନିଶ୍ଚିତରୂପେ ପଦ୍ଧତିର ଉନ୍ନତୀକରଣ, ଉପଯୁକ୍ତ ବିଲିଂ ଓ ଆଦାୟ କ୍ଷେତ୍ରରେ କ୍ଷତିର ପ୍ରତିହତ କରିବା ପାଇଁ ଆଗେଇ ଯିବା ସମୟରେ, ସେମାନେ ଚୋରି ରୋକିବା ଓ ଚୋରମାନଙ୍କ ବିରୋଧରେ ଦଣ୍ଡ ବିଧାନ କରିବା ପାଇଁ ରାଜ୍ୟ ଓ ପୋଲିସ ପ୍ରଶାସନ ଦ୍ୱାରା ଯଥେଷ୍ଟ ସାହାଯ୍ୟ ପାଇବା ଦରକାର । ଏପରି କ୍ଷତି ରୋକିବା କ୍ଷେତ୍ରରେ ଡିସ୍କମ୍‌ମାନେ ରାଜ୍ୟ ପ୍ରଶାସନଦ୍ୱାରା ସବୁପ୍ରକାର ସୁବିଧା ପାଇବା ଉଚିତ ।

**(vi) ସରକାରୀ ବିଭାଗ, ସ୍ଥାନୀୟ ନଗର ନିକାୟ, ସ୍ଥାନୀୟ ଗ୍ରାମ୍ୟ ନିକାୟ, ସରକାରୀ ଶିଳ୍ପ ଉଦ୍ୟୋଗ, ସମବାୟ ବିଭାଗ, ସ୍ୱୟଂଶାସିତ ସଂସ୍ଥା, ଇତ୍ୟାଦିଙ୍କ ଦ୍ୱାରା ସମୟୋଚିତ ବିଦ୍ୟୁତ ଦେୟ ପ୍ରଦାନ**

ଏହା ଆୟୋଗଙ୍କ ଦୃଷ୍ଟିକୁ ଆସିଛି ଯେ, ରାଜ୍ୟ ସରକାର ନିୟନ୍ତ୍ରଣାଧୀନ ଅଧିକାଂଶ ବିଭାଗ, ସ୍ଥାନୀୟ ନଗର ନିକାୟ, ସ୍ଥାନୀୟ ଗ୍ରାମ୍ୟ ନିକାୟ, ସରକାରୀ ଶିଳ୍ପ ଉଦ୍ୟୋଗ, ସମବାୟ ବିଭାଗ, ସ୍ୱୟଂଶାସିତ ସଂସ୍ଥା

ପ୍ରଭୃତି ଠିକ୍ ସମୟରେ ବିଦ୍ୟୁତ ଦେୟ ପ୍ରଦାନ କରୁନାହାନ୍ତି । ବାରମ୍ବାର ଆୟୋଗ ଏହି ଗମ୍ଭୀର ଘଟଣା ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣିଛନ୍ତି, ଯାହା ନିମ୍ନରେ ପ୍ରଦତ୍ତ :

(1) ଚିଠି ସଂ. ସେକ୍ରେଟାରୀ/066/2007/751 ତା09.4.2008

(2) ଚିଠି ସଂ. ସେକ୍ରେଟାରୀ/066/2000/4002 ତା27.5.2010

(3) ମୁଖ୍ୟ ଶାସନ ସଚିବଙ୍କୁ ସମ୍ବୋଧନ କରାଯାଇଥିବା ଚେୟାରମ୍ୟାନଙ୍କ ଡି.ଓ. ଚିଠି ସଂ.ଓଇଆରସି/ଇଂଜିନିୟରିଂ/2006/08.7.2010

ଆୟୋଗଙ୍କ ଚିଠିକୁ କାର୍ଯ୍ୟକାରୀ କରିବାକୁ ଯାଇ ଅର୍ଥ ବିଭାଗ ତାଙ୍କ 25.4.2008 ତାରିଖର ଚିଠି ସଂ.22240(225) ଓ 22245(4)ରେ ଯଥା ସମୟରେ ବିଦ୍ୟୁତ ଦେୟ ପ୍ରଦାନ କରିବା ନିମନ୍ତେ ପ୍ରତ୍ୟେକ ସଂପୃକ୍ତ ସରକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଅର୍ଥ ବିଭାଗ ମଧ୍ୟ ଏହାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଚିଠି ସଂ.36938(4) ତା26.8.2010ରେ ସରକାରୀ ଉଦ୍ୟୋଗ ବିଭାଗ, ସମବାୟ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ଓ ପଞ୍ଚାୟତରାଜ ବିଭାଗର ଶାସନ ସଚିବମାନଙ୍କୁ ଓ ଚିଠି ସଂଖ୍ୟା 36933(225)/ଏଫ୍ ତାରିଖ 26.8.2010ରେ ସମସ୍ତ ସରକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନଙ୍କୁ ଏବଂ ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ତା30.9.2010 ସୁଦ୍ଧା ବଣ୍ଟନକାରୀ କମ୍ପାନୀମାନଙ୍କର ସମସ୍ତ ବକେୟା ପ୍ରାପ୍ୟ ଆପୋସ ମିଳାମିଶା ଦ୍ୱାରା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶକ୍ତି ବିଭାଗ ମଧ୍ୟ ଥରକୁ ଥର ଅର୍ଥ ବିଭାଗ ନିର୍ଦ୍ଦେଶର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କରିବାଦ୍ୱାରା ବିଭିନ୍ନ ସରକାରୀ ବିଭାଗ, ସ୍ଥାନୀୟ ନଗର ନିକାୟ, ସ୍ଥାନୀୟ ଗ୍ରାମ୍ୟ ନିକାୟ, ସରକାରୀ ଶିଳ୍ପ ଉଦ୍ୟୋଗ, ସମବାୟ ସଂସ୍ଥା, ସ୍ୱୟଂଶାସିତ ସଂସ୍ଥା, ଇତ୍ୟାଦିମାନଙ୍କ ଦ୍ୱାରା ବିଦ୍ୟୁତ ବିଲ୍ ବାବଦ ପ୍ରାପ୍ୟ ଭରଣାରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇଛି ।

## (vii) ବଣ୍ଟନ ନେଟ୍‌ୱାର୍କର ପରିଚାଳନା ରକ୍ଷଣାବେକ୍ଷଣ ପାଇଁ ପ୍ରେରଣାତ୍ମକ ପଦକ୍ଷେପ

ଋଣ ବୁଝାମଣା, ଏସ୍କ୍ରୋ ବୁଝାମଣା ଓ ବିଦ୍ୟୁତ କ୍ରୟ ବୁଝାମଣା ଅନୁସାରେ ବଣ୍ଟନ କମ୍ପାନୀମାନଙ୍କର ସମସ୍ତ ପ୍ରାପ୍ତବ୍ୟ ଏସ୍କ୍ରୋ ଆକାଉଣ୍ଟରେ ଜମା ରଖିବାକୁ ହେବ ଏବଂ ବଣ୍ଟନକାରୀ କମ୍ପାନୀମାନେ ଗ୍ରୀଡ୍‌କୋର ବିନାନୁମତିରେ ସେଥିରୁ କୌଣସି ଅର୍ଥ ଏପଟ ସେପଟ କରିପାରିବେ ନାହିଁ । ଏହା ଫଳରେ

ଗ୍ରୀଡ୍‌କୋକୁ ଚଳନ୍ତି ବିଏସ୍‌ଟି ଦେବାପରେ, ଗ୍ରୀଡ୍‌କୋ କେବଳ ଦରମା ପ୍ରାପ୍ୟ ଏବଂ ଯଦି କିଛି ବଳେ ତେବେ ଗ୍ରୀଡ୍‌କୋ ପାଇବାକୁ ଥିବା ବକେୟା ପ୍ରାପ୍ୟ ବାବଦକୁ ମଜୁରା (ଆଡଜଷ୍ଟ) କରିବାକୁ ଗ୍ରୀଡ୍‌କୋ ବଣ୍ଟନକାରୀ କମ୍ପାନୀମାନଙ୍କୁ ଅନୁମତି ଦେଉଥିଲେ । ଏହାଦ୍ୱାରା ବଣ୍ଟନକାରୀ କମ୍ପାନୀମାନେ ବଣ୍ଟନ ନେଟ୍‌ୱର୍କର ଅତ୍ୟାବଶ୍ୟକ ସର୍ବନିମ୍ନ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ହାତକୁ ନେଇପାରୁନଥିଲେ । ଏହା ଉପଲବ୍ଧି କରି ଆୟୋଗ ଏସ୍‌କ୍ରୋ ଆକାଉଣ୍ଟରୁ ଅଗ୍ରାଧିକାର ଭିତ୍ତିରେ ଅର୍ଥ ଉଠାଣ ପାଇଁ ଆଦେଶ ଦେଲେ । ଏପରି ହେବାଦ୍ୱାରା ଏସ୍‌କ୍ରୋ ଆକାଉଣ୍ଟରେ ଗଛିତ ଅର୍ଥରୁ ପ୍ରଥମେ ଚଳନ୍ତି ବିଏସ୍‌ଟି ପ୍ରାପ୍ୟ ପ୍ରଦାନ କରାଯାଉଛି, ତା'ପରେ ଦରମା ଏବଂ ଓ ଆଣ୍ଡ ଏମ୍ ବ୍ୟୟ ବହନ କରାଯାଉଛି ଏବଂ ତା'ପରେ ବଳକା ରହୁଥିବା ଅର୍ଥକୁ ଗ୍ରୀଡ୍‌କୋର ବକେୟା ପ୍ରାପ୍ୟ ବାବଦକୁ ମଜୁରା (ଆଡଜଷ୍ଟ) କରାଯାଉଛି । ତେଣୁ ଅତୀତରେ ବଣ୍ଟନକାରୀ କମ୍ପାନୀମାନେ ଅନୁମୋଦିତ ଓ ଆଣ୍ଡ ଏମ୍ ବ୍ୟୟର ସମ୍ପୂର୍ଣ୍ଣ ବିନିଯୋଗ କରିପାରୁନଥିବା ବେଳେ ଏଇ କେତେବର୍ଷ ଧରି ଭଲଭାବରେ ଏହି ଅବସ୍ଥାରେ ପ୍ରଗତି ସାଧିତ ହୋଇଅଛି । ଏହା ନିମ୍ନ ଟେବୁଲରୁ ପ୍ରତିପାଦିତ ହେବ ।

**ଟେବୁଲ - 9**

| ଆର ଆଣ୍ଡ ଏମ୍ ବ୍ୟୟ | 2006-07 | | 2007-08 | | 2008-09 | | 2009-10 | | 2010-11 | | 2011-12 |
|---|---|---|---|---|---|---|---|---|---|---|---|
| | ଅନୁମୋଦିତ | ବାସ୍ତବ | ଅନୁମୋଦିତ | ବାସ୍ତବ | ଅନୁମୋଦିତ | ବାସ୍ତବ | ଅନୁମୋଦିତ | ବାସ୍ତବ | ଅନୁମୋଦିତ | ବାସ୍ତବ* | ଅନୁମୋଦିତ |
| ୱେସ୍କୋ | 24.25 | 12.44 | 23.82 | 12.37 | 25.66 | 17.90 | 27.01 | 18.05 | 34.77 | 13.44 | 36.81 |
| ନେସ୍କୋ | 24.48 | 12.88 | 24.43 | 13.00 | 25.87 | 20.86 | 27.88 | 22.80 | 37.22 | 13.94 | 47.46 |
| ସାଉଥ୍‌କୋ | 17.35 | 5.54 | 18.38 | 5.50 | 19.08 | 7.79 | 20.73 | 11.60 | 26.11 | 14.95 | 28.47 |
| ସେସୁ | 41.31 | 22.09 | 43.64 | 25.11 | 41.87 | 34.79 | 40.46 | 39.22 | 51.19 | 19.52 | 56.77 |
| ମୋଟ | 107.39 | 52.95 | 110.27 | 55.98 | 112.48 | 81.34 | 116.08 | 91.63 | 149.29 | 61.85 | 169.51 |

*2010-11ର ସମୀକ୍ଷିତ ହିସାବ ଚୂଡାନ୍ତ ନୁହେଁ । ଏସ୍‌କ୍ରୋ ଆକାଉଣ୍ଟ ଅନୁସାରେ ଗ୍ରୀଡ୍‌କୋ ଦ୍ୱାରା ଅନୁମତିପ୍ରାପ୍ତ ବ୍ୟୟର ସଂଖ୍ୟା ପ୍ରଦର୍ଶିତ ।

ବଣ୍ଟନ ନେଟ୍‌ୱର୍କର ରକ୍ଷଣାବେକ୍ଷଣ ଅବସ୍ଥାର ସତ୍ୟାପନ ନିମନ୍ତେ ଆୟୋଗ ନିରପେକ୍ଷ ବିଶେଷଜ୍ଞ ଦଳ ନିଯୁକ୍ତ କରିଥିଲେ ଏବଂ ସେମାନଙ୍କ ସିଦ୍ଧାନ୍ତ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଣ୍ଟନ କମ୍ପାନୀମାନଙ୍କୁ, ଓପିଟିସିଏଲ୍ ଓ ଓଏଚ୍‌ପିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ବଣ୍ଟନ ନେଟ୍‌ୱର୍କର ରକ୍ଷଣାବେକ୍ଷଣ ସ୍ଥିତି ସମ୍ବନ୍ଧୀୟ ପ୍ରତ୍ୟକ୍ଷ ବିବରଣୀ ରାଜ୍ୟ ଆୟୋଗଙ୍କର ହସ୍ତଗତ ହୋଇନଥିଲା । କିନ୍ତୁ ନିରପେକ୍ଷ ବିଶେଷଜ୍ଞ ଦଳଗୁଡିକ ନିଯୁକ୍ତ

ହେବାପରେ ଏହା ସମ୍ଭବ ହୋଇପାରିଛି ଏବଂ ଥରକୁ ଥର ସୁପାରିସର ଅନୁପାଳନର ପର୍ଯ୍ୟାଲୋଚନା କରିବା ଆୟୋଗଙ୍କ ପକ୍ଷରେ ସମ୍ଭବ ହୋଇଛି । ଏହା ନିମ୍ନ ଟେବୁଲରୁ ଦେଖାଯାଇପାରେ :-

**ଟେବୁଲ - 10**

| କ୍ର.ସଂ. | ବିବରଣୀ | 2008-09 | 2009-10 | 2010-11 (9/2010 ପର୍ଯ୍ୟନ୍ତ) | 2011-12 (ଲକ୍ଷ୍ୟ) |
|---|---|---|---|---|---|
| 1. | ଉନ୍ନୀତ ଟ୍ରାନ୍ସଫର୍ମରର ସଂଖ୍ୟା | | | | |
| | ସେସୁ | 429 | 373 | 107 | |
| | ନେସ୍କୋ | 247 | 258 | 27 | |
| | ୱେସ୍କୋ | 491 | 152 | 69 | |
| | ସାଉଥ୍‌କୋ | 284 | 130 | 311 | |
| | ମୋଟ | 1451 | 913 | 514 | |
| 2. | ସ୍ଥାପିତ ନୂତନ ଟ୍ରାନ୍ସଫର୍ମର ସଂଖ୍ୟା | | | | |
| | ସେସୁ | 325 | 540 | 237 | |
| | ନେସ୍କୋ | 161 | 269 | 63 | |
| | ୱେସ୍କୋ | 126 | 146 | 74 | |
| | ସାଉଥ୍‌କୋ | 46 | 55 | 104 | |
| | ମୋଟ | 658 | 1010 | 478 | |
| 3 | ଉନ୍ନୀତ /ନୂତନଭାବେ ସ୍ଥାପିତ ଟ୍ରାନ୍ସଫର୍ମରର ମୋଟ ସଂଖ୍ୟା (2+3) | | | | |
| | ସେସୁ | 754 | 913 | 34 | 1000 |
| | ନେସ୍କୋ | 408 | 527 | 90 | 800 |
| | ୱେସ୍କୋ | 617 | 298 | 143 | 800 |
| | ସାଉଥ୍‌କୋ | 330 | 185 | 415 | 800 |
| | ମୋଟ | 2109 | 1923 | 992 | |
| 4 | ଏବି କଣ୍ଡକ୍ଟର (କିମି) | | | | |
| | ସେସୁ | 122 | 34.05 | 100.85 | 300 |
| | ନେସ୍କୋ | - | - | 3.6 | 250 |
| | ୱେସ୍କୋ | - | - | - | 250 |
| | ସାଉଥ୍‌କୋ | - | 31.6 | - | 250 |
| 5(i) | ସ୍ଥାପିତ ସର୍କିଟ ବ୍ରେକର (11 କେଭି) | | | | |
| | ସେସୁ | 47 | 23 | 13 | ଶତ ପ୍ରତିଶତ ସମ୍ପୂର୍ଣ୍ଣ |
| | ନେସ୍କୋ | 27 | 15 | 09 | |
| | ୱେସ୍କୋ | 42 | 11 | 08 | |
| | ସାଉଥ୍‌କୋ | 10 | 06 | 26 | |
| | ମୋଟ | 126 | 55 | 56 | |

| କ୍ର.ସଂ. | ବିବରଣୀ | 2008-09 | 2009-10 | 2010-11 (9/2010 ପର୍ଯ୍ୟନ୍ତ) | 2011-12 (ଲକ୍ଷ୍ୟ) |
|---|---|---|---|---|---|
| 5(ii) | ସ୍ଥାପିତ ସର୍କିଟ ବ୍ରେକର (33 କେଭି) | | | | |
| | ସେସୁ | 25 | 19 | 06 | ଶତ ପ୍ରତିଶତ ସମ୍ପୂର୍ଣ୍ଣ |
| | ନେସ୍କୋ | 13 | 09 | - | |
| | ୱେସ୍କୋ | 18 | 02 | 06 | |
| | ସାଉଥ୍‌କୋ | 5 | 03 | 03 | |
| | ମୋଟ | 61 | 33 | 15 | |
| | ଗାଏମୋଟ | 187 | 88 | 71 | |

ଏତଦ୍‌ବ୍ୟତୀତ ସେବାର ମାନ ଓ କ୍ଷତିର ହ୍ରାସ ପର୍ଯ୍ୟାଲୋଚନା କରିବାକୁ ଆୟୋଗ ଏକ ବିଶେଷଜ୍ଞ ଦଳ ସ୍ଥାପନ କରିଛନ୍ତି । ଏହି ଦଳରେ ଏସ୍‌ଏସିର ନିର୍ବାଚିତ ସଭ୍ୟଗଣ, ଡିସ୍‌କମ୍‌ମାନଙ୍କର ଓ ଓପିଟିସିଏଲ୍‌ର ପ୍ରତିନିଧିଗଣ, ରାଜ୍ୟ ସରକାରୀ ଓ ଓଇଆରସିର ଅଧିକାରୀଗଣ ସାମିଲ ଅଛନ୍ତି । ଏହି ଦଳ ଅଳ୍ପ କେତେକ ସ୍ଥାନ ପରିଦର୍ଶନ କରି ସେସବୁ ସ୍ଥାନରେ କି କି ପଦକ୍ଷେପମାନ ନିଆଯାଉଛି, ତାହାର ଅନୁଶୀଳନ କରିଛନ୍ତି ।

**(viii) ଘରୋଇ, ବିପିଏଲ୍, କୃଷକ ଓ ଏଲ୍‌ଟି ଭଳି ନିମ୍ନଭାଗସ୍ଥ ଉପଭୋକ୍ତାମାନଙ୍କ ସ୍ୱାର୍ଥ 2011-12 ବର୍ଷର ଟାରିଫ୍‌ରେ ରକ୍ଷା କରାଯାଇଛି**

- ଧାରା 61(ଜି) ସହିତ ଟାରିଫ୍ ନୀତି, 2006ର ପାରା 8.3.2 ଅନୁଯାୟୀ ବିଦ୍ୟୁତ ଯୋଗାଣର ବ୍ୟୟ ଉପରେ ଟାରିଫ୍ ଏପରି ପ୍ରଦର୍ଶିତ, ଯଦ୍ୱାରା 2010-11 ଶେଷସୁଦ୍ଧା ଟାରିଫ୍ ହାରାହାରି ଯୋଗାଣ ବ୍ୟୟର ±20% ମଧ୍ୟରେ ରହିବ । ରାସ୍ତାର ନକ୍ସାରେ ମଧ୍ୟବର୍ତ୍ତୀ ମାଇଲ ଖମ୍ବଗୁଡିକ ମଧ୍ୟ କ୍ରସ-ସବ୍‌ସିଡିର କ୍ରମିକ ହ୍ରାସ ସୂଚନା ଆଧାରିତ ।

- ଅନ୍ୟ ପକ୍ଷରେ ଜାତୀୟ ବିଦ୍ୟୁତ ନୀତି, 2005 ପ୍ରକାଶ କରେ ଯେ "ଅତି ଗରିବ ଶ୍ରେଣୀର ଉପଭୋକ୍ତାମାନଙ୍କୁ ବିଦ୍ୟୁତ ସହଜଲଭ୍ୟ କରିବାକୁ ଏକ ସର୍ବନିମ୍ନ ସହାୟତାର ଆବଶ୍ୟକତା ପଡିପାରେ । ଯେଉଁ ଉପଭୋକ୍ତାମାନେ ଦାରିଦ୍ର୍ୟ ସୀମାରେଖା ତଳେ ଏବଂ ଏକ ନିର୍ଦ୍ଦିଷ୍ଟ ସ୍ତରରୁ କମ୍ ବିଦ୍ୟୁତ (ମନେକର ମାସକୁ 30 ୟୁନିଟ) ଉପଭୋଗ କରନ୍ତି, ସେମାନେ ଟାରିଫ୍ ଆକାରରେ ସ୍ୱତନ୍ତ୍ର ସାହାଯ୍ୟ ପାଇବା କଥା, ଯାହା କ୍ରସ-ଅନୁଦାନ ହେବ । ଏହି ଶ୍ରେଣୀର ଉପଭୋକ୍ତାମାନଙ୍କ ପାଇଁ ପ୍ରଶୁଳ୍କ ଅନ୍ତତଃ ମୋଟ ଯୋଗାଣ ବ୍ୟୟର 50% ହେବ । ଏହି ବ୍ୟବସ୍ଥାକୁ ପାଞ୍ଚବର୍ଷ ପରେ ସାନି ପରୀକ୍ଷା

କରାଯିବ ।"

- ବିଦ୍ୟୁତ ଅଧିନିୟମ, 2003ର ଧାରା 65 ଅନୁସାରେ ଯଦି କୌଣସି ଶ୍ରେଣୀର ଉପଭୋକ୍ତାମାନଙ୍କୁ ଅନୁଦାନପ୍ରାପ୍ତ କରିବାକୁ ପଡେ, ତେବେ ରାଜ୍ୟ ସରକାରଙ୍କୁ ଏହି ଅନୁଦାନ ଅଗ୍ରିମ ଆକାରରେ ଦେବାକୁ ହେବ । ଉପରୋକ୍ତ ଅଧିନିୟମର ସଂପୃକ୍ତ ଧାରା ନିମ୍ନରେ ଉଦ୍ଧୃତ ହେଲା :-

- "65. ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଦାନ ବ୍ୟବସ୍ଥା – ଧାରା 62 ଅନୁସାରେ ରାଜ୍ୟ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରଶୁଳ୍କରେ କିଛି ଅନୁଦାନ କୌଣସି ଉପଭୋକ୍ତାଙ୍କୁ କିମ୍ବା ଉପଭୋକ୍ତା ଶ୍ରେଣୀକୁ ଦେବାକୁ ଯଦି ରାଜ୍ୟ ସରକାରଙ୍କୁ ପଡେ, ତେବେ ଧାରା 108ରେ ଯାହା ନିର୍ଦ୍ଦେଶ ଥାଉନା କାହିଁକି, ଯେପରି ନିର୍ଦ୍ଦିଷ୍ଟ ହେବ ସେହି ରୀତିରେ ତାହାକୁ ଅଗ୍ରିମ ଆକାରରେ ଦେବେ, ଅନୁଦାନ ମଞ୍ଜୁରିଦ୍ୱାରା କ୍ଷୁଣ୍ଣ ବ୍ୟକ୍ତିକୁ କ୍ଷତିପୂରଣ ରାଜ୍ୟ ଆୟୋଗଙ୍କ ଆଦେଶ ଅନୁସାରେ ଏକ ସର୍ତ୍ତରେ ଦେବେ ଯେପରି ରାଜ୍ୟ ସରକାର ପ୍ରଦାନ କରିଥିବା ଅନୁଦାନକୁ ଲାଇସେନ୍ସ ବା କ୍ଷୁଣ୍ଣ ବ୍ୟକ୍ତି କାର୍ଯ୍ୟାନ୍ୱିତ କରିବେ ।"

- ଯଦିଓ ରାଜ୍ୟ ସରକାର କୃଷି କିମ୍ବା ବିପିଏଲ ପରିବାରର ଘରୋଇ ଉପଭୋକ୍ତାମାନଙ୍କୁ ଅନୁଦାନ ଦେବାକୁ ରାଜି ହୋଇନାହାନ୍ତି, ସେହିସବୁ କ୍ଷେତ୍ରରେ ଟାରିଫ୍ 2011-12 ବର୍ଷ ପାଇଁ ନିର୍ଣ୍ଣିତ ୟୁନିଟ ପିଛା 408.87 ପଇସା ହାରାହାରି ଯୋଗାଣ ବ୍ୟୟର (-)20%ର ବହୁ ନିମ୍ନରେ ଧାର୍ଯ୍ୟ କରାଯାଇଛି ।

- 2011-12 ପାଇଁ ହାରାହାରି ଯୋଗାଣ ବ୍ୟୟ ୟୁନିଟ ପିଛା 408.87 ପଇସା ନିର୍ଦ୍ଧାରିତ ହୋଇଥିଲା ବେଳେ ଅପେକ୍ଷାକୃତ ଗରିବ ଉପଭୋକ୍ତାମାନଙ୍କପାଇଁ ପ୍ରଶୁଳ୍କ ୟୁନିଟ ପିଛା 327.07 ପଇସା (408.87 ପଇସାର -20%)ରୁ କମ୍ ଏବଂ 490.67 ପଇସା (408.87 ପଇସାର +20%)ରୁ ବେଶି ହୋଇପାରିବ ନାହିଁ । ସେ ଯାହାହେଉ, କୃଷି, କୃଷି ସମ୍ବନ୍ଧଯୁକ୍ତ କାର୍ଯ୍ୟକଳାପ, ଶସ୍ୟ ସମ୍ବନ୍ଧଯୁକ୍ତ ଶିଳ୍ପ, ବିପିଏଲ ପରିବାର (30 ୟୁନିଟ ପର୍ଯ୍ୟନ୍ତ ମାସକୁ ସ୍ଥିରୀକୃତ ଟ30.00 ଦେୟ) ଏବଂ ପ୍ରଥମ ସ୍ତରର ଘରୋଇ ଉପଭୋକ୍ତା (50 ୟୁନିଟ ପର୍ଯ୍ୟନ୍ତ ମାସକୁ ୟୁନିଟ୍ ପିଛା 140 ପଇସା) ପାଇଁ ସ୍ୱତନ୍ତ୍ର ବିଚାର କାରଣରୁ କ୍ରସ-ଅନୁଦାନକୁ କମାଇବା ଉଦ୍ଦେଶ୍ୟରେ ଏଲଟି ଉପଭୋକ୍ତାଙ୍କ ପ୍ରଶୁଳ୍କକୁ ଧୀରେ ଧୀରେ ବଢାଇବାକୁ ଚେଷ୍ଟା କରିବାଦ୍ୱାରା ମଧ୍ୟ କ୍ରସ-ଅନୁଦାନ

କମାଇବାର ଲକ୍ଷ୍ୟ ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ । ଏଲଟି ବର୍ଗର ଉପଭୋକ୍ତାଙ୍କ ପାଇଁ କ୍ରସ-ଅନୁଦାନ (-)26.54% ହୋଇଥିବାବେଳେ ଇଏଚଟି ଉପଭୋକ୍ତାଙ୍କ ପାଇଁ ଏହା +16.77% ଏବଂ ଏଚଟି ଉପଭୋକ୍ତାମାନଙ୍କ ପାଇଁ ଏହା +17.90% । ଏହା ନିମ୍ନ ଟେବୁଲରୁ ସ୍ପଷ୍ଟ ହୁଏ:-

**ଟେବୁଲ - 11**

**2011-12ରେ କ୍ରସ-ଅନୁଦାନ**

| ବର୍ଷ | ଭୋଲ୍ଟେଜର ସ୍ତର | ସମଗ୍ରଭାବେ ରାଜ୍ୟପାଇଁ ଯୋଗାଣର ହାରାହାରି ବ୍ୟୟ (ପ/ୟୁ) | ଟାରିଫ୍ (ପ/ୟୁ) | କ୍ରସ-ଅନୁଦାନ (ପ/ୟୁ) | କ୍ରସ-ଅନୁଦାନର ଶତକଡା ଶୀର୍ଷ/ନିମ୍ନ କିମ୍ବା ଯୋଗାଣର ମୂଲ୍ୟ |
|---|---|---|---|---|---|
| 1 | 2 | 3 | 4 | 5 (4) – (3) | 6 |
| 2009-10 | ଇଏଚଟି | 263.00 | 295.05 | 32.05 | 12.19% |
| | ଏଚଟି | | 308.68 | 45.68 | 17.37% |
| | ଏଲଟି | | 179.99 | -83.01 | -31.56% |
| | କୁଟୀର ଜ୍ୟୋତି | | 100.00 | -163.00 | -61.97% |
| | ଜଳସେଚନ | | 110.00 | -153.00 | -58.17% |
| 2010-11 | ଇଏଚଟି | 327.37 | 379.93 | 52.56 | 16.06% |
| | ଏଚଟି | | 383.68 | 56.31 | 17.20% |
| | ଏଲଟି | | 219.21 | -108.16 | -33.04% |
| | କୁଟୀର ଜ୍ୟୋତି | | 100.00 | -227.37 | -69.45% |
| | ଜଳସେଚନ | | 110.00 | -217.37 | -66.39% |
| 2011-12 | ଇଏଚଟି | 408.87 | 477.43 | 68.56 | 16.77% |
| | ଏଚଟି | | 482.43 | 73.56 | 17.99% |
| | ଏଲଟି | | 300.34 | -108.53 | -26.54% |
| | କୁଟୀର ଜ୍ୟୋତି | | 100.00 | -308.87 | -75.54% |
| | ଜଳସେଚନ | | 110.00 | -298.87 | -73.09% |

- ବିପିଏଲ୍ ପରିବାର କ୍ଷେତ୍ରରେ ଦିଆଯାଇଥିବା ଅନୁଦାନ 308.87 ପଇସା ଅଟେ (ମାସକୁ 30 ୟୁନିଟ ପାଇଁ ୟୁନିଟ ପିଛା 408.87 – 100 ଟାରିଫ୍) ଯାହାକି ହାରାହାରି ଯୋଗାଣ ମୂଲ୍ୟରୁ 75.54% କମ୍
- କୃଷି/ଜଳସେଚନ କ୍ଷେତ୍ରରେ ୟୁନିଟ ପିଛା ପ୍ରଶୁଳ୍କ 298.87 ପଇସା ଅଟେ (ୟୁନିଟ ପିଛା 408.87 – 100 ପଇସା) ଯାହାକି ହାରାହାରି ଯୋଗାଣ ମୂଲ୍ୟରୁ 73.09% କମ୍

- ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ମାସକୁ 50 ୟୁନିଟରୁ ଅଧିକ ଉପଯୋଗ କରୁଥିବା ଉପଭୋକ୍ତାମାନଙ୍କୁ 2001-12 ବର୍ଷଠାରୁ ୟୁନିଟ ପିଛା 140 ପଇସା ଦେବାକୁ ହେବ, ଯାହା 2010-11 ଓ 2011-12 ପାଇଁ ଅପରିବର୍ତ୍ତିତ ରହିଛି ।

- ମାସକୁ 200 ୟୁନିଟ ଉପଯୋଗ କରୁଥିବା ଘରୋଇ ଉପଭୋକ୍ତାମାନେ ହାରାହାରି ଯୋଗାଣ ବ୍ୟୟର 28% ଅନୁଦାନ ପ୍ରାପ୍ତ ଯେହେତୁ ସେମାନଙ୍କ ପାଇଁ ହିସାବ ଅନୁସାରେ ୟୁନିଟ ପିଛା ହାରାହାରି ଦର 297 ପଇସା ।

- ମାସକୁ 400 ୟୁନିଟ ଉପଯୋଗ କରୁଥିବା ଘରୋଇ ଉପଭୋକ୍ତାମାନେ ଯୋଗାଣ ବ୍ୟୟର (-)11% ଅନୁଦାନପ୍ରାପ୍ତ, ଯେହେତୁ ସେମାନଙ୍କ ପାଇଁ ହିସାବ ଅନୁସାରେ ହାରାହାରି ଦର ୟୁନିଟ ପିଛା 363 ପଇସା ।

- ମାସକୁ 600 ୟୁନିଟ ଉପଯୋଗ କରୁଥିବା ଘରୋଇ ଉପଭୋକ୍ତାମାନେ ଯୋଗାଣ ବ୍ୟୟର (-)1.5% ଅନୁଦାନପ୍ରାପ୍ତ, ଯେହେତୁ ସେମାନଙ୍କ ପାଇଁ ହିସାବ ଅନୁସାରେ ହାରାହାରି ଦର ୟୁନିଟ ପିଛା 400 ପଇସା ।

- ମାସକୁ 700 ୟୁନିଟ ଉପଯୋଗ କରୁଥିବା ଶୀର୍ଷ ଭାଗସ୍ଥ ଘରୋଇ ଉପଭୋକ୍ତାମାନେ ହାରାହାରି ଯୋଗାଣ ବ୍ୟୟ 408.87 ପଇସାଠାରୁ ଅଧିକ +1.22% ଦେବେ । ହିସାବ ଅନୁସାରେ ସେମାନଙ୍କ ପାଇଁ ହାରାହାରି ଦର ୟୁନିଟ ପିଛା 413 ପଇସା । ନିମ୍ନ ଟେବୁଲରେ ପ୍ରଦତ୍ତ ହିସାବରୁ ଏହା ସ୍ପଷ୍ଟ ହୁଏ ।

**ଟେବୁଲ - 12**

| ଉପଯୋଗ/ମାସ | ଟାରିଫ | ବିଦ୍ୟୁତ ଦେୟ ବାବଦକୁ ମୋଟ ଅର୍ଥ ପ୍ରଦାନ (ଟଙ୍କା) | ହାରାହାରି ୟୁନିଟ ପିଛା ଦେୟ (ପ/ୟୁ) | %ରେ କ୍ରସ-ଅନୁଦାନ |
|---|---|---|---|---|
| 50 ୟୁନିଟ | ଉପଯୋଗ ମାସକୁ <= 50 ୟୁନିଟ ୟୁନିଟ ପିଛା 140 ପଇସା | 140 ପଇସା X 50 ୟୁନିଟ **= Rs.70** | 140 | (-) 66% |
| 200 ୟୁନିଟ | ଉପଯୋଗ ମାସକୁ <=50 ୟୁନିଟ <=200 ୟୁନିଟ ପିଛା 350 ପଇସା | 140 ପଇସା X 50 + 350 ପଇସା X 150 = **Rs.595/-** | 297 | (-) 28% |

| | | | | |
|---|---|---|---|---|
| 400 ୟୁନିଟ | ଉପଯୋଗ ମାସକୁ >200<=200 ୟୁନିଟ ୟୁନିଟ ପିଛା 430 ପଇସା | 140 ପଇସା X 50 + 350 ପଇସା X 150 + 430 ପଇସା X 200 = **Rs.1455** | 363 | (-)11% |
| 600 ୟୁନିଟ | ଉପଭୋଗ ମାସକୁ >400 <=600 ୟୁନିଟ ୟୁନିଟ ପିଛା 480 ପଇସା | 140 ପଇସା X 50 + 350 ପଇସା X 150 + 430 ପଇସା X 200 + 480 ପଇସା X 200 = **Rs.2415** | 400 | (-)1.5% |
| 700 ୟୁନିଟ | ଉପଭୋଗ ମାସକୁ >600 <=700 ୟୁନିଟ ୟୁନିଟ ପିଛା 480 ପଇସା | 140 ପଇସା X 50 + 350 ପଇସା X 150 + 430 ପଇସା X 200 + 480 ପଇସା X 200 + 480 ପଇସା X 100 = **Rs.2895** | 413 | (+)1.22% |

## (IX) ବିଦ୍ୟୁତ କ୍ରୟ ବ୍ୟୟର ବୃଦ୍ଧି କାରଣରୁ ଟାରିଫ୍‌ର ମୂଲ୍ୟ ବୃଦ୍ଧି ଅବଶ୍ୟମ୍ଭାବୀ

(i) ଉପଭୋକ୍ତାଙ୍କ ପାଇଁ ଖୁଚୁରା ଟାରିଫ୍ ମଧ୍ୟରେ ବଣ୍ଟନକାରୀ କମ୍ପାନୀମାନଙ୍କୁ ଗ୍ରୀଡକୋର ପର୍ଯ୍ୟାପ୍ତ ଯୋଗାଣ ମୂଲ୍ୟ, ବଣ୍ଟନକାରୀ କମ୍ପାନୀମାନଙ୍କର ଓପିଟିସିଏଲକୁ ପ୍ରଦତ୍ତ ବିଦ୍ୟୁତ ସରବରାହ ବାବଦ ବ୍ୟୟ ଏବଂ ସେମାନଙ୍କ ବଣ୍ଟନ ନେଟ୍‌ୱର୍କର ରକ୍ଷଣାବେକ୍ଷଣ ପାଇଁ ବଣ୍ଟନକାରୀ କମ୍ପାନୀମାନଙ୍କ ଦ୍ୱାରା ବ୍ୟୟିତ ଏସ୍ଏଲଡିସି ଦେୟ ଓ ବଣ୍ଟନଜନିତ ବ୍ୟୟ ଅନ୍ତର୍ଭୁକ୍ତ । ବଣ୍ଟନକାରୀ କମ୍ପାନୀମାନଙ୍କ ପାଇଁ ହାରାହାରି ଟାରିଫ୍ ମଧ୍ୟରେ ବିଦ୍ୟୁତ କ୍ରୟ ବାବଦକୁ 57.33%, ସଞ୍ଚାରଣ ଓ ଏସ୍ଏଲଡିସି ଦେୟ ବାବଦକୁ 6% ଏବଂ ବଣ୍ଟନଜନିତ ବ୍ୟୟ ବାବଦକୁ 36.42% ଅନ୍ତର୍ଭୁକ୍ତ । ଯଦି ଉତ୍ପାଦନ ବ୍ୟୟରେ ବୃଦ୍ଧି ଘଟେ ଓ ପରିଣାମମୂଳକ ଭାବରେ ଗ୍ରୀଡକୋର ବିଦ୍ୟୁତ କ୍ରୟ ବ୍ୟୟରେ ବୃଦ୍ଧି ଘଟେ ତେବେ ଖୁଚୁରା ଟାରିଫ୍ ନିଶ୍ଚିତ ରୂପେ ବୃଦ୍ଧି ପାଇବ । ସେହିଭଳି, ଯେତେବେଳେ ଓପିଟିସିଏଲ୍ ଗ୍ରୀଡ୍ ସବଷ୍ଟେସନକୁ ଉନ୍ନତତର କରେ, ବିଦ୍ୟୁତ ଟ୍ରାନ୍ସଫର୍ମର କିମ୍ବା ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ ଓ ବିଦ୍ୟୁତ ସରବରାହ ଲାଇନ ଇତ୍ୟାଦି ନିର୍ମାଣ କରେ ଗ୍ରୀଡ୍‌କୋକୁ ବିଭିନ୍ନ ଅର୍ଥଯୋଗାଣକାରୀ ଅନୁଷ୍ଠାନମାନଙ୍କଠାରୁ ଋଣ ଉଠାଇବାକୁ ହୁଏ ଏବଂ ଏହାକୁ ବିଦ୍ୟୁତ ସରବରାହ ଦେୟ ଭାବେ ବଣ୍ଟନକାରୀ କମ୍ପାନୀମାନଙ୍କଠାରୁ ଅସୁଲ କରିବାକୁ ହୁଏ, ଯାହାର ଭାର ଶେଷରେ ଉପଭୋକ୍ତାମାନଙ୍କ ଉପରେ ହିଁ ପଡେ ।

**(ii)** ମୁଖ୍ୟତଃ ବିଦ୍ୟୁତ ବ୍ୟୟର ବୃଦ୍ଧି କାରଣରୁ କିପରି ହାରାହାରି ଯୋଗାଣ ବ୍ୟୟରେ ଓ ହାରାହାରି ଖୁଚୁରା ଟାରିଫ୍‌ରେ ବୃଦ୍ଧି ଘଟୁଛି, ତାହା ନିମ୍ନପ୍ରଦତ୍ତ ଟେବୁଲରେ ପ୍ରଦର୍ଶିତ ।

ଟେବୁଲ **- 13**

**ଆୟୋଗ ଦ୍ୱାରା ଅନୁମୋଦିତ ପର୍ଯ୍ୟାପ୍ତ ଯୋଗାଣ, ସରବରାହ ଓ ଖୁଚୁରା ଟାରିଫ୍‌ର ତୁଳନାତ୍ମକ ସ୍ଥିତି**

| | | 2008-09 | 2009-10 | 2010-11 | 2011-12 | % ବୃଦ୍ଧି |
|---|---|---|---|---|---|---|
| 1 | ଓଏଚପିସି ବିଦ୍ୟୁତର ହାରାହାରି ମୂଲ୍ୟ | 53.35 | 59.36 | 64.40 | 68.01 | 6% |
| 2 | ମାଛକୁଣ୍ଡ ସମେତ ଓଏଚପିସି ବିଦ୍ୟୁତର ହାରାହାରି ମୂଲ୍ୟ (ପ/ୟୁ) | 52.01 | 57.63 | 62.51 | 65.96 | 6% |
| 3 | ଗ୍ରୀଡକୋ ବିଦ୍ୟୁତ କ୍ରୟର ହାରାହାରି ମୂଲ୍ୟ (ପ/ୟୁ) | 127.40 | 148.27 | 174.58 | 210.32 | 20.47% |
| 4 | ହାରାହାରି ବିଏସ୍‌ପି (ପ/ୟୁ) | 122.15 | 122.20 | 170.25 | 231.65 | 36.06^ |
| **5** | ବିଏସ୍‌ପି ଓ ବିଦ୍ୟୁତ କ୍ରୟ ମଧ୍ୟରେ ତଫାତ୍ (ପ/ୟୁ) **(3) – (4) / (4) – (3)** ଯଥା ସ୍ଥିତି | **-5.25** | **-26.07** | **-4.33** | **21.33** | |
| **6** | ବିଏସ୍‌ପିର ବିଭାଜନ (ପ/ୟୁ) | | | | | |
| | ସେସୁ | 101.50 | 101.50 | 157.00 | 219.00 | 40% |
| | ନେସ୍କୋ | 125.00 | 130.00 | 195.00 | 262.00 | 35% |
| | ୱେସ୍କୋ | 157.25 | 154.00 | 194.00 | 262.00 | 35% |
| | ସାଉଥ୍‌କୋ | 70.00 | 70.00 | 90.00 | 135.00 | 50% |
| | ମୋଟ | **122.15** | **122.20** | **170.25** | **213.65** | **36.06%** |
| 7 | ହାରାହାରି ବିଦ୍ୟୁତ ସରବରାହ ଦେୟ (ପ/ୟୁ) | 21.00 | 20.50 | 23.50 | 25.00 | 7% |
| | ଡିସ୍‌କମ୍‌ସ | | | | | |
| | ହାରାହାରି ଯୋଗାଣ ବ୍ୟୟ | **272** | **263** | **327.37** | **408.87** | **25.00%** |
| 8 | ହାରାହାରି ଆରଏସ୍‌ଟି (ପ/ୟୁ) (ରାଜସ୍ୱ) | 281.40 | 265.15 | 320.58 | 404.01 | 26.02%* |
| 9 | ହାରାହାରି ବିଏସ୍‌ପି (ପ/ୟୁ) | 122.15 | 122.20 | 170.25 | 231.65 | 36.06% |
| 10 | ଏସ୍‌ଏଲ୍‌ଡିସି ସମେତ ସଞ୍ଚାରଣ ବ୍ୟୟ | 21.00 | 21.00 | 23.68 | 25.18 | 7.0% |
| ***11*** | ***ଡିସ୍‌କମ୍‌ସ ତୁଳନାରେ ତଫାତ୍ (8 – 9 – 10) (ପ/ୟୁ)*** | ***138.25*** | ***121.95*** | ***126.65*** | ***147.18*** | ***17%*** |
| **12** | ଭୋଲ୍‌ଟେଜ୍ ଓ୍ୱାରୀ ଖୁଚୁରା ଟାରିଫ୍‌ର ବିଭାଜନ | **2008-09** | **2009-10** | **2010-11** | **2011-12** | **% increase** |
| | ଇଏଚଟି | ***295.05*** | ***295.05*** | ***379.93*** | ***477.43*** | ***26&*** |
| | ଏଚଟି | ***308.68*** | ***308.68*** | ***383.68*** | ***482.43*** | ***26%*** |
| | ଏଲଟି | ***212.00*** | ***179.99*** | ***219.21*** | ***300.34*** | ***37%*** |
| | ସାମଗ୍ରିକ | ***281.40*** | ***265.15*** | ***320.58*** | ***404.01*** | ***19.74%***** |

* 2011-12 ପାଇଁ ରାଜସ୍ୱ ଆଧାର 19.74% ଥିବାବେଳେ 2010-11 ପାଇଁ ତାହା ଥିଲା 22.22%

** ରାଜସ୍ୱକୁ ରାଜସ୍ୱ 19.74% (ଟାରିଫ୍‌କୁ ଟାରିଫ୍ 2011-12ରେ 26.02% ଥିବାସ୍ଥଳେ 2010-11ରେ ଥିଲା 21%).

(iii) ଉପରସ୍ଥିତ ଟେବୁଲ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଦର ପ୍ରଦର୍ଶନ କରୁଛି; କିନ୍ତୁ ବାସ୍ତବରେ 2007-08ରେ ଆୟୋଗ ଅନୁମୋଦନ କରିଥିବା ଦର ତୁଳନାରେ ବିଦ୍ୟୁତ କ୍ରୟ ଦରରେ ବର୍ଷକୁ ବର୍ଷ ବୃଦ୍ଧି ଘଟୁଛି ।

2009-10 ପାଇଁ ଓଏଚପିସିଠାରୁ ଗ୍ରୀଡକୋ କିଣୁଥିବା (ମାଛକୁଣ୍ଡ ସମେତ) ହାରାହାରି ଜଳ ବିଦ୍ୟୁତର ଦର ଆୟୋଗ ଦ୍ୱାରା ଟ57.67 ପଇସା ଅନୁମୋଦିତ ହୋଇଥିବାସ୍ଥଳେ ବାସ୍ତବରେ ସେହି ଦର ଥିଲା ୟୁନିଟ ପିଛା ଟ73.43 ପଇସା । ଆୟୋଗ 2009-10 ପାଇଁ ଜଳ ବିଦ୍ୟୁତ କେନ୍ଦ୍ରମାନଙ୍କରୁ ମିଳୁଥିବା ବିଦ୍ୟୁତର ପରିମାଣ 6184.44 ଏମ୍‌ୟୁ ଅନୁମୋଦନ କରିଥିବା ସ୍ଥଳେ ଅନିୟମିତ ବର୍ଷା ଯୋଗୁଁ ରାଜ୍ୟ ଜଳ ବିଦ୍ୟୁତରୁ ମାତ୍ର 4056.07 ଏମ୍‌ୟୁ ବିଦ୍ୟୁତ ମିଳିଥିଲା । ଆୟୋଗଙ୍କ ଅନୁମୋଦନର ଆଧାର ଥିଲା ନମୁନାମୂଳକ ଜଳ ବିଦ୍ୟୁତ କେନ୍ଦ୍ରମାନଙ୍କର ମୂଳ ଡିଜାଇନ ବିଦ୍ୟୁତ ।

ସେହିଭଳି 2010-11 ପାଇଁ ଆୟୋଗ ୟୁନିଟ ପିଛା 62.51 ପଇସା ହାରାହାରି ଦରରେ (ମାଛକୁଣ୍ଡ ସମେତ କିନ୍ତୁ ମାଛକୁଣ୍ଡର ୟୁନିଟ ପିଛା 64.40 ପଇସା ବ୍ୟତୀତ) ଜଳ ବିଦ୍ୟୁତ କେନ୍ଦ୍ରମାନଙ୍କଠାରୁ 5881.74 ଏମ୍‌ୟୁ ବିଦ୍ୟୁତ ଅନୁମୋଦନ କରିଥିଲେ; କିନ୍ତୁ ଡିସେମ୍ବର ଶେଷସୁଦ୍ଧା ଗ୍ରୀଡକୋ ୟୁନିଟ ପିଛା ହାରାହାରି 71.44 ପଇସାରେ ରାଜ୍ୟ ଜଳ ବିଦ୍ୟୁତ କେନ୍ଦ୍ରମାନଙ୍କରୁ 3635.58 ଏମ୍‌ୟୁ ବିଦ୍ୟୁତ କ୍ରୟ କରିଛି ।

2011-12 ବର୍ଷ ପାଇଁ ଆୟୋଗ ୟୁନିଟ ପିଛା ହାରାହାରି 65.96 ପଇସା ଦରରେ (ମାଛକୁଣ୍ଡ ସମେତ କିନ୍ତୁ ମାଛକୁଣ୍ଡର ୟୁନିଟ ପିଛା 68.01 ପଇସା ବ୍ୟତୀତ) ରାଜ୍ୟ ଜଳ ବିଦ୍ୟୁତ କେନ୍ଦ୍ରମାନଙ୍କଠାରୁ ସେମାନଙ୍କ ମୂଳ ଡିଜାଇନ ବିଦ୍ୟୁତ ଆଧାରରେ ନମୂନାମୂଳକ ଭାବରେ 5881.74 ଏମ୍‌ୟୁ ବିଦ୍ୟୁତ ଆକଳନ କରିଥିଲେ । 2009-10 ଓ 2010-11ର ଅନୁଭୂତି ଯାହା କହେ ଯଦି ଆୟୋଗଙ୍କ 2011-12 ପାଇଁ ଆକଳନ 5881.74 ଏମ୍‌ୟୁକୁ ଖସିଯାଏ, ତେବେ ବିଦ୍ୟୁତ କ୍ରୟର ଦର ୟୁନିଟ ପିଛା 65.96 ପଇସାକୁ ବୃଦ୍ଧି ପାଇବ ।

(iv) ଯଦି ଗ୍ରୀଡ୍‌କୋ ତାପଜ (ଓପିଜିସି, ଟିଟିପିଏସ, ଆଇପିପି, ସିଜିପି, ସହ-ଉତ୍ପାଦନକାରୀ ପ୍ଲାଣ୍ଟ, ଇତ୍ୟାଦି) କେନ୍ଦ୍ରମାନଙ୍କରୁ ବିଦ୍ୟୁତ କ୍ରୟ କରେ, ସେଥିପାଇଁ ଆୟୋଗ 2009-10 ବର୍ଷ ପାଇଁ ୟୁନିଟ ପିଛା 181.23 ପଇସା ହାରାହାରି ଦରରେ 6445.37 ଏମ୍‌ୟୁ ଅନୁମୋଦନ କରିଥିଲେ । କିନ୍ତୁ ଗ୍ରୀଡ୍‌କୋ ପ୍ରକୃତରେ ରାଜ୍ୟ ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କରୁ ୟୁନିଟ ପିଛା ହାରାହାରି 216.77 ପଇସା ଦରରେ 8869.10 ଏମ୍‌ୟୁ ବିଦ୍ୟୁତ କ୍ରୟ କଲା । 2010-11 ପାଇଁ, ଆୟୋଗ ୟୁନିଟ ପିଛା ହାରାହାରି 199.78 ପଇସା ଦରରେ ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କରୁ

8037.08 ଏମ୍‌ୟୁ ବିଦ୍ୟୁତ କ୍ରୟ କରିବା ପାଇଁ ଅନୁମୋଦନ କରିଥିଲେ; କିନ୍ତୁ ବାସ୍ତବରେ ଗ୍ରୀଡ୍‌କୋ 2010 ଡିସେମ୍ବର ଶେଷସୁଦ୍ଧା ରାଜ୍ୟ ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କଠାରୁ ୟୁନିଟ ପିଛା ହାରାହାରି 212.77 ପଇସାରେ 7526.38 ଏମ୍‌ୟୁ କ୍ରୟ କରିଛି । 2011-12 ବର୍ଷ ପାଇଁ ଆୟୋଗ ୟୁନିଟ ପିଛା ହାରାହାରି 221.25 ପଇସା ଦରରେ 10323.18 ଏମ୍‌ୟୁ ବିଦ୍ୟୁତ ରାଜ୍ୟ ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କଠାରୁ କ୍ରୟ କରିବାକୁ ଅନୁମୋଦନ କରିଛନ୍ତି । କୋଇଲା ଓ ଫର୍ନେସ ତେଲର ଦର ଲଗାତର ବଢୁଥିବା ଦୃଷ୍ଟିରୁ ଏବଂ ଅନୁଭବ ଦୃଷ୍ଟିରୁ ରାଜ୍ୟ ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କରୁ ବିଦ୍ୟୁତ କ୍ରୟର ପୂର୍ବାନୁମୋଦିତ ଦର ୟୁନିଟ ପିଛା 221.25 ପଇସାରୁ ଅଧିକ ହୋଇଯିବ ।

(v) ଗ୍ରୀଡ୍‌କୋର କେନ୍ଦ୍ରୀୟ ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କରୁ ବିଦ୍ୟୁତ କ୍ରୟ କ୍ଷେତ୍ରରେ ଦେଖାଯାଏ ଯେ 2009-10 ବର୍ଷ ପାଇଁ ଆୟୋଗ ୟୁନିଟ ପିଛା ହାରାହାରି 196.37 ପଇସାରେ 6836.56 ଏମ୍‌ୟୁ ବିଦ୍ୟୁତ କ୍ରୟ କରିବାକୁ ଅନୁମୋଦନ କରିଥିବା ସ୍ଥଳେ ଗ୍ରୀଡ୍‌କୋ ସେହିବର୍ଷ ପ୍ରକୃତରେ ୟୁନିଟ ପିଛା ହାରାହାରି 219.32 ପଇସାରେ 6575.73 ଏମ୍‌ୟୁ କ୍ରୟ କରିଛି । 2010-11 ବର୍ଷ ପାଇଁ ଆୟୋଗ କେନ୍ଦ୍ରୀୟ ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କରୁ ୟୁନିଟ ପିଛା ହାରାହାରି 243.54 ପଇସା ଦରରେ 5860.77 ଏମ୍‌ୟୁ କ୍ରୟ ନିମନ୍ତେ ଅନୁମୋଦନ କରିଥିଲେ, କିନ୍ତୁ 2010 ଡିସେମ୍ବର ଶେଷସୁଦ୍ଧା ଗ୍ରୀଡ୍‌କୋ ୟୁନିଟ୍ ପିଛା ହାରାହାରି 305.55 ପଇସା ଦରରେ 4487.27 ଏମ୍‌ୟୁ କିଣି ସାରିଛି । 2011-12 ବର୍ଷ ପାଇଁ ଆୟୋଗ କେନ୍ଦ୍ରୀୟ ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କଠାରୁ ୟୁନିଟ ପିଛା 311.02 ପଇସା ଦରରେ 6056.42 ଏମ୍‌ୟୁ କିଣିବା ପାଇଁ ଅନୁମୋଦନ କରିଛନ୍ତି । କିନ୍ତୁ କୋଇଲା ଦର ଓ ଫର୍ନେସ ତେଲ ଦର ଅବିରତ ବଢି ଚାଲିଥିବାରୁ ଯାହା 2009-10 ଓ 2010-11 ବର୍ଷର ଅନୁଭୂତିରୁ ଜଣାଯାଏ, ଏହି ଅନୁମୋଦିତ ଦର ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

(vi) ସମ୍ପୂର୍ଣ୍ଣ ଭାବରେ ଏହା ଦେଖାଯିବ ଯେ 2009-10 ପାଇଁ ଆୟୋଗ ରାଜ୍ୟର ବ୍ୟବହାର ସକାଶେ ବିଭିନ୍ନ ଉତ୍ସରୁ ହାରାହାରି ୟୁନିଟ ପିଛା 148.27 ପଇସାରେ 19719.37 ଏମ୍‌ୟୁ ବିଦ୍ୟୁତ କ୍ରୟ କରିବାକୁ ଅନୁମୋଦନ ଦେଇଥିବା ସ୍ଥଳେ ପ୍ରକୃତରେ ଗ୍ରୀଡ୍‌କୋ 2010-11ରେ ହାରାହାରି ୟୁନିଟ ପିଛା 201.72 ପଇସାରେ 21040.18 ଏମ୍‌ୟୁ କ୍ରୟ କରିଥିଲା ।

(vii) 2011-12 ପାଇଁ ରାଜ୍ୟର ବ୍ୟବହାର ସକାଶେ ବିଭିନ୍ନ ଉତ୍ସରୁ ଗ୍ରୀଡ୍‌କୋ ଦ୍ୱାରା ବିଦ୍ୟୁତ କ୍ରୟ କରିବାକୁ ଆୟୋଗ ୟୁନିଟ ପିଛା ହାରାହାରି 174.58 ପଇସା ଦରରେ 21003.75 ଏମ୍‌ୟୁ ଅନୁମୋଦନ କରିଥିଲେ; କିନ୍ତୁ 2010

ଡିସେମ୍ବର ଶେଷସୁଦ୍ଧା ଗ୍ରୀଡ୍‌କୋ ୟୁନିଟ ପିଛା ହାରାହାରି 203.35 ପଇସା ଦରରେ 17542.22 ଏମ୍‌ୟୁ କିଣିସାରିଛି । 2011-12 ପାଇଁ ୟୁନିଟ ପିଛା ହାରାହାରି 210.32 ପଇସା ଦରରେ 23489.18 ଏମ୍‌ୟୁ କିଣିବାକୁ ଆୟୋଗ ଅନୁମୋଦନ କରିଛନ୍ତି । ଏହି ସ୍ଥିତିର ସଂକ୍ଷିପ୍ତସାର ନିମ୍ନ ଟେବୁଲରେ ପ୍ରଦତ୍ତ :-

ଟେବୁଲ – 14

**ଅନୁମୋଦିତ ବିଦ୍ୟୁତ କ୍ରୟ ଦରର ତୁଳନାତ୍ମକ ସ୍ଥିତି**
**ପ୍ରକୃତ ବିଦ୍ୟୁତ ଏମ୍‌ୟୁରେ, ୟୁନିଟ ପିଛା ଦର ପଇସାରେ**

| ଉତ୍ପାଦନର ଉତ୍ସ | ରାଜ୍ୟ ହାଇଡ୍ରୋ | | ରାଜ୍ୟ ଥର୍ମାଲ | | କେନ୍ଦ୍ରୀୟ ଥର୍ମାଲ | | ମୋଟ ଗ୍ରୀଡ୍‌କୋ | |
|---|---|---|---|---|---|---|---|---|
| **ଆ.ବ. 2009-10** | ଆୟୋଗଙ୍କ ଅନୁମୋଦନ | ବାସ୍ତବ | ଆୟୋଗଙ୍କ ଅନୁମୋଦନ | ବାସ୍ତବ | ଆୟୋଗଙ୍କ ଅନୁମୋଦନ | ବାସ୍ତବ | ଆୟୋଗଙ୍କ ଅନୁମୋଦନ | ବାସ୍ତବ |
| ବିଦ୍ୟୁତ | 6184.44 | 4056.07 | 6445.37 | 8869.10 | 5905.22 | 5655.40 | 19719.37 | 21040.18 |
| ମୋଟ ଦର | 57.67 | 73.43 | 181.23 | 216.77 | 197.31 | 226.58 | 148.27 | 201.72 |
| ମୋଟ ବ୍ୟୟ | 356.64 | 297.83 | 1168.09 | 1922.58 | 1165.18 | 1281.40 | 2923.80 | 4244.27 |
| **ଆ.ବ. 2010-11** | | | | | | | | |
| ବିଦ୍ୟୁତ | 5881.74 | 3635.58 | 8037.08 | 7526.38 | 5860.77 | 4487.27 | 21003.75 | 17542.22 |
| ମୋଟ ଦର | 62.51 | 71.44 | 199.78 | 212.77 | 243.54 | 305.55 | 174.58 | 203.35 |
| ମୋଟ ବ୍ୟୟ | 367.65 | 259.71 | 1605.66 | 1601.40 | 1427.31 | 1371.10 | 3666.85 | 3567.22 |
| **ଆ.ବ. 2011-12** | | | | | | | | |
| ବିଦ୍ୟୁତ | 5881.74 | | 10323.18 | | 6056.42 | | 23489.18 | |
| ମୋଟ ଦର | 65.96 | | 221.25 | | 331.05 | | 210.32 | |
| ମୋଟ ବ୍ୟୟ | 387.96 | | 2284.03 | | 2004.97 | | 4940.30 | |

(ଏଠାରେ ସୂଚିତ 2009-10 ବର୍ଷର ଦର ସମୀକ୍ଷିତ ନୁହେଁ)

ଯଦିଓ ଗ୍ରୀଡ୍‌କୋ ଦ୍ୱାରା ବିଦ୍ୟୁତ କ୍ରୟ ନିମନ୍ତେ ଆୟୋଗ ୟୁନିଟ ପିଛା ହାରାହାରି 210.32 ପଇସା ଦର ଅନୁମୋଦନ କରିଛନ୍ତି, ତଥାପି କୋଇଲା, ଫର୍ନେସ ତେଲ ଆଦିର ଦର ବୃଦ୍ଧି ହେବା ଫଳରେ, ଯାହା ଅନୁଭୂତିରୁ ଜଣାପଡୁଛି, କେବଳ ବିଦ୍ୟୁତ ବ୍ୟବହାରରେ ପରିମାଣ ବଢିବ ନାହିଁ, କ୍ରୟ ଦର ମଧ୍ୟ ବଢିବ । ଏହି ସତ୍ୟ ପୂର୍ବ ଅନୁଚ୍ଛେଦମାନଙ୍କରେ କରାଯାଇଥିବା ବ୍ୟାଖ୍ୟାରୁ ପ୍ରମାଣିତ ହୁଏ ଯେ । ସଂପ୍ରତି ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କରେ ବ୍ୟବହୃତ 'ଏଫ୍' ଗ୍ରେଡ ଓ 'ଜି' ଗ୍ରେଡ କୋଇଲାର ଦର ଯଥାକ୍ରମେ 19% ଓ 23% (ହାରାହାରି 21%) ବୃଦ୍ଧି ବିଷୟରେ କୋଲ ଇଣ୍ଡିଆର ଏକ ସହଯୋଗୀ ସଂସ୍ଥା ମହାନଦୀ କୋଲ୍ ଫିଲ୍ଡ ଘୋଷଣା କରିଛି । ଅଧିକନ୍ତୁ ଏମ୍‌ସିଏଲ୍ ମଧ୍ୟ 01 ମାର୍ଚ୍ଚ 2011ଠାରୁ 5% ଉତ୍ପାଦନ ଶୁଳ୍କ ଲାଗୁ କରିଛି । କୋଇଲା ଦର ବୃଦ୍ଧି ଓ ଉତ୍ପାଦନ ଶୁଳ୍କ ବୃଦ୍ଧି ଦ୍ୱାରା

କୋଇଲା ଦର **29%** ବୃଦ୍ଧି ପାଇବାକୁ ଯାଉଛି । ଏହି ବୃଦ୍ଧି ଅବଶ୍ୟ **01.4.2011**ଠାରୁ ବୃଦ୍ଧି ପାଇବାକୁ ଥିବା ଟାରିଫ୍‌କୁ ଅନୁମୋଦନ ସମୟରେ ଆୟୋଗଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଏକ ଘଟକ ରୂପେ ଗୃହୀତ ହୋଇନାହିଁ । ଫଳତଃ ଏନ୍‌ଟିପିସି ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ଗ୍ରୀଡ୍‌କୋ କିଣୁଥିବା ବିଦ୍ୟୁତର ମୂଲ୍ୟ ୟୁନିଟ ପିଛା ଟ**3.50**ରୁ ଟ**4.00** ବୃଦ୍ଧି ପାଇବାକୁ ଯାଉଛି । ସରବରାହଜନିତ କ୍ଷତିକୁ ଦୃଷ୍ଟିରେ ରଖିଲେ, ଶେଷ ଉପଭୋକ୍ତାଙ୍କ କ୍ଷେତ୍ରରେ ଏହି ଦରବୃଦ୍ଧି ସମ୍ଭବତଃ ୟୁନିଟ ପିଛା **70-75** ପଇସା ବୃଦ୍ଧି ପାଇବ । ଉତ୍ପାଦନ ଶୁଳ୍କ ବୃଦ୍ଧି କାରଣରୁ ଓପିଜିସି ଉପରେ **7.50** କୋଟି ଟଙ୍କାର ଏକ ଅତିରିକ୍ତ ଭାର ପଡିବ ଯାହା ଗ୍ରୀଡ୍‌କୋର ବିଦ୍ୟୁତ କ୍ରୟ ଦର ବୃଦ୍ଧି କରିବ । (ବିଜିନେସ୍ ଷ୍ଟାଣ୍ଡାର୍ଡ ତା **30.3.2011**)

(viii) ଏତଦ୍ ବ୍ୟତୀତ, କୋଇଲା ଦର ଓ ଉତ୍ପାଦନ ଶୁଳ୍କର ବୃଦ୍ଧି ହେତୁ କୋଇଲା ଆମଦାନିରେ ବୃଦ୍ଧି ବିଦ୍ୟୁତ ଦରକୁ ୟୁନିଟ ପିଛା **70** ପଇସା ପର୍ଯ୍ୟନ୍ତ ବୃଦ୍ଧି କରାଇବ । (ଇଣ୍ଡିଆନ ଏକ୍ସପ୍ରେସ, ତା**21.2.2011** ରୁ ଉଦ୍ଧୃତି)

*"ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଆମଦାନି କୋଇଲାର ଦରବୃଦ୍ଧି ସମ୍ବନ୍ଧୀୟ ସୂଚନା ପ୍ରଦାନ ଏବଂ ବିଦ୍ୟୁତ ଉପଯୋଗିତାର ଆର୍ଥିକ ବ୍ୟବସ୍ଥାରେ ଅବନତି ମିଳିତ ଭାବରେ ବିଦ୍ୟୁତ ଉତ୍ପାଦନ ବ୍ୟୟକୁ କେଡବ୍ଲ୍ୟୁଏଚ ପିଛା **30-35** ବୃଦ୍ଧି କରିବାରେ ସହାୟକ ହୋଇଛି । ଏହା ଫଳରେ ଖୁବ୍ ଶୀଘ୍ର ସାଧାରଣ ମଣିଷର ମାସିକ ବିଦ୍ୟୁତ ବଜେଟ୍‌କୁ ଏକ ଶକ୍ତ ଧକ୍କା ଲାଗିବ । କୋଇଲାର ତୀବ୍ର ଅଭାବ ବିଦ୍ୟୁତ ଉପଯୋଗିତାକୁ ବେଶ୍ ପ୍ରଭାବିତ କରିଥିଲା ବୋଲି କହିବା ସଙ୍ଗେ ସଙ୍ଗେ ମନ୍ତ୍ରଣାଳୟ ଜିଓଏମ୍‌କୁ ଏକ ନୋଟ୍‌ରେ କହିଥିଲେ ଯେ ସିଆଇଏଲ୍ ଦ୍ୱାରା ଖୁବ୍ କମ୍ ଯୋଗାଣ ବିଦ୍ୟୁତ ଉପଯୋଗିତା ପାଇଁ ଅପେକ୍ଷାକୃତ ଅଧିକ ଥର୍ମାଲ କୋଇଲା ଆମଦାନି କରିବାକୁ ବାଧ କରିଛି । ମନ୍ତ୍ରଣାଳୟ କହିଲେ ଯେ ଥର୍ମାଲ କୋଇଲା ଆମଦାନି **2008-09**ରେ **16** ଏମ୍‌ଟି ଥିଲାବେଳେ, **2009-10**ରେ ଏହା ହଠାତ୍ ବଢିଯାଇ **23.2** ଏମ୍‌ଟିରେ ପହଞ୍ଚିଥିଲା । **2010-11** (ଅପ୍ରେଲ-ଡିସେମ୍ବର ସମୟ)ରେ କୋଇଲାର ସ୍ୱଳ୍ପ ଯୋଗାଣ ହେତୁ ବିଦ୍ୟୁତ ଉତ୍ପାଦନ କମ୍ପାନୀମାନେ **5.3** ବିଲିଅନ ୟୁନିଟ ଉତ୍ପାଦନ ଜନିତ କ୍ଷତି ସହିଛନ୍ତି ।"*

**X. ଉପସଂହାର :** କୋଇଲା ଦର ବୃଦ୍ଧିର ଧାରା, ଉତ୍ପାଦନ ବ୍ୟୟ ଓ ଉପଭୋକ୍ତାମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇ ଆୟୋଗଙ୍କ ଦ୍ୱାରା ଖୁଚୁରା ଟାରିଫ୍ ଧାର୍ଯ୍ୟ କରାଯାଇଛି । ଯଦି ଏହି ସମୟ ଭିତରେ ଗ୍ରୀଡ୍‌କୋ ଆୟୋଗଙ୍କ ଅନୁମୋଦିତ ଦରଠାରୁ ଅଧିକ ଦରରେ ବିଦ୍ୟୁତ କ୍ରୟକରେ, ତେବେ ତାହା ଅତିରିକ୍ତ ବ୍ୟୟ ନିୟାମକ ଦାୟ ଭାବରେ ଗୃହୀତ ହେବ, ଯାହା ଉପଭୋକ୍ତାମାନଙ୍କୁ ଏକ ନିର୍ଦ୍ଦିଷ୍ଟ ବର୍ଷରେ ଟାରିଫ୍ ଆଧିକ୍ୟରୁ ରକ୍ଷା କରିବା ଦୃଷ୍ଟିରୁ ପରବର୍ତ୍ତୀ

କାଳରେ ଏକ ଚଳନ୍ତି ବ୍ୟୟ (କ୍ୟାରିଂ କଷ୍ଟ)ରେ ପରିଣତ ହେବ । ଏପରି କରିବାବେଳେ ଉପଭୋକ୍ତାମାନଙ୍କର ଦେୟ ସାମର୍ଥ୍ୟ ଓ ବିଦ୍ୟୁତ ଅଧିନିୟମ, 2003ର ବୈଧାନିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖିବାକୁ ହେବ । କ୍ରସ ସହାୟକ ମୂଲ୍ୟ ହ୍ରାସ କରିବା, ଉପଭୋକ୍ତାମାନଙ୍କ ସ୍ୱାର୍ଥ ରକ୍ଷାକରିବା ଏବଂ ବ୍ୟବସାୟିକ ନୀତି ଆଧାରରେ ବିଦ୍ୟୁତ ଉପଯୋଗିତାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ନିମନ୍ତେ ଅନ୍ୟାନ୍ୟ ନୀତି ସହିତ ଟାରିଫ୍ ନୀତି, 2006 ଓ ଜାତୀୟ ବିଦ୍ୟୁତ ନୀତି, 2005ରେ ଏ ସମ୍ବନ୍ଧରେ ନିର୍ଦ୍ଦେଶ ଦିଆଯାଇଛି ।

## 2007-08 ପାଇଁ ଡିସ୍କମ୍‌ମାନଙ୍କର ରାଜସ୍ୱ ଓ ବ୍ୟୟ (କୋଟି ଟଙ୍କାରେ)

| | ୱେସ୍କୋ | | | ନେସ୍କୋ | | | ସାଉଥ୍‌କୋ | | | ସେସୁ | | |
|---|---|---|---|---|---|---|---|---|---|---|---|---|
| ବ୍ୟୟ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ |
| ବିଦ୍ୟୁତ କ୍ରୟ ପାଇଁ ବ୍ୟୟ | 948.12 | 965.50 | 946.93 | 651.71 | 565.72 | 684.27 | 242.74 | 138.71 | 173.90 | 753.57 | 589.27 | 648.49 |
| ସଞ୍ଚାରଣ ବ୍ୟୟ | | 120.91 | | | 98.93 | | | 40.00 | | | 106.52 | |
| କର୍ମଚାରୀ ବ୍ୟୟ | 109.44 | 89.88 | 96.35 | 101.07 | 85.07 | 105.44 | 98.23 | 77.48 | 106.47 | 168.36 | 126.14 | 212.93 |
| ମରାମତି ଓ ରକ୍ଷଣାବେକ୍ଷଣ | 28.16 | 23.82 | 12.37 | 28.94 | 24.43 | 13.02 | 23.14 | 18.38 | 5.50 | 54.95 | 43.64 | 25.11 |
| ପ୍ରଶାସନ ଓ ସାଧାରଣ ବ୍ୟୟ | 23.77 | 17.48 | 17.17 | 17.78 | 12.83 | 9.86 | 20.72 | 12.08 | 13.14 | 16.46 | 14.03 | 13.84 |
| ବୁଡ଼ିଯିବା ତଥା ସଂଶୟାଚ୍ଛନ୍ନ ଋଣ ପାଇଁ ବ୍ୟବସ୍ଥା | 61.24 | 32.30 | 48.20 | 51.08 | 22.59 | 52.50 | 18.22 | 9.00 | 14.70 | 10.91 | 25.74 | 9.68 |
| ଅନ୍ୟାନ୍ୟ ବ୍ୟୟ | | | 7.98 | | | 14.06 | | | 8.29 | | | 26.88 |
| ଅବମୂଲ୍ୟାୟନ | 18.56 | 16.54 | 17.01 | 19.22 | 17.13 | 16.09 | 15.43 | 12.85 | 14.21 | 49.62 | 30.22 | 49.65 |
| ରାଜସ୍ୱ ପାଇଁ ଦେୟଯୋଗ୍ୟ ସୁଧ | 60.04 | 32.50 | 25.83 | 71.74 | 34.38 | 21.48 | 46.73 | 25.18 | 15.39 | 58.01 | 36.04 | 56.29 |
| ନିୟାମକ ସମ୍ପଦ ପାଇଁ ଚଳନ୍ତି ବ୍ୟୟ | 9.66 | 1.94 | | 11.25 | 3.16 | | 4.79 | 1.26 | | | 5.66 | |
| ଉପ-ମୋଟ | 1,258.99 | 1,300.86 | 1,171.84 | 952.79 | 864.23 | 916.72 | 470.00 | 334.94 | 351.60 | 1,111.88 | 977.26 | 1,042.87 |
| ଊଣା : ପୁଞ୍ଜିକୃତ ବ୍ୟୟ | 2.60 | 2.60 | 0.11 | 2.02 | 1.70 | 0.60 | 4.47 | | 0.54 | - | | 6.21 |
| ଊଣା : ପୂର୍ବ କାଳ (ବ୍ୟୟ, ଜମା) | | | 2.44 | | | 0.16 | | | (4.34) | | | (9.59) |
| ଊଣା : ପୂର୍ବ କାଳର ବ୍ୟୟ (ବ୍ୟୟ, ଜମା) | | | | | | | | | | | | |
| ମୋଟ ବ୍ୟୟ | 1,256.39 | 1,298.26 | 1,169.29 | 950.77 | 862.53 | 915.96 | 465.53 | 334.94 | 355.40 | 1,111.88 | 977.26 | 1,046.25 |
| ସ୍ୱତନ୍ତ୍ର ବିନିଯୋଗ | | | | | | | | | | | | |
| ପରିଶୋଧ ବାବଦକୁ ନିୟାମକ ସମ୍ପଦର ହସ୍ତାନ୍ତରୀକରଣ | 141.20 | - | | 265.97 | 41.36 | | 222.59 | 31.91 | | | 43.23 | |
| ଅତୀତ କ୍ଷତି (ବାସ୍ତବୀକରଣ) | 61.17 | - | | 94.68 | | | 116.97 | | | 907.90 | | |
| କର୍ମଚାରୀ ବ୍ୟୟର ବାସ୍ତବୀକରଣ (୨୦୦୬-୦୭) | | 7.88 | | | 11.89 | | | 5.34 | | | 7.83 | |
| ଆକସ୍ମିକ ଖର୍ଚ୍ଚପାଇଁ ଆରକ୍ଷଣ ଓ ମଧ୍ୟକାଳୀନ ବ୍ୟବସ୍ଥା | 1.96 | - | 0.97 | 2.01 | | 2.75 | 1.61 | | 1.42 | | | |
| ଉପ-ମୋଟ | 204.33 | 7.88 | 0.97 | 362.66 | 53.25 | 2.75 | 341.17 | 37.25 | 1.42 | 907.90 | 51.06 | - |
| ଅଂଶଧନ ଉପରେ ଆୟ | 7.78 | 7.78 | | 10.54 | 10.54 | | 6.03 | 6.03 | | 11.63 | 11.63 | |
| ମୋଟ (କ + ଖ + ଗ) | 1,468.50 | 1,313.92 | 1,170.26 | 1,323.97 | 926.32 | 918.71 | 812.73 | 378.22 | 356.82 | 2,031.41 | 1,039.95 | 1,046.25 |
| ଊଣା : ବିବିଧ ଆୟ | 3.00 | 22.06 | 37.60 | 3.17 | 22.93 | 55.43 | 4.29 | 14.53 | 25.11 | 10.87 | 13.37 | 46.68 |
| ମୋଟ ରାଜସ୍ୱ ଆବଶ୍ୟକତା | 1,465.50 | 1,291.86 | 1,132.66 | 1,320.80 | 903.39 | 863.28 | 808.44 | 363.69 | 331.71 | 2,020.54 | 1,026.58 | 999.57 |
| ବିଦ୍ୟୁତ ବିକ୍ରୟରୁ ରାଜସ୍ୱ | 1,224.86 | 1,291.92 | 1,083.51 | 851.43 | 903.48 | 896.37 | 303.68 | 359.91 | 305.92 | 909.07 | 1,029.64 | 895.03 |
| ତଫାତ୍ (ଗ୍ୟାପ) (+/-) | (240.64) | 0.06 | (49.15) | (469.37) | 0.09 | 33.09 | (504.76) | (3.78) | (25.79) | (1,111.47) | 3.06 | (104.54) |

## 2008-09 ପାଇଁ ଡିସ୍କମ୍‌ମାନଙ୍କର ରାଜସ୍ୱ ଓ ବ୍ୟୟ (କୋଟି ଟଙ୍କାରେ)

| | ୱେସ୍କୋ | | | ନେସ୍କୋ | | | ସାଉଥ୍‌କୋ | | | ସେସୁ | | |
|---|---|---|---|---|---|---|---|---|---|---|---|---|
| ବ୍ୟୟ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ |
| ବିଦ୍ୟୁତ କ୍ରୟ ପାଇଁ ବ୍ୟୟ | 665.28 | 893.18 | 1,133.10 | 453.97 | 582.50 | 663.62 | 151.07 | 138.60 | 194.89 | 698.88 | 537.95 | 754.69 |
| ସଞ୍ଚାରଣ ବ୍ୟୟ | 127.29 | 119.28 | | 102.51 | 97.86 | | 43.56 | 41.58 | | 126.34 | 111.30 | |
| କର୍ମଚାରୀ ବ୍ୟୟ | 152.36 | 109.97 | 135.58 | 140.84 | 102.33 | 127.83 | 145.65 | 93.06 | 115.71 | 167.59 | 163.19 | 242.14 |
| ମରାମତି ଓ ରକ୍ଷଣାବେକ୍ଷଣ | 33.01 | 25.66 | 17.90 | 32.70 | 25.87 | 20.86 | 30.72 | 19.08 | 7.79 | 58.54 | 41.87 | 34.79 |
| ପ୍ରଶାସନ ଓ ସାଧାରଣ ବ୍ୟୟ | 27.88 | 20.91 | 17.05 | 27.25 | 14.52 | 13.23 | 29.01 | 12.88 | 10.58 | 30.27 | 26.29 | 12.29 |
| ବୁଡ଼ିଯିବା ତଥା ସଂଶୟାଛନ୍ନ ଋଣ ପାଇଁ ବ୍ୟବସ୍ଥା | 39.97 | 31.28 | 41.06 | 46.21 | 23.50 | 44.06 | 19.57 | 8.29 | 7.69 | 8.14 | 27.38 | 16.58 |
| ଅନ୍ୟାନ୍ୟ ବ୍ୟୟ | | | 9.91 | | | 10.77 | | | 8.68 | | | 32.40 |
| ଅବମୂଲ୍ୟାୟନ | 21.79 | 16.95 | 14.88 | 21.73 | 17.18 | 13.80 | 20.55 | 12.73 | 14.54 | 83.39 | 27.53 | 49.48 |
| ରାଜସ୍ୱ ପାଇଁ ଦେୟଯୋଗ୍ୟ ସୁଧ | 50.25 | 25.72 | 27.54 | 60.61 | 22.91 | 24.08 | 45.47 | 12.85 | 15.64 | 73.98 | 42.86 | 65.16 |
| ନିୟାମକ ସମ୍ପଦ ପାଇଁ ଚଳନ୍ତି ବ୍ୟୟ | | 1.18 | | | 2.35 | | | 1.16 | | | 2.74 | |
| ଉପ-ମୋଟ | 1,117.83 | 1,244.12 | 1,397.02 | 885.82 | 889.02 | 918.25 | 485.60 | 340.24 | 375.52 | 1,247.13 | 981.10 | 1,207.53 |
| ଊଣା : ପୁଞ୍ଜିକୃତ ବ୍ୟୟ | 2.30 | | 0.23 | 1.05 | | 0.65 | 1.94 | | 0.22 | | | 6.24 |
| ଊଣା : ପୂର୍ବ କାଳ (ବ୍ୟୟ, ଜମା) | | | 0.25 | | | 0.23 | | | 3.32 | | | 10.38 |
| ଊଣା : ପୂର୍ବ କାଳର ବ୍ୟୟ (ବ୍ୟୟ, ଜମା) | | | | | | | | | | | | |
| ମୋଟ ବ୍ୟୟ | 1,115.53 | 1,244.12 | 1,396.54 | 884.77 | 889.02 | 917.37 | 483.66 | 340.24 | 371.98 | 1,247.13 | 981.10 | 1,190.91 |
| ସ୍ୱତନ୍ତ୍ର ବିନିଯୋଗ | | | | | | | | | | | | |
| ପରିଶୋଧ ବାବଦକୁ ନିୟାମକ ସମ୍ପଦର ହସ୍ତାନ୍ତରୀକରଣ | 104.68 | | - | 145.42 | 65.00 | - | 112.09 | - | | | 118.00 | |
| ଅତୀତ କ୍ଷତି (ବାସ୍ତବୀକରଣ) | 222.47 | | | 56.79 | | | 97.26 | | | - | | |
| ଆକସ୍ମିକ ଖର୍ଚ୍ଚପାଇଁ ଆରକ୍ଷଣ | 2.29 | | 2.03 | 2.27 | | 2.04 | 2.14 | | 1.49 | | | |
| ମୋଟ | 329.44 | | 2.03 | 204.48 | 65.00 | 2.04 | 211.49 | - | 1.49 | | 118.00 | - |
| ଅଂଶଧନ ଉପରେ ଆୟ | 7.78 | 7.78 | | 10.55 | 10.55 | | 6.03 | 6.03 | | 11.64 | 11.64 | |
| ମୋଟ (କ + ଖ + ଗ) | 1,452.75 | 1,251.90 | 1,398.57 | 1,099.80 | 964.57 | 919.41 | 701.18 | 346.27 | 373.47 | 1,258.77 | 1,110.74 | 1,190.91 |
| ଊଣା : ବିବିଧ ଆୟ | 14.62 | 25.65 | 50.41 | 4.50 | 26.08 | 44.38 | 3.89 | 14.56 | 14.99 | 11.42 | 18.70 | 58.85 |
| ମୋଟ ବିତରଣ ବ୍ୟୟ | 1,438.13 | 1,226.25 | 1,348.16 | 1,095.30 | 938.49 | 875.03 | 697.29 | 331.71 | 358.48 | 1,247.35 | 1,092.04 | 1,132.06 |
| ମୋଟ ରାଜସ୍ୱ ଆବଶ୍ୟକତା | 1,438.13 | 1,226.25 | 1,348.16 | 1,095.30 | 938.49 | 875.03 | 697.29 | 331.71 | 358.48 | 1,247.35 | 1,092.04 | 1,132.06 |
| ସାମ୍ପତ୍ୟ ରାଜସ୍ୱ (ସମ୍ପୂର୍ଣ୍ଣ ବର୍ଷ) | 1,161.84 | 1,251.08 | 1,359.58 | 924.28 | 939.94 | 873.51 | 326.24 | 331.77 | 327.77 | 1,085.66 | 1,095.05 | 1,027.73 |
| ତଫାତ୍ (ଗ୍ୟାପ) (+/-) | (276.29) | 24.83 | 11.42 | (171.02) | 1.45 | (1.52) | (371.05) | 0.06 | (30.71) | (161.69) | 3.01 | (104.33) |

## 2009-10 ଆର୍ଥିକ ବର୍ଷ ପାଇଁ ଡିସ୍‌କମ୍‌ମାନଙ୍କର ରାଜସ୍ୱ ଆବଶ୍ୟକତା (କୋଟି ଟଙ୍କାରେ)

| | ୱେସ୍କୋ | | | ନେସ୍କୋ | | | ସାଉଥ୍‌କୋ | | | ସେସୁ | |
|---|---|---|---|---|---|---|---|---|---|---|---|
| ବ୍ୟୟ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ | ପ୍ରସ୍ତାବିତ | ଅନୁମୋଦିତ | ସମୀକ୍ଷିତ | ପ୍ରସ୍ତାବିତ | ଅନୁମୋଦିତ |
| ବିଦ୍ୟୁତ କ୍ରୟ ପାଇଁ ବ୍ୟୟ | 863.30 | 990.22 | 1,090.22 | 519.85 | 557.05 | 709.08 | 164.50 | 151.27 | 205.03 | 613.54 | 613.57 |
| ସଞ୍ଚାରଣ ବ୍ୟୟ | 132.09 | 135.03 | | 91.51 | 89.99 | | 49.35 | 45.38 | | 126.94 | 126.95 |
| ମୋଟ ବିଦ୍ୟୁତ କ୍ରୟ ଓ ସଞ୍ଚାରଣ ବ୍ୟୟ (କ) | 995.39 | 1,125.25 | 1,090.22 | 611.35 | 647.04 | 709.08 | 213.85 | 196.65 | 205.03 | 740.48 | 740.52 |
| କର୍ମଚାରୀବ୍ୟୟ | 182.79 | 138.88 | 150.98 | 163.12 | 114.28 | 103.63 | 172.28 | 98.59 | 118.15 | 229.35 | 194.85 |
| ମରାମତି ଓ ରକ୍ଷଣାବେକ୍ଷଣ | 94.91 | 27.01 | 18.01 | 105.47 | 27.88 | 22.80 | 106.22 | 20.73 | 11.60 | 51.46 | 40.46 |
| ପ୍ରଶାସନ ଓ ସାଧାରଣ ବ୍ୟୟ | 37.05 | 22.81 | 16.64 | 30.66 | 15.75 | 15.44 | 33.74 | 14.79 | 12.39 | 50.96 | 28.82 |
| ବୁଡ଼ିଯିବା ତଥା ସଂଶୟାଚ୍ଛନ୍ନ ଋଣ ପାଇଁ ବ୍ୟବସ୍ଥା | 47.78 | 26.66 | 56.17 | 36.20 | 16.80 | 82.43 | 18.20 | 7.47 | 6.20 | 60.61 | 24.89 |
| ଅନ୍ୟାନ୍ୟ ବ୍ୟୟ | | | 9.52 | | | 38.38 | | | 9.31 | | |
| ଅବମୂଲ୍ୟାୟନ | 27.44 | 17.87 | 14.25 | 24.11 | 18.53 | 14.09 | 24.45 | 13.83 | 13.55 | 73.46 | 26.63 |
| ରାଜସ୍ୱ ପାଇଁ ଦେୟଯୋଗ୍ୟ ସୁଧ | 46.20 | 30.01 | 33.47 | 58.88 | 24.94 | 27.53 | 46.41 | 14.05 | 17.00 | 81.46 | 47.45 |
| ଉପ-ମୋଟ | 1,431.56 | 1,388.49 | 1,389.26 | 1,029.79 | 865.21 | 1,013.38 | 615.15 | 366.11 | 393.23 | 1,287.78 | 1,103.61 |
| ଊଣା : ପୁଞ୍ଜିକୃତ ବ୍ୟୟ | 2.47 | 2.47 | 0.32 | 0.93 | 0.55 | 0.38 | 2.38 | 2.38 | 0.10 | | |
| ଊଣା : ପୂର୍ବବର୍ତ୍ତୀ ସମୟ (ବ୍ୟୟ, ଜମା) | | | (0.18) | | 0.25 | (1.19) | | | | 0.23 | |
| ଊଣା : ପୂର୍ବବର୍ତ୍ତୀ ସମୟ ବ୍ୟୟ (ବ୍ୟୟ, ଜମା) | | | | | | | | | | | |
| ମୋଟ କାର୍ଯ୍ୟକାରିତ ଓ ରକ୍ଷଣାବେକ୍ଷଣ | 1,429.09 | 1,386.02 | 1,389.12 | 1,028.86 | 864.66 | 1,014.19 | 612.77 | 363.73 | 393.13 | 1,287.78 | 1,103.61 |
| ଅଂଶଧନ ଉପରେ ସୁଧ | 9.03 | 7.78 | | 12.23 | 10.55 | | 8.11 | 6.03 | | 11.64 | 11.64 |
| ମୋଟ ବିତରଣ ବ୍ୟୟ (ଖ) | 1,438.12 | 1,393.80 | 1,389.12 | 1,041.09 | 875.21 | 1,014.19 | 620.88 | 369.76 | 393.13 | 1,299.42 | 1,115.25 |
| ପରିଶୋଧ ବାବଦକୁ ନିୟାମକ ସମ୍ପଦର ହସ୍ତାନ୍ତରୀକରଣ | 181.58 | - | | 184.39 | - | | 185.27 | 19.00 | | - | 151.00 |
| ଅତୀତ କ୍ଷତିର ବାସ୍ତବୀକରଣ | 128.83 | - | | 71.87 | - | | 64.67 | - | | - | - |
| ଆକସ୍ମିକ ଖର୍ଚ୍ଚପାଇଁ ଆରକ୍ଷଣ | 2.88 | - | 2.17 | 2.52 | - | 2.39 | 2.55 | - | 1.62 | - | - |
| ମୋଟ ସ୍ୱତନ୍ତ୍ର ବିନିଯୋଗ (ଗ) | 313.29 | - | 2.17 | 258.78 | - | 2.39 | 252.49 | 19.00 | 1.62 | - | 151.00 |
| ମୋଟ ବ୍ୟୟ (କ + ଖ + ଗ) | 1,751.41 | 1,393.80 | 1,391.29 | 1,299.87 | 875.21 | 1,016.58 | 873.37 | 388.76 | 394.75 | 1,299.42 | 1,266.25 |
| ଊଣା : ବିବିଧ ଆୟ | 16.89 | 22.15 | 63.44 | 9.95 | 35.79 | 59.73 | 9.72 | 15.81 | 17.37 | 17.27 | 22.79 |
| ମୋଟ ରାଜସ୍ୱ ଆବଶ୍ୟକତା | 1,734.52 | 1,371.65 | 1,327.85 | 1,289.92 | 839.42 | 956.85 | 863.65 | 372.95 | 377.38 | 1,282.15 | 1,243.46 |
| ସାମ୍ଭବ୍ୟ ରାଜସ୍ୱ (ସମ୍ପୂର୍ଣ୍ଣ ବର୍ଷ) | 1,388.87 | 1,332.75 | 1,297.89 | 905.01 | 839.80 | 923.96 | 364.00 | 373.63 | 335.93 | 1,212.27 | 1,244.27 |
| ତଫାତ୍ (ଗ୍ୟାପ) (+/-) | (345.65) | (38.89) | (29.96) | (384.91) | 0.38 | (32.89) | (499.65) | 0.68 | (41.45) | (69.88) | 0.81 |

ଟିପ୍ପଣୀ – 2009-10 ଆର୍ଥିକ ବର୍ଷ ପାଇଁ ସେସୁର ସମୀକ୍ଷିତ ହିସାବ ଉପଲବ୍ଧ ନୁହେଁ।

| 2010-11 ଆର୍ଥିକ ବର୍ଷ ପାଇଁ ଡିସ୍କମ୍ମାନଙ୍କର ରାଜସ୍ୱ ଆବଶ୍ୟକତା (କୋଟି ଟଙ୍କାରେ) | | | | | | | | |
|---|---|---|---|---|---|---|---|---|
| | ୱେସ୍କୋ | | ନେସ୍କୋ | | ସାଉଥ୍କୋ | | ସେସୁ | |
| ବ୍ୟୟ | ପ୍ରସ୍ତାବିତ | ଅନୁମୋଦିତ | ପ୍ରସ୍ତାବିତ | ଅନୁମୋଦିତ | ପ୍ରସ୍ତାବିତ | ଅନୁମୋଦିତ | ପ୍ରସ୍ତାବିତ | ଅନୁମୋଦିତ |
| ବିଦ୍ୟୁତ କ୍ରୟ ପାଇଁ ବ୍ୟୟ | 1,137.50 | 1,211.34 | 841.57 | 998.79 | 230.23 | 213.12 | 906.39 | 1,007.94 |
| ସଞ୍ଚାରଣ ବ୍ୟୟ | | 146.73 | | 120.37 | | 55.65 | | 150.87 |
| ଏସ୍ଏଲ୍ଡିସି ବ୍ୟୟ | | 1.11 | | 0.91 | | 0.42 | | 1.14 |
| ମୋଟ ବିଦ୍ୟୁତ କ୍ରୟ, ସଞ୍ଚାରଣ ଓ ଏସ୍ଏଲ୍ଡିସି ବ୍ୟୟ (କ) | 1,137.50 | 1,359.18 | 841.57 | 1,120.07 | 230.23 | 269.19 | 906.39 | 1,159.95 |
| କର୍ମଚାରୀ ବ୍ୟୟ | 250.00 | 166.73 | 232.53 | 147.58 | 199.40 | 133.96 | 433.62 | 223.63 |
| ମରାମତି ଓ ରକ୍ଷଣାବେକ୍ଷଣ | 109.44 | 34.77 | 126.97 | 37.22 | 103.380 | 26.11 | 133.85 | 51.19 |
| ପ୍ରଶାସନ ଓ ସାଧାରଣ ବ୍ୟୟ | 36.55 | 24.79 | 42.20 | 17.11 | 34.70 | 17.96 | 99.22 | 35.86 |
| ବୁଡିଯିବା ଆଶଙ୍କା ଥିବା ଋଣ ପାଇଁ ବ୍ୟବସ୍ଥା | 47.63 | 20.85 | 41.21 | 13.14 | 11.60 | 6.89 | 59.13 | 22.02 |
| ଅବମୂଲ୍ୟାୟନ | 31.92 | 19.72 | 38.47 | 21.45 | 16.85 | 14.12 | 82.34 | 30.45 |
| ରାଜସ୍ୱ ପାଇଁ ଦେୟଯୋଗ୍ୟ ସୁଧ | 58.13 | 33.77 | 65.31 | 26.57 | 48.34 | 15.41 | 80.99 | 49.37 |
| ଉପ-ମୋଟ | 533.67 | 300.63 | 546.69 | 263.07 | 414.27 | 214.45 | 889.15 | 412.52 |
| ଊଣା : ପୁଞ୍ଜିକୃତ ବ୍ୟୟ | 2.13 | 2.52 | 3.59 | 0.56 | 1.63 | | | |
| ମୋଟ କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ବ୍ୟୟ | 531.54 | 298.11 | 543.10 | 262.51 | 412.64 | 214.45 | 889.15 | 412.52 |
| ଅଂଶଧନ ଉପରେ ଆୟ | 9.03 | 7.78 | 12.23 | 10.55 | 8.11 | 6.03 | 11.64 | 11.64 |
| ମୋଟ ବିତରଣ ବ୍ୟୟ (ଖ) | 540.57 | 305.89 | 555.33 | 273.06 | 420.75 | 220.48 | 900.79 | 424.16 |
| ପରିଶୋଧ ବାବଦକୁ ନିୟାମକ ସମ୍ପଦର ହସ୍ତାନ୍ତରୀକରଣ | 218.26 | | 117.21 | | 371.44 | | | |
| ଅତୀତ କ୍ଷତିର ବାସ୍ତବୀକରଣ | 89.89 | | 172.95 | | 68.52 | | | |
| ଆକସ୍ମିକ ଖର୍ଚ୍ଚପାଇଁ ଆରକ୍ଷଣ | 3.35 | | 4.01 | | 1.75 | | | |
| ମୋଟ ସ୍ୱତନ୍ତ୍ର ବିନିଯୋଗ (ଗ) | 311.50 | | 294.17 | - | 441.71 | | | |
| ମୋଟ ବ୍ୟୟ (କ + ଖ + ଗ) | 1,989.57 | 1,665.07 | 1,691.07 | 1,393.13 | 1,092.69 | 489.67 | 1,807.18 | 1,584.11 |
| ଊଣା : ବିବିଧ ଆୟ | 19.75 | 28.98 | 17.31 | 41.72 | 9.76 | 17.20 | 20.27 | 34.73 |
| ମୋଟ ରାଜସ୍ୱ ଆବଶ୍ୟକତା | 1,969.82 | 1,636.10 | 1,673.76 | 1,351.41 | 1,082.93 | 472.47 | 1,786.91 | 1,549.38 |
| ସାମ୍ଭବ୍ୟ ରାଜସ୍ୱ (ସମ୍ପୂର୍ଣ୍ଣ ବର୍ଷ) | 1,345.00 | 1,638.42 | 1,081.17 | 1,362.53 | 386.59 | 473.78 | 1,182.60 | 1,550.81 |
| ତଫାତ୍ (ଗ୍ୟାପ) (+/-) | (624.82) | 2.32 | (592.59) | 11.12 | (696.34) | 1.31 | (604.31) | 1.43 |

ଟିପ୍ପଣୀ – 2010-11 ଆର୍ଥିକ ବର୍ଷ ପାଇଁ ଡିସ୍କମ୍ମାନଙ୍କ ସମୀକ୍ଷିତ ହିସାବ ଉପଲବ୍ଧ ନୁହେଁ।

| 2011-12 ଆର୍ଥିକ ବର୍ଷ ପାଇଁ ଡିସ୍କମ୍ମାନଙ୍କର ରାଜସ୍ୱ ଆବଶ୍ୟକତା (କୋଟି ଟଙ୍କାରେ) | | | | | | | | | | |
|---|---|---|---|---|---|---|---|---|---|---|
| | ୱେସ୍କୋ | | ନେସ୍କୋ | | ସାଉଥ୍କୋ | | ସେସୁ | | ମୋଟ | |
| ବ୍ୟୟ | ପ୍ରସ୍ତାବିତ | ଅନୁମୋଦିତ | ପ୍ରସ୍ତାବିତ | ଅନୁମୋଦିତ | ପ୍ରସ୍ତାବିତ | ଅନୁମୋଦିତ | ପ୍ରସ୍ତାବିତ | ଅନୁମୋଦିତ | ପ୍ରସ୍ତାବିତ | ଅନୁମୋଦିତ |
| ବିଦ୍ୟୁତ କ୍ରୟ ପାଇଁ ବ୍ୟୟ | 1,414.86 | 1,737.06 | 1,243.36 | 1,394.63 | 325.03 | 368.96 | 1,808.82 | 1,706.23 | 4,792.07 | 5,206.88 |
| ସଞ୍ଚାରଣ ବ୍ୟୟ | | 165.75 | | 133.08 | | 68.33 | | 194.78 | - | 561.94 |
| ଏସ୍ଏଲ୍ଡିସି ବ୍ୟୟ | | 1.19 | | 0.96 | | 0.49 | | 1.40 | | 4.04 |
| ମୋଟ ବିଦ୍ୟୁତ କ୍ରୟ, ସଞ୍ଚାରଣ ଓ ଏସ୍ଏଲ୍ଡିସି ବ୍ୟୟ (କ) | 1,414.86 | 1,904.00 | 1,243.36 | 1,528.67 | 325.03 | 437.78 | 1,808.82 | 1,902.41 | 4,792.07 | 5,772.86 |
| କର୍ମଚାରୀ ବ୍ୟୟ | 363.55 | 170.83 | 341.51 | 157.29 | 285.79 | 153.59 | 329.42 | 294.08 | 1,320.27 | 775.79 |
| ମରାମତି ଓ ରକ୍ଷଣାବେକ୍ଷଣ | 50.21 | 36.81 | 76.66 | 47.46 | 50.13 | 28.47 | 62.55 | 56.77 | 239.55 | 169.51 |
| ପ୍ରଶାସନ ଓ ସାଧାରଣ ବ୍ୟୟ | 38.40 | 30.81 | 40.41 | 23.54 | 39.43 | 24.87 | 61.28 | 45.95 | 179.52 | 125.17 |
| ବୁଡ଼ିଯିବା ଆଶଙ୍କା ଥିବା ଋଣ ପାଇଁ ବ୍ୟବସ୍ଥା | 47.16 | 13.54 | 27.19 | 8.91 | 10.35 | 5.15 | 17.86 | 16.16 | 102.56 | 43.77 |
| ଅବମୂଲ୍ୟାୟନ | 33.27 | 20.83 | 51.16 | 28.44 | 20.25 | 15.06 | 88.74 | 34.57 | 193.42 | 98.91 |
| ରାଜସ୍ୱ ପାଇଁ ଦେୟଯୋଗ୍ୟ ସୁଧ | 62.34 | 35.16 | 70.19 | 28.45 | 62.01 | 14.89 | 97.43 | 52.19 | 291.97 | 130.69 |
| ଉପ-ମୋଟ | 594.93 | 307.98 | 607.12 | 294.10 | 467.96 | 242.03 | 657.28 | 499.72 | 2,327.29 | 1,343.84 |
| ଊଣା : ପୁଞ୍ଜିକୃତ ବ୍ୟୟ | 0.85 | | 1.02 | | 2.30 | | | | 4.17 | - |
| ମୋଟ କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ବ୍ୟୟ | 594.08 | 307.98 | 606.10 | 294.10 | 465.66 | 242.03 | 657.28 | 499.72 | 2,323.12 | 1,343.84 |
| ଅଂଶଧନ ଉପରେ ଆୟ | 7.78 | 7.78 | 12.23 | 10.55 | 8.11 | 6.03 | 11.64 | 11.64 | 39.76 | 36.00 |
| ମୋଟ ବିତରଣ ବ୍ୟୟ (ଖ) | 601.86 | 315.76 | 618.33 | 304.65 | 473.77 | 248.06 | 668.92 | 511.36 | 2,362.88 | 1,379.84 |
| ପରିଶୋଧ ବାବଦକୁ ନିୟାମକ ସମ୍ପଦର ହସ୍ତାନ୍ତରୀକରଣ | 48.67 | | 21.11 | | 144.54 | 35.00 | | 7.30 | 214.32 | 42.30 |
| ଅତୀତ କ୍ଷତିର ବାସ୍ତବୀକରଣ | 182.05 | | 261.42 | | 123.10 | | | | 566.57 | - |
| ଆକସ୍ମିକ ଖର୍ଚ୍ଚପାଇଁ ଆରକ୍ଷଣ | 3.49 | | 5.32 | | 2.10 | | | | 10.91 | - |
| ମୋଟ ସ୍ୱତନ୍ତ୍ର ବିନିଯୋଗ (ଗ) | 234.21 | - | 287.85 | - | 269.74 | 35.00 | - | 7.30 | 791.80 | 42.30 |
| ମୋଟ ବ୍ୟୟ (କ + ଖ + ଗ) | 2,250.93 | 2,219.76 | 2,149.54 | 1,833.32 | 1,068.54 | 720.84 | 2,477.74 | 2,421.07 | 7,946.75 | 7,195.00 |
| ଊଣା : ବିବିଧ ଆୟ | 20.58 | 36.81 | 24.31 | 42.85 | 6.50 | 15.34 | 20.27 | 43.48 | 71.66 | 138.47 |
| ମୋଟ ରାଜସ୍ୱ ଆବଶ୍ୟକତା | 2,230.35 | 2,182.96 | 2,125.23 | 1,790.48 | 1,062.04 | 705.50 | 2,457.47 | 2,377.60 | 7,875.09 | 7,056.53 |
| ସାମ୍ବବ୍ୟ ରାଜସ୍ୱ (ସମ୍ପୂର୍ଣ୍ଣ ବର୍ଷ) | 1,557.93 | 2,199.30 | 1,359.38 | 1,808.68 | 517.54 | 716.79 | 1,786.05 | 2,384.80 | 5,220.90 | 7,109.57 |
| ତଫାତ୍ (ଗ୍ୟାପ) (+/-) | (672.42) | 16.34 | (765.85) | 18.20 | (544.50) | 11.29 | (671.42) | 7.20 | (2,654.19) | 53.04 |

ଟିପ୍ପଣୀ – 2011-12 ଆର୍ଥିକ ବର୍ଷ ପାଇଁ ସେସୁର ସମୀକ୍ଷିତ ହିସାବ ଉପଲବ୍ଧ ନୁହେଁ।

# ଅପ୍ରେଲ 01, 2011 ଠାରୁ କାର୍ଯ୍ୟକାରୀ ଖୁଚୁରା ଯୋଗାଣ ଟାରିଫ୍

| କ୍ର.ସଂ. | ଉପଭୋକ୍ତାଙ୍କ ବର୍ଗ | ଯୋଗାଣର ଭୋଲ୍ଟେଜ୍ | ଦାବି ଦେୟ (ଟଙ୍କା/କେଡବ୍ଲୁ / ମାସ)/ଟଙ୍କା/କେଭିଏ/ମାସ | ବିଦ୍ୟୁତ ଦେୟ (ପଇସା/କେଡବ୍ଲ୍ୟୁଏଚ୍) | ଉପଭୋକ୍ତା ସେବା ଦେୟ (ଟଙ୍କା/ମାସ) | ପ୍ରଥମ କେଡବ୍ଲ୍ୟୁ କିମ୍ବା ତାହାର ଅଂଶ ପାଇଁ ସ୍ଥିରୀକୃତ ସର୍ବନିମ୍ନ ମାସିକ ଦେୟ (ଟଙ୍କା) | ଯେକୌଣସି ଅତିରିକ୍ତ କେଡବ୍ଲ୍ୟୁ କିମ୍ବା ତାହାର ଅଂଶ (ଟଙ୍କା) | ରିହାତି (ପ/କେଡବ୍ଲ୍ୟୁ) |
|---|---|---|---|---|---|---|---|---|
| | **ଏଲ୍‌ଟି ବର୍ଗ** | | | | | | | |
| 1 | ଘରୋଇ | | | | | | | |
| 1.କ | କୁଟୀର ଜ୍ୟୋତି < 30 ୟୁନିଟ/ମାସ | ଏଲ୍‌ଟି | ସ୍ଥିରୀକୃତ ମାସିକ ଦେୟ ----> | | | 30 | | |
| 1. ଖ | ଅନ୍ୟାନ୍ୟ | | | | | | | 10 |
| | (ବ୍ୟବହାର <= 50 ୟୁନିଟ/ମାସ) | ଏଲ୍‌ଟି | | **140.00** | | 20 | 15 | |
| | (ବ୍ୟବହାର >50, <=200 ୟୁନିଟ/ମାସ) | ଏଲ୍‌ଟି | | **350.00** | | 20 | 15 | |
| | (ବ୍ୟବହାର >200, <=400 ୟୁନିଟ/ମାସ) | ଏଲ୍‌ଟି | | **430.00** | | 20 | 15 | |
| | ବ୍ୟବହାର >400 ୟୁନିଟ/ମାସ) | ଏଲ୍‌ଟି | | **480.00** | | 20 | 15 | |
| 2 | ସାଧାରଣ ଉଦ୍ଦେଶ୍ୟ < 110 କେଭିଏ | | | | | | | 10 |
| | ବ୍ୟବହାର <=100 ୟୁନିଟ/ମାସ) | ଏଲ୍‌ଟି | | **480.00** | | 30 | 25 | |
| | ବ୍ୟବହାର >100, <=300 ୟୁନିଟ/ମାସ) | ଏଲ୍‌ଟି | | **590.00** | | 30 | 25 | |
| | (ବ୍ୟବହାର >300 ୟୁନିଟ/ମାସ) | ଏଲ୍‌ଟି | | **660.00** | | 30 | 25 | |
| 3 | ସେଚନ ପମ୍ପିଂ ଓ କୃଷି | ଏଲ୍‌ଟି | | **110.00** | | 20 | 10 | 10 |
| 4 | କୃଷି ସମ୍ବନ୍ଧଯୁକ୍ତ କାର୍ଯ୍ୟକଳାପ | ଏଲ୍‌ଟି | | **120.00** | | 20 | 10 | 10 |
| 5 | କୃଷି-ଶିଳ୍ପ ସମ୍ବନ୍ଧଯୁକ୍ତ କାର୍ଯ୍ୟକଳାପ | ଏଲ୍‌ଟି | | **320.00** | | 80 | 50 | ଡିପିଏସ/ରିବେଟ୍ |
| 6 | ଜନସାଧାରଣ ଆଲୋକ | ଏଲ୍‌ଟି | | **480.00** | | 20 | 15 | ଡିପିଏସ/ରିବେଟ୍ |
| 7 | ଏଲ୍‌ଟି ଶିଳ୍ପ (ଏସ୍) ଯୋଗାଣ | ଏଲ୍‌ଟି | | **480.00** | | 80 | 35 | 10 |
| 8 | ଏଲ୍‌ଟି ଶିଳ୍ପ (ଏମ୍) ଯୋଗାଣ | ଏଲ୍‌ଟି | | **480.00** | | 100 | 50 | ଡିପିଏସ/ରିବେଟ୍ |
| 9 | ବିନିର୍ଦ୍ଦିଷ୍ଟ ଜନସାଧାରଣ ଉଦ୍ଦେଶ୍ୟ | ଏଲ୍‌ଟି | | **480.00** | | 50 | 50 | ଡିପିଏସ/ରିବେଟ୍ |
| 10 | ସର୍ବସାଧାରଣ ଜଳଯୋଗାଣ ଓ ସ୍ୱେରେଜ ପମ୍ପିଙ୍ଗ୍ <110 କେଭିଏ | ଏଲ୍‌ଟି | | **480.00** | | 50 | 50 | **10** |
| 11 | ସର୍ବସାଧାରଣ ଜଳଯୋଗାଣ ଓ ସ୍ୱେରେଜ ପମ୍ପିଙ୍ଗ୍ >=110 କେଭିଏ | ଏଲ୍‌ଟି | 200 | **480.00** | 30 | | | **10** |
| 12 | ସାଧାରଣ ଉଦ୍ଦେଶ୍ୟ >= 110 କେଭିଏ | ଏଲ୍‌ଟି | 200 | **480.00** | 30 | | | ଡିପିଏସ/ରିବେଟ୍ |
| 13 | ବୃହତ୍ ଶିଳ୍ପ | ଏଲ୍‌ଟି | 200 | **480.00** | 30 | | | ଡିପିଏସ/ରିବେଟ୍ |
| | **ଏଚ୍‌ଟି ବର୍ଗ** | | | | | | | |
| 14 | ପର୍ଯ୍ୟାପ୍ତ ଯୋଗାଣ - ଘରୋଇ | ଏଚ୍‌ଟି | 15 | **420.00** | 250 | | | 10 |
| 15 | ସେଚନ ପମ୍ପିଂ ଓ କୃଷି | ଏଚ୍‌ଟି | 30 | **100.00** | 250 | | | 10 |
| 16 | କୃଷି ସମ୍ବନ୍ଧଯୁକ୍ତ କାର୍ଯ୍ୟକଳାପ | ଏଚ୍‌ଟି | 30 | **110.00** | 250 | | | 10 |
| 17 | କୃଷି-ଶିଳ୍ପ ସମ୍ବନ୍ଧଯୁକ୍ତ କାର୍ଯ୍ୟକଳାପ | ଏଚ୍‌ଟି | 50 | **310.00** | 250 | | | ଡିପିଏସ/ରିବେଟ୍ |
| 18 | ବିନିର୍ଦ୍ଦିଷ୍ଟ ଜନସାଧାରଣ ଉଦ୍ଦେଶ୍ୟ | ଏଚ୍‌ଟି | 50 | ନିମ୍ନଲିଖିତ ଟିପ୍ପଣୀରେ ସଙ୍କେତ ଦିଆଯାଇଥିବା | 250 | | | ଡିପିଏସ/ରିବେଟ୍ |
| 19 | ସାଧାରଣ ଉଦ୍ଦେଶ୍ୟ > 70 କେଭିଏ < 110 କେଭିଏ | ଏଚ୍‌ଟି | 150 | | 250 | | | 10 |
| 20 | ଏଚ୍‌ଟି ଶିଳ୍ପ (ଏମ୍) ଯୋଗାଣ | ଏଚ୍‌ଟି | 150 | | 250 | | | ଡିପିଏସ/ରିବେଟ୍ |
| 21 | ସାଧାରଣ ଉଦ୍ଦେଶ୍ୟ >= 110 କେଭିଏ | ଏଚ୍‌ଟି | 200 | | 250 | | | ଡିପିଏସ/ରିବେଟ୍ |
| 22 | ସର୍ବସାଧାରଣ ଜଳଯୋଗାଣ ଓ ସ୍ୱେରେଜ ପମ୍ପିଙ୍ଗ୍ | ଏଚ୍‌ଟି | 200 | | 250 | | | **10** |
| 23 | ବୃହତ୍ ଶିଳ୍ପ | ଏଚ୍‌ଟି | 200 | | 250 | | | ଡିପିଏସ/ରିବେଟ୍ |
| 24 | ଶକ୍ତି ପ୍ରଗାଢ଼ ଶିଳ୍ପ | ଏଚ୍‌ଟି | 200 | | 250 | | | ଡିପିଏସ/ରିବେଟ୍ |
| 25 | କ୍ଷୁଦ୍ର ଇସ୍ପାତ ପ୍ଲାଣ୍ଟ | ଏଚ୍‌ଟି | 200 | | 250 | | | ଡିପିଏସ/ରିବେଟ୍ |
| 26 | ରେଳବାଇ ଟ୍ରାକ୍‌ସନ୍ | ଏଚ୍‌ଟି | 200 | | 250 | | | ଡିପିଏସ/ରିବେଟ୍ |
| 27 | ସିଜିପିକୁ ଜରୁରୀ ଯୋଗାଣ | ଏଚ୍‌ଟି | 0 | **650.00** | 250 | | | ଡିପିଏସ/ରିବେଟ୍ |
| 28 | କଲୋନୀ ବ୍ୟବହାର | ଏଚ୍‌ଟି | 0 | **450.00** | 0 | | | ଡିପିଏସ/ରିବେଟ୍ |
| | **ଇଏଚ୍‌ଟି ବର୍ଗ** | | | | | | | |
| 29 | ସାଧାରଣ ଉଦ୍ଦେଶ୍ୟ | ଇଏଚ୍‌ଟି | 200 | ନିମ୍ନଲିଖିତ ଟିପ୍ପଣୀରେ ସଙ୍କେତ ଦିଆଯାଇଥିବା | 700 | | | ଡିପିଏସ/ରିବେଟ୍ |
| 30 | ବୃହତ୍ ଶିଳ୍ପ | ଇଏଚ୍‌ଟି | 200 | | 700 | | | ଡିପିଏସ/ରିବେଟ୍ |
| 31 | ରେଳବାଇ ଟ୍ରାକ୍‌ସନ୍ | ଇଏଚ୍‌ଟି | 200 | | 700 | | | ଡିପିଏସ/ରିବେଟ୍ |
| 32 | ଭାରି ଶିଳ୍ପ | ଇଏଚ୍‌ଟି | 200 | | 700 | | | ଡିପିଏସ/ରିବେଟ୍ |

| | | | | | | | | |
|---|---|---|---|---|---|---|---|---|
| 33 | ଶକ୍ତି ପ୍ରଗାଢ ଶିଳ୍ପ | ଇଏଚଟି | 200 | | 700 | | | ଡିପିଏସ/ରିବେଟ୍ |
| 34 | କ୍ଷୁଦ୍ର ଇସ୍ପାତ ପ୍ଲାଣ୍ଟ | ଇଏଚଟି | 200 | | 700 | | | ଡିପିଏସ/ରିବେଟ୍ |
| 35 | ସିଜିପିକୁ ଜରୁରୀ ଯୋଗାଣ | ଇଏଚଟି | 0 | **640.00** | 700 | | | ଡିପିଏସ/ରିବେଟ୍ |
| 36 | କଲୋନୀ ବ୍ୟବହାର | ଇଏଚଟି | 0 | **440.00** | 0 | | | ଡିପିଏସ/ରିବେଟ୍ |

**ଟିପ୍ପଣୀ :**

**ଏଚ୍‌ଟି ଓ ଇଏଚ୍‌ଟି ଉପଭୋକ୍ତାମାନଙ୍କ ପାଇଁ ସ୍ଲାବ୍ ଦରରେ ବିଦ୍ୟୁତ ଦେୟ**

(ୟୁନିଟ ପ୍ରତି ପଇସା)

| ଲୋଡ ଫାକ୍ଟର (%) | ଏଚଟି | ଇଏଚଟି |
|---|---|---|
| 50% ପର୍ଯ୍ୟନ୍ତ | 475 | 470 |
| > 50% =< 60% | 430 | 425 |
| > 60% | 375 | 370 |

ବିଶଦ ବିବରଣୀ ପାଇଁ ଆୟୋଗଙ୍କ ଆଦେଶ ଦେଖାଯାଇପାରେ ।

**ଟିପ୍ପଣୀ :**

(i) ମାସକୁ >200 <=400 ଏବଂ >400 ୟୁନିଟ ଭଳି ଦୁଇଟି ନୂତନ ସ୍ତର ସୃଷ୍ଟି ହେବା ଫଳରେ ଏବଂ ମାସକୁ 0-<=50, 50-<=200 ୟୁନିଟ ଭଳି ପ୍ରଚଳିତ ଥିବା ସ୍ତରର ସଂଶୋଧନ ହେବାଦ୍ୱାରା 2011-12 ଆର୍ଥିକ ବର୍ଷରେ ବିଦ୍ୟୁତ ବ୍ୟବହାର ସ୍ତର ସଂଶୋଧିତ ହୋଇଛି ।

(ii) "ସେଚନ ପମ୍ପିଙ୍ଗ୍ ଓ କୃଷି" ଓ "କୃଷି ସମ୍ବନ୍ଧଯୁକ୍ତ କାର୍ଯ୍ୟକଳାପ" ଓ "କୃଷି-ଶିଳ୍ପ ସମ୍ବନ୍ଧଯୁକ୍ତ କାର୍ଯ୍ୟକଳାପ" ପାଇଁ ଟାରିଫ୍ 2011-12 ଆର୍ଥିକ ବର୍ଷରେ ଅପରିବର୍ତ୍ତିତ ରହିଛି ।

(iii) 2011-12 ଆର୍ଥିକ ବର୍ଷ ପାଇଁ ପୁନଃସଂଯୋଗ ଦେୟ ଅପରିବର୍ତ୍ତିତ ରହିଛି ।

(iv) 2011-12 ଆର୍ଥିକ ବର୍ଷ ପାଇଁ ମିଟର ଭଡା ଅପରିବର୍ତ୍ତିତ ରହିଛି ।

(v) 3 କେଡବ୍ଲ୍ୟୁ ପର୍ଯ୍ୟନ୍ତ ବା 3 କେଡବ୍ଲ୍ୟୁ ମଧ୍ୟରେ ନୂତନ ସଂଯୋଗ ବାବଦକୁ ଫ୍ଲାଟ ଦରରେ 1000 ଟଙ୍କା ଦେବାକୁ ହେବ । ଏହା ବ୍ୟତୀତ ସେମାନଙ୍କୁ ନିୟମ ଅନୁସାରେ ପ୍ରତିଭୂ ଅମାନତ ଏବଂ ପ୍ରକ୍ରିୟା ଖର୍ଚ୍ଚ ବାବଦକୁ 25 ଟଙ୍କା ଦେବାକୁ ହେବ । ଏହି ସେବା ସଂଯୋଗ ଦେୟ ମଧ୍ୟରେ ବ୍ୟବହୃତ ଦ୍ରବ୍ୟର ମୂଲ୍ୟ ଓ ପର୍ଯ୍ୟବେକ୍ଷଣ ଦେୟ ରହିଛି ।

(vi) ସ୍ଥିର ମିଟର/ଦାବି ଲିପିବଦ୍ଧ ହେଉଥିବା ମିଟର ପ୍ରତିଷ୍ଠା କ୍ଷେତ୍ରରେ ଲିପିବଦ୍ଧ ହୋଇଥିବା ଦାବିକୁ ନିକଟବର୍ତ୍ତୀ ପୂର୍ଣ୍ଣାଙ୍କ 0.5 କେଡବ୍ଲ୍ୟୁ ଭାବରେ ଗ୍ରହଣ କରାଯିବ । ଏହା ଚୁକ୍ତିପତ୍ରର ଦାବି ଅନୁସାରେ ହୋଇଛି କି ନାହିଁ, ତାହାର ସତ୍ୟାପନ ଦରକାର ନାହିଁ । ତେଣୁ 110 କେଭିଏରୁ କମ୍ ସଂଯୋଜିତ ଭାରର ସର୍ବନିମ୍ନ ମାସିକ ସ୍ଥିରୀକୃତ ଦେୟର ହିସାବ ପାଇଁ ଉପରୋକ୍ତ ଆଧାର ଅନୁସୃତ ହେବ ।

(vii) ସ୍ଥିର ମିଟର ଥିବା ଏବଂ 110 କେଭିଏ ଭାରରୁ କମ୍ ଚୁକ୍ତିବଦ୍ଧ ଦାବିଯୁକ୍ତ ଉପଭୋକ୍ତାମାନଙ୍କ କ୍ଷେତ୍ରରେ ଦାବି ବିଲ୍ ହିସାବ କଲାବେଳେ ସମ୍ପୃକ୍ତ ଆର୍ଥିକ ବର୍ଷରେ ଲିପିବଦ୍ଧ ହୋଇଥିବା ସର୍ବୋଚ୍ଚ ଦାବି ଗୃହୀତ ହେବ । ଏ କ୍ଷେତ୍ରରେ ସଂଯୋଜିତ ଭାର କେତେ ରହିଛି, ତାହାର ସତ୍ୟାପନ ଦରକାର ନାହିଁ ।

(viii) ସ୍ଥିର ମିଟର ଥିବା ତିନି ଫେଜ ଉପଭୋକ୍ତାମାନେ ଟିଓଡି ରିହାତି ପାଇବେ; ଏ କ୍ଷେତ୍ରରେ କିନ୍ତୁ ଜନସାଧାରଣ ଆଲୋକ ଏବଂ ଅଫ୍ ପିକ୍ ସମୟରେ ସିଜିପିକୁ ଜରୁରୀ ବିଦ୍ୟୁତ ଯୋଗାଣର ଦେୟ ବାବଦକୁ ଦେବାକୁ ପଡୁଥିବା ୟୁନିଟ ପ୍ରତି 10 ପଇସାକୁ ହିସାବକୁ ନିଆଯିବ ନାହିଁ । ଅଫ୍ ପିକ୍ ସମୟ ହେଉଛି ମଧ୍ୟରାତ୍ରି 12ଟାରୁ ପରଦିନ ସକାଳ 6ଟା ।

(ix) ମ୍ୟୁନିସିପାଲିଟି ବା ଏନ୍ଏସି ପରିସରରେ ରହୁଥିବା ସମସ୍ତ ଏଲ୍ଟି ଓ ଏଚ୍ଟି ପର୍ଯ୍ୟାପ୍ତ ଯୋଗାଣର ଘରୋଇ ଉପଭୋକ୍ତାମାନଙ୍କୁ ବିଦ୍ୟୁତ ବ୍ୟବହାର ବାବଦକୁ ୟୁନିଟ ପିଛା 10 ପଇସା ହାରରେ ରିହାତି ମିଳିବ; ଅବଶ୍ୟ ଏଥିପାଇଁ ସର୍ତ୍ତରହିଛି - ନିର୍ମାଣ ପ୍ରତି ସର୍ବୋଚ୍ଚ ମାସକୁ 50 ଟଙ୍କା ଏବଂ ଛାତ ଉପରେ ସୂର୍ଯ୍ୟ କିରଣ ଦ୍ୱାରା ଜଳ ଉତ୍ତପ୍ତ କରିବାର ସୁବିଧା ଥିବା ଘରପ୍ରତି ସର୍ବନିମ୍ନ 100 ଲିଟର । ଉପଭୋକ୍ତା ଅନ୍ୟଭାବେ ହାସଲ କରୁଥିବା ସମସ୍ତ ରିହାତି ସହିତ ଏହି ରିହାତି ପାଇବେ ।

(x) ସାଧାରଣ ରିହାତି ଉପଭୋଗ କରିବାର ସମୟସୀମା ମଧ୍ୟରେ ବିଲ ଦେୟ ପଇଠ କରୁଥିବା ଉପଭୋକ୍ତା ଯଦି ସର୍ବସାଧାରଣ ଜଳଯୋଗାଣ ଓ ମଇଳା ପାଣି ଉଠାଣ ଯୋଜନା ବର୍ଗର ଅନ୍ତର୍ଭୁକ୍ତ ହୋଇଥିବେ, ତେବେ ତାଙ୍କୁ 10% ସ୍ୱତନ୍ତ୍ର ରିହାତି ମିଳିବ ।

(xi) ଅଫ୍ ପିକ୍ ସମୟରେ ଚୁକ୍ତିବଦ୍ଧ ଦାବିର 12% ପର୍ଯ୍ୟନ୍ତ ବିଦ୍ୟୁତ ଉଠାଣ ପାଇଁ ଉପଭୋକ୍ତା ବିନା ଜୋରିମାନାରେ କ୍ଷମତାପ୍ରାପ୍ତ । ଟାରିଫ୍ ଆଦାୟ ପାଇଁ ଅଫ୍ ପିକ୍ ସମୟର ସଂଜ୍ଞା ନିରୂପିତ ହୋଇଛି – ମଧ୍ୟରାତ୍ରି 12ଟାରୁ ପରଦିନ ସକାଳ 6ଟା । ଅଫ୍ ପିକ୍ ସମୟ ବ୍ୟତୀତ ଅନ୍ୟ ସମୟରେ ଯେଉଁ ଉପଭୋକ୍ତାମାନେ ଚୁକ୍ତିବଦ୍ଧ ଦାବିଠାରୁ ଅଧିକ ପରିମାଣର ବିଦ୍ୟୁତ ଉଠାଣ କରନ୍ତି, ସେମାନେ ଏହି ସୁବିଧା ଉପଭୋଗ କରିପାରିବେ ନାହିଁ । ଯେତେବେଳେ ବୈଧାନିକ ଭାର ନିୟମ ଲାଗୁ କରାଯାଇଥିବ, ସେତେବେଳେ ନିର୍ଦ୍ଧାରିତ ଦାବି ହିଁ ଚୁକ୍ତିବଦ୍ଧ ଦାବି ଭାବରେ ଗୃହୀତ ହେବ ।

(xii) ଚୁକ୍ତିବଦ୍ଧ ଦାବି (CD) <70 କେଭିଏ ଯେଉଁ ସାଧାରଣ ଉପଭୋକ୍ତାମାନଙ୍କର ରହିଛି ସେମାନଙ୍କର ଭୋଲ୍ଟେଜ୍ ଯୋଗାଣର ହାର ଯାହା ଥାଉନା କାହିଁକି, ଟାରିଫ୍ ଉଦ୍ଦେଶ୍ୟରେ ସେମାନଙ୍କୁ ଏଲ୍ଟି ଉପଭୋକ୍ତା ଭାବରେ ଗ୍ରହଣ

କରାଯିବ । ଓଇଆରସି ବଣ୍ଟନ(ଯୋଗାଣର ସର୍ତ୍ତାବଳୀ) ସଂହିତା, 2004ର 76 (1) (c) ବିନିୟମ ଅନୁସାରେ 5 କେଡବ୍ଲ୍ୟୁରୁ ଉର୍ଦ୍ଧ୍ୱ 70 କେଭିଏ ପର୍ଯ୍ୟନ୍ତ ଓ 2-ଫେଜ, 3-ତାର କିମ୍ବା 3-ଫେଜ, 3-ଫେଜ କିମ୍ବା 4 ତାରରେ ଫେଜ୍‌ଗୁଡ଼ିକ ମଧ୍ୟରେ 400 ଭୋଲ୍ଟ ହେବ ।

(xiii) 'ଟେକ୍ ଅର ପେ' ଟାରିଫ୍ ପୁନଃପ୍ରଚଳିତ ହୋଇଛି । ଯେଉଁ ଏଚଟି ଓ ଇଏଚଟି ଉପଭୋକ୍ତାମାନଙ୍କର ଚୁକ୍ତିବଦ୍ଧ ଦାବି 110 କେଭିରୁ ଅଧିକ ସେମାନେ ଲିଖିତ ଭାବରେ ସେମାନଙ୍କ ଇଚ୍ଛା ଜଣାଇବେ ଯେ ସେମାନେ ବାସ୍ତବ ଉଠାଣ ଅନୁସାରେ ବିଦ୍ୟୁତ ଦେୟ ଦେବେ ନା ଚୁକ୍ତିବଦ୍ଧ ଦାବିର 75% ଲୋଡ୍ ଫାକ୍ଟର ଅନୁସାରେ ମାସିକ ବିଦ୍ୟୁତ ଦେୟ ମଧ୍ୟରେ ଯେଉଁଟି ଅଧିକ ସେଇଟି ଦେବେ । ବିଧିମାନ୍ୟ ସମୟ ମଧ୍ୟରେ ଚୁକ୍ତିବଦ୍ଧ ଦାବିର କୌଣସି ନିମ୍ନମୁଖୀ ସଂଶୋଧନ କରାଯାଇପାରିବ ନାହିଁ । ଏହିଭଳି ଏଚଟି ଓ ଇଏଚଟି ଉପଭୋକ୍ତାମାନଙ୍କୁ ପୂରା ବିଲ୍ ଉପରେ 5% ସ୍ୱତନ୍ତ୍ର ରିହାତି ଦିଆଯିବ । ଯେଉଁ ଚୁକ୍ତିବଦ୍ଧ ଦାବି କେଭିଏରେ ଉଲ୍ଲିଖିତ, ତାହାର ଲୋଡ୍ ଫାକ୍ଟରର ହିସାବ କଲାବେଳେ ପ୍ରକୃତ ବିଦ୍ୟୁତ ଫାକ୍ଟରକୁ ବିଚାରକୁ ନିଆଯିବ ।

(xiv) ଓଓ୍ୱାଇଟି (Own Your Transformer) ବା "ଟ୍ରାନ୍ସଫର୍ମରର ମାଲିକ ହୁଅନ୍ତୁ" ନାମକ ଏକ ନୂତନ ପରିକଳ୍ପନା ସେହି ଏଲଟି ଉପଭୋକ୍ତାମାନଙ୍କ ନିମନ୍ତେ ପ୍ରଚଳନ କରାଯାଇଛି, ଯେଉଁମାନେ ଉତ୍ତମମାନର ଯୋଗାଣ ପାଇବା ଉଦ୍ଦେଶ୍ୟରେ 11 କେଭି ବିଦ୍ୟୁତ ଉପଯୋଗ ପାଇଁ ଏକ ଫେଜ୍ ହେଉ ବା ତିନି ଫେଜ୍ ବଣ୍ଟନ ଟ୍ରାନ୍ସଫର୍ମର ହେଉ, ଅଧିକ ଭୋଲ୍ଟେଜ ବିତରଣ ପରିକଳ୍ପନା (ଏଚଭିଡିଏସ୍)ରେ ବିଦ୍ୟୁତ ମୂଲ୍ୟ ପ୍ରଦାନ କରନ୍ତି । ପ୍ରଚଳିତ ଏଚଟି ପର୍ଯ୍ୟାପ୍ତ ଯୋଗାଣ ଘରୋଇ ବର୍ଗର ଉପଭୋକ୍ତାମାନେ, ଯେଉଁମାନେ ପୂର୍ବରୁ ଟ୍ରାନ୍ସଫର୍ମର ପାଇଁ ଟଙ୍କା ପଇଠ କରିଛନ୍ତି ବା ଟଙ୍କା ପଇଠ କରିବାକୁ ଇଚ୍ଛା କରୁଛନ୍ତି, ସେମାନେ ଓଓ୍ୱାଇଟି ପରିକଳ୍ପନାର ଅନ୍ତର୍ଭୁକ୍ତ ହେବେ । ଯେଉଁ ବର୍ଗର ହୁଅନ୍ତୁ ନା କାହିଁକି, ସେହି ଉପଭୋକ୍ତାମାନେ ଯଦି ଧାର୍ଯ୍ୟ ସମୟ ମଧ୍ୟରେ ବିଦ୍ୟୁତ ଓ ଦାବି ଦେୟ ବାବଦକୁ ପୂରା ବିଲ୍ ପଇଠ କରୁଥିବେ ଏବଂ ଅନ୍ୟାନ୍ୟ ସବୁଦିଗରୁ ଯୋଗ୍ୟ ଥିବେ ତେବେ ସେମାନଙ୍କୁ ସାଧାରଣ ଛାଡ ବାଦ୍ 10% ସ୍ୱତନ୍ତ୍ର ଛାଡ ମିଳିବ ।

(xv) ଏଚଟି ଓ ଇଏଚଟି ଉପଭୋକ୍ତାମାନଙ୍କ ପାଇଁ ଉପରୋକ୍ତ 97%ରୁ ଅଧିକ ବିଦ୍ୟୁତ ଫାକ୍ଟର ପ୍ରୋତ୍ସାହନ ଲାଗୁ ହେବ ଏବଂ 92% ସ୍ତରରୁ କମ୍ ଫାକ୍ଟର କ୍ଷେତ୍ରରେ ଶାସ୍ତି ବିଧାନ କରାଯିବ । ପ୍ରୋତ୍ସାହନ ଓ ଶାସ୍ତିର ହାର ତା01.4.2011ଠାରୁ ନିମ୍ନମତେ ସଂଶୋଧିତ ହୋଇଅଛି ।

97%ରୁ 100% ପର୍ଯ୍ୟନ୍ତ ଓ ସମେତ ପିଏଫ୍‌ରୁ ଉର୍ଦ୍ଧ୍ୱ କ୍ଷେତ୍ରରେ ବିଦ୍ୟୁତ ଫାକ୍ଟର ପ୍ରୋତ୍ସାହନ ପ୍ରତି 1% ବୃଦ୍ଧି ପାଇଁ

1% ହାରରେ ମାସିକ ଦାବି ଦେୟ ଏବଂ ବିଦ୍ୟୁତ ଦେୟ ଉପରେ ହେବ । ସହିଭଳି ବିଦ୍ୟୁତ ଫାକ୍ଟର ଶାସ୍ତି ହେବ –

(କ) 92% ରୁ 70% + ପର୍ଯ୍ୟନ୍ତ ଓ ସମେତ ହ୍ରାସ କ୍ଷେତ୍ରରେ ପ୍ରତି 1% ହ୍ରାସ ପାଇଁ 0.5%

(ଖ) 70% ରୁ 30% + ପର୍ଯ୍ୟନ୍ତ ଓ ସମେତ ହ୍ରାସ କ୍ଷେତ୍ରରେ ପ୍ରତି 1% ହ୍ରାସ ପାଇଁ 1%

(ଗ) 30% ରୁ କମ୍ ହ୍ରାସ କ୍ଷେତ୍ରରେ ପ୍ରତି 1% ହ୍ରାସ ପାଇଁ 2%

ମିଟର ଦ୍ୱାରା ନିର୍ଣ୍ଣିତ ଆଗୁଆ ବିଦ୍ୟୁତ ଫାକ୍ଟର ପାଇଁ କୌଣସି ଶାସ୍ତିର ବ୍ୟବସ୍ଥା ନାହିଁ । (ବିଶଦ୍ ବିବରଣୀ ପାଇଁ ଆୟୋଗଙ୍କ ଆଦେଶ ଦେଖନ୍ତୁ)

(xvi) 100 ଏମ୍ଭିଏ ଓ ତଦୂର୍ଦ୍ଧ୍ୱ ଚୁକ୍ତିବଦ୍ଧ ଦାବି ଓ ମାସିକ 80% ଅଫ୍‌ଟେକ୍ ଗାରେଣ୍ଟିଯୁକ୍ତ ଶିଳ୍ପଗୁଡିକ ସ୍ୱତନ୍ତ୍ର ଟାରିଫ୍ ବାବଦକୁ ୟୁନିଟ ପିଛା ଏକତ୍ରୀକୃତ 400 ପଇସା ଦେବେ ।

(xvii) ଯେଉଁଠାରେ ସମ୍ଭବ, ଏମ୍ତି ସମ୍ପର୍କିତ ସ୍ଥିର ମିଟର ବିବରଣୀ, ପିଏଫ୍ ନମ୍ବର ଓ ବ୍ୟାହତ ସମୟର ସୂଚନା ଇତ୍ୟାଦିର ଛପାଫର୍ଦ୍ଦ (ପ୍ରିଣ୍ଟଆଉଟ) ଉପଭୋକ୍ତାଙ୍କୁ ଯୋଗାଇ ଦିଆଯିବ । ଏ ବାବଦକୁ ଉପଭୋକ୍ତାଙ୍କୁ ମାସିକ 500 ଟଙ୍କା ଦେବାକୁ ହେବ ।

(xviii) ଅନୁମୋଦିତ ଟାରିଫ୍ ସହିତ ଏହି ପ୍ରକଳ୍ପ ଆଦେଶରେ ଅନୁମୋଦିତ ଅନ୍ୟାନ୍ୟ ଦେୟ ମଧ୍ୟ ତା01.4.2011 ଠାରୁ ଲାଗୁହେବ । ସେ ଯାହାହେଉ, ଅପ୍ରେଲ, 2011 ପାଇଁ ଯଦି ମିଟର ରିଡିଂ/ବିଲିଂ ତାରିଖ 15.4.2011 ପୂର୍ବରୁ ହୋଇଥିବ, ସେ କ୍ଷେତ୍ରରେ ପ୍ରାକ୍-ସଂଶୋଧିତ ହାରରେ ଟାରିଫ୍ ଲାଗୁହେବ । ସଂଶୋଧିତ ଟାରିଫ୍ କେବଳ ଲାଗୁହେବ, ଯଦି ମିଟର ରିଡିଂ/ବିଲିଂ ତାରିଖ 16.4.2011 ହୋଇଥିବ ବା ତା'ପରେ ହୋଇଥିବ । ଡିସ୍‌କମ୍‌ମାନଙ୍କ ଦ୍ୱାରା କୌଣସି କ୍ଷେତ୍ରରେ ପ୍ରଚଳିତ ବିଲିଂ-ସାଇକଲର ଉଲଙ୍ଘନ କରାଯିବ ନାହିଁ ।